ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

MSME
UDYAM-OD-13-0044620

ତ୍ରୈମାସିକ ଇ-ପତ୍ରିକା...

# ତେଜସ୍ୱିନୀ

## ଜୁନ୍ - ୨୦୨୬



ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

Www.MalharOdia.Com

"ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ ।
ନିର୍ବିଘ୍ନଂ କୁରୁ ମେ ଦେବ ସର୍ବକାର୍ୟ୍ୟେଷୁ ସର୍ବଦା ।।"

# ମହ୍ଲାର

## ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



"ମହ୍ଲାର" ଏହା ଏକ ସମ୍ପୂର୍ଣ୍ଣ ଓଡ଼ିଆ ଇ-ପତ୍ରିକା ,
ଓଡିଶା ତଥା ଓଡ଼ିଶା ବାହାରେ ରହୁଥିବା ସମସ୍ତ ଓଡ଼ିଆ ପ୍ରେମୀ ମାନଙ୍କ ନିମନ୍ତେ
ଏହା ଇ-ବୁକ/ ପି.ଡି.ଏଫ ଫର୍ମାଟରେ ଉପଲବ୍ଧ ..
ଓଡ଼ିଶାରେ ଏମିତି କିଛି ଲେଖକ / ଲେଖିକା ଅଛନ୍ତି , ଯେଉଁମାନଙ୍କ ଇଚ୍ଛାଶକ୍ତି
ଅର୍ଥ ଆଗରେ ହାର ମାନୁଛି , ସେମାନଙ୍କ ଇଛା ଶକ୍ତିକୁ ସମ୍ମାନ ଜଣେଇ ଆମେ
ସେମାନଙ୍କ ନିକଟରେ ଆମର ଏ ଛୋଟ ପ୍ରୟାଶ "ମହ୍ଲାର" କୁ ଭେଟି ଦେଉଛୁ ....

ଏହା ସମ୍ପୂର୍ଣ୍ଣ ମାଗଣା , ଏଥିପାଇଁ ଆପଣଙ୍କୁ କିଛି ବି ଅର୍ଥ ଦେବାକୁ ପଡ଼ିବନି । ପ୍ରତିଥର ଏହାର ଲେଖା ଦାଖଲ କରିବାର ଫର୍ମ ଟି ଆପଣଙ୍କୁ ପଠେଇ ଦିଆଯିବ, ସେହି ଫର୍ମାଟ ମାଧମରେ ଆପଣ ଆପଣଙ୍କ ଲେଖାକୁ ଆମ ନିକଟକୁ ପଠାଇ ପାରିବା ସହ ଆପଣଙ୍କ ପ୍ରିୟଜନଙ୍କ ଲେଖାକୁ ମଧ ଆମ ନିକଟକୁ ପଠାଇବାରେ ସହାୟକ ହେବେ ...

ଆମେ ଆପଣଙ୍କ ଲେଖାକୁ ସମସ୍ତ ଓଡ଼ିଆ ପାଠକ /ପାଠିକା ଙ୍କ ନିକଟରେ ବିନା ମୂଲ୍ୟରେ ପହଞ୍ଚାଇ ଆପଣଙ୍କୁ ଜଣେ ଲୋକପ୍ରିୟ ଲେଖକ / ଲେଖିକା ର ସ୍ଥାନ ଦେବା ହିଁ ଆମର ମୁଖ୍ୟ ଉଦ୍ଦ୍ୟେଶ ...

-: ଶିଶିର କୁମାର ସାମଲ

( ପ୍ରତିଷ୍ଠାତା / ମୁଖ୍ୟ ସମ୍ପାଦକ : ମହ୍ଲାର ଇ-ପତ୍ରିକା )



# ପାଠକୀୟ ମତାମତ



ତ୍ରୈମାସିକ ମହ୍ଲାର ଇ-ପତ୍ରିକା "ସ୍ମୃତି ତୀର୍ଥ" ନବବର୍ଷର ଏକ ସମୃଦ୍ଧ ସାରସ୍ୱତ ଉପହାର। ପତ୍ରିକାର ମନଲୋଭା ପ୍ରଚ୍ଛଦ ସହିତ ସାରସ୍ୱତ ପ୍ରତିଭା ମାନଙ୍କର ବିଭିନ୍ନ ରୁଚିର ପ୍ରଭାବଶାଳୀ ଏବଂ ଉପାଦେୟ ଲେଖାମାନ ପତ୍ରିକାକୁ ଆହୁରି ସରସ ସୁନ୍ଦର ଏବଂ ସୌମ୍ୟ ସୁମଞ୍ଜୁଳ କରି ବାଣୀ ଭଣ୍ଡାରକୁ ଶ୍ରୀ ମଣ୍ଡିତ କରିପାରିଛି। ମହ୍ଲାର ପରିବାର ର ବଳିଷ୍ଠ ମାନସିକତା ଏବଂ ବଦାନ୍ୟତା ନିକଟରେ ମୁଁ ସଦା କୃତଜ୍ଞ ।

ବେଣୁଧର ସୂତାର
(କେଶଦୁରାପାଳ, କେନ୍ଦୁଝର)

ପ୍ରିୟ ପତ୍ରିକା ମହ୍ଲାର'ର ଡିସେମ୍ବର ସଂସ୍କରଣ ପଢିବାର ସୁଯୋଗ ପାଇଲି । "ସ୍ମୃତିତୀର୍ଥ" କୁ ନେଇ ମାସିକ ପତ୍ରିକାର କଳେବର କଳ୍ପନା ଓ ତାହାର କ୍ରିୟାନୟନ ବାସ୍ତବରେ ସାହିତ୍ୟ ପୃଥିବୀ ପାଇଁ ହିତକର ବାର୍ତ୍ତା ଓ ପ୍ରେରଣାଦାୟୀ ମୂହୁର୍ତ୍ତ। ଆପଣମାନଙ୍କ ଅଣୁ ଅଣୁ ମିଠା ସହଯୋଗରେ "ସ୍ମୃତିତୀର୍ଥ" ର କାରୁକାର୍ଯ୍ୟ ଭରା କୋଣାର୍କ ଅନୁପମ ଶୋଭାରାଜିରେ ଭରା । ପ୍ରତ୍ୟେକ ସୃଷ୍ଟି ଓ ସ୍ରଷ୍ଟା ଏଇ ସଂସ୍କରଣରେ ଆପଣଙ୍କ ମୁଠାକୁ ସଶକ୍ତ କରିଛନ୍ତି ସେମାନଙ୍କ ପ୍ରତିଶ୍ରୁତି ଭରା ଲେଖନୀ ଚାଳନାରେ । ପ୍ରତ୍ୟେକ କବିତାର ପ୍ରଚ୍ଛଦପଟ ଚିତ୍ର କବିତା ଗୁଡିକର ମାନକୁ ବହୁଗୁଣିତ କରୁଛି ଯାହାର ହକଦାର ମହ୍ଲାର ପତ୍ରିକାର କର୍ମକର୍ତ୍ତା ମାନେ ନିଃସନ୍ଦେହରେ। ଏକ ଅନନ୍ୟ ଉପଲବ୍ଧି ହେଲା ଆପଣ ମାନଙ୍କ କବିତା ଚୟନର ନିରପେକ୍ଷତାକୁ ଦେଖି । ବାସ୍ତବରେ ଆପଣ ମାନେ ଗୁଣଗ୍ରାହୀ ନହେଲେ ଏ ଚୟନରେ ଏତେ ସ୍ୱଚ୍ଛତା ଆସିଥାନ୍ତା କେମିତି? ଆଗକୁ ଆହୁରି ନୂଆ ନୂଆ କାର୍ଯ୍ୟକ୍ରମକୁ ହାତକୁ ନେଇ ସାରସ୍ୱତ ଆକାଶରେ ମେଘ ମହ୍ଲାର ସୃଷ୍ଟି କରନ୍ତୁ ଓ ଶ୍ରଦ୍ଧା ଭାଜନ ହୁଅନ୍ତୁ ଏତିକି ଶ୍ରଦ୍ଧା ଓ ଶୁଭ କାମନା। ମୋତେ ସାମିଲ କରିଥିବାରୁ ଆପଣ ମାନଙ୍କ ସାହିତ୍ୟର ପରିଧି ଭିତରେ ଆନ୍ତରିକ କୃତଜ୍ଞତା ଜଣାଉଛି ।

ସୁଜିତ କୁମାର ମିଶ୍ର.
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର.

"ମହ୍ଲାର" ଇ_ପତ୍ରିକା ସୃଷ୍ଟି ଅନବଦ୍ୟ ସୃଷ୍ଟି।

"ବଣମଲ୍ଲୀ" ବଣରେ ଫୁଟି ମଉଳିଲା ପରି ପ୍ରତ୍ୟେକ ବ୍ୟକ୍ତି ପାଖରେ ଥିବା ପ୍ରତିଭା ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହିଥାଏ। କିନ୍ତୁ ଆପଣଙ୍କର ମହ୍ଲାର " ଇ_ପତ୍ରିକା ମାଧ୍ୟମରେ ପ୍ରତ୍ୟେକ କୋଣ ଅନୁକୋଣରେ ଥିବା କବି, ସାହିତ୍ୟିକ ଓ ଗାଳ୍ପିକ ମାନଙ୍କର ପ୍ରତିଭାକୁ ଆପଣ ଲୋକାଭିମୁଖୀ କରି ସେମାନଙ୍କ ଭିତରେ ଥିବା ପ୍ରତିଭା ପ୍ରସ୍ଫୁଟିତ କରିପାରୁଛନ୍ତି। ଏହି ଅନୁଷ୍ଠାନ ମାଧ୍ୟମରେ ପ୍ରତ୍ୟେକ ପାଠକଙ୍କ ନିକଟକୁ ପହଞ୍ଚାଇବାର ଶ୍ରେଷ୍ଠ ଉତ୍ସ ହୋଇପାରିଛନ୍ତି। ଏହା ଏକ ଅଭିନବ ପ୍ରୟାଶ। ପ୍ରତିଟି ଲେଖା ଅନୁଷ୍ଠାନ ମାଧ୍ୟମରେ ଆଗକୁ ବଢିବାର ଦିଗ୍ ଦର୍ଶନ। ସମସ୍ତ ଲେଖକ ଲେଖିକା ମାନଙ୍କର ମନର ଭାବକୁ ସର୍ବସମ୍ମୁଖରେ ପହଞ୍ଚାଇ ପାରୁଛନ୍ତି। ଆପଣଙ୍କର ଏହି ଲୋକପ୍ରିୟ ଅନୁଷ୍ଠାନସହ ମୁଁ ଜଡ଼ିତ। " ମହ୍ଲାର " ଇ_ପତ୍ରିକାରୁ ଅନେକ ଲେଖା ପାଠ କରିବାର ସୁଯୋଗ ଆପଣ ମୋତେ ଦେଇଛନ୍ତି। ବହୁ ଶିକ୍ଷଣୀୟ ସୂଚନା ମିଳିଲା। ବିଭିନ୍ନ ପ୍ରକାରର କବିତା, ଗଳ୍ପ, ପ୍ରବନ୍ଧ ଏହି ପତ୍ରିକାରେ ସ୍ଥାନିତ ହୋଇଛି।ଓଡ଼ିଆ ଭାଷାର ପ୍ରଗତି ପାଇଁ ଆପଣ ଙ୍କ ର ପ୍ରୟାଶ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ।

"ମହ୍ଲାର " ଇ_ପତ୍ରିକାର ସମ୍ପାଦକ ମହୋଦୟ ତଥା ସମସ୍ତ ସଦସ୍ୟ ମାନଙ୍କୁ ମୋର ସାରସ୍ବତ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି।

ସୁଭାଗିନୀ ସିଂହ
ବଡଝରା ସରକାରୀ ଉ.ପ୍ରା ବିଦ୍ୟାଳୟ, ପର୍ଜଙ୍ଗ,ଢେଙ୍କାନାଳ

## ମହ୍ଲାର ଇ-ପତ୍ରିକା
# ସଂପାଦନା ମଣ୍ଡଳୀ

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା
malharmagazine@gmail.com
୮୩୨୮୯୫୧୨୨୯ www.malharodia.com



ଶିଶିର କୁମାର ସାମଲ
(ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ)



ଶିବଦୂତୀ ପାଣିଗ୍ରାହୀ
(ମୁଖ୍ୟ-ପରିଚାଳିକା)



ରଶ୍ମି ରଞ୍ଜନ ସାହୁ
(ମୁଖ୍ୟ-ଉପଦେଷ୍ଟା)



କ୍ଷୀରାବ୍ଧି ଦାସ
(ସହ-ସମ୍ପାଦିକା)



ରୀନା ପରିଡ଼ା
(ସହ-ସମ୍ପାଦିକା)



ତ୍ରିନାଥ ନନ୍ଦୀ
(ସଂଯୋଜକ)

- "ମହ୍ଲାର ଇ-ପତ୍ରିକା" ଦ୍ୱାରା ପ୍ରକାଶିତ ହୋଇଥିବା ସମସ୍ତ ଲେଖା ଲେଖକଙ୍କ ନିଜସ୍ୱ ଲେଖା ।
- ଆଲେଖ୍ୟରେ ଥିବା ତଥ୍ୟଗତ ତ୍ରୁଟି କିମ୍ବା ଅନ୍ୟର ଲେଖାର ନକଲ ହୋଇଥାଏ ସେଥିପାଇଁ ମହ୍ଲାର ସମ୍ପାଦନା ମଣ୍ଡଳୀ ଦାୟୀ ନୁହନ୍ତି ।
- ଲେଖା ମଧ୍ୟରେ ଥିବା ଶବ୍ଦଗତ ତୃଟି ଲେଖକଙ୍କ ଟାଇପ୍ ଗତ ତୃଟି । ତାହା ସମ୍ପାଦନା ମଣ୍ଡଳୀ ଚୟନ ଅନ୍ତର୍ଗତ ତୃଟି ନୁହେଁ ।

*ନମସ୍କାର,*

ପୁଣିଥରେ ଆମର ଇ-ପତ୍ରିକା "ମହ୍ଲାର" ର ୧୪ତମ ସଂସ୍କରଣ "ତେଜସ୍ୱନୀ" କୁ ଆପଣ ମାନଙ୍କୁ ଭେଟିଦେଉଛୁ. ଯାହାକି କିଛି ବିଶେଷ ଓ ଆକର୍ଷଣୀୟ ରୂପରେ | ଆଶାକରୁ ଏହା ଅନେକ ଓଡ଼ିଆ କୁ ଭଲପାଉଥିବା ପାଠକ ଓ ପାଠିକାଙ୍କ ହୃଦୟକୁ ନିଶ୍ଚିତ ରୂପେ ଛୁଇଁବ |

ଏହି ସଂସ୍କରଣରେ ମୋଟ ୧୩୭ ଟି ଲେଖା ସ୍ଥାନ ପାଇଛି | ସେଥି ମଧ୍ୟରୁ ୧୫ ଟି ପ୍ରବନ୍ଧ ଏବଂ ୧୨୨ଟି କବିତା ସଂକଳନ ରହିଛି .

## -: ଯୋଗାଯୋଗ :-

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା

Www.MalharOdia.Com

malharmagazine@gmail.com

8328951229

malhar_magazine/

malharmagazine/

malhar_entertainment

ନମସ୍କାର,

"ମହ୍ଲାର" ଇ-ପତ୍ରିକାର ୧୪ ତମ ସଂସ୍କରଣ "ତେଜସ୍ୱନୀ" ଆପଣଙ୍କୁ କେମିତି ଲାଗିଲା, କମେଣ୍ଟ ମାଧ୍ୟମରେ ଆପଣଙ୍କର ମୂଲ୍ୟବାନ ମତାମତ ଦେବାକୁ ଆଦୌ ଭୁଲିଯିବେ ନାହିଁ...

"ତେଜସ୍ୱନୀ" ସଂସ୍କରଣର ମତାମତ ଦେବା ନିମନ୍ତେ

malharmagazine@gmail.com

8328951229 malhar_magazine/

ମହ୍ଲାର

ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ମହ୍ଲାର ସାଥୀ

Parivaar -e- Alfaaz

JOIN US

ଆମ ଅନୁଷ୍ଠାନ, ପରିବାର୍-ଏ-ଅଲ୍ଫାଜ୍, ଏକ ବହୁଭାଷୀ ସାହିତ୍ୟ ସଂସଦ ଏବଂ ମଞ୍ଚ । ଏହାର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଶାର ସାହିତ୍ୟିକ ଏବଂ କଳାକାରମାନଙ୍କୁ ଯଥା ସମ୍ଭବ, ତାଙ୍କ କଳାର ପ୍ରଚାର ଓ ପ୍ରସାରରେ ସହାୟକ ହେବା ଏବଂ ସେମାନଙ୍କୁ ଜାତୀୟ ସ୍ତରରେ ପରିଚିତ କରାଇବା ।

parivaarealfaaz.enquiry@gmail.com
9583052523
parivaarealfaaz

ଆମ ଭାଷା ଆମ ସାହିତ୍ୟ
ଉତ୍କଳ ଯୁବ ସାହିତ୍ୟ ସାମୁଖ୍ୟ

**ଉତ୍କଳ ସାହିତ୍ୟ ଏକାଡ଼େମୀ**

ପ୍ରତିଷ୍ଠାତା / ସଭାପତି : ସତ୍ୟବ୍ରତ ମହାଳିକ
ଦୂରଭାଷ : ୯୬୯୨୧୯୪୩୯୭
ଇମେଲ :
satyabratamahalik63@gmail.com

ଉତ୍କଳ ଯୁବ ସାହିତ୍ୟ ସାମୁଖ୍ୟ ଏକ ସମ୍ପୂର୍ଣ୍ଣ ଅଣରାଜନୈତିକ ଅନୁଷ୍ଠାନ । ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାରର ହିଁ ଏ ପଟଳର ପରମ ଲକ୍ଷ୍ୟ । ଛଦ୍ମ ଓଡ଼ିଆ ଅସ୍ମିତା ପ୍ରଚାରକଙ୍କ ବିରୋଧରେ ଏହା ଏକ ସୃଜନାତ୍ମକ ଏବଂ ସାରସ୍ୱତ ସଂଗ୍ରାମ ।

ନବୋଦିତ ପ୍ରତିଭାମାନଙ୍କୁ ଲୋକ ଲୋଚନକୁ ଆଣିବା ଏବଂ ଯୁବା ଓଡ଼ିଆ ସାହିତ୍ୟର ଭିତ୍ତିକୁ ମଜବୁତ୍ କରିବା ଆମର ଶ୍ରେୟ ଏବଂ ଧ୍ୟେୟ ।

ସାହିତ୍ୟର ସେବା ଏବଂ ତନ୍ମାଧ୍ୟମରେ ସମାଜର ସେବା ଏବଂ ଲୋକ ସମସ୍ତାଃ ସୁଖିନୋ ଭବନ୍ତୁ - ର ମହତ ଲକ୍ଷ୍ୟ ପଥରେ ଏ ଅନୁଷ୍ଠାନ ଅଗ୍ରସର ହେଉଛି ।

ଆଶା ଆଗାମୀ ଦିନରେ ଏଇ କ୍ଷୁଦ୍ର ପ୍ରୟାସ ଏକ ବିରାଟ ବଟବୃକ୍ଷରେ ପରିଣତ ହୋଇ ଆଗାମୀ ଅନେକ ପୀଢ଼ିର ସ୍ରଷ୍ଟାମାନଙ୍କୁ ପ୍ରେରିତ ଏବଂ ପ୍ରତିପୋଷିତ କରିବ ।

# ମୁଖ-ବନ୍ଧ



ସାହିତ୍ୟ ହେଉଛି ମଣିଷର ଅନ୍ତରର ଭାଷା, ଯାହା କାଳର ସୀମା ଅତିକ୍ରମ କରି ଚିରନ୍ତନ ସତ୍ୟକୁ ବହନ କରି ଚାଲେ। ଏକ ସୁସ୍ଥ ସମାଜ ଗଠନରେ ସାହିତ୍ୟର ଭୂମିକା ଅତୁଳନୀୟ। ଯେତେବେଳେ ଆମେ ସାହିତ୍ୟ ବିଷୟରେ ଚର୍ଚ୍ଚା କରୁ, ସେତେବେଳେ ଆମେ ପ୍ରକୃତରେ ମାନବୀୟ ମୂଲ୍ୟବୋଧ, ସାମାଜିକ ଚେତନା ଏବଂ ସୃଜନଶୀଳତାର ଏକ ନୂତନ ଦିଗନ୍ତକୁ ଉନ୍ମୋଚନ କରିଥାଉ। 'ମହ୍ଲାର' ପତ୍ରିକା ଏହି ସାହିତ୍ୟିକ ସ୍ରୋତକୁ ନିରବଚ୍ଛିନ୍ନ ରଖିବା ପାଇଁ ଏକ ନିଷ୍ଠାପର ପ୍ରଚେଷ୍ଟା।

ସାହିତ୍ୟ ଚର୍ଚ୍ଚା କେବଳ ପଢ଼ିବା କିମ୍ବା ଲେଖିବାରେ ସୀମିତ ନୁହେଁ, ଏହା ହେଉଛି ଭାବର ଆଦାନପ୍ରଦାନ ଓ ଚିନ୍ତନର ଏକ ମିଳିତ ଯାତ୍ରା। ସମାଜର ପରିବର୍ତ୍ତନ ସହିତ ତାଳ ଦେଇ ସାହିତ୍ୟର ଭାଷା କିପରି ଅଧିକ ପ୍ରଭାବଶାଳୀ ହେବ, କିପରି ନୂତନ ପିଢ଼ିର ଚିନ୍ତାଧାରା ଓ ପୁରାତନ ମୂଲ୍ୟବୋଧର ସମନ୍ୱୟ ଘଟିବ—ଏହି ଲକ୍ଷ୍ୟକୁ ଆଗରେ ରଖି 'ମହ୍ଲାର' ପତ୍ରିକାର ପ୍ରତିଟି ସଂଖ୍ୟା ପ୍ରସ୍ତୁତ କରାଯାଉଛି। ଏହି ପତ୍ରିକା କେବଳ ସାହିତ୍ୟର ଭଣ୍ଡାର ନୁହେଁ, ବରଂ ଏହା ସାହିତ୍ୟିକ ସମୀକ୍ଷା, ମୁକ୍ତ ବିତର୍କ ଓ ସୃଜନଶୀଳ ଆଲୋଚନାର ଏକ ସ୍ୱତନ୍ତ୍ର ପୀଠ।

ଆମେ ବିଶ୍ୱାସ କରୁ ଯେ, ସାହିତ୍ୟ ଯେତେବେଳେ ଗଭୀର ଚର୍ଚ୍ଚାର ପରିସରକୁ ଆସେ, ସେତେବେଳେ ଏହା ଅଧିକ ପରିପକ୍ୱ ଓ ସମୃଦ୍ଧ ହୋଇଥାଏ। 'ମହ୍ଲାର'ର ପ୍ରତ୍ୟେକ ପୃଷ୍ଠାରେ ଆମେ ସେହି ଗମ୍ଭୀର ସାହିତ୍ୟିକ ପର୍ଯ୍ୟାଲୋଚନାକୁ ସ୍ଥାନ ଦେଇଛୁ, ଯାହା ପାଠକଙ୍କୁ ଅନୁଭବର ଏକ ନୂତନ ଦିଗ ପ୍ରଦାନ କରିବ। ଆପଣମାନଙ୍କର ସକ୍ରିୟ ଅଂଶଗ୍ରହଣ, ମତାମତ ଓ ସାହିତ୍ୟିକ ସହଯୋଗ ହିଁ ଆମକୁ ଏହି ମହତ କାର୍ଯ୍ୟରେ ପ୍ରେରଣା ଯୋଗାଇବ। ଆସନ୍ତୁ, ଶବ୍ଦର ଏହି ଅପୂର୍ବ ମାଧୁରୀ ଓ ଚିନ୍ତନର ଗଭୀରତାରେ ସାମିଲ ହେବା ଏବଂ ସାହିତ୍ୟର ଏହି ଧାରାକୁ ଆଗକୁ ବଢ଼ାଇ ନେବା।

**ଶିବଦୂତୀ ପାଣିଗ୍ରାହୀ**
( ମୁଖ୍ୟ ପରିଚାଳିକା, ମହ୍ଲାର ଇ-ପତ୍ରିକା )

# ସୂଚୀ

## ପ୍ରବନ୍ଧ ବିଭାଗ


| କ୍ରମ. | ସ୍ରଷ୍ଟାଙ୍କ ନାମ | ସୃଷ୍ଟିର ନାମ | ପୃଷ୍ଠା. |
|---|---|---|---|
| ୦୧ | ସୁଶାନ୍ତ କୁମାର ସାସମଲ | ଚାରି ଚକ ପଛରେ ହଜିଗଲା ଦୁଇ ଗୋଡ଼ର ଯତ୍ନ | ୧୪ |
| ୦୨ | ଅମରନାଥ ବାରିକ୍ | କିର୍ତ୍ତୀ କିମ୍ବଦନ୍ତୀରେ ମା' ଜୟଚଣ୍ଡୀ ଶକ୍ତିପୀଠ | ୧୮ |
| ୦୩ | ବର୍ଷାରାଣୀ ଖୁଣ୍ଟିଆ | ଅଧୁରା ପ୍ରେମର ଅନ୍ତିମ ଅଭିସାର | ୨୫ |
| ୦୪ | ସୁନନ୍ଦା ମହାନ୍ତି | ଗେଷ୍ଟ ହାଉସ ଭୂତ | ୨୭ |
| ୦୫ | କବିତା ବେହେରା | ବେଦନାର ଶେଷ ପୃଷ୍ଠା | ୩୦ |
| ୦୬ | ଅଭୟ କୁଣ୍ଡ | ଯାଦୁଖେଳ | ୩୩ |
| ୦୭ | ପ୍ରଭାକର ଶତପଥୀ | ପ୍ରତୀକ୍ଷା | ୩୫ |
| ୦୮ | ଅସିତ ମହାନ୍ତି | ଆଇନଷ୍ଟାଇନଙ୍କ ଯୁଦ୍ଧ ଉପରେ ଉକ୍ତି! | ୩୯ |
| ୦୯ | ଭବରଞ୍ଜନ ସାମଲ | ବୃଦ୍ଧାଶ୍ରମ : ମଣିଷ ପଣିଆ ର ଏକ କ୍ଷତ | ୪୨ |
| ୧୦ | ରତି ରଞ୍ଜନ ମହାପାତ୍ର | ମାଟିରୁ ଆକାଶ | ୪୩ |
| ୧୧ | ସୀମାଲତା ସାହୁ | ଅବକ୍ଷୟ ସମାଜର ବାସ୍ତବ ଚିତ୍ର - ଗୌରହରି ଦାସ | ୪୪ |
| ୧୨ | ଧନଞ୍ଜୟ ଜେନା | ତୂଳୀର କାନ୍ଦ | ୫୦ |
| ୧୩ | ପ୍ରିତିଶ୍ରୀ ପ୍ରିୟଦର୍ଶିନୀ | ଜୀବନ ସଂଘର୍ଷ | ୫୩ |
| ୧୪ | ରାଜେଶ କୁମାର ଗୁରୁ | ଅଧୁରା ଚିଠିର ପରଦେଶୀ ସାଥୀ | ୫୪ |
| ୧୫ | ଶ୍ରୀ ନନ୍ଦୀ | ଅପେକ୍ଷାର ବ୍ୟାକୁଳତା | ୫୭ |


## କବିତା ବିଭାଗ


| କ୍ରମ. | ସ୍ରଷ୍ଟାଙ୍କ ନାମ | ସୃଷ୍ଟିର ନାମ | ପୃଷ୍ଠା. |
|---|---|---|---|
| ୧୬ | ପାରଦ କୁମାର ପାଢୀ | ଅଶୋକାଷ୍ଟମୀ | ୬୦ |
| ୧୭ | ବେଣୁଧର ସୂତାର | ବିଧୁର ବସନ୍ତ | ୬୧ |
| ୧୮ | ଭକ୍ତିବାଳା ଦାସ | ବାର ମାସରେ ତେର ପରବ | ୬୩ |

| | | | |
|---|---|---|---|
| ୧୯ | ବିକ୍ରମାଦିତ୍ୟ ପୁରୋହିତ | ଦୂର ପାହାଡ ଅତି ସୁନ୍ଦର | ୬୪ |
| ୨୦ | ରାକେଶ କୁମାର ମୁଦୁଲି | କାଚ ଆଇନା | ୬୫ |
| ୨୧ | ଗୋଲୋକବିହାରୀ ବେହେରା | ବୁଦ୍ଧ ପୂର୍ଣ୍ଣିମା | ୬୬ |
| ୨୨ | ସୀମାଞ୍ଚଳ ପଣ୍ଡା | ରଖେ ହରି ମାରେ କିଏ ! | ୬୭ |
| ୨୩ | ଗାୟତ୍ରୀ ବେହେରା | ପରିବର୍ତ୍ତନର ଦୀପ | ୬୮ |
| ୨୪ | ସୁନନ୍ଦା ମହାନ୍ତି | ନାରୀ | ୬୯ |
| ୨୫ | ଡ଼ଃ ଅନୁପମା ବିଶ୍ୱାଳ | ଉତ୍କଳ ଗୌରବ | ୭୦ |
| ୨୬ | ସୁଭାଗିନୀ ସିଂହ | ନୃସିଂହ ଙ୍କ ଜନ୍ମ | ୭୧ |
| ୨୭ | ସରସ୍ୱତୀ ମେହେର | ସମ୍ମତି | ୭୨ |
| ୨୮ | ଅଜୟ କୁମାର ମହାନ୍ତି | ହେ' ଫଗୁଣ ଫେରିବକି ଥରେ | ୭୩ |
| ୨୯ | ଆକୁଳାନନ୍ଦ ପୃଷ୍ଟି | ଶ୍ରୀକ୍ଷେତ୍ର ନାଥ | ୭୪ |
| ୩୦ | ସଚିନ୍ମୟୀ ଭଞ୍ଜ | ଭଲ ଝିଅ | ୭୫ |
| ୩୧ | ସ୍ୱାଗତିକା ସାହୁ | ପୃଷ୍ଠାଟିଏ | ୭୬ |
| ୩୨ | ଡ: ଶୁଭ୍ରା  ଦାସ | ମହାର୍ଘ୍ୟ ଜୀବନ | ୭୭ |
| ୩୩ | ପୂଜା ସାହୁ | କବିଟିଏ ଯେବେ ପ୍ରେମିକା ହୁଏ | ୭୮ |
| ୩୪ | ବିଶ୍ୱଜିତ ନାୟକ | ପାରିବ ତ' | ୭୯ |
| ୩୫ | ଶର୍ମିଷ୍ଠା ଦାସ | ଚକା ଆଖି | ୮୦ |
| ୩୬ | ଦୀପକ କୁମାର ନାୟକ | ପଖାଳ ଦିବସ | ୮୧ |
| ୩୭ | ସଂଗୀତା ନାଏକ | ଜଗାକୁ ଜ୍ୱର | ୮୨ |
| ୩୮ | ଅବିନାଶ ସାମଲ | ଅନୁପମା | ୮୩ |
| ୩୯ | ସୁନିଲ କୁମାର ନାୟକ | କରେ ଅନ୍ୱେଷଣ ଗୁରୁଙ୍କ ବଚନ | ୮୪ |
| ୪୦ | ହରପ୍ରିୟା ସାହୁ | ବାପା ମାଆ | ୮୬ |
| ୪୧ | ପ୍ରତିଭା ପଟ୍ଟନାୟକ | ଶୀତର ଅନ୍ତିମ ସ୍ପର୍ଶ | ୮୭ |
| ୪୨ | ରାଜଶ୍ରୀ ସାହୁ | ନିଶବ୍ଦ ରାତିର ମୁଁ ' | ୮୮ |
| ୪୩ | ବୁଦ୍ଧିରାମ ବେହେରା | ଜୀବନର ଉପହାର | ୮୯ |

| | | | |
|---|---|---|---|
| ୪୪ | ଅରୁଣ କୁମାର ଦାସ | ମମତା | ୯୦ |
| ୪୫ | ମାନସୀ ବେହେରା | ତୁମେ ମୋ ଶ୍ରେଷ୍ଠ ସମୟର ଉପହାର | ୯୧ |
| ୪୬ | ଶିବଦୂତୀ ପାଣିଗ୍ରାହୀ | ଜାଗରଣର ଶଙ୍ଖ | ୯୨ |
| ୪୭ | ସ୍ମୃତି ସଙ୍ଗୀତା ରାଉତ୍ | ଯେବେ ଦେଖିଲି ତୁମକୁ | ୯୩ |
| ୪୮ | ସୁନିତା ଦାଶ | ଉପର ୱାଲା | ୯୪ |
| ୪୯ | ଶିମାନ୍ ପାଣି | ମାଆ ର ମୂଲ୍ୟ | ୯୫ |
| ୫୦ | ରଶ୍ମିପ୍ରଭା ରଣସିଂହ | ମୁଁ କୃଷକ | ୯୬ |
| ୫୧ | ପ୍ରଶାନ୍ତ କୁମାର ନାଥ | ଏଇ ତୋ କର୍ମର ଫଳ | ୯୭ |
| ୫୨ | ଧିରୋଜ କୁମାର ପାତ୍ର | ଉତ୍କଳ ଦିବସ ଓ ଓଡ଼ିଆ ଅସ୍ମିତା | ୯୮ |
| ୫୩ | ଶିବାଶିଷ ମିଶ୍ର | ଜ୍ୟୋସ୍ନା ବିହୀନ ରାତି | ୧୦୦ |
| ୫୪ | ମମତା ବଗର୍ତ୍ତୀ | ବୋହୂ ଯେବେ ହୋଇଥାଏ ମା' | ୧୦୧ |
| ୫୫ | ଜୟକୃଷ୍ଣ କର | କବିତାର କାହାଣୀ | ୧୦୨ |
| ୫୬ | ସୁଭାଗିନୀ ସିଂହ | ସ୍ୱତନ୍ତ୍ର ସୂତ୍ରେ ଉର୍ଣ ନାଭି ,କ୍ରୀଡଇ ଯେହ୍ନେ ମନେ ଭାବି | ୧୦୩ |
| ୫୭ | ମନୀଷାଦେବୀ ପାତ୍ର | ନୀଳାଚଳ ନାଥ | ୧୦୪ |
| ୫୮ | ରଶ୍ମିତା ଦାସ (ପଲ୍ଲବି) | ଗହମ ଗୋରୀ | ୧୦୫ |
| ୫୯ | ବିକ୍ରମ କେଶରୀ ଖଟୋଇ | ଆଜି ପ୍ରେମିକାକୁ ଦେଖିବାକୁ ତା' ବର ଆସିଛି | ୧୦୬ |
| ୬୦ | ବିକାଶ ରଞ୍ଜନ ନାୟକ | ବାପା ତୁମେ ଥିଲେ ପାଖରେ | ୧୦୭ |
| ୬୧ | ନିରଞ୍ଜନ ପଲାଇ | ବେଳ ହୁଁ ସାବଧାନ | ୧୦୮ |
| ୬୨ | ରୀତିକା ପ୍ରଧାନ | ଅନନ୍ୟା କେନ୍ଦ୍ରାପଡ଼ା | ୧୦୯ |
| ୬୩ | ପ୍ରଣତି ସେଠୀ | ମିଥ୍ୟା ମରୀଚିକା | ୧୧୦ |
| ୬୪ | ଧ୍ରୁବ ଚରଣ ଘିବେଲା | ଚାରା ଲଗାଇବା ବେଳ | ୧୧୧ |
| ୬୫ | ରାଜଶ୍ରୀ ଓଝା | ମଶାଣିରେ ହେବ ଲୀନ | ୧୧୨ |
| ୬୬ | ହିମାଞ୍ଚଳ ନାଗ | ଜଗାରେ ତୋ ଦୁଃଖ ମତେ ଅଛପା | ୧୧୩ |
| ୬୭ | ତାରାପ୍ରସାଦ ଜେନା | ଈର୍ଷା ଏକ ବାଜେ ଝିଅ | ୧୧୪ |
| ୬୮ | ସିଦ୍ଧେଶ୍ୱର ପଣ୍ଡା | ଅନ୍ୱେଷା | ୧୧୫ |

| | | | |
|---|---|---|---|
| ୬୯ | ରାମ ଚନ୍ଦ୍ର ପ୍ରଧାନ | ଦିଅନାହିଁ ମୋତେ ହାଣି | ୧୧୬ |
| ୭୦ | ଶିଶିର କୁମାର ପଣ୍ଡା | ମାଆର ହବ ନା ଭାର୍ଯ୍ୟାର ହବ ? | ୧୧୭ |
| ୭୧ | ଚିତ୍ତରଞ୍ଜନ ମେହେର | ଦିନ ମଜୁରିଆ | ୧୧୮ |
| ୭୨ | ନାରାୟଣ ରାଉତ | ମୃତ୍ୟୁର ମୁଁ ଯାଯାବର | ୧୧୯ |
| ୭୩ | ଡ଼ ମନ୍ଦାକିନୀ ପାଢ଼ୀ | ଦଗ୍ଧୀଭୂତା | ୧୨୧ |
| ୭୪ | ଆଶୁତୋଷ ପରିଡ଼ା | ଥୁଣ୍ଟା ବରଗଛ | ୧୨୨ |
| ୭୫ | ସୁଜିତ୍ କୁମାର ମିଶ୍ର | ତେଜସ୍ୱିନୀ | ୧୨୩ |
| ୭୬ | ଅର୍ପିତା ଜେନା | ମୁଁ ଏକ ନୂଆ ମହାଭାରତ | ୧୨୪ |
| ୭୭ | ଚନ୍ଦନ କୁମାର ବେହେରା | ରଜସ୍ରାବ | ୧୨୫ |
| ୭୮ | ପ୍ରଜ୍ଞା ପରିମିତା ମିଶ୍ର | ସମୟ ଓ ସ୍ମୃତିର ନୀରବ ସଂଳାପ | ୧୨୬ |
| ୭୯ | ଆଶୁତୋଷ ମିଶ୍ର | ଅନୁଭୂତିର ନାମ — ପ୍ରେମ | ୧୨୭ |
| ୮୦ | ତୁଷାରକାନ୍ତ ବଳବନ୍ତରାୟ | ମୁଁ ଲେଖକ ଆଉ ତୁମେ ଜଣେ ଲେଖିକା | ୧୨୮ |
| ୮୧ | ନିହାର ରଞ୍ଜନ ନାୟକ | ଅଧୁରା ବଂଶୀର ସ୍ୱନ | ୧୨୯ |
| ୮୨ | ସୁହାସିନୀ ପଟ୍ଟନାୟକ | ଭଉଣୀ ର ଶୁଷ୍କ କଙ୍କାଳ | ୧୩୦ |
| ୮୩ | ସୁବ୍ରତ କୁମାର ଜେନା | ବିଚରା ପ୍ରେମିକ ପତଙ୍ଗ | ୧୩୧ |
| ୮୪ | ସାଇ ପୁଷ୍ପ | କାହାକୁ ଦେବି ମୁଁ ଗୋଲାପ | ୧୩୨ |
| ୮୫ | ଦୁର୍ଗା ଚରଣ ମଲ୍ଲ | ପ୍ରେମିକ | ୧୩୩ |
| ୮୬ | ଅନସୂୟା ଲେଙ୍କା | ତୁମେ ଯେବେ ଫେରିବ | ୧୩୫ |
| ୮୭ | ଶୁଭଲକ୍ଷ୍ମୀ ରାୟ | ସଂଜ୍ଞା | ୧୩୬ |
| ୮୮ | ଦିଲ୍ଲୀପ ଦାସ | ପ୍ରେମ ନୁହେଁ ସେ ପ୍ରଣୟ ଅନୁରାଗ | ୧୩୭ |
| ୮୯ | ରାକେଶ କୁମାର ସାହୁ | ଦୁଇ ନାବେ ପାଦ | ୧୩୮ |
| ୯୦ | ସସ୍ମିତା ତ୍ରିପାଠୀ | ସର୍ବଂସହା ନାରୀ | ୧୩୯ |
| ୯୧ | ସୁଚରିତା ପଢ଼ିହାରୀ | ସମୟର ଆହୁଆଳେ | ୧୪୦ |
| ୯୨ | ସୋନାଲୀ ସ୍ୱାଇଁ | ଆଜିର ଦୁନିଆଁ | ୧୪୧ |
| ୯୩ | ଜ୍ୟୋତ୍ସ୍ନାରାଣୀ ନାହାକ | ଭାବୀ ସ୍ୱାମୀ | ୧୪୨ |

| | | | |
|---|---|---|---|
| ୯୪ | ଶ୍ୱେତ ସ୍ୱିନୀ ମହାନ୍ତି (ସୋନି) | କବିତା | ୧୪୩ |
| ୯୫ | ରଞ୍ଜନ ଗୌଡ଼ | କମଳର ଅଭିଳାଷା | ୧୪୪ |
| ୯୬ | ସସ୍ମିତା ପଣ୍ଡା | ଅବୁଝା ପ୍ରିୟତମ | ୧୪୫ |
| ୯୭ | ସୁଶ୍ରୀ ସୁବାସିନୀ ମହାନ୍ତି | କୋଟି ଓଡ଼ିଆଙ୍କ ମଉଡମଣି | ୧୪୬ |
| ୯୮ | ପାଲ୍ ସ୍ୱାତୀ ପ୍ରିୟଦର୍ଶିନୀ | ଶ୍ରୀ ଜଗନ୍ନାଥ | ୧୪୮ |
| ୯୯ | ବଳରାମ ପାତ୍ର | ଜୀବନ ରାସ୍ତା | ୧୫୦ |
| ୧୦୦ | କଳ୍ପନା ବେହେରା | ପ୍ରେମିକା ସିଏ | ୧୫୧ |
| ୧୦୧ | ଜୟକୃଷ୍ଣ ଅତବୁଦ୍ଧି | ଅଦୃଶ୍ୟ ସ୍ଥାପତି ବାପା | ୧୫୨ |
| ୧୦୨ | ଆଦ୍ୟାଶା ପ୍ରିୟଦର୍ଶିନୀ | ମମତା ର ମହାସାଗର ମୋ ମାଆ | ୧୫୩ |
| ୧୦୩ | ପୁଷ୍ପାଞ୍ଜଳୀ ସ୍ୱାଇଁ | ଛାତ୍ର ଜୀବନର ସଂଘର୍ଷ | ୧୫୪ |
| ୧୦୪ | ଅନିତା ପାତ୍ର | ସ୍ୱାଭିମାନ: ସଂଘର୍ଷ ଆଉ ସଫଳତା | ୧୫୫ |
| ୧୦୫ | ତୋଷା ରାଣୀ ସାହୁ | ମୋ ଜୀବନ ସାଥୀ | ୧୫୬ |
| ୧୦୬ | ଆଶିଷ କୁମାର ସାହୁ | ରାତ୍ରି ଆସେ ଧୀରେଧୀରେ | ୧୫୭ |
| ୧୦୭ | ରାଜଲକ୍ଷ୍ମୀ ସାହୁ | ବୀରଙ୍ଗନା ନାରୀ | ୧୫୮ |
| ୧୦୮ | ଶିବରାମ ନାୟକ | ତା' ପ୍ରେମର ଢ଼େଉ | ୧୫୯ |
| ୧୦୯ | ପୂଜା ସାହୁ | ହୃଦୟାରଣ୍ୟେ ଅପେକ୍ଷା | ୧୬୦ |
| ୧୧୦ | ପ୍ରହ୍ଲାଦ ସାହୁ | ମୋ ମାଆ | ୧୬୧ |
| ୧୧୧ | ପ୍ରିୟମ୍ବଦା ସାମଲ | କେହି ନୁହେଁ କାହାର | ୧୬୨ |
| ୧୧୨ | କରିଶ୍ମା ତ୍ରିପାଠୀ | ବାପା | ୧୬୩ |
| ୧୧୩ | ପ୍ରିତି ପ୍ରିୟଦର୍ଶିନୀ ସେଣ୍ଡ | ରାମରାଜ୍ୟ | ୧୬୫ |
| ୧୧୪ | ସ୍ୱର୍ଣ୍ଣ ରଥ ମହାପାତ୍ର | ପ୍ରେମାହୂତିର ନାମ ସାବିତ୍ରୀ | ୧୬୬ |
| ୧୧୫ | ପ୍ରତିମା ଶତପଥି | ବର୍ଷାରାଣୀ | ୧୬୭ |
| ୧୧୬ | ସୁଶ୍ରୀ ସ୍ମାରକୀ ମିଶ୍ର | ସନ୍ଧ୍ୟା | ୧୬୮ |
| ୧୧୭ | ଶମ୍ଭୁନାଥ ଦାସ | ଆମ ଅସ୍ମିତା | ୧୬୯ |
| ୧୧୮ | ଗୋବର୍ଦ୍ଧନ ସେନାପତି | ପରିଚୟ | ୧୭୧ |

| | | | |
|---|---|---|---|
| ୧୧୯ | ବିପ୍ଲବିନୀ ଜେନା | ଶୂନ୍ୟକୁ ଲେଖିଛି ଚିଠି | ୧୭୨ |
| ୧୨୦ | ଦିପ୍ସା ତ୍ରିପାଠୀ | ଲକ୍ଷ୍ମଣରେଖାର  ବେଳାଭୂମି | ୧୭୩ |
| ୧୨୧ | ହିମାଂଶୁ ବେହେରା | ମୃତ୍ୟୁ | ୧୭୪ |
| ୧୨୨ | ସତ୍ୟବ୍ରତ ସେଠୀ | କେମିତି ଲୁଚିବ ମହାପ୍ରଭୁ ? | ୧୭୫ |
| ୧୨୩ | ତାରିଣୀ ପ୍ରସାଦ ରାଉତ | ସ୍ମୃତି ଚାରଣ | ୧୭୬ |
| ୧୨୪ | ମିତାରାଣୀ ଜେନା | ସବୁ ତ ତୁମରି ଦାନ | ୧୭୮ |
| ୧୨୫ | ସୋନାଲି ଖଟୁଆ | ନାରୀ ର ସଂହର୍ଷ | ୧୭୯ |
| ୧୨୬ | ପର୍ଶୁରାମ ରାଉତ | ପ୍ରିୟା ପାଇଁ ମୁଁ ସ୍ୱପ୍ନ ହେବି | ୧୮୦ |
| ୧୨୭ | ପ୍ରିୟମ୍ବଦା ନାୟକ | ନୀରବତା ବି କଥା  କହେ | ୧୮୧ |
| ୧୨୮ | ସଙ୍ଗୀତା ନାଏକ | ତୁ' ଚାଲିଗଲା ପରେ | ୧୮୨ |
| ୧୨୯ | ଶୁଭଲକ୍ଷ୍ମୀ ବେହେରା | ଓଁ ମା' ଭଟ୍ଟାରିକାୟେ  ନମଃ | ୧୮୩ |
| ୧୩୦ | ସୁପ୍ରିୟା ବେହେରା | ଫେରି ଆସିବୁକି ଥରେ | ୧୮୬ |
| ୧୩୧ | ସତ୍ୟବ୍ରତ ମହାଲିକ | ଜହ୍ନ | ୧୮୭ |
| ୧୩୨ | ଆଚାର୍ଯ୍ୟ ଜ୍ୟୋତି ଶଙ୍କର ପଣ୍ଡା | ଚୋର | ୧୮୮ |
| ୧୩୩ | ବିଜୟଲକ୍ଷ୍ମୀ ନାଥ | ବୋଉ / ମାଆ | ୧୮୯ |
| ୧୩୪ | ଅନସୂୟା ଦାସ | ଏ ମନ ମାନେନା | ୧୯୦ |
| ୧୩୫ | ଅଭିଜିତ କର | ପ୍ରେମର ମାଧୁର୍ଯ୍ୟ | ୧୯୧ |
| ୧୩୬ | ରବିନ୍ଦ୍ର ମହାରଣା | ଅଜଣା ନାୟିକା | ୧୯୨ |
| ୧୩୭ | ଅନୁପମା ପୋଢ଼ | କିଏ ହେବ ମୋର ସାଥି ଜଗନ୍ନାଥ ? | ୧୯୩ |

# ଚାରି ଚକ ପଛରେ ହଜିଗଲା ଦୁଇ ଗୋଡ଼ର ଯତ୍ନ...



ସୁଶାନ୍ତ କୁମାର ସାସମଲ
ବ୍ରହ୍ମପୁର, ଗଞ୍ଜାମ

ଆଜିର ଏହି ଯାନ୍ତ୍ରିକ ଯୁଗରେ ମଣିଷ ଜୀବନକୁ ସହଜ କରିବା ପାଇଁ ନାନାଦି ଆବିଷ୍କାର କରିଛି । ଗାଡ଼ି ବା ମୋଟର ଯାନ ହେଉଛି ସେହି ଆବିଷ୍କାର ମଧ୍ୟରେ ଅନ୍ୟତମ । ଦୁଇ ଚକ ହେଉ କି ଚାରି ଚକ, ଗାଡ଼ି ଆମ ଜୀବନରେ ଏପରି ଭାବେ ମିଶିଯାଇଛି ଯେ ଆମେ ତାକୁ ପରିବାରର ଜଣେ ସଦସ୍ୟ ବୋଲି ଭାବୁ । ଗାଡ଼ି ପ୍ରତି ଆମର ଏତେ ମାୟା ଯେ ତା'ର ଯତ୍ନ ନେବା ପାଇଁ ଆମେ ଯାହା କରୁ, ତାହା ଦେଖିଲେ ଲୋକେ ଆଶ୍ଚର୍ଯ୍ୟ ହୋଇଯାନ୍ତି । ନିୟମିତ ସର୍ଭିସିଂ, ରଙ୍ଗ କରାଇବା, ପଲିସ୍ କରାଇବା, ଭଲ ତେଲ ପକାଇବା, ଶୁଦ୍ଧ ପେଟ୍ରୋଲ ବା ଡିଜେଲ ଦେବା - ଏସବୁ ପାଇଁ ଆମେ କେବେ ପଇସା ଖର୍ଚ୍ଚ କରିବାକୁ ପଛାଏ ନାହିଁ । କାରଣ ଆମେ ଜାଣୁ, ଗାଡ଼ିର ଇଞ୍ଜିନରେ ଯଦି ଖରାପ ତେଲ ବା କିରୋସିନି ପକାଇବା, ତେବେ ଇଞ୍ଜିନ ଖରାପ ହୋଇଯିବ । ଇଞ୍ଜିନ ଖରାପ ହେଲେ ଗାଡ଼ି ଅଚଳ ହୋଇଯିବ । ଆମର ଅମୂଲ୍ୟ ସମୟ ନଷ୍ଟ ହେବ, ଟଙ୍କା ଖର୍ଚ୍ଚ ହେବ । କିନ୍ତୁ ଏଠାରେ ଏକ ବଡ଼ ପ୍ରଶ୍ନ ଉଠେ - ଯେଉଁ ମଣିଷ ନିଜ ଗାଡ଼ିର ଏତେ ଯତ୍ନ ନିଏ, ସେ ନିଜ ଶରୀରର କେତେ ଯତ୍ନ ନିଏ? ନିଜ ଦୁଇ ଗୋଡ଼ର କେତେ ଯତ୍ନ ନିଏ? ଆମେ କ'ଣ ସେତିକି ଯତ୍ନ ନିଜ ଶରୀର ପ୍ରତି ଦେଖାଉଛୁ?

ଗାଡ଼ି ହେଉଛି ଏକ ଯନ୍ତ୍ର, ଯାହାକୁ ମଣିଷ ନିର୍ମାଣ କରିଛି । କିନ୍ତୁ ଆମ ଶରୀର ମଧ୍ୟ ଏକ ଯନ୍ତ୍ର, ଯାହା ସର୍ବଶକ୍ତିମାନ ଈଶ୍ୱରଙ୍କ ଦ୍ୱାରା ନିର୍ମିତ । ଗାଡ଼ିର ଇଞ୍ଜିନ ଭଳି ଆମ ଶରୀରରେ ମଧ୍ୟ ଏକ ଇଞ୍ଜିନ ଅଛି । ଆମ ଶରୀରର ମୁଖ୍ୟ ଇଞ୍ଜିନ ହେଉଛି ହୃଦୟ । ଏହା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ନିରନ୍ତର ରକ୍ତ ପମ୍ପ କରି ଚାଲିଥାଏ । ଦିନରାତି, ଶୀତ ଗ୍ରୀଷ୍ମ, ସୁଖ ଦୁଃଖ ସବୁ ସମୟରେ ଏହା କାମ କରିଚାଲିଥାଏ । ଏହା ବ୍ୟତୀତ ଆମ ଶରୀରର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ଯକୃତ, କିଡନୀ, ଫୁସଫୁସ୍ ମଧ୍ୟ ଏକ ପ୍ରକାର ଇଞ୍ଜିନର କାର୍ଯ୍ୟ କରିଥାଏ । ଯକୃତ ଶରୀରକୁ ବିଷାକ୍ତ ପଦାର୍ଥରୁ ମୁକ୍ତ କରିବାରେ ସାହାଯ୍ୟ କରିଥାଏ । କିଡନୀ ରକ୍ତକୁ ପରିସ୍ରାକରି ଶରୀରରୁ ଅପଶିଷ୍ଟ ପଦାର୍ଥ ବାହାର କରିଥାଏ । ଫୁସଫୁସ୍ ପ୍ରତି ମୁହୂର୍ତ୍ତରେ ଅମ୍ଳଜାନ ଗ୍ରହଣ କରି ଶରୀରକୁ ଜୀବନ୍ତ ରଖିଥାଏ ।

ଗାଡ଼ିର ଇଞ୍ଜିନକୁ ଭଲ ରଖିବା ପାଇଁ ଆମେ ଭଲ ତେଲ ଦେଉଁ ଶରୀରର ଇଞ୍ଜିନକୁ ଭଲ ରଖିବା ପାଇଁ ଦରକାର ପରିଷ୍କାର ପାଣି, ପୁଷ୍ଟିକର ଖାଦ୍ୟ, ପର୍ଯ୍ୟାପ୍ତ ବିଶ୍ରାମ ଏବଂ ନିୟମିତ ବ୍ୟାୟାମ । କିନ୍ତୁ ଆଜିକାଲି ଆମେ ଏସବୁକୁ ଅଣଦେଖା କରୁଛୁ । ଗାଡ଼ିରେ କିରୋସିନି ନ ପକାଇବା ପାଇଁ ଆମେ ସଜାଗ, କିନ୍ତୁ ନିଜ ଶରୀରରେ କେତେ ବିଷାକ୍ତ ପଦାର୍ଥ ପକାଉଛୁ, ତାହା ଆମେ ଜାଣି ପାରୁନାହୁଁ । ବିଡ଼ି, ଗୁଟଖା, ମଦ, ବିୟର, ତମ୍ବାଖୁ - ଏସବୁ କିଛି ନୁହେଁ, ଏସବୁ ହେଉଛି ଶରୀର ପାଇଁ କିରୋସିନି ସମାନ । ଏସବୁ ପଦାର୍ଥ ଧୀରେ ଧୀରେ ଶରୀରର କୋଷଗୁଡ଼ିକୁ ନଷ୍ଟ କରିଦିଏ, ଅଙ୍ଗପ୍ରତ୍ୟଙ୍ଗକୁ ଦୁର୍ବଳ କରିଦିଏ ।

ଆମ ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ନିଜ ଗାଡ଼ିର ଏତେ ଯତ୍ନ ନିଅନ୍ତି ଯେ ଗାଡ଼ି ଚକଚକ କରେ। ତା'ର ଇଞ୍ଜିନର ଶବ୍ଦ ଶୁଭିଲେ ମଧୁର ଲାଗେ। କିନ୍ତୁ ନିଜ ଶରୀର ପ୍ରତି ସେମାନଙ୍କର କୌଣସି ଧ୍ୟାନ ନଥାଏ। ସେମାନେ ନିୟମିତ ବିଡ଼ି ସିଗାରେଟ, ଗୁଟଖା ଖାଆନ୍ତି। ମଦ, ବିୟର ପିଅନ୍ତି। ଏସବୁ ପଦାର୍ଥ ଧୀରେ ଧୀରେ ସେମାନଙ୍କ ଶରୀରର ଇଞ୍ଜିନକୁ ନଷ୍ଟ କରିଥାଏ। ପ୍ରଥମେ ଯକୃତ ଖରାପ ହୁଏ। ଯକୃତ ଖରାପ ହେବା ଦ୍ୱାରା ଶରୀରରେ ପାଣି ଭର୍ତ୍ତି ହୋଇଯାଏ, ଚର୍ମ ହଳଦିଆ ପଡ଼ିଯାଏ, ଖାଇବାକୁ ଇଚ୍ଛା ହୁଏ ନାହିଁ। ତା'ପରେ କିଡନୀ ଖରାପ ହୁଏ। କିଡନୀ ଖରାପ ହେଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରି ପାରେ ନାହିଁ। ରକ୍ତ ଦୂଷିତ ହୋଇଯାଏ। ଗୋଡ଼ ହାତ ଫୁଲିଯାଏ, ରକ୍ତଚାପ ବଢ଼ିଯାଏ। ଏହା ପରେ ହୃଦୟ ଦୁର୍ବଳ ହୋଇଯାଏ। ଛାତିରେ ଯନ୍ତ୍ରଣା, ଅଣନିଶ୍ୱାସୀ ହେବା ଭଳି ଲକ୍ଷଣ ଦେଖାଯାଏ। ଶେଷରେ ଫୁସଫୁସ୍ ଖରାପ ହୋଇ ମଣିଷ ଶ୍ୱାସ ନେବାକୁ ଅକ୍ଷମ ହୋଇପଡ଼େ। କର୍କଟ ରୋଗ ଭଳି ଭୟଙ୍କର ରୋଗ ହୋଇଯାଏ।

ଏହି ଅଙ୍ଗଗୁଡ଼ିକ ଖରାପ ହେବା ପରେ ଆମେ ଡାକ୍ତରଖାନାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁ। ଭଲ ଡାକ୍ତର ଦେଖାଉ, ଭଲ ଔଷଧ ଆଣୁ, ବଡ଼ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହେଉ। କିନ୍ତୁ ଏସବୁ କରି କି ଆମେ ପୁରୁଣା ଯକୃତକୁ ଭଲ କରିପାରୁ? ନା, ପାରୁନାହୁଁ। ଯେତେ ଟଙ୍କା ଖର୍ଚ୍ଚ କଲେ ମଧ ନଷ୍ଟ ହୋଇଥିବା ଯକୃତ ବା କିଡନୀକୁ ପୂର୍ବ ଅବସ୍ଥାକୁ ଆଣିହୁଏ ନାହିଁ। ଯେଉଁ କୋଷଗୁଡ଼ିକ ମରିଯାଏ, ସେଗୁଡ଼ିକ ଆଉ ଫେରି ଆସେ ନାହିଁ। ଗାଡ଼ିର ଇଞ୍ଜିନ ଖରାପ ହେଲେ ଆମେ ନୂଆ ଇଞ୍ଜିନ ଲଗାଇ ଦେଇପାରୁ। ଗାଡ଼ି ପୁଣି ଦୌଡ଼ିଉଠେ, ପୁଣି ନୂଆ ଭଳି ହୋଇଯାଏ। କିନ୍ତୁ ଶରୀରର କିଡନୀ ଖରାପ ହେଲେ, ସହଜରେ ନୂଆ କିଡନୀ କିଣି ହୁଏ ନାହିଁ। କିଡନୀ ଦାନ କରିବାକୁ ପଡ଼େ, ତାହା ମଧ ସବୁବେଳେ ସମ୍ଭବ ହୋଇ ନଥାଏ। ମେଳ ଖାଇବା ଲୋକ ଦରକାର, ବଡ଼ ଧରଣର ଅପରେସନ୍ ଦରକାର, ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ଦରକାର। ତା'ପରେ ମଧ ନୂଆ କିଡନୀ ଜୀବନସାରା ଔଷଧ ଉପରେ ନିର୍ଭର କରେ। ତେଣୁ କହିବାର ଅର୍ଥ, ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ନଷ୍ଟ କରିବା ପୂର୍ବରୁ ଆମକୁ ଥରେ ନୁହେଁ ଶହେ ଥର ଭାବିବାକୁ ହେବ।

ଏହି ଶରୀର କେବଳ ଆମର ନୁହେଁ, ଏହା ଆମ ପରିବାରର ସ୍ୱପ୍ନର ପ୍ରତୀକ। ଏହି ଶରୀର ଦ୍ୱାରା ଆମେ କାମ କରୁ, ପରିବାର ପୋଷୁ, ସମାଜରେ ନ୍ୟାୟ ପ୍ରତିଷ୍ଠା କରୁ। ଜଣେ ଶ୍ରମିକ ନିଜ ଶରୀର ବଳରେ କାମ କରି ପରିବାର ପୋଷେ, ପିଲାଙ୍କୁ ପାଠ ପଢ଼ାଏ। ଜଣେ ଚାଷୀ ନିଜ ଶରୀର ବଳରେ ହାଳ ଧରି ଚାଷ କରେ, ଦେଶକୁ ଖାଦ୍ୟ ଯୋଗାଏ। ଜଣେ ଶିକ୍ଷକ ନିଜ ଶରୀର ବଳରେ ଠିଆ ହୋଇ ପିଲାଙ୍କୁ ପଢ଼ାଏ, ସେମାନଙ୍କ ଭବିଷ୍ୟତ ଗଢ଼େ। ଜଣେ ପୋଲିସ୍ କର୍ମଚାରୀ ନିଜ ଶରୀର ବଳରେ ରାତିଦିନ କାମ କରି ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା କରେ। ଜଣେ ବିଚାରପତି ନିଜ ଶରୀର ବଳରେ ବସି ବସି ବିଚାର କରେ, ନ୍ୟାୟ ପ୍ରଦାନ କରେ।

ଏହି ଶରୀର ହେଉଛି ଆମ ସମୃଦ୍ଧିର ଆଧାର। ଯଦି ଶରୀର ନାହିଁ, ତେବେ ସମୃଦ୍ଧି କାହିଁ? ଯଦି ଶରୀର ନାହିଁ, ତେବେ ନ୍ୟାୟ ପାଇଁ ଲଢ଼ିବାକୁ କିଏ ଯିବ? ଆମ ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ନିଜ ଜୀବନରେ ଅନେକ ସମସ୍ୟା, ସଂଘର୍ଷ ଓ ସାମାଜିକ ଚାପର ସାମ୍ନା କରନ୍ତି। ସେମାନେ ଦାରିଦ୍ର୍ୟ ସହ ଲଢ଼ନ୍ତି, ଅନ୍ୟାୟ ସହ ଲଢ଼ନ୍ତି, ଅସୁବିଧା ସହ ଲଢ଼ନ୍ତି, ଭ୍ରଷ୍ଟାଚାର ସହ ଲଢ଼ନ୍ତି। କିନ୍ତୁ ଏହି ସବୁ ଲଢ଼େଇ କରିବା ପାଇଁ ସେମାନଙ୍କୁ ଏକ ସୁସ୍ଥ ଶରୀର ଦରକାର। ଯଦି ସେମାନେ ନିଜ ଶରୀରକୁ ନଷ୍ଟ କରିଦେବେ, ତେବେ ସେମାନେ ନିଜ

ମୂଲ୍ୟବୋଧ ଓ ସମ୍ମାନ ରକ୍ଷା କରିବାକୁ କେମିତି ସକ୍ଷମ ହେବେ? କେମିତି ଲଢ଼ିବେ? କେମିତି ସମାଜକୁ ବଦଳାଇବେ?

ଆମ ସମାଜର ଏହି ଚରିତ୍ରମାନେ, ଅର୍ଥାତ୍ ଆମ ଭାଇ ଭଉଣୀମାନେ, ଯେତେବେଳେ ମଦ ବା ଗୁଟଖା ଖାଇ ନିଜ ଶରୀର ନଷ୍ଟ କରନ୍ତି, ସେମାନେ କେବଳ ନିଜକୁ ନଷ୍ଟ କରନ୍ତି ନାହିଁ, ବରଂ ନିଜ ପରିବାରର ସ୍ୱପ୍ନକୁ ମଧ ନଷ୍ଟ କରନ୍ତି। ପିଲାଙ୍କ ପାଠପଢ଼ା, ଝିଅର ବାହାଘର, ଘରର ଆର୍ଥିକ ଅବସ୍ଥା - ସବୁକିଛି ପ୍ରଭାବିତ ହୁଏ। ଜଣେ ବ୍ୟକ୍ତି ଯଦି ଅସୁସ୍ଥ ହୋଇପଡ଼େ, ତେବେ ତା'ର ସମସ୍ତ ସ୍ୱପ୍ନ ଧୂଳିସାତ୍ ହୋଇଯାଏ। ତେଣୁ ନିଜ ଶରୀରର ଯତ୍ନ ନେବା କେବଳ ନିଜ ପାଇଁ ନୁହେଁ, ନିଜ ପରିବାର ପାଇଁ, ନିଜ ସମାଜ ପାଇଁ, ନିଜ ଦେଶ ପାଇଁ ମଧ ଜରୁରୀ।

ଗାଡ଼ିକୁ ଆମେ ଯେପରି ନିୟମିତ ସର୍ଭିସିଂ ପାଇଁ ନେଇଯାଉ, ସେପରି ନିଜ ଶରୀରର ନିୟମିତ ଯାଞ୍ଚ କରାଇବା ଉଚିତ। ବର୍ଷକୁ ଥରେ ଡାକ୍ତରଙ୍କ ପାଖକୁ ଯାଇ ସମସ୍ତ ପରୀକ୍ଷା କରାଇବା ଦରକାର। ରକ୍ତ ପରୀକ୍ଷା, ପରିସ୍ରା ପରୀକ୍ଷା, ଇସିଜି, ଏକ୍ସ-ରେ ଇତ୍ୟାଦି କରାଇଲେ ଶରୀରର ଇଞ୍ଜିନର ଅବସ୍ଥା ଜଣାପଡ଼େ।

ଗାଡ଼ିରେ ଯେପରି ପେଟ୍ରୋଲ ପକାଇଲେ ତା'ର ଗ୍ରେଡ୍ ଦେଖି ପକାଉ, ସେପରି ଖାଦ୍ୟର ଗୁଣବତ୍ତା ଦେଖି ଖାଇବା ଦରକାର। ତାଜା ଫଳ, ତରକାରୀ, ଡାଲି, ଭାତ, ରୁଟି ଖାଇବା ଉଚିତ। ଜଙ୍କ୍ ଫୁଡ୍, ଫାଷ୍ଟ ଫୁଡ୍, କୋଲ୍ଡ ଡ୍ରିଙ୍କସ୍ ଠାରୁ ଦୂରେଇ ରହିବା ଉଚିତ। ବାହାରର ଖାଦ୍ୟ କମ୍ ଖାଇବା ଉଚିତ।

ଗାଡ଼ିକୁ ଯେପରି ଅନେକ ସମୟ ଚଲାଇଲେ ତାକୁ ବିଶ୍ରାମ ଦେଉ, ସେପରି ନିଜ ଶରୀରକୁ ମଧ ପର୍ଯ୍ୟାପ୍ତ ବିଶ୍ରାମ ଦେବା ଦରକାର। ରାତିରେ ଶୀଘ୍ର ଶୋଇବା ଓ ସକାଳେ ଶୀଘ୍ର ଉଠିବା, ଦିନରେ ଟିକିଏ ବିଶ୍ରାମ ନେବା - ଏସବୁ ଅଭ୍ୟାସ ଶରୀରକୁ ସୁସ୍ଥ ରଖେ।

ବ୍ୟାୟାମ ହେଉଛି ଶରୀରର ସର୍ଭିସିଂ। ନିୟମିତ ବ୍ୟାୟାମ କଲେ ହୃଦୟ ମଜବୁତ ହୁଏ, ଫୁସଫୁସ୍ ସଫା ହୁଏ, ରକ୍ତ ସଞ୍ଚାଳନ ଭଲ ହୁଏ, ମାନସିକ ଚାପ କମିଯାଏ। ବ୍ୟାୟାମ ପାଇଁ ଜିମ୍ ଯିବା ଜରୁରୀ ନୁହେଁ। ପ୍ରତିଦିନ ସକାଳେ ବୁଲିବା, ଦୌଡ଼ିବା, ଯୋଗ କରିବା, ପ୍ରାଣାୟାମ କରିବା - ଏସବୁ ମଧ ଶରୀର ପାଇଁ ବହୁତ ଭଲ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଖରାପ ଅଭ୍ୟାସ ତ୍ୟାଗ କରିବା। ବିଡ଼ି, ସିଗାରେଟ, ଗୁଟଖା, ମଦ, ବିୟରଠାରୁ ଦୂରେଇ ରହିବା ହିଁ ଶରୀରର ସବୁଠାରୁ ବଡ଼ ଯତ୍ନ। ଏସବୁ ପଦାର୍ଥ ଶରୀରର ଶତ୍ରୁ, ଏଗୁଡ଼ିକ କେବଳ ଧୀରେ ଧୀରେ ମୃତ୍ୟୁର ପଥରେ ନେଇଯାଏ।

ଶେଷରେ ମୁଁ କହିବାକୁ ଚାହେଁ, ଗାଡ଼ି ହେଉଛି ଏକ ଯନ୍ତ୍ର, ତାକୁ ଟଙ୍କା ଦେଇ କିଣି ହେବ। ତାକୁ ଭଲ ରଖିବା, ତା'ର ଯତ୍ନ ନେବା ଭଲ କଥା। କିନ୍ତୁ ନିଜ ଶରୀର ହେଉଛି ଈଶ୍ୱରଙ୍କ ଦାନ। ଏହାକୁ କେବେ ବି ଟଙ୍କା ଦେଇ କିଣି ହେବ ନାହିଁ। ଦୁନିଆର ସବୁ ଧନରତ୍ନ ଦେଲେ ମଧ ଗୋଟିଏ ନୂଆ ଶରୀର କିଣି ହେବ ନାହିଁ। ଜଣେ ଲକ୍ଷପତି ହୋଇ ମଧ ଯଦି ତା'ର ଶରୀର ନାହିଁ, ତେବେ ସେ ଦୁନିଆର ସବୁ ଗାଡ଼ି କିଣିପାରେ, କିନ୍ତୁ ସେ ଗାଡ଼ିରେ ବସିବାକୁ ସକ୍ଷମ ହେବ ନାହିଁ। ସେ ବିଳାସପୂର୍ଣ୍ଣ ଜୀବନ ଯାପନ କରିପାରିବ ନାହିଁ।

ତେଣୁ ଆଜି ଠାରୁ ହିଁ ସତର୍କ ହୁଅନ୍ତୁ। ଗାଡ଼ିର ଯେତିକି ଯତ୍ନ ନିଅନ୍ତି, ଠିକ୍ ସେତିକି ଯତ୍ନ ନିଜ ଶରୀରର ନିଅନ୍ତୁ। ହୁଏତ ଗାଡ଼ିଠାରୁ ମଧ୍ୟ ଅଧିକ ଯତ୍ନ ନିଅନ୍ତୁ। କାରଣ ଗାଡ଼ି ନଷ୍ଟ ହେଲେ ନୂଆ କିଣି ହେବ, କିନ୍ତୁ ଶରୀର ନଷ୍ଟ ହେଲେ ନୂଆ କିଣି ହେବ ନାହିଁ। ବିଡ଼ି, ସିଗାରେଟ, ଗୁଟଖା, ମଦ, ବିୟରଠାରୁ ଦୂରେଇ ରୁହନ୍ତୁ। ପରିଷ୍କାର ପାଣି ପିଅନ୍ତୁ, ପୁଷ୍ଟିକର ଖାଦ୍ୟ ଖାଆନ୍ତୁ, ନିୟମିତ ବ୍ୟାୟାମ କରନ୍ତୁ, ପର୍ଯ୍ୟାପ୍ତ ବିଶ୍ରାମ ନିଅନ୍ତୁ, ନିୟମିତ ଡାକ୍ତରୀ ପରୀକ୍ଷା କରାନ୍ତୁ।

ମନେରଖନ୍ତୁ, ପଇସାରେ ଦୁନିଆର ସବୁ ଗାଡ଼ି, ସବୁ ମୋଟର, ସବୁ ଯାନ କିଣି ହେବ, କିନ୍ତୁ ଜୀବନ କେବେ କିଣି ହେବ ନାହିଁ। ଜୀବନ ହିଁ ସବୁଠାରୁ ବଡ଼ ପୁଞ୍ଜି। ଏହି ପୁଞ୍ଜିକୁ ବଞ୍ଚାଇ ରଖନ୍ତୁ, ନିଜ ପାଇଁ, ନିଜ ପରିବାର ପାଇଁ, ନିଜ ସମାଜ ପାଇଁ, ନିଜ ଦେଶ ପାଇଁ। କାରଣ ଆପଣଙ୍କ ଶରୀର ହିଁ ଆପଣଙ୍କର ପ୍ରକୃତ ଗାଡ଼ି, ଯାହାକୁ ନେଇ ଆପଣଙ୍କୁ ଜୀବନର ଅନ୍ତିମ ଯାତ୍ରା ପର୍ଯ୍ୟନ୍ତ ଯିବାକୁ ପଡ଼ିବ। ତେଣୁ ଚାରି ଚକ ପଛରେ ନିଜ ଦୁଇ ଗୋଡ଼ର ଯତ୍ନକୁ ହଜାଇ ଦିଅନ୍ତୁ ନାହିଁ। ନିଜ ଶରୀରକୁ ଭଲ ପାଆନ୍ତୁ, ନିଜ ଜୀବନକୁ ଭଲ ପାଆନ୍ତୁ। ଏହା ହିଁ ମଣିଷର ସବୁଠାରୁ ବଡ଼ ଧର୍ମ।



## କିର୍ତ୍ତୀ କିମ୍ବଦନ୍ତୀରେ ମା' ଜୟଚଣ୍ଡୀ ଶକ୍ତିପୀଠ...



ଅମରନାଥ ବାରିକ୍
କୟାଁ, ମଙ୍ଗଳପୁର, ଯାଜପୁର

ମନ୍ଦିର ମାଳିନୀ ଓଡ଼ିଶାର ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ ଏକ ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଅଟେ । ଏଠାରେ ବିଭିନ୍ନ ବର୍ଗ ଜାତିର ମନୁଷ୍ୟ ବସବାସ କରନ୍ତି । ସେମାନେ ମୁଖ୍ୟତଃ ଗୋପାଳନ ଓ କୃଷି ଉପରେ ନିର୍ଭର କରୁଥିବା ବେଳେ ତନ୍ମଧ୍ୟରୁ କିଛି ମାତ୍ରାର ଲୋକ ବ୍ୟବସାୟ ମଧ୍ୟ କରନ୍ତି । ଯାଜପୁର ଜିଲ୍ଲା ମାନଚିତ୍ରରେ ଏହି ପଞ୍ଚାୟତ ଆଉ ଦୁଇଟି ଜିଲ୍ଲାକୁ ମଧ୍ୟ ସ୍ପର୍ଶ କରିଛି । ତାହା ହେଉଛି ଗୋଟିଏ କେନ୍ଦ୍ରାପଡ଼ା ଜିଲ୍ଲା ଓ ଅନ୍ୟଟି ହେଉଛି ଭଦ୍ରକ ଜିଲ୍ଲା । ତିନୋଟି ଜିଲ୍ଲା ସଙ୍ଗମର କେନ୍ଦ୍ରବିନ୍ଦୁ ପାଲଟିଛି ପୁଣ୍ୟତୋୟା ବୈତରଣୀ ନଦୀ । ଏହି ବୈତରଣୀ ନଦୀର ପଶ୍ଚିମ ଦିଗରେ ମା' ଜୟଚଣ୍ଡୀ ଶକ୍ତି ପୀଠ ପ୍ରସିଦ୍ଧ ଧର୍ମ ପୀଠ ହୋଇଥିବା ବେଳେ ପୂର୍ବ ଦିଗରେ ବାବା ଆଖଣ୍ଡଳମଣିଙ୍କ ଅବସ୍ଥାନ ହୋଇଛି । ଏହି ଶକ୍ତି ପୀଠରୁ ପୂର୍ବ ଆଡ଼କୁ ପ୍ରମୁଖ ପ୍ରବେଶ ପଥ ପଡ଼ୋଶୀ ଭଦ୍ରକ ଜିଲ୍ଲା ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଛି । ସେମିତି ଏହି ଶକ୍ତି ପୀଠରୁ ପଶ୍ଚିମ ଆଡ଼କୁ କଟକ ଜିଲ୍ଲା ଓ କେନ୍ଦୁଝର ଜିଲ୍ଲା ସ୍ପର୍ଶ କରିଛି । କୟାଁଗୋଲା ନିକଟରେ ବୈତରଣୀ ନଦୀ ସେତୁ ପାର ହେଲେ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକର ବୋଡକ ଗ୍ରାମ ଆରମ୍ଭ । ସେହିପରି କୟାଁଗୋଲା ନିକଟସ୍ଥ ଗହିରାପାଳ ଗ୍ରାମ ନିକଟରେ ଥିବା ଏକ ସେତୁ ପାରି ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକ କନପୁର ଗ୍ରାମ ପଡ଼ିଥାଏ । ଏହି ସୀମା ମଧ୍ୟ ଦେଇ ପ୍ରତ୍ୟେକ ଦିନ ଶହ ଶହ ଭକ୍ତ ମା' ଜୟଚଣ୍ଡୀଙ୍କ ଆଶୀର୍ବାଦ ନିମନ୍ତେ ଶକ୍ତି ପୀଠକୁ ଯାତ୍ରା କରନ୍ତି । ସୂର୍ଯ୍ୟୋଦୟ ପୂର୍ବରୁ ସେବାୟତ ମାନେ ମା'ଙ୍କୁ ଶୀତଳ ଜଳରେ ଚୁଆ ଚନ୍ଦନ ହଳଦୀ ଅତର ଲଗାଇ ସ୍ନାନ କରାଇ ଥାଆନ୍ତି । ପରେ ଚନ୍ଦନ ନାଲି ସିନ୍ଦୂର କୁଙ୍କୁମ ସୁବାସ ଅତର ଲଗାଇ, ପାଟ ଲୁଗା ପିନ୍ଧାଇ, ମନ୍ଦାର ଫୁଲରେ ସଜାଇ ଦିଆଯାଏ । ବିଭିନ୍ନ ସମୟରେ ଭଳିଭଳି ବେଶରେ ମା'ଙ୍କୁ ପୂଜା କରାଯାଏ । ଝୁଣା ଧୂପ ବାସ୍ନାରେ ମନ୍ଦିର ବେଢା ମହକି ଉଠୁଥାଏ । ହସ୍ତତନ୍ତ୍ର ବୁଣାକାରମାନେ ସୂତାରେ ନିର୍ମିତ ରଙ୍ଗିନ ଚାନ୍ଦୁଆ ତିଆରି କରି ମା'ଙ୍କ ପାଇଁ ଅର୍ପଣ କରିଥାନ୍ତି । ମୁଗୁନି ଶିଳା ବେଦୀ ଉପରେ ବସି ମାଆ ଝଟକୁଥାଆନ୍ତି । ଏଠାରେ ରହୁଥିବା ପୂଜକ ମାନଙ୍କ ପାରିଶ୍ରମିକ ପାଇଁ ନିକଟରେ ଥିବା ଠାକୁର ଜମି ପ୍ରଦାନ କରାଯାଇଛି । ସେମାନେ ପାଳି କରି ମା'ଙ୍କର ମନଲାଖି ସେବା କରିଥାନ୍ତି ।

ବୈଶାଖ ମାସ ଓଡ଼ିଆ ନୂଆବର୍ଷ ତଥା ପଣା ସଂକ୍ରାନ୍ତିରେ ମା'ଙ୍କୁ ବେଲ କଦଳୀ ମହୁ ମିଶିରି ଦହି କ୍ଷୀର ମଖନ ଛେନା ଗୁଡ଼ରୁ ତିଆରି ପଣା ଅର୍ପଣ କରାଯାଇ ପଞ୍ଜିକା ଆରମ୍ଭ ହୋଇଥାଏ । ଠିକ୍ ସେମିତି ପରେ ପରେ ଜ୍ୟେଷ୍ଠ ମାସରେ ପଡୁଥିବା ପର୍ବ ପର୍ବାଣୀ ଯେମିତିକି ଗଣପର୍ବ ରଜ ଆଉ ଚନ୍ଦନ ପୂର୍ଣ୍ଣିମା ଭଳି ବିଭିନ୍ନ ଓଷା ବ୍ରତ ଭକ୍ତିର ସହିତ ପାଳନ କରାଯାଇଥାଏ । ଆଷାଢ଼ ମାସରେ ନିଷ୍ଠାର ସହିତ ରଥ ଯାତ୍ରା ପାଳନ କରାଯାଇଥାଏ । ଶ୍ରାବଣ ମାସ ଆରମ୍ଭରେ ସମସ୍ତ ପର୍ବ ସର୍ବୋପରି ରାକ୍ଷୀ ଅର୍ପଣ ଅର୍ଥାତ୍ ଗହ୍ମା ପୂର୍ଣ୍ଣିମାରେ ମା'ଙ୍କର ପ୍ରିୟ ଭୋଗ କ୍ଷୀରି ଖେଚୁଡ଼ି ପିଠା ଭଳି ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ଭୋଗ ଲାଗିଥାଏ । ଭାଦ୍ରବର ଆଗମନରେ ସଜ କରାଯାଏ ମା'ଙ୍କ ପରିଧାନ ଲାଗି ନୂତନ ପାଟ ବସ୍ତ୍ର । କାରଣ ଆଗ ନୂଆ ବସ୍ତ୍ରରେ ମା'ଙ୍କୁ ପଢୁଆଁ କରି ବଡ଼ ସନ୍ତାନଙ୍କ ପାଇଁ ଜନ୍ମାଷ୍ଟମୀ ପାଳନ କରାଯାଇଥାଏ । ଏହା କେବଳ ଓଡ଼ିଶାରେ ହିଁ ଏକ ଅନନ୍ୟ ପର୍ବ । ଆଶ୍ୱିନ ପଦାର୍ପଣ କଲେ ହସିଥାଏ ନଈପଠା, କାଶତଣ୍ଡୀ ଫୁଲର ଚାମରରେ ମହକି ଉଠେ ମହା ପାର୍ବଣ । ଯାହା ଶାରଦୀୟ ଦୁର୍ଗା ପୂଜା ନାମରେ ଉଚ୍ଛୁଳିଉଠେ । ମା'ଙ୍କ ପାଖରେ ମହା ଅଷ୍ଟମୀ ତିଥିରେ କଖାରୁ ବଳୀପଡ଼େ । ସବୁ ମାସଠାରୁ ଧର୍ମ ମାସ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଇଥାଏ ମା'ଙ୍କ ନିକଟରେ । ଘୃତ ଦୀପ ଧୂପ କର୍ପୁର ଆଳତିର ତାଳେ ତାଳେ ବାଜି ଉଠେ ଘଣ୍ଟ ଘଣ୍ଟା ଶଙ୍ଖ ଖୋଳ ମର୍ଦ୍ଦଳ । ହବିଷ ଡାଲମା ଅନ୍ନ ପ୍ରସାଦ ଲାଗିଥାଏ ମା'ଙ୍କୁ । ଓଡ଼ିଆ ଘରର ଝୋଟି ଚିତାକୁ ଦେଖିଲେ ଜାଣିହୁଏ ଲକ୍ଷ୍ମୀପୂଜା ମାଣବସା ଗୁରୁବାର ଆସିଗଲା ବୋଲି । ଯାହା ମାର୍ଗଶିର ମାସରେ ମା'ଙ୍କ ନିକଟରେ ପାଳନ କରାଯାଇଥାଏ । ଲକ୍ଷ୍ମୀ ପୁରାଣରେ ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି ଯେ ନାରୀ କେବେବି ଅବଳା, ଦୁର୍ବଳା ନୁହେଁ । ନାରୀ ପୂଜ୍ୟା, ନାରୀ ବନ୍ଦନୀୟା, ନାରୀ ସମ୍ମାନୀୟା, ନାରୀ ଜନନୀ ଭଗିନୀ ଜାୟା କାୟା ନାରୀ ସର୍ବ ଶକ୍ତି ସ୍ୱରୂପିଣୀ । ପୌଷ ମାସରେ ପୌଷ ପୂର୍ଣ୍ଣିମା ମଧ୍ୟ ପାଳନ କରାଯାଇଥାଏ । ନୂଆ ଧାନରୁ ପ୍ରସ୍ତୁତ କରାଯାଏ ମକର ଚାଉଳ । ଯାହା ମାଘ ମାସରେ ପଡୁଥିବା ପବିତ୍ର ମକର ସଂକ୍ରାନ୍ତି ଭଳି ମହାନ ପର୍ବ ପାଳନ କରାଯାଇଥାଏ ଏଠି । ଗୋପାଳ ଓଗାଳ ରଙ୍ଗ ଅବିର କଥା କହିଲେ ଫାଲଗୁନ ମାସରେ ପଡୁଥିବା ଦୋଳପୂର୍ଣ୍ଣିମା କୁ ବୁଝାଏ ଯାହା ମା'ଙ୍କ ପାଖରେ ମେଳଣ ପର୍ବ ରୂପରେ ପାଳନ କରାଯାଇଥାଏ ଏଠି । ଶେଷରେ ଚୈତ୍ର ମାସରେ ଚଇତି ପୂର୍ଣ୍ଣିମା ଆଉ ଅନ୍ୟାନ୍ୟ ପର୍ବ ପର୍ବାଣୀ ମଧ୍ୟ ଆନନ୍ଦ ସହକାରେ ପାଳନ କରାଯାଇଥାଏ ମା'ଙ୍କ ଶକ୍ତି ପୀଠରେ ।

ଦେଶ ସ୍ୱାଧୀନ ପୂର୍ବରୁ ଜମିଦାର ପ୍ରଥା ରାଜଙ୍କ କଠୋର ଶାସନ କଥା କହିଲେ ଆଜି ବି ଲୋମ ଟାଙ୍କୁରି ଉଠେ । କନିକାର ରାଜା ସୀମା ଅତିକ୍ରମ କରି ଏଠାରେ ରହୁଥିବା ଗରିବ ଖଟିଖିଆ ଲୋକ ମାନଙ୍କ ଠାରୁ ଅତିରିକ୍ତ କର ଆଦାୟ କରୁଥିଲେ । ଅତ୍ୟାଚାରିତ ପ୍ରଜା ଝାମ୍ପୁଲା ସିଂହ ମା' ଜୟଚଣ୍ଡୀ ଙ୍କ ଅନୁମତି

ନେଇ କନିକା ରାଜାଙ୍କ ସହିତ ଯୁଦ୍ଧ ଆରମ୍ଭ କରିଥିଲେ । ତାଙ୍କ ଖଣ୍ଡାରେ ମାଆ ଷଡ଼ଭୂଜା ଜୟଚଣ୍ଡୀଙ୍କ ଶକ୍ତି ଥିବାରୁ କନିକା ରାଜା ପରାସ୍ତ ହୋଇଥିଲେ । ଝାମ୍ପୁଲା ସିଂହ ବିଜୟଲାଭ କରିଥିଲା । କିଏ କହେ ମା' ଜୟଚଣ୍ଡୀ କଲିକତାରୁ ଆସିଥିଲେ ତ କିଏ କହେ ଖୋର୍ଦ୍ଧାର ରଥି ଗଡ଼ରୁ ଆସିଥିଲେ । କିଏ କହେ କନିକାର ପଥର ଗଡ଼ରୁ ଆସିଥିଲେ ତ କିଏ କହେ କନିକା ପଳାଇ ଯାଇ ଥାନ୍ତେ । ଇତିହାସରେ ସେମିତି କିଛି ସଠିକ୍ ତଥ୍ୟ ନାହିଁ ଯେ ମାଆ କେମିତି ଆବିର୍ଭାବ ହେଲେ । ତଥାପି ସମାଲୋଚକ ମାନେ କୁହନ୍ତି ।

ଝାମ୍ପୁଲା ମାତିଲା ଖପରା ତାତିଲା
ଆସିଗଲା ନଈ ବଢ଼ି ।
ଆଉ ଯଦି ବେଳ ଘଡ଼ିଏ ଥାଆନ୍ତା
କନିକା ଯାଇଥାନ୍ତେ ମାଡ଼ି ।।

ସେ ଯାହା ବି ହେଉ ମା'ଙ୍କର ମହିମା କଥା କହିଲେ ସରିବ ନାହିଁ । ମା' ଜୟଚଣ୍ଡୀଙ୍କର ଭକ୍ତ ଝାମ୍ପୁଲା ସିଂହକୁ ମା କହିଲେ ତୋ ଭକ୍ତିରେ ସନ୍ତୁଷ୍ଟ ହୋଇ ମୁଁ ତୋ ସାଙ୍ଗରେ ଯିବି କିନ୍ତୁ ତୁ ମୋତେ ପଛକୁ ଫେରି ଚାହିଁବୁ ନାହିଁ । ଯେଉଁଠି ପଛକୁ ଫେରି ଚାହିଁବୁ ମୁଁ ସେଇ ସ୍ଥାନରେ ରହିଯିବି । ଆଗେ ଆଗେ ଝାମ୍ପୁଲା ଚାଲିଥାଏ । ପଛରେ ମା' ଜୟଚଣ୍ଡୀ ଚାଲୁଥାଆନ୍ତି । ମା'ଙ୍କର ସେ ଚରଣ କମଳରୁ ନୂପୁରର ରୁଣୁଝୁଣୁ ରୁଣୁଝୁଣୁ ଶବ୍ଦର ଝଙ୍କାର ଶୁଣି ଝାମ୍ପୁଲା ପଛକୁ ଫେରି ନ ଚାହିଁ ଆନନ୍ଦ ମନରେ ଚାଲିଥାଏ । କିଛି ବାଟ ଯିବା ପରେ ମଲ୍ଲିପୁର ଠାରେ ନୂପୁର ଶବ୍ଦ ବନ୍ଦ ହୋଇଗଲା । ଆଗରୁ ଏହି ଅଞ୍ଚଳ ବୃକ୍ଷଲତାରେ ଶୋଭନୀୟ ଥିବାରୁ ମା' ଟିକେ ଲତା ଗହଳରେ ଝୁଲି ଖେଳୁଥିଲେ । ଝାମ୍ପୁଲା ମନରେ ସନ୍ଦେହ ସୃଷ୍ଟି ହେଲା ଆଉ କାହିଁ ନୂପୁର ଶବ୍ଦ ଶୁଭୁନାହିଁ ସେ ପଛକୁ ଫେରି ଚାହିଁଦେଲା, ମା କହିଲେ "ତୁ ମୋତେ ପଛକୁ ଫେରି ଚାହିଁଥିବାରୁ ମୁଁ ଏଇଠି ଅବସ୍ଥାନ କରୁଛି ।" ସେହି ଦିନଠାରୁ ମା' ମଲ୍ଲିପୁର ଠାରେ ରହି ପୂଜା ପାଇଆସୁଛନ୍ତି । ଦୈନିକ ମା'ଙ୍କୁ ପାଳିକରି ପଣ୍ଡିତମାନେ ପୂଜା କରନ୍ତି । ସେମାନଙ୍କ ମଧ୍ୟରୁ ମାନ ପଣ୍ଡା ବୋଲି ଜଣେ ମଲ୍ଲିପୁର ବରିଷ୍ଠ ପୂଜକ ମା'ଙ୍କର ପ୍ରିୟ ସେବାୟତ ଥିଲେ । ଅତି ନିଷ୍ଠାର ସହିତ ସେ ବିଭିନ୍ନ ବେଶରେ ସଜାଇ ମନ ପ୍ରାଣ ଦେଇ ଭକ୍ତିଭାବରେ ପୂଜା କରି ମା'ଙ୍କୁ ସନ୍ତୁଷ୍ଟ କରିପାରୁଥିଲେ । ସେଥିପାଇଁ ମାନ ପଣ୍ଡାଙ୍କୁ ମା' ଜୟଚଣ୍ଡୀଙ୍କର ବାପା ବୋଲି ସମ୍ବୋଧନ କରାଯାଏ । ଲୋକେ କୁହନ୍ତି "ମାନ ପଣ୍ଡାର ଇଚ୍ଛା ନା ମା' ଜୟଚଣ୍ଡୀଙ୍କର ଇଚ୍ଛା" । କୁହାଯାଏ ଜଣେ ଶଙ୍ଖାରୀ ଦିନେ ଶଙ୍ଖା ବ୍ୟବସାୟ କରିବା ପାଇଁ ଏହି ରାସ୍ତା ଦେଇ ଯାଉଥାଏ । ମା' ଶଙ୍ଖାରୀ ଠାରୁ କିଛି ଶଙ୍ଖା ରଖିଲେ । ଶଙ୍ଖାରୀ ତା'ର ପଇସା ମାଗିବାରୁ ମା' କହିଲେ "ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ । କହିବେ ତମ

ଝିଅ ଶଙ୍ଖା ନେଇଛି ।" ଶଙ୍ଖାରୀ ଯାଇ ମାନ ପଣ୍ଡାଙ୍କୁ ପଇସା ମାଗିବାରୁ ମାନ ପଣ୍ଡା କହିଲେ ମୋର କଉ ଝିଅ ତମ ଠାରୁ ଶଙ୍ଖା ନେଲା କେଉଁଠୁ ନେଲା । ତଥାପି ମାନ ପଣ୍ଡା ପଇସା ଦେଲେ । କାରଣ ସେ ସମୟର ଲୋକେ ବିଶ୍ୱାସୀ ଓ ଧର୍ମପରାୟଣ ଥିଲେ । ପୁଣି ଆଉ ଥରେ ସେହି ବାଟ ଦେଇ ଜଣେ ଲୁଗା ବେପାରୀ ଯାଉଥାଏ । ତା' ଠାରୁ ମା' ପାଟ ଲୁଗା ଖଣ୍ଡେ ରଖି, କହିଲେ "ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ ।" ଲୁଗା ବେପାରୀ ଆସି ପଇସା ମାଗିବାରୁ ମାନ ପଣ୍ଡା ଚକିତ ହୋଇଗଲେ । କିଏ ବାରମ୍ବାର ମୋ ନାଁ କହି ଜିନିଷ ରଖୁଛି ? ପୁଣି କହୁଛି "ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ ।" ଏମିତି କିଛି ସୂତ୍ରରୁ ମାନ ପଣ୍ଡା ଜାଣି ପାରିଲେ କି ସେ ହେଉଛନ୍ତି ମୋ ମା' ଜୟଚଣ୍ଡୀ । ବହୁ ଭକ୍ତଙ୍କୁ ମଧ୍ୟ ମା' ସ୍ୱପ୍ନରେ ଦେଖା ଦେଇଛନ୍ତି । ସେହି ସ୍ଥାନରେ ମା' ରାତ୍ରି ସମୟରେ ଖେଳାବୁଲା କରିବାରେ ବହୁତ ଭକ୍ତ ମଧ ନିଜ ଆଖିରେ ଦେଖିଛନ୍ତି । ମା'ଙ୍କର ବ୍ରତ ଉପାସନା କରି ବଡ଼ବଡ଼ ରୋଗ ବ୍ୟାଧିରୁ ମୁକ୍ତି ହେବାରେ ବହୁତ ଭକ୍ତ ମାନେ କୁହନ୍ତି । ତାଙ୍କୁ ଯିଏ ବିଶ୍ୱାସର ସହିତ ଡାକେ ସେ ନିଶ୍ଚୟ କ୍ଲେଶ ଦୁଃଖରୁ ପାରି ହୋଇଥାଏ । ମା'ଙ୍କୁ ଡାକି ଭକ୍ତ ତା'ର ସମସ୍ତ କାର୍ଯ୍ୟ ସଫଳ ହୋଇଛି । ମା'ଙ୍କୁ ଡାକି ହଜିଲା ପୁଅକୁ ଫେରି ପାଇଛି ତା ମାଆ । ମା'ଙ୍କୁ ଡାକି କାରୋବାରରେ ଲାଭ ପାଇ ପାରିଛି ବ୍ୟପାରୀ । ମା'ଙ୍କୁ ଡାକି ବିଦେଶ ଯାତ୍ରା କରିପାରିଛି ଭକ୍ତ ।

ଜୟଚଣ୍ଡୀ ନାମ ଯେ ସ୍ମରେ ହୃଦରେ
କଣ୍ଟା ହୋଇଥାଏ ଫୁଲସମ ।
ଏ ଭବ ସାଗରରୁ ପାରି ହୋଇଯାଏ
ବୁଲିଗଲେ ଥରେ ତା'ର ଧାମ ।।

ଏହି ଐତିହାସିକ ପ୍ରମୁଖ ଧର୍ମସ୍ଥଳୀ କୟାଁ ପଞ୍ଚାୟତର ଆରାଧ୍ୟ ଦେବୀ ତଥା ପୂର୍ବ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ଜୟଚଣ୍ଡୀ । ଏହି ଶକ୍ତିପୀଠରେ ମା'ଙ୍କ ଉଦ୍ଦେଶ୍ୟରେ ହେଉଥିବା ଅର୍ଥାତ୍ ଶ୍ରଦ୍ଧାଳୁ ମାନଙ୍କ ମଙ୍ଗଳ କାମନା ପାଇଁ ପଞ୍ଚଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଭଳି ପବିତ୍ର ମହୋତ୍ସବ ଅତି ଆଡମ୍ବରରେ ଅନୁଷ୍ଠିତ ହୋଇଥାଏ । ଏହି ଐତିହାସିକ ପ୍ରମୁଖ ବାର୍ଷିକ ପଞ୍ଚଦିବସୀୟ ଅମୃତ ମହୋତ୍ସବ ଫଗୁ ଅଷ୍ଟମୀ ଠାରୁ ଆରମ୍ଭ ହୋଇ ଦ୍ୱାଦଶୀ ପର୍ଯ୍ୟନ୍ତ ଚାଲିଥାଏ । କୟାଁ ପଞ୍ଚାୟତର ଏହି ଐତିହାସିକ ଆଞ୍ଚଳିକ ମେଳା ଜନସାଧାରଣଙ୍କର କଲ୍ୟାଣ ହୋଇ ପାରିଛି । ଅଞ୍ଚଳବାସୀ ମାନେ ବଡ଼ ଧୁମ୍ ଧାମ ରେ ପାଳନ କରନ୍ତି । ବାର ମାସର ତେର ପର୍ବ ମଧ୍ୟରୁ ଏହି ପର୍ବଟି ଅନ୍ୟତମ ପ୍ରମୁଖ ପର୍ବ । ମା'ଙ୍କର ଏହି ଉତ୍ସବରେ ହଜାର ହଜାର ଭକ୍ତମାନଙ୍କର ସମାଗମ ବେଳେ ଯାଜପୁର ସମେତ ଆଉ ଦୁଇ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା

ଜିଲ୍ଲାର ଶ୍ରଦ୍ଧାଳୁମାନେ ଶୋଭା ଯାତ୍ରାରେ ଅଂଶଗ୍ରହଣ କରି କଳସରେ ଜଳ ଆଣି ଯଜ୍ଞ ବେଦୀରେ ଘଟ ସ୍ଥାପନ କରିଥାନ୍ତି । ଯଜ୍ଞ କାର୍ଯ୍ୟକୁ ପୁରୋଧା ତଥା ମନ୍ଦିରର ପ୍ରମୁଖ ସେବାୟତ ଓ ମଲ୍ଲୀପୁର ଗ୍ରାମଠାରୁ ଆରମ୍ଭ କରି ଯାଜପୁରର ସମସ୍ତ ସହଯୋଗୀ ବାହ୍ମଣ ମାନେ ଅଗ୍ନି ସ୍ଥାପନା କରିବା ସହିତ ଘୃତାହୁତି ପ୍ରଦାନ କରନ୍ତି । ପରେ ସୂର୍ଯ୍ୟ ଦେବତାଙ୍କୁ ପୂଜା, ଗୋ ପୂଜା, ଭୂମି ପୂଜନ, ବାୟୁ ପୂଜା, ଜଳ ପୂଜା ସମେତ ମା' ଜୟଚଣ୍ଡୀଙ୍କ ପୂଜାର୍ଚ୍ଚନା ହୋଇ ଷୋଡ଼ଶ ଉପଚାର ପୂଜା ହେବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥାଏ । ବଡ ବିଚିତ୍ର କଥା ହେଲା ଯଜ୍ଞ କୁଣ୍ଡରେ ଯେଉଁ ଅଗ୍ନି ସଂଯୋଗ କରାଯାଏ ତାହା କେଉଁ ଦିଆସିଲ ବା ଅନ୍ୟ କୌଣସି ଉପାୟରେ ନୁହେଁ, ବରଂ ଯୁର୍ଯ୍ୟଙ୍କର ପ୍ରଖର କିରଣରୁ ଜ୍ୟୋତି ଆଣି ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥାଏ । ଏହି ଅବସରରେ ପ୍ରତ୍ୟେକ ଆଧ୍ୟାତ୍ମିକ ପ୍ରବଚନ, ଭଜନ, ଜଣାଣ, କୀର୍ତ୍ତନ, ସାଂସ୍କୃତିକ ପାଲା ଇତ୍ୟାଦି ପରିବେଷଣ କରାଯାଇଥାଏ । ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଦିବାନିଶି ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସାହିତ୍ୟ, କଳା ସଂସ୍କୃତିକୁ ପ୍ରୋତ୍ସାହିତ କରି ଆଗାମୀ ପିଢ଼ି ତଥା ଯୁବ ସମାଜକୁ ଆଧ୍ୟାତ୍ମିକ ଡୋରିରେ ବାନ୍ଧି ରଖିବା ପାଇଁ ଓଡ଼ିଶାର ବହୁ ଲୋକପ୍ରିୟ ସୁନାମଧନ୍ୟ ବରିଷ୍ଠ ଗାୟକ ମାନଙ୍କ ଦ୍ୱାରା ବାଦି ପାଲା ଅନୁଷ୍ଠିତ କରାଯାଇଥାଏ । ଫଳରେ ରୀତିନିତି ଅନୁଯାୟୀ ମନ୍ତ୍ରଧ୍ୱନି ସହିତ ହରିବୋଲ ହୁଳହୁଳି ଯଜ୍ଞସ୍ଥଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ । ମା'ଙ୍କ କୃପା ସାନିଧ୍ୟ ଲାଭ କରିବା ସହିତ ପାଞ୍ଚଦିନ ଧରି ମହୋତ୍ସବ ଚତୁର୍ପାର୍ଶ୍ୱରେ ବିଭିନ୍ନ ଦୋକାନ ବଜାର ପଡ଼ିଥାଏ । ଏହି ଅମୃତ ମହୋତ୍ସବକୁ ଦେଖଭାଳ ଓ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି । ମା'ଙ୍କ ଶକ୍ତିପୀଠରେ ପାଞ୍ଚଦିନ ବ୍ୟାପି ପାଳିତ ଏହି ମହାସମାରୋହରେ କମିଟିର କର୍ମକର୍ତ୍ତାବୃନ୍ଦ ନିଷ୍ଠାର ସହିତ ସେବା କରିଥାନ୍ତି । ଯାଜପୁରରେ ବିରଜା ମନ୍ଦିର, ଜଗନ୍ନାଥ ମନ୍ଦିର, ମହାବୀର ମନ୍ଦିର, ଚଣ୍ଡି ମନ୍ଦିର, ବରୁଣେଶ୍ୱର ମନ୍ଦିର, ସିଦ୍ଧେଶ୍ୱର ମନ୍ଦିର, ତ୍ରିଲୋଚନେଶ୍ୱର ମନ୍ଦିର, ଜାଡୁଆ ମନ୍ଦିର, ଓଳାଷୁଣୀ, ଛତିଆବଟ, ଉଦୟଗିରି, ଲଳିତଗିରି, ଧର୍ମଶାଳା, ଲାଙ୍ଗୁଡ଼ି ପାହାଡ଼, ସମୃଦ୍ଧ ଐତିହାସିକ ପ୍ରମୁଖ ସ୍ମାରକୀ ଭୂମିକା ଅତୁଳନୀୟ ସ୍ଥାନ ଅଧିକାର କରିଥିବା ବେଳେ ମଲ୍ଲିପୁରରେ ମା' ଜୟ ଚଣ୍ଡୀ ମନ୍ଦିର କୀର୍ତ୍ତି ଶୋଭାମଣ୍ଡିତ କରୁଛି ।

କୟାଁ, ଲକ୍ଷ୍ମୀପୁର, ଗୁଣ୍ଡୁଣିପଡ଼ା, ଗୋପବନ୍ଧୁ ନଗର, କୟାଁଗୋଲା, ଇଚ୍ଛାପୁର, ବଳରାମପୁର, ଧରମପୁର, ଗହିରାପାଳ, ଦରବା, ଗରବନ୍ଧ, କମାରଡିହ, ଲାଲବାଗ, ଦୁବକଣ, ଯୋଗୀମଠ, କୁଳସାହି, ମଲ୍ଲୀପୁର ସମେତ ଇଟାପଡ଼ା ଭଳି ଛୋଟ ବଡ଼ ଗ୍ରାମ ମାନଙ୍କରେ ଚାନ୍ଦା ଆଦାୟ କରାଯାଇଥାଏ । ଅତି ଉଲ୍ଲାସର ସହିତ ଭକ୍ତ ମାନେ ଯିଏ ଯାହା ପାରିଲା ମା'ଙ୍କ ପାଖରେ ସମର୍ପଣ କରିଥାଆନ୍ତି । ମାନସିକ କରି

ଘିଅ, ଚାଉଳ, ଫୁଲ, କାଠ, ଧୂପ, ଦୀପ, ପରିବା ଏମିତିକି ଭୋଗ ପର୍ଯ୍ୟନ୍ତ ଆଣି ଅଧିଷ୍ଠାତ୍ରୀ ଦେବୀଙ୍କ ଚରଣରେ ସମର୍ପିତ କରନ୍ତି । ଏହି ଉତ୍ସବରେ ଦେଶ ବିଦେଶରେ ରହୁଥିବା ଅଞ୍ଚଳବାସୀ ମାନେ ଆସି ଯୋଗ ଦେଇଥାଆନ୍ତି । ଏହି ଅମୃତ ମହୋତ୍ସବ ଫାଲ୍ଗୁନ ମାସରେ ପଡ଼ିଥାଏ । ମାତ୍ର ଶିବରାତ୍ରୀ ଦୋଳପୂର୍ଣ୍ଣିମାର ଅନ୍ତରାଳରେ । ଆହୁରି ଏକ ଆନନ୍ଦର ବିଷୟ ଅଞ୍ଚଳବାସୀ ମାନେ ଝିଅ ପୁଅଙ୍କ ବିବାହ ବ୍ରତଭଳି ବିଭିନ୍ନ ଶୁଭ କାର୍ଯ୍ୟ ମଧ୍ୟ ଏହି ଧର୍ମ ପୀଠରେ କରାଇ ଥାଆନ୍ତି । କୟାଁ ପଞ୍ଚାୟତର ଏହା ସର୍ବ ପୁରାତନ ପ୍ରାଚୀନ ମନ୍ଦିର ଅଟେ । ପ୍ରାୟ କୋଡ଼ିଏ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ଅଟେ । ଆଜିକୁ ସହସହ ବର୍ଷ ତଳେ କାଠରେ ନିର୍ମିତ ଥିଲା ଏହା । ମାତ୍ର ପଚାଶ ବର୍ଷ ତଳେ କୟାଁ ଗ୍ରାମର ଜଣେ ମା'ଙ୍କ ଭକ୍ତ ଶ୍ରୀ ବୈଷ୍ଣବ ଚରଣ ପରିଡ଼ା ମନ୍ଦିର ନିର୍ମାଣ କରିବାରେ ତାଙ୍କର ପ୍ରଥମ ଏକ ସ୍ୱତନ୍ତ୍ର ପ୍ରମୁଖ ଭୂମିକା ରହିଥିଲା । ପରବର୍ତ୍ତୀ ସମୟରେ ଏହି ଐତିହାସିକ ମନ୍ଦିରର ସରକାରଙ୍କ ପକ୍ଷରୁ ପୁନର୍ନିର୍ମାଣ କରାଯାଇଥିଲା ଏହି ମନ୍ଦିରର ମୁଖ୍ୟ ଦ୍ୱାର ପୂର୍ବ ଆଡ଼କୁ ରହିଛି । ଦ୍ୱାର ସାମ୍ନାକୁ ଲାଗି ଏକ ବିରାଟ ଯଜ୍ଞ କୁଣ୍ଡର ନିର୍ମାଣ ହୋଇଛି । ମନ୍ଦିରର ବାମ ପାର୍ଶ୍ୱରେ ଏକ ରୋଷେଇ ଘର ତିଆରି ହୋଇଛି । ଗ୍ରୀଷ୍ମ ତାପରୁ ତୃଷ୍ଣା ମେଣ୍ଟାଇବା ପାଇଁ ନିକଟରେ ଏକ ପୋଖରୀ ନଳକୂପ ଓ ପାଣି ଟ୍ୟାପର ବ୍ୟବସ୍ଥା ରହିଛି । ମନ୍ଦିର ବେଢ଼ାକୁ ଲାଗି ଏକ ପାଲା ମଣ୍ଡପ କରାଯାଇଛି । ମନ୍ଦିରର ମୁଖଶାଳାରେ ଦୁଇଗୋଟି ଆକର୍ଷଣୀୟ କଳା ଧଳା ରଙ୍ଗର ଘୋଡ଼ା ରହିଛନ୍ତି । ଯାହାର ଉଚ୍ଚତା ପ୍ରାୟ ସାତ ଫୁଟ୍ ଉଚ୍ଚତା ବିଶିଷ୍ଟ । ଏହା ମନ୍ଦିରକୁ ଆହୁରି ଶାଣିତ ସୌନ୍ଦର୍ଯ୍ୟ କରାଇ ପାରୁଛି । ତା' ଛଡ଼ା ମା' ମଧ୍ୟରାତ୍ରରେ ଘୋଡ଼ାରେ ଚଢ଼ି ବୁଲିବା ପାଇଁ ଯାଆନ୍ତି । ସେହି ପରିପ୍ରେକ୍ଷୀରେ ଦୁଇଗୋଟି ଘୋଡ଼ା ରଖାଯାଇଛି । ମନ୍ଦିର ଭିତର ବାହ୍ୟ ଆଡ଼କୁ ମନଲାଖି ହସ୍ତଶିଳ୍ପ କାରୁକାର୍ଯ୍ୟ କରାଯାଇଛି । ସେ ହେଉଛନ୍ତି ଜଗତର ମାଆ ତାଙ୍କୁ ଯିଏ ଯେପରି ଖୋଜେ ସିଏ ସେପରି ପାଏ । ତାଙ୍କର ଅଗାଧ ମହିମା ଅପାର କରୁଣା । ସେ କିନ୍ତୁ ସମସ୍ତଙ୍କ ଦୁଃଖ ଦୂର କରନ୍ତି । ପରିବେଶକୁ ସ୍ୱଚ୍ଛ ନିର୍ମଳ କରିବା ପାଇଁ ମନ୍ଦିର ପ୍ରାଙ୍ଗଣର ଚତୁର୍ପାର୍ଶ୍ୱରେ ଥିବା ପାଚେରୀ ଭିତରେ ତୁଳସୀ, ବେଲ, ନିମ୍ବ, ଆମ୍ବ ନଡ଼ିଆ ଭଳି ବିଭିନ୍ନ ଫୁଲ ଫଳ ଅନ୍ୟାନ୍ୟ ଗଛ ମଧ୍ୟ ଲଗାଯାଇଛି । ମନ୍ଦିରର ସମସ୍ତ କାର୍ଯ୍ୟ ତୁଲାଇବା ପାଇଁ ନିକଟରେ ଏକ ମୁଖ୍ୟ କାର୍ଯ୍ୟାଳୟ ନିର୍ମାଣ ହୋଇଛି । ଓଡ଼ିଶୀ ନୃତ୍ୟ ଶିକ୍ଷାଦାନ ପାଇଁ ଏକ କଳାବିକାଶ କେନ୍ଦ୍ର ଅଛି । ଅଞ୍ଚଳବାସୀ ତଥା ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ଏକ ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟ କରାଯାଇଛି । ଆଉ ଏଠାରେ ଏକ କଲ୍ୟାଣ ମଣ୍ଡପ ସହିତ ଶୌଚାଳୟର ବ୍ୟବସ୍ଥା କରାଯାଇଛି । ବିଜୁଳି ପାଣି ଆଧୁନିକରଣ ସିକ୍ୟୁରିଟି କ୍ୟାମେରା ଲାଇଟି ଫିଟିଙ୍ଗ କରାଯାଇଛି । ଏହା ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହେବାକୁ ଲାଗିଛି । ଏଠି ବିଭିନ୍ନ ଆଡ଼ୁ ଭକ୍ତ ମାନେ ଆସି ନୀତି ପାଳିରେ ନୀତି ପ୍ରଦାନ

କରନ୍ତି । ଦୈନିକ ବହୁସଂଖ୍ୟାରେ ଭକ୍ତମାନେ ପ୍ରସାଦ/ଭୋଗ ସେବନ କରନ୍ତି । ମା'ଙ୍କର ଅପାର କରୁଣା ସମସ୍ତ ଭକ୍ତମାନଙ୍କ ପ୍ରତି ଥାଏ ।



# ଅଧୁରା ପ୍ରେମର ଅନ୍ତିମ ଅଭିସାର...



ବର୍ଷାରାଣୀ ଖୁଣ୍ଟିଆ
ଦାଶରଥିପୁର, ବଡ଼ମ୍ବା,କଟକ

ସୁଶାନ୍ତ ପାଇଁ ପ୍ରେମ ଥିଲା ଏକ ଶୁଦ୍ଧ ଆତ୍ମିକ ଅନୁଭୂତି, ଯେମିତି ମନ୍ଦିରର ଶୁଭ୍ର ନୈବେଦ୍ୟ । +୨ ପଢ଼ିବା ସମୟରେ ଭାଇ ଦେଇଥିବା ସେଇ ପ୍ରଥମ ମୋବାଇଲ୍‌ର ରିଙ୍ଗଟୋନ୍‌ରେ ଦିନେ ଏକ ଅଜଣା ରାଗିଣୀ ଶୁଭିଲା । ସେପଟୁ ଶୁଭୁଥିବା ନୂପୁରର ନିକ୍କଣ ପରି ସ୍ୱରଟି ଥିଲା ଝରଣାର । ଧୀରେ ଧୀରେ ସେଇ ସ୍ୱର ସୁଶାନ୍ତର ନିଃଶ୍ୱାସ ସହ ମିଶିଗଲା । ବସ୍‌ରେ ସାଥି ହୋଇ ଯିବା ଆସିବା କରିବା ଆଉ ପରସ୍ପରର ସ୍ୱପ୍ନକୁ ବୁଝିବା ଭିତରେ ଲାଗୁଥିଲା ସତେ ଯେମିତି ଜୀବନଟା ଏକ ସୁନ୍ଦର ମହାକାବ୍ୟ । ସୁଶାନ୍ତର ପରିବାର ମଧ୍ୟ ଝରଣାକୁ ନିଜର ଆଗାମୀ କୁଳବଧୂ ଭାବେ ଗ୍ରହଣ କରିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ଥିଲେ ।

କିନ୍ତୁ ପ୍ରେମର ଆକାଶରେ ସନ୍ଦେହର କଳାବାଦଲ ଘୋଟି ଆସିଲା । ଝରଣାର ସବୁରି ସହ ଅତିଶୀଘ୍ର ମିଶିଯିବାର ଚପଳତା, ସୁଶାନ୍ତର ଅନ୍ତର୍ମୁଖୀ ହୃଦୟକୁ ସନ୍ଦେହର ବେଡ଼ିରେ ବାନ୍ଧିଦେଲା । ବାରମ୍ବାର ମନା କରିବା ପରେ ବି ଝରଣା ସୁଶାନ୍ତର ଭାବନାକୁ ତିଳେ ହେଲେ ଗୁରୁତ୍ୱ ଦେଲାନାହିଁ । ପ୍ରତିଶୋଧ ବା ପ୍ରତିକ୍ରିୟାର ବଶବର୍ତ୍ତୀ ହୋଇ ସୁଶାନ୍ତ ନିଜର ଜଣେ ବାନ୍ଧବୀ ମିନତିଙ୍କ ସହ ସମ୍ପର୍କ ବଢ଼ାଇଲା । କିନ୍ତୁ ଏହି ପରିସ୍ଥିତି ହିଁ ପ୍ରେମର ମୂଳଦୁଆକୁ ଦୋହଲାଇ ଦେଲା ।

ଝଗଡ଼ା ପରେ ଝଗଡ଼ା... ଆଉ ସେଇ ତିକ୍ତତା ଭିତରେ ଝରଣା ଏମିତି ଏକ ବିଷବୃକ୍ଷ ରୋପଣ କଲା, ଯାହା ସୁଶାନ୍ତଙ୍କୁ ସଂପୂର୍ଣ୍ଣ ରୂପେ ଭାଙ୍ଗିଦେଲା । ନିଜର ଅହଂକାର ଓ ଈର୍ଷା କୁ ଚରିତାର୍ଥ କରିବାକୁ ଯାଇ ଝରଣା ସୁଶାନ୍ତ ଓ ମିନତିଙ୍କ ପବିତ୍ର ବନ୍ଧୁତା ଉପରେ ମିଥ୍ୟାର କଳଙ୍କ ବୋଳିଦେଲା । ସେଇ ଗୋଟିଏ ମିଥ୍ୟା ସୁଶାନ୍ତର ଏକ ନିଷ୍ପାପ ବନ୍ଧୁତାକୁ ସାରା ଜୀବନ ପାଇଁ ଉଜାଡ଼ି ଦେଲା, ଯାହାର ଅପରାଧବୋଧ ଆଜି ବି ସୁଶାନ୍ତକୁ ଚିତାନଳ ପରି ଦହୁଛି ।

ଶେଷରେ ସେଇ ଅଭିଶପ୍ତ ମୁହୂର୍ତ୍ତଟି ଆସିଲା । ଝରଣା ଅନ୍ୟ କାହାର ପାଣିଗ୍ରହଣ କରିବାକୁ ପ୍ରସ୍ତୁତ ହୋଇସାରିଥିଲା । ସୁଶାନ୍ତର ଲୁହ, ତାର ଆକୁଳ ନିବେଦନ ଆଉ କାକୁତିମିନତି ଝରଣାର ପାଷାଣ ହୃଦୟକୁ

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

ତରଳାଇ ପାରିଲାନାହିଁ । ଝରଣାର ସେଇ ନିଷ୍ଠୁର ବାକ୍ୟ— "ତୋ ମୁହଁ ଦେଖିବାକୁ ଚାହୁଁନି, ଦୂରେଇ ଯା" — ସୁଶାନ୍ତର ସବୁ ଆଶାକୁ ଧୂଳିସାତ୍ କରିଦେଲା । ପରେ ଜଣାପଡ଼ିଲା ଯେ ଝରଣା ପୂର୍ବରୁ ହିଁ ଅନ୍ୟ ସହ ସମ୍ପର୍କରେ ଥିଲା । ଏହି ପ୍ରତାରଣାର ବିଷ ସୁଶାନ୍ତକୁ ସ୍ତବ୍ଧ କରିଦେଲା ।

ଝରଣା ନିଜର ନୂଆ ସଂସାରରେ ହସଖୁସିରେ ରହିଲା, ହେଲେ ସୁଶାନ୍ତ ହଜିଗଲା ଅନ୍ଧକାରର ଗହ୍ୱରରେ । ଦୁଇ ମାସର କୋଠରୀବନ୍ଦୀ ଜୀବନ ଆଉ ମଦର ନିଶା ଭିତରେ ସେ ନିଜକୁ ଶେଷ କରିଦେବାକୁ ଚାହୁଁଥିଲା । ହେଲେ ବୃଦ୍ଧ ବାପା-ମାଆଙ୍କ ଆଖିର ଲୁହ ତାକୁ ମୃତ୍ୟୁ ମୁଖରୁ ଟାଣି ଆଣିଲା । ଆଜି ସେଇ ସୁଶାନ୍ତ ଯିଏ ଦିନେ ଗୋଟେ ଝିଅ ପାଇଁ ନିଜ ଜୀବନ କୁ ବର୍ବାଦ କରିବାକୁ ଆସିଥିଲା ଆଜି ସିଏ ତା ନୂଆ ଜୀବନ ଆଉ ପରିବାର ଆଉ ସାଙ୍ଗ ସାଥି ଙ୍କ ସହ ବେଶ୍ ଖୁସିରେ ଅଛି ।

ସମାଜ ପାଇଁ ଛୋଟ ସନ୍ଦେଶ :

ପ୍ରେମ କେବେବି ଆତ୍ମହତ୍ୟା କିମ୍ବା ଆତ୍ମଦହନର ଶିକ୍ଷା ଦିଏନାହିଁ । ପ୍ରେମ ଯଦି ସମ୍ମାନ ଓ ବିଶ୍ୱାସ ଉପରେ ଆଧାରିତ ନୁହେଁ, ତେବେ ତାହା କେବଳ ଏକ ମୋହ । ସୁଶାନ୍ତ ହାରିନାହିଁ, ବରଂ ଜଣେ ପବିତ୍ର ପ୍ରେମିକ ଭାବରେ ସେ ଉର୍ଦ୍ଧ୍ୱରେ ରହିଛି । ମନେରଖନ୍ତୁ, ଯେଉଁ ବ୍ୟକ୍ତି ତୁମର ମୃତ୍ୟୁରେ ବିଚଳିତ ହୁଏନାହିଁ, ସେ ତୁମର ଜୀବନ୍ତ ଭଲପାଇବାର ଯୋଗ୍ୟ କେବେବି ନଥିଲା ।

ଜୀବନ ହେଉଛି ଭଗବାନଙ୍କର ଶ୍ରେଷ୍ଠ ଉପହାର । କୌଣସି ପ୍ରତାରକ ପାଇଁ ନିଜର ମୂଲ୍ୟବାନ ଜୀବନକୁ ଉତ୍ସର୍ଗ କରିବା ବୀରତ୍ୱ ନୁହେଁ, ବରଂ କାପୁରୁଷତା । ପ୍ରେମରେ ହାରିବା ମାନେ ଜୀବନରେ ହାରିବା ନୁହେଁ, ବରଂ ନିଜକୁ ଆହୁରି ଶକ୍ତ କରି ଗଢ଼ିବା ।

# ଗେଷ୍ଟ ହାଉସ ଭୂତ...



ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ, ପୁରୀ

ସେଦିନ ଆକାଶ ସେହି ଗେଷ୍ଟ ହାଉସ ରେ ନିମନ୍ତ୍ରିତ ମୁଖ୍ୟ ଅତିଥି ଥିଲେ.ଗେଷ୍ଟ ହାଉସ ରେ ସେହି ସହରର ଅନେକ ବୃଦ୍ଧ ବୃଦ୍ଧାଶ୍ରମର ସମସ୍ତ ବ୍ୟକ୍ତି ବା ଅନ୍ତେବାସୀ ଆସନ ଗ୍ରହଣ କରିସାରିଥିଲେ. ନିମନ୍ତ୍ରିତ ଗେଷ୍ଟ ମାନେ ଯେତିକି ସ୍ୱାଗତ କରିଥିଲେ ଆକାଶକୁ ତାହା ସେତିକି ସ୍ୱାଗତ ଯୋଗ୍ୟ ଥିଲା ତଥା ବାସ୍ତବ ଥିଲା. କାରଣ ସେ ଏ ସହରର ନୂଆ କଲେକ୍ଟର ରୂପେ ଜଏନ କରିଥିଲେ. ଗୋଟେ ବୁଲା କୁକୁର ଓ ଗୋଟେ ବିଲେଇ କିନ୍ତୁ ତାଙ୍କୁ ଦେଖି ଏତେ ଖୁସି ହେଉଥିଲେ ଓ କୁକୁରଟି ପଛେ ପଛେ ଚାଲୁଥିଲା ତାଙ୍କର ତ ବିଲେଇଟି ଗୋଡ଼ରେ ନେସି ଘଷି ହୋଇ ପାଖ ଛାଡୁନଥିଲା. ସେସବୁ କଥା ସେ ତାଙ୍କ ବକ୍ତବ୍ୟରେ ରଖିବାକୁ ଚିତ୍ର ଓ ଚୈତ୍ର ତଥା ଏ ବୈଚିତ୍ର୍ୟ କୁ ନିଜ ସଂଳାପ ରେ ରଖିବାକୁ ମନେ ମନେ ପ୍ରସ୍ତୁତ ହେଉଥିଲା ବେଳେ ସଂଯୋଜକ ମହାଶୟ ଜଣଙ୍କ, ଉପସ୍ଥିତ ବୃଦ୍ଧ ବୃଦ୍ଧା ମାନଙ୍କୁ ସମ୍ବୋଧନ କରି ସେମାନଙ୍କ ପୁତ୍ର ପୁତ୍ରୀ ମାନଙ୍କ ଉଦେଶ୍ୟରେ କଟୁ ମନ୍ତବ୍ୟ ରଖୁଥିଲେ. କହୁଥିଲେ ଯେ ପୋଷା କୁକୁର ବିଲେଇ ଙ୍କ ପାଇଁ ଆଜିକାଲିର ପୁଅ ଝିଅ ଯେତିକି ଯତ୍ନଶୀଳ ଓ ସମ୍ବେଦନଶୀଳ ବୃଦ୍ଧ ପିତା ମାତାଙ୍କ ପାଇଁ ନୁହଁନ୍ତି. ସେତିକିବେଳେ ଆକାଶଙ୍କ ଗୋଡ଼ତଳେ ତାଙ୍କ ପାଦକୁ ଲାଗି ଶୋଇଥିବା ବୁଲାକୁକୁରଟିକୁ ଘଉଡ଼ାଉ ଥିଲେ କେହି ଓ ବିଲେଇଟିକୁ ଘଉଡ଼େଇବାକୁ ଯାଇ ପାରୁନଥିଲେ କେୟାର ଟେକରମାନେ ତ ସମସ୍ତେ ହସୁଥିଲେ କିନ୍ତୁ ସମସ୍ତଙ୍କ ଭାଷଣ ପରେ ମୁଖ୍ୟ ଅତିଥି ଯେତେବେଳେ ଉଠି ଭାଷଣ ଦେବାକୁ ଠିଆ ହେଲେ ସମସ୍ତେ କଲେକ୍ଟର କଣ କହିବେ ଶୁଣିବାକୁ ବ୍ୟାକୁଳ ହେଲାବେଳେ ଦେଖାଗଲା ଏତେ ଦୂରତା ଭିତରେ ମଧ୍ୟ ବୁଲାକୁକୁର ଟି ଷ୍ଟେଜ ର ଆଗଧାଡ଼ିରେ ଶୋଇ ସତେଯେମିତି ଭାଷଣ ଶୁଣିବାକୁ ବ୍ୟଗ୍ର ଥିଲା ଓ ବିଲେଇ କଥା କଣ କହିବା ସିଧା ଯାଇ ମଞ୍ଚରେଥିଲା.

କଲେକ୍ଟର ସମସ୍ତଙ୍କୁ ଅଭିବାଦନ କରି ଜଗନ୍ନାଥଙ୍କୁ ପ୍ରଣାମ କରି ତାଙ୍କ ବକ୍ତବ୍ୟ ଆରମ୍ଭ କରିଥିଲେ. ସେ ଦୁନିଆଁରୁ ବାହୁଡ଼ିଯାଇଥିବା ତାଙ୍କ ବୃଦ୍ଧ ପିତା ମାତାଙ୍କ ବିଷୟରେ କହିବାକୁ ଯାଇ କହିଥିଲେ ମୋ ପିଲାଦିନୁ ମୁଁ ଦେଖିଛି ଯେ ମୋ ବୃଦ୍ଧ ବାପା ଓ ବୃଦ୍ଧା ମାଆ ତାଙ୍କ ପ୍ରଥମ ଜୀବନରୁ କୁକୁର ଓ ବିଲେଇ ପାଳିବାକୁ ଖୁବ ଭଲ ପାଆନ୍ତି. ସେମାନଙ୍କ ରୁମ କାଳେ ବିପଦ ସୃଷ୍ଟି କରିବ ଭାବି ଏସବୁ ନକରିବାକୁ କହିଲେ ମୋ ପିତା ମାତା କୁହନ୍ତି ଆରେ ପିଲେ,ପରବର୍ତ୍ତୀ ଜୀବନରେ କିଏ କଣ ହେବ କିଏ ଜାଣେ ଏଇ କୁକୁର ଓ ବିଲେଇ, ଦୁଇଟି ଦୁହେଁ ଏମିତି ପ୍ରାଣୀ ଯିଏ ମନୁଷ୍ୟର ବହୁ ଉପକାର କରିଥିଲେ ମଧ୍ୟ ମଣିଷ ପିଲାଦିନୁ ତା

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

ଉପରେ ହିଂସାତ୍ମକ ଆଚରଣ କରିଥାଏ. ପ୍ରତିବାଦ କରିବାକୁ ତାଙ୍କମାନଙ୍କ ପାଟିରେ ଭାଷା ନାହିଁ. ଏଣିକି ବୁଢା ବୁଢ଼ୀ ହେଲୁଣି. ଯଦି ଆମ ମୃତ୍ୟୁ ପରେ ଆମେ କୁକୁର କି ବିଲେଇ ହେଉ ତେବେ ଆମକୁ ମଧ୍ୟ ମଣିଷମାନଙ୍କର ଆମ ପ୍ରତି ଥିବା ବିନା କାରଣ ଜନିତ ରୋଷ ଓ ଦ୍ୱେଷ ମନୋଭାବ ଉକୁଟି ଆମେ ବିନା ଦୋଷରେ ଦରକାର ପଡିଲେ ମାଡ଼ ଗାଳି ଖାଇବା ସହ ଆଶ୍ରୟ ବିନା ଓ ଖାଦ୍ୟ ତ ଖାଦ୍ୟ ଟିକେ ଅନୁକମ୍ପା ମଧ୍ୟ ପାଇବାକୁ ହକଦାର ହେବୁ କି ନା ଜାଣୁନା. ତେଣୁ କୁକୁର ବିଲେଇ ପାଳି ତାଙ୍କ ପ୍ରତି ସମ୍ବେଦନଶୀଳ ହୋଇଥିଲେ ସେମାନେ ଆର ଜନ୍ମରେ ମଣିଷ ହୋଇ ଆମକୁ ଟିକେ ସାହାରା ହେବେ ଭାବନା ରେ ଆମେ କିଛି ପୁଣ୍ୟ କରିଛୁ ଯାହା.

ଖାଲି ଏତିକି ନୁହଁ କହି ବକ୍ତବ୍ୟ ବଢ଼ାଇ କହି ଚାଲିଥିଲେ ଆକାଶ . ମୋ ବାପା ଆମେ ଛୋଟ ଥିଲାବେଳେ ଆମଘରେ ପୋଷା ଥିବା ହୁଣ୍ଡା ବୋଲି ଗୋଟେ କୁକୁରକୁ କିପରି ଟ୍ରେନରେ ବସେଇ ଭୁଲେଇ ଭାଲେଇ ପାଖ ଷ୍ଟେସନ ଜଟଣୀ ରେ ଛାଡ଼ିଦେଇ ତାକୁ ସର୍ବହରା କରିଥିଲେ ସେକଥା କହି କାନ୍ଦି ପକାନ୍ତି. ହୁଣ୍ଡାର ଦୋଷ ଥିଲା ସେ ସନ୍ଦିଗ୍ଧ ଲୋକଙ୍କୁ କାମୁଡୁଥିଲା ଓ ସେହି ବ୍ୟକ୍ତି କୌଣସି ଆଳ ଦେଖାଇ ବାପାଙ୍କ ସହ ଭେଟି ଇଞ୍ଜେକ୍ସନ ପାଇଁ ଟଙ୍କା ମାଗି ନେଉଥିଲା. ଜଣେ ଅଧେ ହେଲେ କିଛି କଥା ନଥିଲା କିନ୍ତୁ ଅନ୍ୟ କୋଉ କାରଣରୁ ଆଞ୍ଚୁଡା କ୍ଷତ ସବୁକୁ ଆପଣଙ୍କ ପୋଷା କୁକୁର ହୁଣ୍ଡା କରିଛି କହି ମଦ୍ୟପ ଓ ଜୁଆଡ଼ି ଶ୍ରେଣୀର ଲୋକମାନେ ପଇସା ଆଦାୟ କରିବା ହୁଣ୍ଡା ପାଇଁ କାଳ ହୋଇଥିଲା.  ବାପା କିନ୍ତୁ ନିଜକୁ ସେ ପାପରେ ଭାଗି କରି ସନ୍ତୁଳିତ ହେଉଥିଲେ ବୋଲି ଅନେକ ଥର କହିଥିଲେ.ତାଳି ପରେ ତାଳି ମାଡ଼ ଭିତରେ ଆକାଶ କହୁଥିଲେ ମୋ ବୋଉ ମଧ୍ୟ ପିଲାଦିନର ଏକ ଭୁଲ ପାଇଁ ନିଜକୁ ବିଲେଇ ର ହତ୍ୟାକାରିଣୀ ବୋଲି ଭାବୁଥିଲେ. ତାଙ୍କ ପିଲାଦିନେ ବିଲେଇଟିଏ କୋଉପଟେ ପଶି ରୋଷଘର ଲୁଣ କାଠୁଆ ରେ ଝାଡା କରିବା ଦ୍ୱାରା ବିଲେଇ କୁ ଧରି ଅଖାରେ ଭରି ଜେଜେ ତାକୁ ନେଇ ଚଣ୍ଡୀମନ୍ଦିରରେ ରଖି ତା ଲାଞ୍ଜରେ ତାଳଫୋଟକି ବାନ୍ଧି ଦେଇ ଦିଆସିଲି ମାରିଦେଇଥିଲେ ଯେ ସେଇ ଶବ୍ଦ ରେ ବିଲେଇ କୁଆଡେ ଗଲା ଯେ ଆଉ ତାର ଦର୍ଶନ ନଥିଲା ତାର. ଏକଥା କହି ଜେଜେ ସିନା ହସନ୍ତି ହେଲେ ମୋ ବୋଉ ତାଙ୍କର ସେଇ ପିଲାଦିନର ବିଲେଇଟିର ଯନ୍ତ୍ରଣା ରେ ନିଜକୁ ଦାୟୀ କରି ତାର ନିଶ୍ଚିନ୍ତ ମୃତ୍ୟୁ ପାଇଁ ସେ ହିଁ ଦାୟୀ ଭାବି ପଶ୍ଚାତାପ  କରିବା ସହ ବିଲେଇ ପାଳି ନିଜ ପାପ ମୋଚନ କରିବା ସହ ଆସନ୍ତା ଜନ୍ମ ରେ ବିଲେଇ ହେଲେ ତାଙ୍କୁ ଏ ପାଳିତ ବା ପୋଷା ବିଲେଇ ସବୁ ମଣିଷ ରୂପେ ସାହାଯ୍ୟ କରିବେ ବୋଲି ଭାବନ୍ତି. ଏଥର ପୁଣି ତାଳି ମାଡ଼ ହେଲା ବେଳେ କଲେକ୍ଟର ଆକାଶ  କହିଚାଲିଥିଲେ କି ତାଙ୍କ ବିବାହ ପରେ ଏକମାତ୍ର ପୁତ୍ରର ସୁରକ୍ଷା ପାଇଁ ପୋଷା କୁକୁର ବିଲେଇଙ୍କୁ ଯେତେ ଇଞ୍ଜେକ୍ସନ ଦେଲେ ମଧ୍ୟ ନାତିକୁ ତାଙ୍କ ରୁମ ଓ ଲାଳ

ସଂକ୍ରମଣରୁ ରକ୍ଷା କରିବାକୁ ଯାଇ ମୋ ପିତା ମାତା ଦୁହେଁ ଶେଷ ଜୀବନରେ ଅନାଥଆଶ୍ରମ ରେ ବା ବୃଦ୍ଧ ବୃଦ୍ଧାଙ୍କ ଆଶ୍ରମରେ କୁକୁର ବିଲେଇଙ୍କ ସେବାରେ ନିଜ ଶେଷ ଜୀବନର ଶେଷ ଇଛାକୁ ପରିପୂର୍ଣ୍ଣତା ଦେବାକୁ ରହିଥିଲେ ସେଠାରେ. ତେଣୁ ଲୋକେ କେତେ କଥା ମତେ ଶୁଣେଇ ଥିଲେ ମଧ୍ୟ ମୋ ପିତା ମାତା ତାଙ୍କ ବୃଦ୍ଧ ବୃଦ୍ଧା ଅବସ୍ଥାରେ ମନର ଶାନ୍ତି ପାଇଁ ଆଦରି ନେଇଥିଲେ ଅନାଥଆଶ୍ରମ. ତେଣୁ ଆପଣମାନେ, ଯେଉଁମାନେ ଅନାଥଆଶ୍ରମରେ ଯେ କୌଣସି କାରଣରୁ ରୁହନ୍ତୁ ନା କାହିଁକି ମୋ କଥା ଶୁଣି ଆନନ୍ଦ ପାଇବା ସଙ୍ଗେ ସଙ୍ଗେ ନିଜକୁ ଇଶ୍ୱରଙ୍କ ଚରଣ ତଳେ ସମର୍ପିତ କରି ଜୀବେ ଦୟାରେ ଶାନ୍ତି ପାଇ ଜୀବନ ଅତିବାହିତ କରିବେବୋଲି ମୋର ଆଶା ଓ ବିଶ୍ୱାସ . ଧନ୍ୟ ଧନ୍ୟ ଆକାଶ  ବାବୁ କହି ଅନାଥଆଶ୍ରମ ରୁ ଆସିଥିବା ସମସ୍ତ ବୃଦ୍ଧ ବୃଦ୍ଧା କଲେକ୍ଟର  ଙ୍କୁ ଆଶୀର୍ବାଦ କରିବା ସହ ସେଦିନ ମିଟିଂ ସରୁ ସରୁ ବହୁ ଡେରି ହୋଇଥିଲା. ଗେଷ୍ଟ ରୁମରେ ରହିବା ଛଡା ଉପାୟ ନଥିଲା ଆକାଶଙ୍କର ସେଦିନ ରାତିରେ. ଢେର ରାତିରେ ସେ ଦେଖିଥିଲେ କୁକୁରଟି ତାଙ୍କ ବାପାଙ୍କ ରୂପ ନେଇ ମୁଣ୍ଡ ଆଉଁସି ଦେଉଛନ୍ତି ତାଙ୍କର ଓ ବିଲେଇଟି ତାଙ୍କ ବୋଉଙ୍କ ରୂପ ନେଇ ତାଙ୍କ ଥକି ପଡ଼ିଥିବା ପାଦ ଦୁଇଟିକୁ ଘସୁଥିବା ବେଳେ ଆୟୁଷ, ଆଶିଷ, ନିରୋଗ ରହି ମୋ ପୁଅ ଭଲମଣିଷ ହୋଇ ରହୁ କହୁ କହୁ ଅନେକ ଭୂତ ଆସି ସେ ଦୁହିଁଙ୍କ ସହ ନିଜ ନିଜ ପୁଅ ଝିଅଙ୍କ ଭୁଲ ଘୋଡେଇ ତାଙ୍କର ଅନାଥଆଶ୍ରମରେ ରହଣୀର ସାର୍ଥକତାର କାହାଣୀ କହିଚାଲିଥିଲେ ପରସ୍ପରକୁ.କଲେକ୍ଟର ଆକାଶ  ଫେରିଯାଇ କୁକୁର ଓ ବିଲେଇ ପାଳି, ଲୋକେ ବୋଲିବେ କଣ କୁ ଆଖି ମୁଜି ଦେଇ ସେମାନଙ୍କୁ ପିତା ମାତା ତୁଲ୍ୟ ଭକ୍ତି, ସ୍ନେହ ପ୍ରେମ ପ୍ରଦର୍ଶନ କରିଚାଲିଥିଲେ.

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ବେଦନାର ଶେଷ ପୃଷ୍ଠା...



କବିତା ବେହେରା
ସୋର, ବାଲେଶ୍ୱର

ଜୀବନକୁ ଯଦି ଗୋଟେ ପୁସ୍ତକ ସହିତ ତୁଳନା କରାଯାଏ, ତେବେ ତାହାର ପ୍ରତ୍ୟେକ ପୃଷ୍ଠା ଏକ ଅନୁଭୂତିର ଅବତାର । କେଉଁଠି ଶିଶୁକାଳର ନିର୍ମଳ ହସ ଲେଖାଯାଇଛି, କେଉଁଠି ଯୌବନର ଆକାଙ୍କ୍ଷା ଓ ସ୍ୱପ୍ନର ରଙ୍ଗ ଛିଟାଯାଇଛି, ଆଉ କେଉଁଠି ଅପୂର୍ଣ୍ଣତାର ଗାଢ଼ ଛାୟା ପଡ଼ିଛି । କିନ୍ତୁ ସବୁଠାରୁ ଅଧିକ ଗଭୀର, ସବୁଠାରୁ ଅଧିକ ନିରବ ଏବଂ ସବୁଠାରୁ ଅଧିକ ସତ୍ୟ ଯେଉଁ ପୃଷ୍ଠା ସେହି ହେଉଛି "ବେଦନାର ଶେଷ ପୃଷ୍ଠା" ।

ଏହି ପୃଷ୍ଠା କୌଣସି ଏକ ଦିନରେ ଲିଖାଯାଏ ନାହିଁ । ଏହା ଧୀରେ ଧୀରେ ଗଢ଼ିଉଠେ ସମୟର ଅନେକ ଅପୂର୍ଣ୍ଣ ମୁହୂର୍ତ୍ତ, ଭଙ୍ଗା ସ୍ୱପ୍ନ, ଓ ଅକଥିତ କଥାର ସଂଚୟରେ । ପ୍ରତିଟି ନିରାଶା, ପ୍ରତିଟି ବିୟୋଗ, ପ୍ରତିଟି ଭଙ୍ଗିଥିବା ଆଶା ଏହି ପୃଷ୍ଠାରେ ଗୋଟେ ନୂଆ ଅକ୍ଷର ହୋଇ ଲେଖାଯାଏ । ଆମେ ଚାହୁଁ କି ନ ଚାହୁଁ ଏହି ପୃଷ୍ଠା ଆମ ଜୀବନରେ ଆସିଥାଏ ।

ବେଦନାର ସ୍ୱଭାବ ଅଦ୍ଭୁତ । ସେ କେବେ ଦୃଶ୍ୟମାନ ହୁଏ ନାହିଁ, କିନ୍ତୁ ତାର ଉପସ୍ଥିତି ସବୁଠାରୁ ଅଧିକ ଅନୁଭବ ହୁଏ । ଆମେ ଲୋକମାନଙ୍କ ସମ୍ମୁଖରେ ହସୁଥାଉ, କଥା ହଉ ଥାଉ, ସବୁକିଛି ସାଧାରଣ ଭାବେ ଚାଲୁଥିବାର ଅଭିନୟ କରୁଥାଉ, କିନ୍ତୁ ମନର ଗଭୀରେ ଗୋଟେ ଶୂନ୍ୟତା ନିରବ ଭାବେ ଚିତ୍କାର କରୁଥାଏ । ସେହି ଚିତ୍କାର କାହାରୁ ଶୁଣାଯାଏ ନାହିଁ ସେ ମାତ୍ର ଆମେ ଅନୁଭବ କରୁଥାଉ ।

ରାତି ଯେତେ ଗଭୀର ହୁଏ, ସେହି ବେଦନା କେତେ ନିକଟକୁ ଆସିଥାଏ । ନିରବ ଅନ୍ଧକାରରେ, ଯେତେବେଳେ ସମସ୍ତ ଶବ୍ଦ ଶାନ୍ତ ହୋଇଯାଏ, ସେତେବେଳେ ମନ ଆପଣଙ୍କ ସହିତ କଥା ହୁଏ । ସେହି କଥାରେ ରହିଥାଏ ଅନେକ ପ୍ରଶ୍ନ—

"କାହିଁକି ସେହି ଘଟିଲା?"

"କାହିଁକି ସେମାନେ ଚାଲିଗଲେ?"

"କାହିଁକି ମୋ ଭାଗ୍ୟରେ ଏହି ଅପୂର୍ଣ୍ଣତା?"

ଏହି ପ୍ରଶ୍ନମାନଙ୍କର ଉତ୍ତର ସରଳ ନୁହେଁ । କେବେ କେବେ ଉତ୍ତର ମିଳେ ନାହିଁ । କିନ୍ତୁ ସେହି ଅନୁତ୍ତର ପ୍ରଶ୍ନମାନେ ହିଁ ଆମର ମନରେ ଗଭୀର ଚିହ୍ନ ରଖିଯାନ୍ତି ।

ଜୀବନରେ ସବୁଠୁ ବେଶି ବେଦନା ଦେଉଛି ହାରାଇବା—
କିଛି ଲୋକ, କିଛି ସମ୍ପର୍କ, କିଛି ସ୍ୱପ୍ନ ।
ଯେଉଁମାନେ କେବେ ଆମର ଜୀବନର ଅବିଭାଜ୍ୟ ଅଂଶ ଥିଲେ, ସେମାନେ ଏକ ଦିନ ଅଚାନକ ଅଜଣା ହୋଇଯାନ୍ତି । ସେମାନଙ୍କ ସହ ଅନେକ ସ୍ମୃତି ରହିଯାଏ, କିନ୍ତୁ ସେମାନେ ନିଜେ ନାହାନ୍ତି । ଏହା ହେଉଛି ସେହି ବେଦନା, ଯାହାକୁ ଶବ୍ଦରେ ବ୍ୟକ୍ତ କରିବା କଷ୍ଟକର ।
ବେଦନାର ଶେଷ ପୃଷ୍ଠା ଲେଖିବାର ସମୟରେ ମନ ଦୁଇ ଭାଗରେ ବିଭକ୍ତ ହୋଇଯାଏ—
ଏକ ଭାଗ ଚାହେଁ ସବୁକିଛି ଭୁଲିଯିବାକୁ,
ଆଉ ଅନ୍ୟ ଭାଗ ଚାହେଁ ସବୁକିଛିକୁ ସ୍ମରଣ କରି ରଖିବାକୁ ।
ଏହି ଦ୍ୱନ୍ଦ୍ୱ ହେଉଛି ମନର ସବୁଠାରୁ ବଡ଼ ସଂଘର୍ଷ । ଆମେ ଆଗକୁ ବଢ଼ିବାକୁ ଚାହୁଁଥାଉ, କିନ୍ତୁ ଗତକାଲି ଆମକୁ ଟାଣି ଆଣେ । ଆମେ ନୂଆ କିଛି ଆରମ୍ଭ କରିବାକୁ ଚାହୁଁଥାଉ, କିନ୍ତୁ ପୁରୁଣା ଅନୁଭୂତିମାନେ ଆମକୁ ଅଟକାଇ ରଖନ୍ତି ।
କେବେ କେବେ ଲାଗେ—ଜୀବନ ଏକ ଅନନ୍ତ ପ୍ରତୀକ୍ଷା ।
କିଛି ଲୋକ ଫେରି ଆସିବେ ବୋଲି, କିଛି ସ୍ୱପ୍ନ ପୂରଣ ହେବ ବୋଲି,
କିଛି କଥା ପୁଣିଥରେ କହିପାରିବା ବୋଲି...
କିନ୍ତୁ ସମୟ ନିର୍ମମ । ସେ କେବେ ଫେରି ଆସେନାହିଁ, ସେ କେବଳ ଆଗକୁ ବଢ଼େ । ଏବଂ ଏହି ନିର୍ମମତା ଆମକୁ ଶିଖାଏ—କେବେ କେବେ ଅପେକ୍ଷା ଛାଡ଼ିଦେବା ମଧ୍ୟ ଜୀବନର ଏକ ଅଂଶ ।
ବେଦନାର ଶେଷ ପୃଷ୍ଠା କେବଳ ଦୁଃଖର କାହାଣୀ ନୁହେଁ ।
ଏହା ହେଉଛି ଏକ ପରିବର୍ତ୍ତନର କାହାଣୀ ।
ଯେତେବେଳେ ଆମେ ସବୁ ହରାଇ ଯାଉଛୁ, ସେତେବେଳେ ଆମେ ନିଜକୁ ଖୋଜିବାକୁ ଆରମ୍ଭ କରୁ ।
ଆମେ ବୁଝିବାକୁ ଶିଖୁ—ଆମର ସତ୍ୟ ଶକ୍ତି କ'ଣ, ଆମର ସୀମା କ'ଣ, ଆଉ ଆମେ କେମିତି ପୁଣି ଥରେ ଉଠିପାରିବୁ ।
ଏହି ପୃଷ୍ଠାରେ ଲିଖାଯାଏ—
ଭଙ୍ଗିଯାଇଥିବା ଆଶାର କଥା,
ହାରାଇଥିବା ମନୁଷ୍ୟମାନଙ୍କର ସ୍ମୃତି,
ଅପୂର୍ଣ୍ଣ ସ୍ୱପ୍ନମାନଙ୍କର ନିରବ ଅନୁଭୂତି ।
କିନ୍ତୁ ସେହି ସହିତ ଏହି ପୃଷ୍ଠାରେ ଆଉ ଗୋଟେ କଥା ମଧ୍ୟ ଲିଖାଯାଏ—

ସେହି ହେଉଛି "ଆଶା" ।

ଆଶା ହେଉଛି ସେହି ଆଲୋକ, ଯାହା ଅନ୍ଧକାର ମଧ୍ୟରେ ମଧ୍ୟ ଦେଖାଯାଏ । ବେଦନା ଯେତେ ଗଭୀର ହେଉନାହିଁ, ଆଶା ତାହାକୁ ଜୀବନ୍ତ ରଖିଥାଏ । ଏହା ଆମକୁ କହେ—

"ଏହା ଶେଷ ନୁହେଁ... ଆଉ କିଛି ବାକି ଅଛି..."

ବେଦନାର ଶେଷ ପୃଷ୍ଠା ଲେଖିବା ମାନେ ଭୁଲିଯିବା ନୁହେଁ, ଏହା ମାନେ ଗ୍ରହଣ କରିବା । ଯାହା ଘଟିଗଲା, ସେହି ଆମର ଅଂଶ, କିନ୍ତୁ ସେହି ଆମକୁ ପରିଭାଷିତ କରେନାହିଁ । ଆମେ ତାହାଠାରୁ ଅଧିକ ଶକ୍ତିଶାଳୀ ।

ଶେଷରେ, ଯେତେବେଳେ ଆମେ ସେହି ପୃଷ୍ଠାଟିକୁ ପୁରା କରୁ, ଆମେ ବୁଝିପାରୁ—

ଜୀବନ ସ୍ଥିର ହେଇକି ରହେ ନାହିଁ,ସେ ନିରନ୍ତର ଚାଲିଥାଏ...

ନୂଆ ଅଧ୍ୟାୟ, ନୂଆ କାହାଣୀ, ନୂଆ ଅନୁଭୂତି ସହିତ ।

"ବେଦନାର ଶେଷ ପୃଷ୍ଠା" ଏକ ଶେଷ ନୁହେଁ ,ଏହା ହେଉଛି ଏକ ନୂଆ ଆରମ୍ଭର ନିରବ ଘୋଷଣା ।

ତେଣୁ, ଯଦି ଆପଣ ଏବେ ସେହି ପୃଷ୍ଠାରେ ଅଛନ୍ତି ଭୟ କରନ୍ତୁ ନାହିଁ...

ଲେଖନ୍ତୁ, ଅନୁଭବ କରନ୍ତୁ...

କାରଣ ସେହି ବେଦନା ମଧ୍ୟରୁ ହିଁ ଜନ୍ମ ନେଉଛି

ଆପଣଙ୍କ ନୂଆ ଆତ୍ମା, ନୂଆ ସ୍ୱପ୍ନ, ଆଉ ନୂଆ ଜୀବ...

## ଯାଦୁଖେଳ...



**ଅଭୟ କୁଣ୍ଡ**
ସହକାରୀ ଶିକ୍ଷକ, ପଢ଼ିଆଭଙ୍ଗା,
ତାଳଚେର

କାଉଁରୀ ବାଡି ରହସ୍ୟ ହସ
ଜଣେ କରୁଛି ଗଣଙ୍କୁ ବସ
ଲଜିକ୍ ଅଳପ ମ୍ୟାଜିକ ବେଶୀ
ଶୂନ୍ୟରୁ ପଦାର୍ଥ ପଡୁଛି ଖସି ।

ଜୀବନରେ ପ୍ରତେକଟି ମୁହୂର୍ତ୍ତରୁ କିଛି ନା କିଛି ଶିଖିବାକୁ ପଡ଼ିଥାଏ ।କେତେବେଳେ ନୂଆ କିଛି ଶିଖିବାକୁ ମିଳେ ତ ଆଉ କେତେବେଳେ ସେହି ପୁରୁଣାରୁ ପୁଣି କିଛି ଶିଖିବାକୁ ହୁଏ । ସେହି ଜ୍ଞାନକୁ ଗ୍ରହଣ କରିବା ପାଇଁ ଜୀବନରେ ଗୁରୁଙ୍କର ଆବଶ୍ୟକତା ରହିଥାଏ । ଗୁରୁ ବିନା କୌଣସି କାର୍ଯ୍ୟ ସିଦ୍ଧି ହୋଇ ନ ଥାଏ ।

ପୂର୍ବେ ଆମ ଦେଶରେ ମନୋରଞ୍ଜନର ମାଧ୍ୟମ କହିଲେ ଖେଳାବୁଲା, ରେଡ଼ିଓ ଶୁଣା, ପାଲା ଦାସକାଠିଆ ଇତ୍ୟାଦିକୁ ବୁଝା ଯାଉଥିଲା । ଏବେ କିନ୍ତୁ ମନୋରଞ୍ଜନର ମାଧ୍ୟମ ବଦଳିଲାଣି । ବର୍ତ୍ତମାନର ଡିଜିଟାଲ ଯୁଗରେ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ପଦାର୍ଥ ମଣିଷର ମନୋରଞ୍ଜନର ମାଧ୍ୟମ ସାଜିଛି ।କିନ୍ତୁ ସେଇ ପୁରୁଣା ସ୍ମୃତି ଆଜି ବି ଆମ ମନରେ ଉଜ୍ଜିବୀତ ହୋଇ ରହିଛି ।

ବହୁତ ପୁରୁଣା କଥାଟିଏ । ସେତେବେଳେ ଗାଁ ମାନଙ୍କରେ କିଛି ଜଣ ବ୍ୟକ୍ତି ବୁଲି ବୁଲି ଲୋକମାନଙ୍କର ମନୋରଞ୍ଜନ ପାଇଁ ମ୍ୟାଜିକ ଦେଖାଉଥିଲେ । ସେମାନଙ୍କୁ ଯାଦୁଗର ବୋଲି କୁହାଯାଉଥିଲା । ସେମିତି ଏକ ଗାଁ ଥିଲା ବିଚିତ୍ର । ଗାଁ ରେ ପ୍ରାୟ ସମସ୍ତେ ବ୍ରାହ୍ମଣ ପରିବାର । ଚାଷବାସ ପୂଜାପାଠ ଇତ୍ୟାଦି ଉପରେ ଭରସା । କିଛି ଲୋକ ବାହାରକୁ ଯାଇ କିଛି କାମ କରି ଅର୍ଥ ଉପାର୍ଜନ କରି ପରିବାର ପୋଷଣ କରନ୍ତି ।ସେହି ଗାଁରେ ବାସ କରୁଥିଲା ଯାଦୁଗର ସନାତନ । ସନାତନ ତା'ର ଗୁରୁଙ୍କ ଠାରୁ ବହୁତ ଗୁଡ଼ିଏ ଯାଦୁ ଶିଖିଥିଲା ।ପ୍ରତିଦିନ ସକାଳୁ ସେ ତା'ର ଯାଦୁପେଡ଼ି ଧରି ବାହାରିଯାଏ । ଦୂର ଦୁରାନ୍ତର ଗାଁ ଗଣ୍ଡା ବୁଲି ଯାଦୁ ଦେଖାଇ ଲୋକଙ୍କ ଠାରୁ ଟଙ୍କା ପଇସା ଚାଉଳ ଇତ୍ୟାଦି ସଂଗ୍ରହ କରେ ଓ ତାର ପରିବାର ପରିପୋଷଣ କରେ । ଘରେ ବାପାମା, ସ୍ତ୍ରୀ ଆଉ ଦୁଇଟି ପିଲା । ସନାର ଯାଦୁ ଖେଳ ଏତେ ପ୍ରସିଦ୍ଧି ଅର୍ଜନ କଲା ଯେ ଖୁବ କମ୍ ଦିନ ମଧ୍ୟରେ ସେ ଜଣେ ଭଲ ଯାଦୁଗର ରୂପେ ଜଣାଶୁଣା ହେଲା ।ଏମିତି କି ଗାଁର ମେଳା ମହୋତ୍ସବ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଖୋଜାପଡେ ସନା ଯାଦୁଗର । କାହିଁ କେତେ ଦୂରରୁ ଲୋକେ ଧାଇଁ ଆସନ୍ତି ସନାର ଯାଦୁଗିରି ଦେଖିବା ପାଇଁ ।ସେ ଏପରି ଯାଦୁ ଶିଖିଥିଲା ଯେ ମଣିଷକୁ ବେଙ୍ଗ ଓ କୁକୁରକୁ ମଣିଷ କରି ଦେଇପାରୁଥିଲା ।ଲୋକେ ତା'ର ଯାଦୁ ଦେଖି ତାକୁ ଏତେ ଉତ୍ସାହିତ କରନ୍ତି

ଯାହାଦ୍ୱାରା ସେ ସବୁବେଳେ କିଛି କିଛି ନୂଆ ଯାଦୁ କରିବାକୁ ଚେଷ୍ଟା କରେ ।ଏମିତି କିଛି ବର୍ଷ ଭିତରେ ସନା ଘରଦ୍ୱାର, ଜମିବାଡ଼ି, ସମ୍ପତ୍ତି ବହୁତ୍ କିଛି କରିଗଲା ।

ଦିନକୁ ଦିନ ସନାର ଲୋଭ ବଢ଼ି ବଢ଼ି ଚାଲିଲା । ନିଜର ପ୍ରସିଦ୍ଧି ପାଇଁ ସେ ଗର୍ବ ଅନୁଭବ କଲା । ଏବେ ସେ ତା'ର ସେହି ଛୋଟ ଯାଦୁ ବିଦ୍ୟାରେ ଖୁସି ହୋଇ ରହିଲା ନାହିଁ । ସେ ନୂଆ କିଛି କରି ଅଧିକ ରୋଜଗାର କରିବା ପାଇଁ ଚିନ୍ତା କଲା ।ତେଣୁ ମନ୍ତ୍ରତନ୍ତ୍ର ଶିଖିବା ପାଇଁ ଦୂର ଏକ ଅରଣ୍ୟ ମଧ୍ୟରେ ଥିବା ଗୁପ୍ତ ଗ୍ରାମ ମାୟାପୁରକୁ ଗଲା । ସେ ସେହି ଗ୍ରାମ ବିଷୟରେ ପୂର୍ବରୁ କିଛି ଶୁଣିଥିଲା । ସେଠାରେ ପହଞ୍ଚି ଗୁରୁ ମାୟାଧରଙ୍କ ଠାରୁ ସମସ୍ତ ଗୁଣି ଓ ମନ୍ତ୍ରତନ୍ତ୍ର ଶିଖିବାକୁ ଅନୁମତି ମାଗିଲା । ଗୁରୁଦେବ ମଧ୍ୟ ତାକୁ ଆହୁରି କିଛି ନୂଆ ନୂଆ ଯାଦୁ ଶିଖାଇଲେ । ଦିନେ ସନାତନ ଲକ୍ଷ୍ୟ କଲା ଗୁରୁଦେବଙ୍କ ପାଖରେ ଏପରି ଏକ ପୁରୁଣା ପୋଥି ଅଛି ଯେଉଁଥିରୁ ଗୁରୁ ଅନ୍ୟମାନଙ୍କୁ ଯାଦୁ ଓ ଗୁଣି ବିଦ୍ୟା ଶିଖାଉଥିଲେ ।

ସନାତନ ସେହି ପୋଥିଟିକୁ ନିଜର କରିବା ପାଇଁ ଚେଷ୍ଟା କଲା । ଦିନେ ରାତିରେ ଗୁରୁଦେବ ଶୋଇଥିବା ସମୟରେ ସନା ସେହି ପୋଥି ନେଇ ଅନ୍ୟତ୍ର ପଳାୟନ କଲା । ନିଜ ଗାଁ ଛାଡି ଅନ୍ୟ ଏକ ଗ୍ରାମରେ ରହିଲା ।ନିଜେ ସେହି ପୋଥିରୁ ଜ୍ଞାନ ସଂଗ୍ରହ କରିବାକୁ ଚେଷ୍ଟା କଲା । ହେଲେ କଣ ହେବ କଥାରେ ଅଛି ଗୁରୁ ବିନା କୌଣସି କାର୍ଯ୍ୟ ସିଦ୍ଧି ହୁଏ ନାହିଁ ।

ଏକଦା ସନା ତା'ର ସମସ୍ତ ସାମଗ୍ରୀ ଧରି ଦୂର ଏକ ଗ୍ରାମକୁ ଯାଦୁ ପରିବେଷଣ ନିମନ୍ତେ ଯାଇଥିଲା । ସେ ତାର ଯାଦୁ ପେଡ଼ି ଖୋଲି ସମସ୍ତ ଯାଦୁ ପରିବେଷଣ କଲା । ସେଦିନ କିନ୍ତୁ ଲୋକଙ୍କର ଆଶା ଅଲଗା ଥିଲା । କିଛି ବ୍ୟକ୍ତି ନୂଆ ଯାଦୁ ପରିବେଷଣ କରିବା ପାଇଁ କହିଲେ । ସନାତନ ଯେଉଁ ଯାଦୁ ପରିବେଷଣ କରିବାକୁ ଲାଗିଲା ତାହା ଲୋକଙ୍କ ମନ ପସନ୍ଦ ହେଲା ନାହିଁ । ଶେଷରେ ସନାତନ ସେହି ପୋଥିରେ ପଢିଥିବା ଏକ ନୂତନ ଗୁଣି ବିଦ୍ୟା ଆରମ୍ଭ କଲା । ନିଜ ଗୁଣି ବଳରେ ପ୍ରଥମେ ସେ ଭୂମି ଉପରେ ଶୋଇ ରହିଲା ଓ ପରେ ଭୂମିଠାରୁ କିଛି ଉଚ୍ଚତାକୁ ଉଠିଗଲା । ଲୋକମାନେ ତାଳି ମାରି ଉତ୍ସାହିତ କଲେ କିନ୍ତୁ ସେହି ସମୟରେ ସନାତନର ବିଦ୍ୟା ମନେ ପଡ଼ିଲା ନାହିଁ । ନିଜେ ରକ୍ଷା କର ରକ୍ଷା କର ବୋଲି ଚିତ୍କାର କଲା । ଶେଷରେ ଯାଦୁଖେଳ ଦେଖାଉ ଥିବା ସମୟରେ ତଳେ ପଡ଼ି ନିଜର ଜୀବନ ଗଲା ।

କଥାରେ ଅଛି ଅଳ୍ପ ବିଦ୍ୟା ଭୟଙ୍କରୀ । ବିଛା ମନ୍ତ୍ର ନ ଜାଣି ସାପ ଲାଞ୍ଜରେ ହାତ ମାରିବାର ଫଳ ଅକାଳ ମୃତ୍ୟୁ ଯାହା ସନା ଜୀବନରେ ଘଟିଲା । ସମସ୍ତେ ବୁଝିବା ଯେ ବିଦ୍ୟା ଚୋରି ହୁଏ ନାହିଁ ସାଧନାରେ ସିଦ୍ଧି ମିଳେ ।

## ପ୍ରତୀକ୍ଷା...



ପ୍ରଭାକର ଶତପଥୀ
ଶିବାନନ୍ଦ ସାହି, ଭଞ୍ଜନଗର

ଦିପହର ଟା ବହୁତ ଖାଁ ଖାଁ ଲାଗୁଚି । ସତେ ଯେମିତି ପୃଥିବୀଟା ଅବେଳ ରେ କ୍ଲାନ୍ତ ହୋଇ ଶୋଇ ପଡିଛି ।କିନ୍ତୁ ମୁଁ ଛଟପଟ ହେଉଛି । ବହୁତ ଚେଷ୍ଟା କରୁଛି ନିଜକୁ ସହଜ କରି ନେବା କୁ । ପୁରୁଣା ଦିନ ସବୁ ଅହରହ ମନ କୁ ଆସି ମନ କୁ ବିଭ୍ରାନ୍ତ କରି ବସୁଛି । ଇମିତି କ୍ଲାନ୍ତ ଅପରାହ୍ନ ରେ ଆଖିଟା ଲାଗି ଆସିଲା ବେଳକୁ କୁ ଲିପିକାର ମେସେଜର ଟୁଣ ଟାଣ ଶବ୍ଦରେ ଆଖି ଖୋଲି ଯାଏ କିନ୍ତୁ ସେଦିନ ଆଉ ନାହିଁ ।

ଲିପିକା ନିରୁଦିଷ୍ଟ ହେବାର ଅନେକ ଦିନ ହେଲାଣି । ଏଇ ନିରୁଦିଷ୍ଟ ଶବ୍ଦ ଟା କେଜାଣି ଖାପଛଡ଼ା ଖାପଛଡ଼ା ଲାଗୁଚି । ଲିପିକା ଅଛି ସେ ଯେଉଁ ଠିକଣା ରେ ଥିଲା ସେମିତି ଅଛି କିନ୍ତୁ ମୋ ନିକଟ ରୁ ହଜି ଯାଇଛି । ସେ ମୋ ପାଖରେ ବର୍ତ୍ତମାନ ଅପହଞ୍ଚ ଦୂରତା ମଧ୍ୟରେ । ସେ ନିରୁଦିଷ୍ଟ ବୋଲି ନା ଖବରକାଗଜ ରେ ବିଜ୍ଞାପନ ଦେଇପାରୁଛି ନା ନିକଟସ୍ଥ ପୋଲିସ ଷ୍ଟେସନରେ ଏତଲା ଦେଇ ପାରୁଛି? ଗୋଟିଏ ଭୟଙ୍କର ଅସହାୟତା ଭାବ ତାକୁ ଜାବୁଡି ଧରୁଛି । ସେ ଯେ ନିଜେ ମୋ ପାଖରୁ ହଜି ଯିବି ବୋଲି ହଜି ଯାଇଛି ।

ସମୟ ଦିନ ବାର ତିଥି ମନେ ମନେ ନାହିଁ । ସେ ଏକ କ୍ଷଣିକ ଦେଖା ରେ ମୁଁ ଲିପିକା କୁ ଭଲପାଇ ବସିଥିଲି ।ଆଉ ସେତେବେଳେ ସମ୍ପୁର୍ଣ୍ଣ ପୃଥିବୀ ଆଦ ।ମ ଆଉ ଇଭ ଙ୍କୁ ଈଶ୍ୱର ଦେଲା ଭଳି ଏ ପୃଥିବୀ କେବଳ ଆମର ଥିଲା ।ସେ ଥିଲା ଏକ ନିସର୍ତ୍ତ ଭଲ ପାଇବା ।

ପ୍ରେମରେ ସର୍ତ୍ତ କୋଠି ଥାଏ ଯେ ଲିପିକା କୁ ଭାବି ନେଲେ ମୋ ମନରେ ଏକ ଅହେତୁକ ଉଣ୍ଣଦନା ଆଉ କୃଷ୍ଣଚୂଡ଼ା ର ଲାଲ ଟହଟହ ଫୁଲ ରେ ମୋ ଦେହ ରୋମାଞ୍ଚାତିତ ହୋଇ ଉଠୁଥିଲା । ପ୍ରେମରେ ସମୟ ର ହିସାବ ମନେ ରହେନି । । ବେଳାଭୂମି ରୁ ମଲ । ଶାମୁକା କୁ ସାଉଁଟିଲ । ପରି ଆଜି ଲିପିକା ର ସ୍ମୃତି କୁ ମୁହୂର୍ତ୍ତ ମୂହୁର୍ତ୍ତ ଭାବରେ ମୁଁ ସାଉଁଟି ଚାଲିଛି ।

ମୋ ମନର ନଈରେ କାଚକେନ୍ଦୁ ଧିର ଜଳରେ ଅହରହ ଇତିକ ।ର ମୁହଁ ପ୍ରତିବିମ୍ବିତ । ତାର ଢ଼ଳ ଢ଼ଳ କଥା କୁହା ଆଖି ଗୁଡାକ ମତେ ଲାଗୁ ଥିଲା କୋ ଅଗନ୍ । ଅଗନି ବଣ ମଝିରେ ଥିବା ସରୋବର ର ନିର୍ମଳ ପାଣି ରେ ପ୍ରତିବମ୍ବିତ ହେଉ ଥିବା ମୁହଁ ଭଳି ପବିତ୍ର ଆଉ ନିଷ୍କଟକ । ସମୟ କୁ ରୋକି ପାରିଲା ଭଳି ତାର ଚାହାଣି ମତେ ପ୍ରତ୍ୟକ ସମୟ ରେ ବାଉଳା କରିଛି । ଯେତେ ଥର ଦେଖିଲେ ବି ମୋତେ ଅନୁଭବ ହୁଏ ମୁଁ ତାକୁ ନୂଆଁ କରି ହିଁ ଦେଖୁଛି ।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

କିଛି କହନ୍ତି ପ୍ରେମ ପୁରୁଣା ହେଲେ ଆକର୍ଷଣ କମି କମି ଯାଏ କିନ୍ତୁ ଲିପିକାର ସାନିଧ୍ୟ ମତେ ସବୁ ସମୟ ରେ ନୂତନତ୍ୱ ହିଁ ଦେଇଛି ।

ପ୍ରଥମେ ପ୍ରଥମେ ଲିପିକା ମୋ ପାଖରେ ସଂକୋଚିତ ସଂକୋଚିତ ହେଉଥିଲା କିନ୍ତୁ ସମୟ ଗଡ଼ି ଚାଲିଲା ପରେ ଭଲ ପାଇବାରେ ପରିଣତ ହେଇ ପଡିଲା ଏବଂ ଛାତି ଉପରେ ମୁଣ୍ଡ ରଖି ଏକ ଭୟ ବିଜଡିତ ସଂକୋଚିତ ଭାବରେ ପଚାରି ଥିଲା -'ମତେ ଅଧାରୁ ଛାଡ଼ି ଚାଲି ଯିବ ନି ତ ?'କିନ୍ତୁ, ଅତନୁର ନିର୍ଭର ପ୍ରତିଶୃତି –'ନାଁ ଏଜନ୍ମ ରେ କାହିଁକି ସାତ ଜନ୍ମ ରେ ବି ନୁହଁ' ଏ କଥା ପଦିକ ପରେ ଲିପିକାର ଭଲ ପାଇବା ବହୁତ ବଢ଼ି ଯାଇ ଥିଲା ।

ଲିପିକା ସହିତ ସମ୍ପର୍କ କେବଳ ଭାବନା ରେ ନୁହଁ ବରଂ ଅଧିକ ବିଶ୍ୱାସ ରେ ଥିଲା । ତାର ରାଗ ହସ, ଅଭିମାନ, ବିରକ୍ତି କେଜାଣି ସବୁ ଭଲ ଲାଗେ । କିନ୍ତୁ ସମୁଦ୍ର ସ୍ଥିର ହେଇଗଲା ଆକାଶଟା ମୁଣ୍ଡ ଉପରେ ଭାଙ୍ଗି ପଡ଼ିଲା । ଲିପିକା ହଠାତ୍ ଦିନେ ମେସେଜ କଲା ଯେ ତାକୁ କୌଣସି ପ୍ରକାରେ ମେସେଜ କି ଫୋନ ମୁଁ ଯେମିତି ନ କରେ । ପ୍ରଥମେ ଅତନୁ ମନରେ ଧାରଣା ହେଇ ଥିଲା ଏହା ପ୍ରେମିକା ସୁଲଭ ଧମକ । ଏତେ ଭଲ ପାଇବା କଣ ଇମିତି ଭାଙ୍ଗି ଯାଏ? କିନ୍ତୁ ସତରେ ତାହା ଧମକ ନଥିଲ ।, ବାସ୍ତବକିତ । ଥିଲା । ଅତନୁ ଯେତେ ବୁଝାଇବାକୁ ଚେଷ୍ଟା କରିଛି କିନ୍ତୁ ତା'ର ଫଳ ଏଆ ହେଲା ବହୁତ ଫୋନ ଆଉ ମେସେଜ କଲା ପରେ ତାର ଉତ୍ତର ଆସିଲା ଯେ କୌଣସି ପ୍ରକାରେ ମୁଁ ତାହା ସହ ଯୋଗାଯୋଗ ରଖିବାକୁ ଚେଷ୍ଟା କଲେ ସେ ପୋଲିସ ର ଆଶ୍ରୟ ନେବ ।

ଅତନୁକୁ ଲାଗିଲା ଯେପରି ମଝି ମରୁଭୂମିରେ ଆଞ୍ଜୁଳ । ଆଞ୍ଜୁଳ । ଉତ୍ତପ୍ତ ବାଲି ଗୁଡାକ ତା ଦେହ ମୁହଁ ରେ କିଏ ଛାଟି ଦେଉଛି । କି ଅସହ୍ୟ ଯନ୍ତ୍ରଣା ସତରେ ଯେଉଁଠି ଅନ୍ତରଙ୍ଗତା ନିବିଡ଼ ଭାବେ ଥାଏ ସେଠି କଥା କଟା କଟି ମୁହଁ ଫୁଲା ଅଭିମାନ ତ ସାଧାରଣ କଥା । ସତରେ କଣ ହେଇଛି ଆଉ କିଏ କଣ କହି ଲିପିକା ମନରେ କିଛି ଭାବାନ୍ତର ସୃଷ୍ଟି କରିନିତ?

ଏସବୁ ଭାବି ଅତନୁକୁ ମେସେଜ ରେ ସବୁକଥା ଲେଖିବାକୁ ପ୍ରାୟ ଦେଢ଼ଘଣ୍ଟା ଲାଗିଲା । ଲେଖିସ ।ରି ପଢିବାକୁ ଓ ସଂଶୋଧନ କରିବାକୁ ଆଉ କିଛି ସମୟ । ଶେଷରେ ସେ ମେସେଜଟାକୁ ଡିଲିଟ କରିଦେଲା ।ସବୁଥର ଭଳି । କିନ୍ତୁ କାହିଁକି? ଆକ୍ଷିରୁ ଦୁଇ ଧାର ଅମାନିଆ ଲୁହ ଝରିଆସିଲା ।

ନିଜର ପାଗଳାମି ପାଇଁ ସେଇ ଲୁହ ଭର୍ତି ମୁହଁରେ ବି ପାଗଳ ଭଳି ହସି ପକାଇଲା ମଲ ।ମାଛ ର ଆଖି ଭଳି ନିଜ ଆଖିରେ ଅଛି ଖାଲି ନିସ୍ତେଜ ଭାବ । ଲିପିକା ଯେ ତା' ମୋବାଇଲ ନମ୍ବରକୁ ବ୍ଲକ କରିଛି ଆଉ ତାକୁ ବାରଣ କରିଛି କୌଣସି ଭାବରେ ସମ୍ପର୍କ ନ ରଖିବାକୁ ଏହା ଜାଣି ବି ସେ କିପରି ଥରକୁ ଥର ମୋବାଇଲ

ରେ ଲେଖୁଛି ଆଉ ଡିଲିଟ କରୁଛି ଆଉ ପରସ୍ତ ପରସ୍ତ କାଗଜ ରେ ମନର ଦୁଃଖକୁ ଲେଖୁଛି ଆଉ ଟିକ୍ ଟିକ୍ କରି ଚିରି ଉଡ଼ାଇ ଦେଉଛି ।

ଆଜି ସତରେ ଭାବି ପାରୁନି କିମିତି ଏତେ ସହଜ ରେ ମୋବାଇଲ ରୁ ମେସେଜ ଡିଲିଟ କଲା ଭଳି ତା ଜୀବନ ରୁ ମତେ ଡିଲିଟ କରି ଦେଲା? ମୋବାଇଲରୁ ଡିଲିଟ୍ କଲାଭଳି ସବୁ ସ୍ମୃତି ସବୁ ଦୁଃଖକୁ ଯଦି ଡିଲିଟ୍ କରିହୁଅନ୍ତା ଜୀବନ କେତେ ସରସ ଆଉ ସୁନ୍ଦର ହେଇ ପଡ଼ନ୍ତ ।

ସେ ଲିପିକାର ପ୍ରେମରେ ମୋହବିଷ୍ଟ ଆଉ ମଣିଷ ମାୟାଜାଲ ଭିତରର ଅନ୍ଧଗଳି ଭିତରେ ପ୍ରବେଶ କରି ଗଲେ ଯେ ଏ ଜୀବନ ରେ ସେ ଭିତରୁ ବାହାରି ପାରି ନଥାଏ ସେପରି ତା'ରି ଭଲପାଇବାର ଅଭିନୟ ଭିତରେ ସେ ବନ୍ଦୀ । ଆଜି ଯାଏଁ ସେ ଭଲ ପାଇବାର ଅଭିନୟ କରି ଆସୁଥିଲା ଏ ସତ୍ୟକୁ ତା' ମନ ଗ୍ରହଣ କରି ପାରୁନି । ଆଉ ମନ ଖାଲି ଗୁମୁରି ଗୁମୁରି ତା'ରି ସ୍ମୃତିକୁ ମନେପକାଇ ଲୁହ ଝରାଉଛି । ଆଜି ବୁଝୁଛି ମଣିଷ କାହିଁକି ଆତ୍ମହତ୍ୟା କରେ ଯେତେବେଳେ ସେ ଆକାଶ ଭଳି ଅସୀମ ଅଛିଣ୍ଡ । ଅସହାୟତା ଭିତରକୁ ଟାଣି ହେଇଯାଏ ସେତେବେଳେ,ମଣିଷକୁ ସବୁ ଅସୂୟା ଅନୁଭବ ହୁଏ । ଆଉ ମଣିଷ ଏକ ଚରମ ନିଷ୍ପତ୍ତି ନେଇ ଯାଏ ।ନିଜକୁ କେତେ ବୁଝାଇଲେ ବି ମନ ବୁଝି ପାରୁ ନାହିଁ । ଆଉ ଲାଗୁଚି ମସ୍ତିଷ୍କ ର ସମସ୍ତ ସ୍ନାୟୁତନ୍ତ୍ରୀ ସବୁ ଛିଣ୍ଡି ଯାଉଛି ।

ଫାଶୀଦଣ୍ଡକୁ ଶୁଣାଇବା ପୂର୍ବରୁ ବି ଆସାମୀ ଠାରୁ ବିଚାରପତି ତାକୁ ନିଜ କଥା କହିବା କୁ ସୁଯୋଗ ଦିଅନ୍ତି କିନ୍ତୁ ଆଜି ବି ଅତନୁ ଭାବି ପାରୁନି ତାର ଭୁଲ କଣ ଥିଲା?ଅତ୍ୟନ୍ତ ଏତକି ଯଦି ଜାଣିପାରି ଥାଆନ୍ତା ତେବେ ହୁଏତ ଅବଶିଷ୍ଟ ଜୀବନ ନିଜକୁ ଗୋଟିଏ ଅପ୍ରାପ୍ତି ଭିତରେ ବଞ୍ଚି ବାକୁ ପଡି ନଥାନ୍ତ । । ଲିପିକାର ସାମାଜିକ ମର୍ଯାଦ । କୌଣସି ଦିନ ନଷ୍ଟ ହେଉ ମୁଁ ଚାହିଁ ନଥିଲି । ଗୋଟିଏ ପକ୍ଷୀକୁ ଦୀର୍ଘ ଦିନ ପିଞ୍ଜରା । ଭିତରେ ରଖି ସାରିଲା ପରେ ପକ୍ଷୀ କୁ ପିଞ୍ଜରା ମୁକ୍ତ କଲେ ହୁଏତ ଲାଗିବ ପକ୍ଷୀ ପିଞ୍ଜରାରୁ ମୁକ୍ତି ହେଇ ଖୁସି ରେ ଅନନ୍ତ ଆକାଶ ଆଡ଼କୁ ଉଡ଼ି ଚାଲି ଯିବ କିନ୍ତୁ ଏ ଭିତରେ ଯେ ପକ୍ଷୀଟା ଉଡ଼ିବ । ଭୁଲି ଯାଇଛି ତେଣୁ ଉଡ଼ିବ ବା କିମିତି?ଆଜି ମୋର ସେ ପକ୍ଷୀ ଭଳି ଅବସ୍ଥା ।

ଶୁଣିଛି ଭଲ ପାଇବାର ଗୋଟେ ଅସୀମ ଶକ୍ତି ଥାଏ ।ଆଉ ମୋ ଭଲ ପାଇବାକୁ ଆଜି ବି ବିଶ୍ୱାସ ଅଛି ।ଦିନେ ମୋ ଭଲପାଇବା ମୋ ପାଖକୁ ଫେରି ଆସିବ ।ମନଟା ପୁଣି ଅନାବନା ହେଇଗଲା ପୁଣି ଥରେ ମୋବାଇଲ ରେ ଟାଇପ୍ କରି ବସିଲି ଲିପିକା ପ୍ଲିଜ, ଫେରିଆ କିନ୍ତୁ ନିଜକୁ ସ୍ୱପ୍ନର ଦୁନିଆଁରୁ ବାହାରି ଆସି ମେସେଜ କୁ ଥର ଥର ହାତରେ ଡ଼ିଲିଟ କଲି । ସେ ଯେ ମୋ ନମ୍ବର କୁ ବ୍ଲକ କରି ଦେଇଛି

ପୁରୁଣା ସ୍ମୃତି ପୁରୁଣା ଅଭ୍ୟାସ ସତରେ କଣ ସହଜ ରେ ବଦଳ । ଯାଇପାରେ? ଏ ଭିତରେ ବହୁତ୍ କିଛି ବଦଳି ଯାଇଛି କିନ୍ତୁ ମନ ତାକୁ କୌଣସି ପ୍ରକାରେ ବି ଗ୍ରହଣ କରି ପାରୁନି । ଆଉ ଅନୁଭବ କରୁଛି ଚତୁର୍ଦ୍ଦିଗ

ରେ ଖାଲି ଅଖଣ୍ଡ ନୀରବତା । ଦିନରେ ମଧ୍ୟ ରାତ୍ରି ର ନିର୍ଜନତା କୁଢେଇ ହୋଇ ପଡିଛି । ଆଉ ମୁଁ ପ୍ରତୀକ୍ଷା କରୁଛି ଲିପିକାକୁ କେତେବେଳେ ସକାଳ ହେବ ଆଉ ମୋ ଦେହରେ ପଙ୍କ କାଦୁଅ ଭଳି ସାଲୁ ବାଲୁ ହେଇ ଲାଗିଥିବା ଅନ୍ଧାର ସବୁ ସକାଳ ର ସୂର୍ଯ୍ୟର କିରଣ ରେ ଧୋଇ ହେଇ ଯିବ ।



## ଆଇନଷ୍ଟାଇନଙ୍କ ଯୁଦ୍ଧ ଉପରେ ଉକ୍ତି...



ଅସିତ ମହାନ୍ତି
ସୁଜନପୁର, ଯାଜପୁର

ଆଲବର୍ଟ ଆଇନଷ୍ଟାଇନ୍ (୧୮୭୯-୧୯୫୫) ଜଣେ ଜର୍ମାନ ଜନ୍ମିତ ତତ୍ତ୍ୱିକ ପଦାର୍ଥବିଜ୍ଞାନୀ ଥିଲେ, ଯିଏ ଆପେକ୍ଷିକତା ତତ୍ତ୍ୱ ବିକଶିତ କରିବା ପାଇଁ ପ୍ରସିଦ୍ଧ, ଯାହା ଆଧୁନିକ ପଦାର୍ଥ ବିଜ୍ଞାନରେ ବିପ୍ଳବ ଆଣିଥିଲା । ସେ $E = mc^2$ ସମୀକରଣ ପାଇଁ ମଧ୍ୟ ପ୍ରସିଦ୍ଧ, ଯାହା ବସ୍ତୁତ୍ୱ ଏବଂ ଶକ୍ତି ମଧ୍ୟରେ ସମ୍ପର୍କ ବର୍ଣ୍ଣନା କରେ ।ଯୁଦ୍ଧ ଉପରେ ତାଙ୍କର ଉକ୍ତି ଅବର୍ଣ୍ଣନୀୟ ।ଆଇନଷ୍ଟାଇନ ଯୁଦ୍ଧକୁ ମାନବତାର ସବୁଠାରୁ ବଡ଼ ବିଫଳତା ବୋଲି କହିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ଯୁଦ୍ଧ କେବଳ ବିନାଶ ଏବଂ ଦୁଃଖ ଆଣିଥାଏ, ଯେତେବେଳେ ଶାନ୍ତି ପ୍ରକୃତ ପ୍ରଗତିର ପଥ ।

ଆଲବର୍ଟ ଆଇନଷ୍ଟାଇନ କହିଥିଲେ, "ମୁଁ ଜାଣିନାହିଁ ଯେ ତୃତୀୟ ବିଶ୍ୱଯୁଦ୍ଧ କେଉଁ ଅସ୍ତ୍ର ସହିତ ଲଢ଼ାଯିବ, କିନ୍ତୁ ଚତୁର୍ଥ ବିଶ୍ୱଯୁଦ୍ଧ ପଥର ଏବଂ ବାଡ଼ି ସହିତ ଲଢ଼ାଯିବ ।" ଏହି ଉକ୍ତି ଯୁଦ୍ଧର ଭୟଙ୍କରତା ଏବଂ ଏହାର ପରିଣାମକୁ ଗଭୀର ଭାବରେ ପ୍ରତିଫଳିତ କରେ । ଆଇନଷ୍ଟାଇନ ବିଶ୍ୱାସ କରୁଥିଲେ ଯେ ବିଜ୍ଞାନ ଏବଂ ଜ୍ଞାନକୁ ବିନାଶ ନୁହେଁ, ମାନବ କଲ୍ୟାଣ ପାଇଁ ବ୍ୟବହାର କରାଯିବା ଉଚିତ । ତାଙ୍କ ଧାରଣା ଆମକୁ ଶିକ୍ଷା ଦିଏ ଯେ କେବଳ ଶାନ୍ତି, ସହଯୋଗ ଏବଂ ବୁଝାମଣା ଭବିଷ୍ୟତକୁ ସୁରକ୍ଷିତ କରିପାରିବ, ଯେତେବେଳେ ଯୁଦ୍ଧ କେବଳ ଅନ୍ଧକାର ଏବଂ ବିନାଶ ଆଡ଼କୁ ନେଇଯାଏ । ଆଇନଷ୍ଟାଇନଙ୍କ ଯୁଦ୍ଧ ଉପରେ ଉକ୍ତି ଆଜିର ପରିସ୍ଥିତିରେ ଗଭୀର ପ୍ରାସଙ୍ଗିକତା ରଖେ । ସେ ଚେତାବନୀ ଦେଇଥିଲେ ଯେ ଯଦି ମାନବଜାତି ଯୁଦ୍ଧ ପ୍ରତି ପ୍ରବୃତ୍ତିକୁ ବନ୍ଦ ନ କରେ, ତେବେ ସଭ୍ୟତା ନିଜ ପତନ ଆଡକୁ ମୁହାଁଇବ । ଯେତେବେଳେ ବିଶ୍ୱର ବିଭିନ୍ନ ସ୍ଥାନରେ ସଂଘର୍ଷ ଜାରି ରହିଛି - ଏହା ମଧ୍ୟପ୍ରାଚ୍ୟରେ ହିଂସା ହେଉ, ୟୁରୋପରେ ଯୁଦ୍ଧ ହେଉ, କିମ୍ବା ଏସିଆରେ ବଢୁଥିବା ଉତ୍ତେଜନା - ଆଇନଷ୍ଟାଇନଙ୍କ ଚେତାବନୀ ଆମକୁ ବାରମ୍ବାର ମନେ ପକାଇ ଦେଉଛି ଯେ ଯୁଦ୍ଧ କେବଳ ବିନାଶ ଏବଂ ଅନ୍ଧକାର ଆଡ଼କୁ ନେଇଯାଏ ।

ଆଜିର ଯୁଦ୍ଧରେ ପ୍ରଯୁକ୍ତିବିଦ୍ୟା ଅସ୍ତ୍ରଶସ୍ତ୍ର ଏବଂ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରାଯାଉଛି । ଆଇନଷ୍ଟାଇନଙ୍କ ପୂର୍ବାନୁମାନ ଅନୁଯାୟୀ ଏହି ପରିସ୍ଥିତି ହେଉଛି - ତୃତୀୟ ବିଶ୍ୱଯୁଦ୍ଧ ପରେ, ମାନବଜାତି ଏତେ ଧ୍ୱଂସପ୍ରାପ୍ତ ହେବ ଯେ ଚତୁର୍ଥ ଯୁଦ୍ଧ ପଥର ଏବଂ ବାଡ଼ି ସହିତ ଲଢ଼ାଯିବ । ଆଧୁନିକ ଯୁଦ୍ଧରେ ପରମାଣୁ ଅସ୍ତ୍ରଶସ୍ତ୍ର ଏବଂ ଡ୍ରୋନ ପ୍ରଯୁକ୍ତିର ବ୍ୟବହାର ଏହି ବକ୍ତବ୍ୟକୁ ଆହୁରି ଭୟଙ୍କର କରିଥାଏ । ଯଦି ଏଗୁଡ଼ିକୁ ବଡ଼ ପରିମାଣରେ ବ୍ୟବହାର କରାଯାଏ, ତେବେ ସଭ୍ୟତାର ଅସ୍ତିତ୍ୱ ବିପଦରେ ପଡ଼ିପାରେ । ଆଇନଷ୍ଟାଇନ ବିଶ୍ୱାସ କରୁଥିଲେ ଯେ ବିଜ୍ଞାନ ଏବଂ ଜ୍ଞାନକୁ ବିନାଶ ନୁହେଁ, ମାନବ କଲ୍ୟାଣ ପାଇଁ ବ୍ୟବହାର କରାଯିବା

ଉଚିତ । କିନ୍ତୁ ଆଜି ଆମେ ଦେଖୁଛୁ ଯେ ବୈଜ୍ଞାନିକ ପ୍ରଗତିରେ ଏକ ବଡ଼ ଅଂଶ ଅସ୍ତ୍ରଶସ୍ତ୍ର ବିକାଶରେ ବିନିଯୋଗ କରାଯାଉଛି । ଏହି ଧାରା ଆଇନଷ୍ଟାଇନଙ୍କ ଚେତାବନୀକୁ ଜୀବନ୍ତ କରିଥାଏ । ଯୁଦ୍ଧ ସମୟରେ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ଭଳି କ୍ଷେତ୍ରଗୁଡ଼ିକୁ ଅବହେଳିତ କରାଯାଏ ଏବଂ ସମାଜର ଧ୍ୟାନ କେବଳ ସାମରିକ ଶକ୍ତି ଉପରେ ପଡ଼ିଯାଏ ।ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଦୃଷ୍ଟିଗୋଚର ହେଉଛି ଯେ ପ୍ରତ୍ୟକ ଦେଶ ପ୍ରତିରକ୍ଷା ବଜେଟ ରେ ସବୁଠାରୁ ଅଧିକ ଅର୍ଥ ବିନିଯୋଗ କରୁଛନ୍ତି ,ଯାହା ପ୍ରତ୍ୟକ ବର୍ଷ ବୃଦ୍ଧି ପାଇବାରେ ଲାଗିଛି । ଏପରି ଅବସ୍ଥା ଯୁଦ୍ଧର ତୀବ୍ରତାକୁ ପ୍ରଖର କରୁଛି । ଅର୍ଥାତ ଏପରି ଯୁଦ୍ଧର ପରିବେଶ ସୃଷ୍ଟି କରାଯାଉଛି ଯେ ସମସ୍ତେ ନିଜର ପ୍ରତିରକ୍ଷା ପାଇଁ ପ୍ରତିରକ୍ଷା ବଜେଟ ରେ ବୃଦ୍ଧି କରୁଛନ୍ତି । ଏପରି ଅବସ୍ଥା ବିକଶିତ ଦେଶମାନେ ସୃଷ୍ଟି କରୁଛନ୍ତି , ଯେଉଁମାନେ ଅସ୍ତ୍ର ଶସ୍ତ୍ର ଉତ୍ପାଦନ କରୁଛନ୍ତି । ଅନ୍ୟ ଦେଶମାନେ ଏହି ବିକଶିତ ଦେଶମାନଙ୍କ ଠାରୁ ଅସ୍ତ୍ର ଶସ୍ତ୍ର କ୍ରୟ କରିବାକୁ ବାଧ୍ୟ ହେଉଛନ୍ତି ,ଯାହା ଫଳରେ ବିକଶିତ ଦେଶ ମାନଙ୍କର ଅର୍ଥନୀତି ପ୍ରଗତିଶୀଳ ହେଉଛି ଏବଂ ବିକାଶଶୀଳ ଦେଶ ମାନଙ୍କର ଅର୍ଥନୀତି ବିପଦ ପୂର୍ଣ୍ଣ ସ୍ଥିତିରେ ରହିବାକୁ ବାଧ୍ୟ ହେଉଛି । ସେମାନେ ଜନମଙ୍ଗଳକାରୀ ବଜେଟ ସ୍ଥାନରେ ପ୍ରତିରକ୍ଷା ବଜେଟ୍ ରେ ପରିଣତ ହେଉଛି ।

ବର୍ତ୍ତମାନର ଯୁଦ୍ଧଗୁଡ଼ିକରେ, ସାଧାରଣ ନାଗରିକମାନେ ସର୍ବାଧିକ କ୍ଷତି ସହନ୍ତି । ଲକ୍ଷ ଲକ୍ଷ ଲୋକ ବାସଚ୍ୟୁତ ହେଉଛନ୍ତି, ପିଲାଙ୍କ ଶିକ୍ଷା ବାଧାପ୍ରାପ୍ତ ହେଉଛି, ଏବଂ ସମାଜରେ ଭୟ ଏବଂ ଅସୁରକ୍ଷାର ବାତାବରଣ ବ୍ୟାପିଛି । ଆଇନଷ୍ଟାଇନଙ୍କ ବକ୍ତବ୍ୟ ଏହି ମାନବ ଦୁଃଖଦ ଘଟଣାକୁ ଗଭୀର ଭାବରେ ବୁଝିବାର ସୁଯୋଗ ପ୍ରଦାନ କରେ । ସେ କହିଥିଲେ ଯେ ଶାନ୍ତି ହେଉଛି ପ୍ରକୃତ ପ୍ରଗତି ପାଇଁ ପଥ । ଆଜି, ଯେତେବେଳେ ଆମେ ଯୁଦ୍ଧଗ୍ରସ୍ତ ଅଞ୍ଚଳଗୁଡ଼ିକରେ ମାନବିକ ସଙ୍କଟ ଦେଖୁ, ଏହା ସ୍ପଷ୍ଟ ହୋଇଯାଏ ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ । ଆଧୁନିକ ଯୁଦ୍ଧଗୁଡ଼ିକ ସୀମା ମଧ୍ୟରେ ସୀମିତ ନୁହେଁ; ଏହା ବିଶ୍ୱ ଅର୍ଥନୀତି, ଶକ୍ତି ଯୋଗାଣ ଏବଂ ପରିବେଶକୁ ମଧ୍ୟ ପ୍ରଭାବିତ କରେ । ଉଦାହରଣ ସ୍ୱରୂପ, ଯୁଦ୍ଧ ତେଲ ଏବଂ ଗ୍ୟାସ ଯୋଗାଣକୁ ବାଧାପ୍ରାପ୍ତ କରେ, ଯାହା ଫଳରେ ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତି ଏବଂ ଆର୍ଥିକ ସଙ୍କଟ ସୃଷ୍ଟି ହୁଏ । ଏହି ପରିସ୍ଥିତି ଆଇନଷ୍ଟାଇନଙ୍କ ଚେତାବନୀକୁ ଉଦାହରଣ ଦିଏ ଯେ ଯୁଦ୍ଧର ପ୍ରଭାବ କେବଳ ଲଢ଼େଇ କରୁଥିବା ଦେଶମାନଙ୍କ ମଧ୍ୟରେ ସୀମିତ ନୁହେଁ ବରଂ ସମଗ୍ର ମାନବତାକୁ ପ୍ରଭାବିତ କରେ ।

ଯୁଦ୍ଧର ଭୟାବହତାକୁ ଦୃଷ୍ଟିରେ ରଖି, ଆଇନଷ୍ଟାଇନଙ୍କ ବକ୍ତବ୍ୟ ଆମକୁ ବିଚାର କରିବାକୁ ବାଧ୍ୟ କରେ ଯେ ଆମେ ପ୍ରକୃତରେ ପ୍ରଗତି କରୁଛୁ କି ନାହିଁ । ଯଦି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ବିନାଶ ପାଇଁ ବ୍ୟବହାର କରାଯାଉଛି, ତେବେ ଏହା ପ୍ରଗତି ନୁହେଁ ବରଂ ପତନ । ବର୍ତ୍ତମାନର ପରିସ୍ଥିତିରେ, ଏହି ବକ୍ତବ୍ୟ ଆମକୁ ଶାନ୍ତି, ସହଯୋଗ ଏବଂ ବୁଝାମଣାକୁ ଫେରିବାକୁ ଆହ୍ୱାନ କରେ । ଆଇନଷ୍ଟାଇନଙ୍କ ବକ୍ତବ୍ୟ ଆଜିର ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରଯୁଜ୍ୟ । ଏହା ଆମକୁ ଚେତାବନୀ ଦିଏ ଯେ ଯଦି ମାନବଜାତି ଯୁଦ୍ଧ ପ୍ରବୃତ୍ତିକୁ ରୋକିବାରେ ବିଫଳ ହୁଏ, ତେବେ ସଭ୍ୟତାର ଅସ୍ତିତ୍ୱ ବିପଦରେ ପଡ଼ିବ । ଆଜିର ପରିସ୍ଥିତି ଆମକୁ ଶିକ୍ଷା ଦିଏ ଯେ କେବଳ ଶାନ୍ତି ହିଁ

ଭବିଷ୍ୟତକୁ ସୁରକ୍ଷିତ କରିପାରିବ । ଆଇନଷ୍ଟାଇନଙ୍କ ବାର୍ତ୍ତା କେବଳ ଏକ ଦାର୍ଶନିକ ଧାରଣା ନୁହେଁ, ବରଂ ମାନବଜାତିର ଅସ୍ତିତ୍ୱକୁ ସୁରକ୍ଷିତ ରଖିବା ପାଇଁ ଏକ ଆବଶ୍ୟକୀୟ ମାର୍ଗଦର୍ଶିକା । ଯୁଦ୍ଧପ୍ରବଣ ପ୍ରବୃତ୍ତି ମାନବ ମନ ଭିତରେ ଏକ ଗଭୀର ଅସୁରକ୍ଷା ଏବଂ ଆକାଂକ୍ଷାରୁ ଉତ୍ପନ୍ନ ହୁଏ । ଯେତେବେଳେ ଏକ ଜାତି କିମ୍ବା ଗୋଷ୍ଠୀ ନିଜର ଅସ୍ତିତ୍ୱକୁ ବିପଦରେ ପଡ଼ିଥିବା ଅନୁଭବ କରେ, କିମ୍ବା ଯେତେବେଳେ ସେ ଅନୁଭବ କରେ ଯେ ଏହାର ପରିଚୟ, ସମ୍ବଳ ଏବଂ ଶକ୍ତି ଆକ୍ରମଣର ଶିକାର ହେଉଛି, ସେତେବେଳେ ଏହା ହିଂସା ଏବଂ ଯୁଦ୍ଧର ପଥ ବାଛିଥାଏ । କ୍ଷମତା ଏବଂ ପ୍ରାଧାନ୍ୟ ପାଇଁ ଇଚ୍ଛା, ପ୍ରାକୃତିକ ସମ୍ବଳ ଉପରେ ନିୟନ୍ତ୍ରଣର ଇଚ୍ଛା, ଧାର୍ମିକ ଏବଂ ଆଦର୍ଶଗତ ପାର୍ଥକ୍ୟ ଏବଂ ଭୟ ଏବଂ ଅସୁରକ୍ଷାର ମାନସିକତା - ଏସବୁ ମିଶି ଯୁଦ୍ଧ ପ୍ରବୃତ୍ତିକୁ ଜନ୍ମ ଦିଏ । ଏହି ପ୍ରବୃତ୍ତି ମାନବଜାତି ଇତିହାସରେ ବାରମ୍ବାର ସ୍ପଷ୍ଟ ହୋଇଛି । ସାମ୍ରାଜ୍ୟବାଦ ଏବଂ ଉପନିବେଶବାଦ ଯୁଦ୍ଧକୁ ଜନ୍ମ ଦେଇଛି, ଏବଂ ଆଧୁନିକ ଯୁଗରେ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ସମ୍ବଳ ଉପରେ ନିୟନ୍ତ୍ରଣର ଇଚ୍ଛା ସଂଘର୍ଷକୁ ଇନ୍ଧନ ଦେଇଛି । ଆଜି ମଧ୍ୟ, ଆମେ ମଧ୍ୟପ୍ରାଚ୍ୟରେ ତେଲ ଏବଂ ଭୂରାଜନୈତିକ ପ୍ରାଧାନ୍ୟ ପାଇଁ ସଂଘର୍ଷ, ୟୁରୋପରେ ସୀମା ଏବଂ ସୁରକ୍ଷା ବିଷୟରେ ଚିନ୍ତା ଏବଂ ଏସିଆରେ ସମୁଦ୍ର ପଥ ଏବଂ ସମ୍ପଦ ଉପରେ ନିୟନ୍ତ୍ରଣ ପାଇଁ ଇଚ୍ଛା ଦେଖୁଛୁ, ଏସବୁ ଯୁଦ୍ଧକୁ ଇନ୍ଧନ ଦେଉଛି । ଆର୍ଥିକ ସ୍ୱାର୍ଥ ମଧ୍ୟ ଯୁଦ୍ଧର ଏକ ପ୍ରମୁଖ କାରଣ । ଅସ୍ତ୍ରଶସ୍ତ୍ର ଶିଳ୍ପ ଏବଂ ସାମରିକ ଖର୍ଚ୍ଚରେ ଜଡିତ ଶକ୍ତି ଯୁଦ୍ଧକୁ ପ୍ରୋତ୍ସାହିତ କରେ କାରଣ ଯୁଦ୍ଧ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଲାଭ ପହଞ୍ଚାଏ । ଏହା ବିଡ଼ମ୍ବନାର ବିଷୟ ଯେ ମାନବ କଲ୍ୟାଣ ପାଇଁ ଡିଜାଇନ୍ ହୋଇଥିବା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରାୟତଃ ବିନାଶର ଉପକରଣ ହୋଇଯାଏ । ଆଇନଷ୍ଟାଇନ୍ ଯୁଦ୍ଧକୁ ମାନବତାର ସର୍ବବୃହତ ବିଫଳତା ବୋଲି କହିଥିଲେ । ତାଙ୍କର ଏହି ବକ୍ତବ୍ୟ ଆଜି ସମାନ ଭାବରେ ପ୍ରାସଙ୍ଗିକ, କାରଣ ଯୁଦ୍ଧ ସୀମା ମଧ୍ୟରେ ସୀମିତ ନୁହେଁ ବରଂ ସମଗ୍ର ମାନବତାକୁ ପ୍ରଭାବିତ କରେ । ଲକ୍ଷ ଲକ୍ଷ ଲୋକ ବିସ୍ଥାପିତ ହୁଅନ୍ତି, ପିଲାମାନଙ୍କର ଶିକ୍ଷା ବାଧାପ୍ରାପ୍ତ ହୁଏ ଏବଂ ଭୟ ଏବଂ ଅସୁରକ୍ଷାର ବାତାବରଣ ସମାଜରେ ବ୍ୟାପିଯାଏ । ଏହି ଧାରା ବନ୍ଦ କରିବାର ଏକମାତ୍ର ଉପାୟ ହେଉଛି ଶାନ୍ତି, ଆଲୋଚନା ଏବଂ ସହଯୋଗ । ଯେପର୍ଯ୍ୟନ୍ତ ରାଷ୍ଟ୍ରଗୁଡ଼ିକ ନିଜସ୍ୱ ସ୍ୱାର୍ଥକୁ ପ୍ରାଥମିକତା ଦେବେ ଏବଂ ଆଲୋଚନା ଅପେକ୍ଷା ହିଂସାକୁ ବାଛିବେ, ସେପର୍ଯ୍ୟନ୍ତ ଯୁଦ୍ଧ ଆଡ଼କୁ ଧାରା ବଜାୟ ରହିବ । କିନ୍ତୁ ଯଦି ମାନବତା ବୁଝାମଣା, ସହାବସ୍ଥାନ ଏବଂ ସହଭାଗୀ ସମ୍ବଳ ଆଡ଼କୁ ଗତି କରେ, ତେବେ ଏହି ଧାରା ଧୀରେ ଧୀରେ ଶେଷ ହୋଇପାରେ ।

## ବୃଦ୍ଧାଶ୍ରମ: ମଣିଷ ପଣିଆ ର ଏକ କ୍ଷତ...



ଭବରଞ୍ଜନ ସାମଲ
କଣ୍ଟିପୁର, ବିଞ୍ଝାରପୁର,
ଯାଜପୁର

ଶୈଶବରେ ସନ୍ତାନକୁ ଆଙ୍ଗୁଠି ଧରି ଚାଲିବା ଶିଖାଇଥିବା ପିତାମାତା, ବାର୍ଦ୍ଧକ୍ୟରେ ଯେତେବେଳେ ସେହି ସନ୍ତାନର ଆଶ୍ରା ଖୋଜନ୍ତି, ସେତେବେଳେ ସେମାନଙ୍କୁ ମିଳେ 'ବୃଦ୍ଧାଶ୍ରମ'। ଯେଉଁ ପିତାମାତା ନିଜର ସର୍ବସ୍ୱ ତ୍ୟାଗ କରି ସନ୍ତାନକୁ ମଣିଷ କରନ୍ତି, ଶେଷ ସମୟରେ ସେମାନଙ୍କୁ ପରିତ୍ୟାଗ କରିବା ସମାଜ ପାଇଁ ଏକ ବଡ଼ ବିଡ଼ମ୍ବନା।

ବୃଦ୍ଧାଶ୍ରମରେ ରହୁଥିବା ପ୍ରତିଟି ବୃଦ୍ଧବୃଦ୍ଧାଙ୍କ ଆଖିରେ ଏକ ଅକୁହା କାହାଣୀ ଥାଏ। ସେମାନଙ୍କ ପାଇଁ ଖାଦ୍ୟ କିମ୍ବା ରହିବା ସ୍ଥାନର ଅଭାବ ନଥାଇପାରେ, କିନ୍ତୁ ଯେଉଁ ଜିନିଷଟିର ସବୁଠାରୁ ବଡ଼ ଅଭାବ ଥାଏ, ତାହା ହେଉଛି 'ଆପଣାର ମଣିଷ'। ନିଜ ରକ୍ତର ସନ୍ତାନ ପାଖରେ ନାହିଁ - ଏହି ଚିନ୍ତା ସେମାନଙ୍କୁ ଭିତରେ ଭିତରେ  କୁରେଇ ଖାଇଯାଏ। ପର୍ବପର୍ବାଣୀ ସମୟରେ ଯେତେବେଳେ ଚାରିଆଡ଼େ ଉତ୍ସବର ମାହୋଲ ଥାଏ, ସେତେବେଳେ ବୃଦ୍ଧାଶ୍ରମର ଝରକା କଡ଼ରେ ବସି ନିଜ ସନ୍ତାନର ବାଟ ଚାହିଁବା ଠାରୁ ବଡ଼ ଦୁଃଖ ଦୁନିଆରେ କିଛି ନାହିଁ।

ମା'ଟିଏ ନିଜ ପେଟରୁ କାଟି ସନ୍ତାନକୁ ଖୁଆଇଥାଏ, ବାପା ନିଜର ଛିଣ୍ଡା ଜୋତା ପିନ୍ଧି ସନ୍ତାନକୁ ନୂଆ ପୋଷାକ ଆଣିଦିଏ। କିନ୍ତୁ ସେହି ସନ୍ତାନ ଯେତେବେଳେ ବଡ଼ ହୋଇ କୁହେ, "ତୁମେ ମୋ ପାଇଁ କ'ଣ କରିଛ?" ସେତେବେଳେ ପିତାମାତାଙ୍କ ହୃଦୟ ଖଣ୍ଡ ବିଖଣ୍ଡ ହୋଇଯାଏ। ବୃଦ୍ଧାଶ୍ରମର ଚାରି କାନ୍ଥ ଭିତରେ ସେମାନେ କେବଳ ଭଗବାନଙ୍କୁ ଡାକନ୍ତି, କିନ୍ତୁ ଆଶ୍ଚର୍ଯ୍ୟର କଥା, ସେଠାରେ ବି ସେମାନେ ନିଜ ସନ୍ତାନର ଅମଙ୍ଗଳ ଚାହାଁନ୍ତି ନାହିଁ।

ଆଜିକାଲିର ଶିକ୍ଷିତ ସମାଜରେ ପିତାମାତାଙ୍କୁ "ବୋଝ" ମନେ କରାଯାଉଛି। ବଡ଼ ବଡ଼ ସହରରେ ରହୁଥିବା ସନ୍ତାନମାନେ ନିଜର ବ୍ୟକ୍ତିଗତ ସ୍ୱାଧୀନତା ଓ ସୁଖ ପାଇଁ ପିତାମାତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିଦେଉଛନ୍ତି। ସେମାନେ ଭୁଲିଯାଉଛନ୍ତି ଯେ, ସମୟ ଚକ୍ର ଘୂରିବ ଏବଂ ଦିନେ ସେମାନଙ୍କ ସନ୍ତାନ ମଧ୍ୟ ସେମାନଙ୍କ ସହ ସମାନ ବ୍ୟବହାର କରିବେ।

ବୃଦ୍ଧାଶ୍ରମ ସଂଖ୍ୟା ବଢ଼ିବା ଏକ ସୁସ୍ଥ ସମାଜର ଲକ୍ଷଣ ନୁହେଁ। ପିତାମାତା ହେଉଛନ୍ତି ପୃଥିବୀର ଜୀବନ୍ତ ଠାକୁର। ସେମାନଙ୍କ ଆଶୀର୍ବାଦ ବିନା ଜୀବନରେ କେବେ ସୁଖ ମିଳେନାହିଁ। ଯେଉଁ ଘରେ ବୃଦ୍ଧ ପିତାମାତା ହସନ୍ତି, ସେଇଟି ପ୍ରକୃତ ସ୍ୱର୍ଗ ।

ଆମେ ଶପଥ ନେବା ଉଚିତ୍ ଯେ, ଜୀବନର ଶେଷ ନିଶ୍ୱାସ ଯାଏଁ ନିଜ ପିତାମାତାଙ୍କୁ ପାଖରେ ରଖିବା ଏବଂ ସେମାନଙ୍କୁ କେବେ ବି ଏକାକୀ ଅନୁଭବ କରିବାକୁ ଦେବା ନାହିଁ।

## ମାଟିରୁ ଆକାଶ...



ରତି ରଞ୍ଜନ ମହାପାତ୍ର
ବାଲିସାହି, କଟକ

ମଇ ମାସର ସମୟ ସୂର୍ଯ୍ୟ ଅସ୍ତ ହୋଇ ସେଦିନ ସଞ୍ଜ ନଇଁ ନଇଁ ଆସୁଥିଲା। ମଫସଲିଆ ଗାଁର ସେଇ ଛୋଟ ମାଟିଘର ବାରଣ୍ଡାରେ ବସି କାନ୍ଦୁଥିଲା ସୁମୀ। ହାତରେ ଥିଲା ତାର ଯୁକ୍ତ ଦୁଇ ପରୀକ୍ଷାର ଫଳାଫଳ। ଗାଁ ସାରା ସବୁଠୁ ଅଧିକ ନମ୍ବର ରଖି ପାସ କରିଛି ସେ। ହେଲେ ତାର ଏହି ଖୁସି ଉପରେ କଳା ବାଦଲ ସେତେବେଳେ ଢାଙ୍କିଗଲା, ଯେତେବେଳେ

ବାପା ଆସି କହିଲେ, "ଝିଅ ପାଠ ପଢ଼ି ସେତିକି ବହୁତ ହେଲା। ଆମର ଗରିବ ଚାଷୀ ସଂସାର, ଆଗକୁ ପଢ଼ାଇବାକୁ ମୋ ପାଖରେ ସାମର୍ଥ୍ୟ ନାହିଁ। ଏଣିକି ଘରକାମ ଶିଖ୍, ବର୍ଷକ ଭିତରେ ହାତକୁ ଦି'ହାତ କରିଦେବି।"

ସୁମୀର ଆଖିରୁ ଲୁହ ଝରିପଡ଼ିଲା ମାଟି ଉପରେ। ସେଇ ମାଟି, ଯେଉଁଠି ସେ ବଡ଼ ହୋଇଛି, ଯାହାର ସୁଗନ୍ଧକୁ ସେ ଭଲପାଏ। ହେଲେ ସେ ମାଟିର ପଞ୍ଜୁରୀ ଭିତରେ ସେ ନିଜ ସ୍ୱପ୍ନକୁ ମରିବାକୁ ଦେଇପାରିବ ନାହିଁ। ତାର ଇଚ୍ଛା ଥିଲା କମ୍ପ୍ୟୁଟର ବିଜ୍ଞାନ ପଢ଼ିବା, ନିଜ ଗାଁର ଝିଅମାନଙ୍କ ପାଇଁ କିଛି କରିବା। ସେଦିନ ରାତିରେ ସୁମୀ ନିଜ ଲୁହକୁ ପୋଛି ଏକ ଦୃଢ଼ ସଂକଳ୍ପ ନେଲା।

ବାପାଙ୍କ ଉପରେ ଆର୍ଥିକ ବୋଝ ନଦେଇ ସେ ଗାଁର ଛୋଟ ପିଲାମାନଙ୍କୁ ଟ୍ୟୁସନ କରିବା ଆରମ୍ଭ କଲା। ସେଥିରୁ ମିଳୁଥିବା ସ୍ୱଳ୍ପ ପଇସାରେ ସେ ସହରର ଏକ ସରକାରୀ କଲେଜରେ ନାମ ଲେଖାଇଲା। ସକାଳୁ ରାତି ଯାଏଁ ସୁମୀର ସଂଘର୍ଷ ଚାଲିଲା। ଭୋରରୁ ଉଠି ଘରକାମ, ତା'ପରେ କଲେଜ, ଆଉ ସଞ୍ଜରେ ଟ୍ୟୁସନ। ବହୁତ ଲୋକ କହିଲେ, "ଝିଅଟା ବାଉଳା ହେଉଛି।" ହେଲେ ସୁମୀ କାହା କଥାକୁ କାନ ଦେଲାନି। ତାର ଆଖି ଥିଲା ସେଇ ଦୂର ଆକାଶରେ, ଯେଉଁଠି ତାର ସ୍ୱପ୍ନ ଡେଣା ମେଲୁଥିଲା।

କଠିନ ପରିଶ୍ରମ କେବେ ବୃଥା ଯାଏନାହିଁ। ସ୍ନାତକ ସରିବା ପରେ ସୁମୀ ଏକ ପ୍ରତିଷ୍ଠିତ ଆଇଟି ସଂସ୍ଥାରେ ସଫ୍ଟୱେୟାର ଇଞ୍ଜିନିୟର ଭାବେ ନିଯୁକ୍ତି ପାଇଲା। ସେଦିନ ସାରା ଗାଁରେ ଚହଳ ପଡ଼ିଯାଇଥିଲା। ଯେଉଁ ବାପା ଦିନେ ସ୍ୱପ୍ନ ଦେଖିବାକୁ ମନା କରୁଥିଲେ, ଆଜି ତାଙ୍କ ଆଖିରେ ଗର୍ବର ଲୁହ ଛୁଟୁଥିଲା।

ଆଜି ସୁମୀ ସହରର ବଡ଼ ଏସି ରୁମ୍ ଭିତରେ ବସି କମ୍ପ୍ୟୁଟରରେ କୋଡିଂ କରୁଥିଲେ ମଧ୍ୟ ନିଜ ମୂଳସୂତ୍ର ଗ୍ରାମକୁ ଭୁଲିନାହିଁ। ସେ ନିଜ ଦରମା ପଇସାରେ ଗାଁର ଗରିବ ଝିଅମାନଙ୍କ ପାଇଁ ଏକ ମାଗଣା କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଖୋଲିଛି। ସେଦିନ ସେଇ କେନ୍ଦ୍ରର ଉଦ୍‌ଘାଟନ ସମୟରେ ସୁମୀ ବକ୍ତବ୍ୟ ଦେଇ କହିଲା, "ଆମେ ଝିଅମାନେ ମାଟି ପରି ସହନଶୀଳ ହୋଇପାରୁ, ହେଲେ ଦରକାର ପଡ଼ିଲେ ସେଇ ମାଟିରୁ ଆକାଶ ଯାଏଁ ଉଡ଼ିବାର କ୍ଷମତା ମଧ୍ୟ ଆମେ ରଖୁ।"

ସୁମୀର ଏହି କାହାଣୀ ଆଜି ସେ ଅଞ୍ଚଳର ଶହ ଶହ ସୁମୀଙ୍କ ପାଇଁ ପ୍ରେରଣାର ଏକ ନୂଆ ଦିଗନ୍ତ ସାଜିଛି।

## ଅବକ୍ଷୟ ସମାଜର ବାସ୍ତବ ଚିତ୍ର- ଗୌରହରି ଦାସ



ସୀମାଲତା ସାହୁ
ଯାଜପୁର

ସାମାଜିକ ଜୀବନର ବାସ୍ତବ ଆଲେଖ୍ୟ ହିଁ ଗଳ୍ପ I ସମାଜର ବିସ୍ତୃତ ବହିରଙ୍ଗ ଓ ଅନ୍ତରଙ୍ଗ ପ୍ରକୃତି ର ରସାଘନ କଳାତ୍ମକ ଅଭିବ୍ୟକ୍ତି ଘଟିଥାଏ ଏହି ଗଳ୍ପରେ। ଶାଖାପଲ୍ଲବଜୀର୍ଣ୍ଣ ଜଟିଳ ବନସ୍ପତି ପରି ଗଳ୍ପ ଗୁଡ଼ିକରେ ସମାଜର ବୋହୁ କଥା ସ୍ୱତଃ ରୂପାୟିତ ହୋଇଥାଏ I ସାମାଜିକ ମଣିଷ ଏହି ଗଳ୍ପ ଅଧ୍ୟୟନ କରି ଜୀବନର ବିଚିତ୍ର ଅନୁଭୂତି ଲାଭକରେ I ସମୟର, ଅନାସକ୍ତ ପ୍ରବାହ ସହିତ ସମାଜର ଅନ୍ତରିଣ ଓ ବହି ପ୍ରକୃତି ବଦଳି ଚାଲିଛି I ସେହି ପରିବର୍ତ୍ତନର ସ୍ୱାଗତ ଗୀତିକା ଗାନ କରିଛି ସାମାଜିକ ମଣିଷ ସେ ପରିବର୍ତ୍ତନର ସ୍ୱରକୁ ଭାଷା ଶିଳ୍ପ ମଧ୍ୟରେ ଧରି ରଖୁଛି ସାହିତ୍ୟରେ I ସାହିତ୍ୟିକ ସମୟର ସର୍ବଶ୍ରେଷ୍ଠ ସଚେତନ ଶୀଳସତା I ସମାଜର ସୂକ୍ଷ୍ମ ପରିବର୍ତ୍ତନକୁ ମଧ୍ୟ ସେ ଅନୁଭବ କରେ । ତା'ପରେ ସେ ଗଢେ ଭାଷାର କୋଣାର୍କ I କେତେକ କଳ୍ପନା କେତେ ଆବେଗ କେତେ ଉତ୍କଣ୍ଠା ଭିତରେ ସେ ରଚନା କରେ କଥାଶିଳ୍ପ । ସାଂପ୍ରତିକ ସମୟରେ ସମାଜର ଅବକ୍ଷୟ ଏକ ଜଟିଳ ତଥା ଚିନ୍ତାଜନକ ବିଷୟ। ଆଧୁନିକତା ଏବଂ ବୈଷୟିକ ଜ୍ଞାନକୌଶଳର ବିକାଶ ସତ୍ତ୍ୱେ ମାନବୀୟ ମୂଲ୍ୟବୋଧରେ ଯେଉଁ ହ୍ରାସ ଘଟୁଛି, ତାହାହିଁ ସାମାଜିକ ଅବକ୍ଷୟର ମୁଖ୍ୟ କାରଣ। ଏହି ସାମାଜିକ ଅବକ୍ଷୟର ବିଭିନ୍ନ ଦିଗ ରହିଛି।  ଆଜିର ସମାଜରେ ସ୍ନେହ, ଶ୍ରଦ୍ଧା, ସହାନୁଭୂତି ଏବଂ ପରୋପକାର ପରି ଗୁଣଗୁଡ଼ିକ ଧୀରେ ଧୀରେ ଲୋପ ପାଇବାରେ ଲାଗିଛି। ମଣିଷ ଅଧିକ ସ୍ୱାର୍ଥପର ଓ ଆତ୍ମକେନ୍ଦ୍ରିକ ହୋଇପଡୁଛି। ଅନ୍ୟର ଦୁଃଖରେ ସମବେଦନା ଜଣାଇବା ପରିବର୍ତ୍ତେ ନିଜର ସୁଖ ସୁବିଧାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି । ପୂର୍ବରୁ ଯୌଥ ପରିବାର ସାମାଜିକ ସୁରକ୍ଷା ଓ ସଂସ୍କାରର ପ୍ରଧାନ କେନ୍ଦ୍ର ଥିଲା। କିନ୍ତୁ ବର୍ତ୍ତମାନ ପରିବାରଗୁଡ଼ିକ ଖଣ୍ଡବିଖଣ୍ଡିତ ହୋଇ ଅଣୁ-ପରିବାରରେ ପରିଣତ ହେଉଛି। ଏହାଦ୍ୱାରା ବୃଦ୍ଧ ପିତାମାତା ଅବହେଳିତ ହେଉଛନ୍ତି ଏବଂ ପିଲାମାନେ ଉପଯୁକ୍ତ ନୈତିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସମ୍ପର୍କରେ ଆତ୍ମୀୟତା ଅପେକ୍ଷା ବ୍ୟାବସାୟିକ ମନୋଭାବ ଅଧିକ ଦେଖିବାକୁ ମିଳୁଛି। ଆଧୁନିକ ମଣିଷ ଅଧିକରୁ ଅଧିକ ସମ୍ପତ୍ତି ଓ ବିଳାସବ୍ୟସନ ପଛରେ ଦୌଡୁଛି। ଏହି ପ୍ରତିଯୋଗିତା ମଣିଷକୁ ଅସାମାଜିକ କରିଦେଉଛି। ଧନ ଉପାର୍ଜନ ପାଇଁ ନୈତିକତାକୁ ଜଳାଞ୍ଜଳି ଦେବାକୁ ମଧ୍ୟ ସେ ପଛାଉ ନାହିଁ, ଯାହା ସମାଜରେ ଦୁର୍ନୀତି ଓ ଅରାଜକତା ବଢ଼ାଉଛି।

ବିଜ୍ଞାନର ଯୁଗ ହେଲେ ମଧ୍ୟ ସମାଜର କେତେକ ସ୍ଥାନରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଏବେ ବି ଜାବୁଡ଼ି ଧରିଛି। ଏହାଦ୍ୱାରା ଶୋଷଣ ଏବଂ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଉଛି, ଯାହା ଏକ ସୁସ୍ଥ ସମାଜ ଗଠନରେ ବାଧା ସୃଷ୍ଟି କରୁଛି। ପ୍ରଯୁକ୍ତିବିଦ୍ୟାର ସୁଫଳ ଥିଲେ ମଧ୍ୟ ଏହାର ଅପବ୍ୟବହାର ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରୁଛି। ସୋସିଆଲ ମିଡିଆରେ ଅସତ୍ୟ ଖବର ପ୍ରସାରଣ, ଅଶ୍ଳୀଳତା ଏବଂ ସମୟର ଅପଚୟ ସାମାଜିକ ସଂହତିକୁ ଦୁର୍ବଳ କରୁଛି। ସାଂପ୍ରତିକ ସମାଜର ଏହି ଅବକ୍ଷୟରୁ ମୁକ୍ତି ପାଇବା ପାଇଁ ଶିକ୍ଷା ସହିତ ସଂସ୍କାର ଏବଂ ନୈତିକତାର ପ୍ରସାର ଏକାନ୍ତ ଆବଶ୍ୟକ। ସାହିତ୍ୟ ଏବଂ କଳା ମାଧ୍ୟମରେ ସମାଜକୁ ସଚେତନ କରାଗଲେ ଏହି ଅବକ୍ଷୟକୁ କିଛି ପରିମାଣରେ ରୋକାଯାଇପାରିବ। ଏହି ଦୃଷ୍ଟିକୋଣରୁ ଗାଳ୍ପିକ ଗୌରହରି ଦାସଙ୍କ "ଆକାଶ ଦିନେ ନୀଳ ଥିଲା" ଗଳ୍ପ ସଂକଳନର ବିଭିନ୍ନ ଗଳ୍ପରେ ଅବକ୍ଷୟ ସମାଜର ଚିତ୍ର ଦେଖିବାକୁ ମିଳେ।

ଆଜିର ସମାଜରେ ମଣିଷ ସହରମୁଖୀ ହେଉଥିବା ବେଳେ ଗାଁର ସେହି ପୁରୁଣା ସମ୍ପର୍କ ଓ ଶାନ୍ତି କିପରି ହଜିଯାଉଛି, ତାହା ଏଠାରେ ମୁଖ୍ୟ ବିଷୟ। ଗାଳ୍ପିକ ଗାଁର ସେହି ମାଟି, ତୋଟା ଓ ପୋଖରୀକୁ ମନେ ପକାଉଛନ୍ତି ଯାହା ଏବେ କଳକାରଖାନା ବା ପ୍ରଦୂଷଣ ଭିତରେ ହଜିଯାଇଛି। ଗାଁରେ ଯେଉଁ ପାରସ୍ପରିକ ସ୍ନେହ ଥିଲା, ତାହା ସହରର ବନ୍ଦ କୋଠରୀ ଭିତରେ କିପରି ଶୁଷ୍କ ହୋଇଯାଉଛି, ସେ ବିଷୟରେ ବିଭିନ୍ନ ଗଳ୍ପରେ ପ୍ରକାଶ ପାଇଛି । ଗୌରହରି ଦାସଙ୍କ ଗଳ୍ପଗୁଡ଼ିକରେ ସାମ୍ପ୍ରତିକ ସମାଜର ବିଭିନ୍ନ ଦିଗକୁ ଅତି ନିଖୁଣ ଭାବେ ଦର୍ଶାଯାଇଛି। ସମାଜର ନୈତିକ ଅବକ୍ଷୟ, ସ୍ୱାର୍ଥପରତା ଏବଂ ପରିବର୍ତ୍ତିତ ମୂଲ୍ୟବୋଧକୁ ସେ ଏହି ସଙ୍କଳନର ଅନେକ ଗଳ୍ପରେ ଗ୍ରାମ୍ୟ ଜୀବନର ସରଳତା ଏବଂ ସହରକୁ ଆସିବା ପରେ ମଣିଷର ଯେଉଁ ମାନସିକ ପରିବର୍ତ୍ତନ ଘଟୁଛି, ତାହା ବର୍ଣ୍ଣିତ। ନିଷ୍ପତ୍ତି ଓ ବିଦେଶ  ଗଳ୍ପରେ ଗାଁର ସେହି ପୁରୁଣା ସ୍ମୃତି ଏବଂ ମାଟି ସହ ଜଡ଼ିତ ଭାବନାକୁ ଦର୍ଶାଯାଇଛି। ମଣିଷ ଯେତେ ଆଧୁନିକ ହେଲେ ମଧ୍ୟ ତା'ର ମୂଳ ଉତ୍ସ ବା ଗାଁ ପ୍ରତି ଯେଉଁ ଆନ୍ତରିକତା ରହିଛି, ତାହା ଏଠାରେ ସ୍ପଷ୍ଟ। ବିଦେଶ ଗଳ୍ପରେ  ଗାଳ୍ପିକ ଅତୀତର ଗାଁର ସେହି ସୁନ୍ଦର ପରିବେଶକୁ ବର୍ତ୍ତମାନର ଯାନ୍ତ୍ରିକତା ସହ ତୁଳନା କରି ଗାଁ ପ୍ରତି ନିଜର ଗଭୀର ମମତ୍ୱବୋଧ ପ୍ରକାଶ କରିଛନ୍ତି। ସୁଲୋଚନାଙ୍କ ଚରିତ୍ର ମାଧ୍ୟମରେ ଲେଖକ ଗାଁର ସ୍ମୃତି ଓ ମାଟି ପ୍ରତି ଥିବା ମମତ୍ୱବୋଧକୁ ଦର୍ଶାଇଛନ୍ତି। କିନ୍ତୁ ନୂଆ ପିଢ଼ି (ସିଦ୍ଧାର୍ଥ) ପାଇଁ ଗାଁ କେବଳ ଏକ 'ସମ୍ପତ୍ତି' ଯାହାକୁ ବିକ୍ରି କରି ସହରରେ ବିଳାସମୟ ଜୀବନ ବିତାଇ ହେବା ଏହା ସମାଜରେ ବଢ଼ୁଥିବା ବସ୍ତୁବାଦୀ ଚିନ୍ତାଧାରାର ପରିଚୟ ଦେଇଛି।

ବିଭିନ୍ନ ଗଳ୍ପରେ ଯୌଥ ସମ୍ପତ୍ତିକୁ ନେଇ ଭାଇମାନଙ୍କ ମଧ୍ୟରେ ଥିବା ମନୋମାଳିନ୍ୟ ଓ ଭାଗବଣ୍ଟାର ଚିତ୍ର ରହିଛି। ପରିବାରରେ ସମ୍ପର୍କ ଅପେକ୍ଷା 'ଅର୍ଥ' ଓ 'ନିଜର ସୁବିଧା' ଅଧିକ ଗୁରୁତ୍ୱ ପାଉଛି, ଯାହା ଅବକ୍ଷୟ ସମାଜର ଏକ ନଗ୍ନ ଚିତ୍ର। ସମାଜରେ ପରିବାରର ସଂଜ୍ଞା କିଭଳି ବଦଳି ଯାଉଛି ଏବଂ ସମ୍ପର୍କଗୁଡ଼ିକ କିଭଳି ସଂକୁଚିତ ହେଉଛି, ତାହା ଏଠାରେ ମୁଖ୍ୟ ବିଷୟ । ଯୌଥ ପରିବାରରୁ ଏକାନ୍ନବର୍ତ୍ତୀ ପରିବାର ସମାଜ ଅବକ୍ଷୟର ଏହା ଏକ ବଡ଼ କାରଣ। ପୂର୍ବରୁ ସମସ୍ତେ ମିଳିମିଶି ରହୁଥିଲେ, କିନ୍ତୁ ଏବେ ସ୍ୱାର୍ଥପରତା ଯୋଗୁଁ ଭାଇ-ଭାଇ ବା ବାପା-ପୁଅଙ୍କ ଭିତରେ ବିଭେଦ ଦେଖାଦେଉଛି। ଉତ୍କଳୀୟ ସଂସ୍କୃତି ହେଉଛି ଏକାନ୍ନବର୍ତ୍ତୀ ଓ ଯୌଥ ପରିବାରର ସଂସ୍କୃତି । ଏହି ସଂସ୍କୃତିରେ ଭାଇ ଭାଇ ପାଇଁ ସର୍ବସ୍ୱ ତ୍ୟାଗ କରିଥାଏ । ଯେଉଁଦିନ ଭାଇମାନେ ବିବାହ ବନ୍ଧନରେ ବାନ୍ଧି ହୁଅନ୍ତି ଓ ପରଝିଅମାନେ ବୋହୂ ହୋଇ ପରିବାରକୁ ଆସନ୍ତି, ସେତେବେଳେ ଭାଇମାନଙ୍କ ମନ ଆଉ ଏକ ହୋଇ ରହେ ନାହିଁ । ମାଆ ମାନଙ୍କ ମଧ୍ୟରେ ସୃଷ୍ଟି ହୁଏ ଈର୍ଷାଭାବ, ଓ ବିଶ୍ଳେଷଭାବ ଓ ଶେଷରେ ଏକା ନାହି ତିନିଖଣ୍ଡ ହୋଇଯାଏ । ଘର ଭିତରେ ପାଚେରୀ ଉଠେ । ଆମ ସମାଜରେ ଦୃଷ୍ଟିଗୋଚର ହେଉଥିବା ଏହି ଘଟଣା ଗୌରହରି ଦାସଙ୍କ 'ବିଦେଶ' ଗଳ୍ପରେ ପ୍ରକାଶ ପାଇଛି । ଏହି ଗଛରେ ମାନଗୋବିନ୍ଦ ଘରର ମେରୁଦଣ୍ଡ । ତାଙ୍କର ଚାରିପୁଅ ଓ ଗୋଟେ ଝିଅ । ସେ ସବୁବେଳେ ଚାହିଁ ଆସିଥିଲେ, ଯେ ତାଙ୍କ ଘର ମଝିରେ କାନ୍ଥ ନ ଉଠୁ ଓ ବିଲ ମଝିରେ ହିଡ଼ ନ ପଡୁ । ଯେଉଁ ପରିବାରକୁ ଦଶଖଣ୍ଡି ମୌଜାରେ ଉଦାହରଣ ଭାବରେ ନେଉଥିଲେ, ସେହି ପରିବାରରେ କାଳାନୁକ୍ରମେ ପୁଅବୋହୂଙ୍କ ମାନସିକତାରେ ପରିବର୍ତ୍ତନ ଆସିଛି । ପରିବାରରେ ସୃଷ୍ଟି ହୋଇଛି ଫାଟ । 'ଯେତେ ଭାଇ ସେତେ ଘର' ଏହି କଥାକୁ ସେମାନେ ଆପଣେଇ ନେଇଛନ୍ତି । ଆଗପରି ଭାଇ ଭାଇଙ୍କ ଯାଆ ଯାଆଙ୍କ ମଧ୍ୟରେ ଆନ୍ତରିକ ଭାବ ରହିନାହିଁ। ନିଜ ପରିବାରର ଏତାଦୃଶ୍ୟ ଅବସ୍ଥାକୁ ମାନଗୋବିନ୍ଦ ଅବଲୋକନ କରି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ତାଙ୍କ ଭିତରେ ସୃଷ୍ଟି ହୋଇଛି ଅସହାୟ ଭାବ । ବିଦେଶ ଫେରନ୍ତା ଝିଅ ଇତିଶ୍ରୀ ପରିବାରର ଏପରି ଅବସ୍ଥା ଦେଖି ଦୁଃଖରେ ମ୍ରିୟମାଣ ହୋଇଯାଇଛି । ସେ ତାହା ସାଙ୍ଗରେ ପିତାଙ୍କୁ ବିଦେଶ ନେବାକୁ ଚାହିଁଛି, ପିତା ତାହା ପ୍ରସ୍ତାବରେ ରାଜି ନ ହେବାରୁ ସେ ପିତାଙ୍କ

ଉଦ୍ଦେଶ୍ୟରେ କହିଛି – " କୋଉଟା ବିଦେଶ ବାପା, ସେଇଟା ନା ଏଇଟା ? ପାଟପୁରରଏଇ ଘରଟା ତୁମ ପାଇଁ କଣ ଏବେ ବିଦେଶ ନୁହେଁ ? ଯେଉଁଠି ପ୍ରତିଦିନ ତମ ଆଖି ଆଗରେ ଚାରି ଚାରିଟା ଜାଗାରେ ରୋଷେଇ, ଚାରି ଚାରିଟା ଜାଗାରେ ଖିଆପିଆ ସେଇଟା କଣ ତୁମର ଦେଶ ? ପ୍ରତିଦିନ ଏଇ ବିଦେଶର ଲାଞ୍ଛନା ତୁମେ କେମିତି ସହୁଛ ବାପା ? "(୧) ଉକ୍ତ ଗଳ୍ପରେ ଆମେ ଯୌଥପରିବାରର ଅଧପତନକୁ ଲକ୍ଷ୍ୟ କରିପାରିବା । ବିଦେଶରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଆନ୍ତରିକତା ନଥାଏ । ସମସ୍ତେ ସେଠାରେ ଅଚିହ୍ନା । କାହାରି ଦୁଃଖରେ କିଏ ବି ଦୁଃଖୀ ହୁଏ ନାହିଁ । ସମସ୍ତେ ନିଜ ନିଜ ସ୍ୱାର୍ଥରେ ବ୍ୟସ୍ତ ରହିଥାନ୍ତି । ଯୌଥପରିବାର ମଧ୍ୟରେ ଫାଟ ସୃଷ୍ଟି ହେଲେ, ଗୋଟିଏ ଛାତ ତଳେ ଥାଇ ମଧ୍ୟ ବିଦେଶ ପରି ଲାଗେ । କାରଣ କାହାରି ଦୁଃଖରେ କିଏ କାତର ହୁଅନ୍ତି ନାହିଁ । ବିଦେଶ ଫେରନ୍ତା ଝିଅ ଇତିଶ୍ରୀକୁ ନିଜ ପୈତୃକ ଘର ବିଦେଶ ପରି ବୋଧ ହୋଇଛି ।

ସାମ୍ପ୍ରତିକ ସମାଜରେ ଟଙ୍କା ହିଁ ସବୁକିଛି। ମଣିଷ ଏବେ ସମ୍ପର୍କ ଅପେକ୍ଷା ସମ୍ପତ୍ତିକୁ ଅଧିକ ଭଲ ପାଉଛି। ଗରିବ ଓ ଅସହାୟ ଲୋକଙ୍କୁ ଧନୀମାନେ କିପରି ଅର୍ଥ ବଳରେ ଦବାଇ ରଖୁଛନ୍ତି, ତାହା ଏହି ଗଳ୍ପଗୁଡ଼ିକରେ ଖୁବ୍ ନିଖୁଣ ଭାବେ ବର୍ଣ୍ଣିତ।ଆଜିର ମଣିଷ କେବଳ ଟଙ୍କା ଏବଂ ସଫଳତା ପଛରେ ଧାଇଁ ନିଜର ବିବେକକୁ ହରାଇ ବସୁଛି। 'କାର୍ତ୍ତିକ ଫେରିବ' ଗଳ୍ପରେ ଏକ ଅର୍ଥଲିପ୍ସୁ ସମାଜର ଅବକ୍ଷୟ ଚିତ୍ର ଦେଖିବାକୁ ମିଳେ। ଏହି ଗଳ୍ପରେ ପୋଲିସ ଓ ସରକାରୀ କର୍ମୀଙ୍କର ସମ୍ବେଦନହୀନତା ମୋନୋଭାବ ସ୍ପଷ୍ଟ ଭାବେ ଚିତ୍ରିତ। ଏହି ଗଳ୍ପର ମୁଖ୍ୟ ଚରିତ୍ର ସନାତନ ତା' ନିଜ ସ୍ତ୍ରୀର ଚିକିତ୍ସା ପାଇଁ ମୃତ୍ୟୁ ପିତାର ମୃତ୍ୟୁ ପ୍ରମାଣପତ୍ର ପାଇଁ ଯେଉଁଭଳି ଭାବେ ଅଫିସ୍ ଦୌଡୁଛନ୍ତି, ତାହା ପ୍ରଶାସନିକ ବ୍ୟବସ୍ଥାର ଅବକ୍ଷୟକୁ ସୂଚାଉଛି। କର୍ମଚାରୀମାନଙ୍କ ପାଇଁ ଏହା କେବଳ ଏକ 'ଫାଇଲ୍', କିନ୍ତୁ ସନାତନଙ୍କ ପାଇଁ ଏହା ତାଙ୍କ ଜୀବନର ଅସ୍ତିତ୍ୱ। ଗାଁରେ କିଛି ଲୋକ ଓ ସନାତନର ବଡ଼ଭାଇ ସନାତନଙ୍କ ସରଳତାର ସୁଯୋଗ ନେଇ ତାଙ୍କୁ କିଭଳି କଷ୍ଟ ଦେଇ ହତାଶ ବାଟରେ ପରିଚାଳିତ କରୁଛନ୍ତି ଏବଂ ତାଙ୍କର ଅସହାୟତାକୁ ନେଇ ଚର୍ଚ୍ଚା କରୁଛନ୍ତି, ତାହା ସାମାଜିକ ଅବକ୍ଷୟର ଅନ୍ୟ ଏକ ଦିଗ। ସ୍ତ୍ରୀର ମୃତ୍ୟୁ ଓ କାର୍ତ୍ତିକ ଭଳି ଜଣେ ଛୋଟ ବାଳକ ସହରକୁ ବାପା ସହ ଯାଇ ହଜିଯିବା ଏବଂ ସନାତନ ପୁଅକୁ ବସଷ୍ଟାଣ୍ଡରେ ଅପେକ୍ଷା କରିବା, ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳେ। ତା' ପରେ ସନାତନ ପରିବାର ଅର୍ଥ ଓ ନ୍ୟାୟ ପାଇଁ ଲଢ଼ିବା, ଆଜିର ସମାଜରେ ଗରିବ ଶ୍ରେଣୀର ବାସ୍ତବ ସ୍ଥିତିକୁ ଦର୍ଶାଉଛି।

ସେହିପରି 'ସୁନା ହରିଣ' ଗଳ୍ପରେ ମଧ୍ୟ ଏକ ଅର୍ଥଲିପ୍ସୁ ସମାଜର ଅବକ୍ଷୟ ଚିତ୍ର ଦେଖିବାକୁ ମିଳେ । ଏଠାରେ 'ସୁନା ହରିଣ' ହେଉଛି ଅର୍ଥ ଓ ମାୟାର ପ୍ରତୀକ। ମଣିଷ ନିଜର ବାସ୍ତବ ଜୀବନକୁ ଜଳାଞ୍ଜଳି ଦେଇ ଅଳୀକ ସୁଖ ପଛରେ ଗୋଡ଼ାଇ କିଭଳି ସର୍ବସ୍ୱ ହରାଉଛି, ତାହା ଏହି ଗଳ୍ପରୁ ବୁଝାପଡ଼େ। 'ସୁନା ହରିଣ' ଗଳ୍ପରେ ଏହି ବସ୍ତୁବାଦୀ ଚିନ୍ତାଧାରାର ଅବକ୍ଷୟ ରୂପ ଦେଖିବାକୁ ମିଳେ। ସମାଜରେ ବଢୁଥିବା ଅଶାନ୍ତି ଓ ଅତୃପ୍ତିର ଚିତ୍ର ଏହି ଗଳ୍ପରେ ପ୍ରତିଫଳିତ। ସାମ୍ପ୍ରତିକ ସମାଜରେ ଟଙ୍କା ସବୁକିଛି ହୋଇଯାଇଛି। ପବିତ୍ର ବାପା-ମା' ଓ ସନ୍ତାନ ସମ୍ପର୍କ ମଧ୍ୟ ଅର୍ଥ ଲୋଭ ପାଖରେ ହାର୍ ମାନୁଛି। ଟଙ୍କା ପାଇଁ ନିଜ ସନ୍ତାନକୁ ଭୁଲ୍ ବାଟକୁ ଠେଲିଦେବା ସମାଜର ସବୁଠାରୁ ବଡ଼ ଅବକ୍ଷୟ ବୋଲି ଗାଳ୍ପିକ ଏଠାରେ ଦର୍ଶାଇଛନ୍ତି। ନିଜର ସାମାଜିକ ସ୍ଥିତି ଦେଖାଇବା ପାଇଁ ଏବଂ ସୁଖ-ସୁବିଧା ପାଇବା ପାଇଁ ମଣିଷ କିଭଳି କାମାନ୍ଧ ଓ ଅର୍ଥାନ୍ଧ ହୋଇଯାଏ, ତାହା ଏହି ଗଳ୍ପରୁ ସ୍ପଷ୍ଟ ହୁଏ। ପରିବାରର ସୁରକ୍ଷା ପରିବର୍ତ୍ତେ ପରିବାରକୁ ହିଁ ଶୋଷଣ କରିବା ଏକ ସାମାଜିକ ବ୍ୟାଧି ।

ଏହିପରି ବିଭିନ୍ନ ଗଳ୍ପରେ ଆଜିର ଅର୍ଥଲିପ୍ସୁ ସମାଜର ଚିତ୍ର ଦେଖିବାକୁ ମିଳେ। ଲୋକମାନେ ବୃତ୍ତିଗତ ଜୀବନରେ ଏତେ ବ୍ୟସ୍ତ ଯେ, ସେମାନେ ନିଜ ପରିବାର ଓ ସମ୍ପର୍କକୁ ସମୟ ଦେଇପାରନ୍ତି ନାହିଁ। ଏହି 'ସମୟର କ୍ଷତି'କୁ କୌଣସି ଉପହାର କିମ୍ବା ଟଙ୍କା ଦ୍ୱାରା ପୂରଣ କରାଯାଇପାରିବ ନାହିଁ, ଏହି ସତ୍ୟକୁ ଗାଳ୍ପିକ ଅତି ମର୍ମସ୍ପର୍ଶୀ ଭାବେ ବର୍ଣ୍ଣନା କରିଛନ୍ତି। ଲୋକମାନେ ନିଜର ନୈତିକତା ହରାଇ କେବଳ ସଫଳତା ପଛରେ ଛୁଟୁଛନ୍ତି। ଆଜିର ସମାଜରେ ପ୍ରତିଟି ମଣିଷ ଅନ୍ୟଠାରୁ ଆଗକୁ ବଢ଼ିବା ପାଇଁ ବ୍ୟଗ୍ର ହୋଇପଡ଼ିଛି। ରାଜନୈତିକ ଭ୍ରଷ୍ଟାଚାର ଦୁର୍ନୀତି ଦ୍ୱାରା ନେତାମାନେ ନିଜର ସ୍ୱାର୍ଥ ପାଇଁ ସାଧାରଣ ଲୋକଙ୍କ ସମସ୍ୟାକୁ ଅଣଦେଖା କରୁଛନ୍ତି। ନୈତିକ ଅବକ୍ଷୟ ଯୋଗୁ ସମାଜର ମୂଲ୍ୟବୋଧ କମିଯିବା ଯୋଗୁଁ ଦୁର୍ନୀତି ବଢୁଛି, ଯାହା ଗୋଟିଏ ସୁସ୍ଥ ସମାଜ ଗଠନରେ ବଡ଼ ବାଧା।

ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ, ଦୁର୍ନୀତି ଏବଂ ମାନସିକତା
କେଉଁ ଭଳି ବିକାଶ ପଥରେ ବାଧା ସାଜୁଛି ତାହା ବିଭିନ୍ନ ଗଳ୍ପରେ ପ୍ରକାଶ ପାଇଛି। 'ବଳି' ଗଳ୍ପରେ ଧର୍ମ ଏବଂ ପରମ୍ପରା ନାଁରେ ଚାଲିଥିବା ଅନ୍ଧବିଶ୍ୱାସ (ପ୍ରାଣୀବଳି) ସମାଜକୁ କେତେ କଳୁଷିତ କରୁଛି ଏବଂ ଜଣେ ଶିଶୁର ମନସ୍ତତ୍ତ୍ୱକୁ କିଭଳି ବିଷାକ୍ତ କରୁଛି, ତାହା ଏହି ଗଳ୍ପର ଶ୍ରେଷ୍ଠ ବାର୍ତ୍ତା। ଧର୍ମର ଦ୍ୱାହି ଦେଇ ହେଉ କିମ୍ବା ପରମ୍ପରାର, ଶେଷରେ ଜଣେ ଦୁର୍ବଳ ମଣିଷକୁ ହିଁ ମୂଲ୍ୟ ଦେବାକୁ ପଡୁଛି। ଏହା ସାମାଜିକ ନ୍ୟାୟର ଅବକ୍ଷୟକୁ ସୂଚାଉଛି । ଲୋକମାନେ ବାହାରେ ନିଜକୁ ଧାର୍ମିକ ଓ ଆଦର୍ଶବାଦୀ ଭାବେ ଉପସ୍ଥାପନ କରୁଥିଲେ ମଧ୍ୟ ସେମାନଙ୍କର ଭିତରର ରୂପ କେତେ କ୍ରୂର, ତାହା 'ବଳି' ଗଳ୍ପର ମୁଖ୍ୟ ବାର୍ତ୍ତା। ମାନବିକତା ଅପେକ୍ଷା ନିଜର ସୁବିଧାକୁ ଗୁରୁତ୍ୱ ଦେବା ଆଧୁନିକ ସମାଜର ଏକ କଳଙ୍କିତ ଦିଗ। ଆଧୁନିକ ଯୁଗରେ ମଧ୍ୟ ସମାଜରେ ଅନ୍ଧବିଶ୍ୱାସ କିଭଳି  ମାଡ଼ି ରହିଛି, ତାହା ଏହି ଗଳ୍ପରୁ ସ୍ପଷ୍ଟ ହୁଏ। ଡାକ୍ତରଖାନା ପରିବର୍ତ୍ତେ ମନ୍ଦିର ଉପରେ ଅନ୍ଧ ବିଶ୍ୱାସ ରଖିବା ସମାଜର ଏକ ବଡ଼ ବୌଦ୍ଧିକ ଅବକ୍ଷୟ। ଦେବୀଙ୍କ ପାଖରେ ନିରୀହ ପ୍ରାଣୀଙ୍କୁ ବଳି ଦେବା ଏକ ଅମାନବୀୟ ପ୍ରଥା। ପୁଅଟି ଏହି ପ୍ରଥାକୁ ବିରୋଧ କରି ନିଜ ଜୀବନ ହରାଇବା ସମାଜର ନୈତିକ ଅଧୋପତନକୁ ଦର୍ଶାଉଛି।

'ଗଣତନ୍ତ୍ର' ଗଳ୍ପରେ ରାଜନୈତିକ କଳୁଷତାକୁ ଉଲଗ୍ନ କରାଯାଇଛି। ଶାସନ ବ୍ୟବସ୍ଥାରେ ସାଧାରଣ ଲୋକର ଅସହାୟତା ଏବଂ ଦୁର୍ନୀତିଖୋର ମାନସିକତା ସମାଜ ବିକାଶରେ ଏକ ବଡ଼ ଅନ୍ତରାୟ ବୋଲି ଗାଳ୍ପିକ ପ୍ରମାଣ କରିଛନ୍ତି। ନେତାମାନେ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି। ନୈତିକତାର ବିନାଶ ଏବଂ କେବଳ କ୍ଷମତାକୁ ପ୍ରାଧାନ୍ୟ ଦେବା ସାମ୍ପ୍ରତିକ ରାଜନୈତିକ ଅବକ୍ଷୟର ଏକ ବଡ଼ ଚିତ୍ର। ଏହା ସାମାଜିକ ଓ ସାମ୍ବିଧାନିକ ମୂଲ୍ୟବୋଧର ଅବକ୍ଷୟକୁ ସୂଚାଉଛି। 'ଭ୍ରମ ' ଗଳ୍ପରେ ସେ ସମୟର ପ୍ରେମ ବିବାହ ଓ ଅଲଗା ଜାତି ପ୍ରତି ଥିବା ବିଦ୍ୱେଷ କିଭଳି ପରିବାରକୁ ବିଭକ୍ତ କରୁଥିଲା, ତାହା ଏଥିରେ ବର୍ଣ୍ଣିତ। ବଡ଼ମାନଙ୍କର ଏହି ଭ୍ରମାତ୍ମକ ଜିଦ୍ ଆଗରେ ଶିଶୁଟିର ମାନବିକତା ଜିତିଯାଉଛି। ଲେଖକ ଏଠାରେ ଦର୍ଶାଇଛନ୍ତି ଯେ ଶିକ୍ଷା କେବଳ ପରୀକ୍ଷା ଖାତାରେ ନମ୍ବର ରଖିବା ନୁହେଁ। ଗଳ୍ପର ଶିଶୁଟି ପାଠରେ ଦୁର୍ବଳ ହୋଇପାରେ, କିନ୍ତୁ ସମ୍ପର୍କକୁ ବୁଝିବା ଏବଂ ମଣିଷକୁ ମଣିଷ ଭାବେ ଗ୍ରହଣ କରିବାର ଯେଉଁ  ଉଚ୍ଚ ମାନସିକତା ତା' ପାଖରେ ଅଛି, ତାହା ସମାଜର ବଡ଼ ବଡ଼ ଜ୍ଞାନୀଙ୍କ ପାଖରେ ନାହିଁ। ଶିଶୁର ଏହି ନିଷ୍ପାପ ଗୁଣ ସମାଜର ଜାତିଗତ ଅବକ୍ଷୟକୁ ଏକ ଶକ୍ତ ପ୍ରହାର କରିଛି।

'ଅଧିକାର' ଗଳ୍ପରେ ଦେଖିବାକୁ ମିଳେ ଯେ ସମ୍ପର୍କ ଏବେ ଆଉ କେବଳ ଭାବପ୍ରବଣତାରେ ସୀମିତ ନୁହେଁ। ଲୋକମାନେ ନିଜର ସୁବିଧା ଓ ଅଧିକାରକୁ ନେଇ ଅଧିକ ସଚେତନ, ଯାହା ଅନେକ

ସମୟରେ ମାନବିକ ସମ୍ବେଦନାକୁ ଗୌଣ କରିଦେଉଛି।ଏହି ଗଳ୍ପରେ ଦର୍ଶାଯାଇଛି ଯେ ସାମ୍ପ୍ରତିକ ସମାଜରେ ପରିସ୍ଥିତି ଚାପରେ ସମ୍ପର୍କଗୁଡ଼ିକ କିଭଳି ବିଚ୍ଛିନ୍ନ ହୋଇଯାଉଛି। ନିଜର ରକ୍ତର ସମ୍ପର୍କକୁ ମଧ୍ୟ ଛାଡ଼ିବାକୁ ପଡୁଛି, ଯାହା ସାମାଜିକ ଅସ୍ଥିରତାର ଏକ ଚିତ୍ର। 'ଜୀବନକୁ ଆଉ ଗୋଟେ ସୁଯୋଗ ' ଗଳ୍ପରେ ଆଧୁନିକ ସମାଜର ସ୍ୱାର୍ଥପର ପିଢ଼ିର ଚିତ୍ର ଦେଖିବାକୁ ମିଳେ। ପୁଅ-ବୋହୂ ନିଜ ସୁଖ ପାଇଁ ବୃଦ୍ଧ ପିତାମାତାଙ୍କୁ ଅସହାୟ ଅବସ୍ଥାରେ ଛାଡ଼ିଦେବା ସମାଜର ଏକ ବଡ଼ ଅବକ୍ଷୟ। ସମ୍ପର୍କ ଅପେକ୍ଷା ସମ୍ପତ୍ତି ବଡ଼ ହୋଇଯାଇଛି । ଅବସର ପରେ ଜଣେ ବ୍ୟକ୍ତି କିଭଳି ନିଜ ପରିବାର ଭିତରେ ଥାଇ ମଧ୍ୟ ପର ହୋଇଯାଏ, ତାହା ଦୁର୍ଗାମାଧବଙ୍କ ଚରିତ୍ରରୁ ସ୍ପଷ୍ଟ ହୁଏ। ପାଗଳ ଗାରଦରେ ତାଙ୍କୁ ଛାଡ଼ିଦେବା ମାନବିକତାର ଅବକ୍ଷୟକୁ ସୂଚାଉଛି। ଗୌରହରି ଦାସ କେବଳ ସମାଜର ଅବକ୍ଷୟର ଚିତ୍ର ଦିଅନ୍ତି ନାହିଁ, ବରଂ 'ଜୀବନକୁ ଆଉଗୋଟେ ସୁଯୋଗ' ଭଳି ଗଳ୍ପ ମାଧ୍ୟମରେ ସେ ପାଠକକୁ ଜୀବନ ଜିଇଁବାର ନୂଆ ମାର୍ଗ ଦେଖାନ୍ତି। ଏହି ଗଳ୍ପଟି ହେଉଛି ସକାରାତ୍ମକ ଚିନ୍ତାଧାରାର ଏକ ଶ୍ରେଷ୍ଠ ନମୁନା ।

ଗଳ୍ପର ନାୟକ ଯେଉଁ ସମୟରେ ବିଶ୍ୱବିଦ୍ୟାଳୟରୁ ଉଚ୍ଚ ଶିକ୍ଷା ସମାପ୍ତ କରି ସମାଜରେ ଜଣେ ସୁନାଗରିକ ହେବା କଥା, ସେହି ସମୟରେ ସେ ରାଜନୈତିକ ହିଂସାର ଶିକାର ହୋଇ ନିମ୍ନ ସ୍ତରକୁ ଯାଉଛି। ସମାଜ ତାକୁ ଜଣେ ଅପରାଧୀ ଭାବେ ଦେଖେ ଏବଂ ଶିକ୍ଷିତ ହୋଇ ମଧ୍ୟ ସେ କୌଣସି ସମ୍ମାନଜନକ ଜୀବିକା ପାଇପାରେ ନାହିଁ। ଏହିପରି ଭାବେ ତା'ର ସମଗ୍ର ଜୀବନ "ଖତ" ହୋଇଯାଏ ।ସମାଜ କେବଳ ଘଟଣାକୁ ଦେଖେ, କିନ୍ତୁ ତା' ପଛରେ ଥିବା କାରଣକୁ ବୁଝେ ନାହିଁ। ଯେତେବେଳେ ଜଣେ ଛାତ୍ର ରାଜନୀତି ଯୋଗୁଁ ନଷ୍ଟ ହୋଇଯାଏ, ସମାଜ ତାକୁ କେବଳ 'ଅପରାଧୀ' ଆଖ୍ୟା ଦେଇ "ଖତ" ଭଳି ବାସନ୍ଦ କରେ। ତା'ର ଏହି ଚେହେରା ପଛରେ ଥିବା ପ୍ରତାରଣାର କାହାଣୀ ସମାଜ ଆଖିକୁ ଦେଖାଯାଏ ନାହିଁ । ଜଣେ ମେଧାବୀ ଓ ସରଳ ଛାତ୍ରର ଚେହେରା କିଭଳି ରାଜନୀତିର କୁତ୍ସିତ ପ୍ରଭାବରେ ଜଣେ ଅପରାଧୀର ଚେହେରାରେ ପରିଣତ ହେଉଛି, ତାହା ଗାଳ୍ପିକ ଅତି ଦାରୁଣ ଭାବେ ବର୍ଣ୍ଣନା କରିଛନ୍ତି। ଯେଉଁ ହାତରେ ବହି ଓ କଲମ ରହିବା କଥା, ସେହି ହାତରେ ଅସ୍ତ୍ରଶସ୍ତ୍ର ବା ଦଳୀୟ ପତାକା ଧରି ସେ ସମାଜ ଆଖିରେ ଜଣେ 'ଗୁଣ୍ଡା' ବା 'ଅପରାଧୀ' ପାଲଟି ଯାଉଛି। ଏହି ପରିବର୍ତ୍ତନ ପାଇଁ ସେ ନିଜେ ଯେତିକି ଦାୟୀ, ବ୍ୟବସ୍ଥା ତା'ଠାରୁ ଅଧିକ ଦାୟୀ।

ବାସ୍ତବିକ ଆଜିର ଆଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ମଣିଷ ଜୀବନକୁ ସୁବିଧାଜନକ କରିଥିଲେ ମଧ୍ୟ, ସମାଜର ନୈତିକ ମୂଲ୍ୟବୋଧରେ ଅବକ୍ଷୟ ଦେଖିବାକୁ ମିଳୁଛି। ଏହି ଅବକ୍ଷୟ ସମାଜର ଚିତ୍ର ବିଭିନ୍ନ ଦିଗରୁ ପ୍ରକାଶ ପାଉଛି। ପ୍ରଥମେ, ପରିବାର ବ୍ୟବସ୍ଥାରେ ଅବନତି ଦେଖାଯାଉଛି। ପୁରୁଣା ଦିନରେ ଯେଉଁଠି ଯୁକ୍ତ ପରିବାରରେ ସମ୍ମାନ, ସ୍ନେହ ଓ ମୂଲ୍ୟବୋଧ ରହୁଥିଲା, ଏବେ ସେଠାରେ ସ୍ୱାର୍ଥପରତା ଓ ଅନ୍ୟୋନ୍ୟ ଅବିଶ୍ୱାସ ବଢୁଛି। ବୃଦ୍ଧ ମାତାପିତାଙ୍କୁ ଅବହେଳା କରାଯାଉଥିବା ଘଟଣା ବୃଦ୍ଧି ପାଇଛି। ଦ୍ୱିତୀୟତଃ, ଶିକ୍ଷାକ୍ଷେତ୍ରରେ ମଧ୍ୟ ମୂଲ୍ୟବୋଧର ଅବକ୍ଷୟ ହେଉଛି। ଶିକ୍ଷା ଆଜି କେବଳ ଚାକିରି ପାଇବାର ଉପାୟ ହୋଇ ପଡ଼ିଛି, ଚରିତ୍ର ଗଠନର ମୂଳ ଲକ୍ଷ୍ୟ ହ୍ରାସ ପାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଶାସନ ଅଭାବ ଓ ଅସଦାଚରଣ ବଢୁଛି। ତୃତୀୟତଃ, ରାଜନୀତି ଓ ପ୍ରଶାସନରେ ଅନୀତି ଓ ଦୁର୍ନୀତି ସମାଜକୁ ଦୁର୍ବଳ କରୁଛି। ସତ୍ୟ ଓ ନ୍ୟାୟ ପରିବର୍ତ୍ତେ ସ୍ୱାର୍ଥ ଓ ଶକ୍ତିର ପ୍ରଭାବ ଅଧିକ ଦେଖାଯାଉଛି। ଚତୁର୍ଥତଃ, ଯୁବପିଢ଼ିର ଜୀବନ ଶୈଳୀରେ ବିପରୀତ ପରିବର୍ତ୍ତନ ହେଉଛି। ମାଦକ ଦ୍ରବ୍ୟ ସେବନ, ଅଶ୍ଳୀଳ ସାମଗ୍ରୀର ପ୍ରଭାବ ଓ ଅନ୍ଧ ଅନୁକରଣ ଯୁବମାନଙ୍କୁ ଭ୍ରମିତ କରୁଛି। ଏହା ସହିତ, ସମାଜରେ ଅନ୍ଧବିଶ୍ୱାସ, ଅପରାଧ ଓ ହିଂସା ବଢୁଛି। ଲୋକମାନେ ମାନବତା ଓ ନୈତିକତାକୁ ଭୁଲି ଯାଉଛନ୍ତି। ଏହି ଅବକ୍ଷୟ ରୋକିବା ପାଇଁ ଆମେ ସବୁଠୁ

ପ୍ରଥମେ ନିଜ ମନୋଭାବ ପରିବର୍ତ୍ତନ କରିବା ଦରକାର। ନୈତିକ ଶିକ୍ଷା, ପରିବାରୀକ ମୂଲ୍ୟବୋଧ ଓ ସତ୍ୟ-ନ୍ୟାୟର ପଥରେ ଚାଲିଲେ ସମାଜକୁ ପୁନଃ ସୁସ୍ଥ ଓ ସୁନ୍ଦର କରାଯାଇପାରିବ। ଯଥାର୍ଥରେ ସମାଜର ଅବକ୍ଷୟ ଏକ ଗଭୀର ସମସ୍ୟା, କିନ୍ତୁ ସଚେତନତା ଓ ସଠିକ ପଦକ୍ଷେପ ଦ୍ୱାରା ଏହାକୁ ଦୂର କରିବା ସମ୍ଭବ।

ଗୌରହରି ଦାସଙ୍କ କଥା ସାହିତ୍ୟ ଓଡ଼ିଆ ଗଳ୍ପ ଜଗତରେ ଏକ ଭିନ୍ନ ସ୍ୱାଦର ପରିଚୟ ଦିଏ। 'ଆକାଶ ଦିନେ ନୀଳ ଥିଲା' ସଙ୍କଳନଟି କେବଳ କେତେକ ଗଳ୍ପର ସମାହାର ନୁହେଁ, ବରଂ ଏହା ସାମ୍ପ୍ରତିକ ସମାଜର ଏକ ଜୀବନ୍ତ ଦଲିଲ୍। ଏହି ସଙ୍କଳନର ପୃଷ୍ଠଭୂମି ହେଉଛି ପରିବର୍ତ୍ତନଶୀଳ ମୂଲ୍ୟବୋଧ। ଗାଳ୍ପିକ ନିଜେ ଅନୁଭବ କରିଛନ୍ତି ଯେ, ସମୟର ସ୍ରୋତରେ ଆମ ଚାରିପାଖର ଆକାଶ (ଅର୍ଥାତ୍ ଜୀବନ ଓ ପରିବେଶ) ଆଉ ପୂର୍ବପରି ନିର୍ମଳ ବା 'ନୀଳ' ହୋଇ ରହିନାହିଁ। ଏଥିରେ ସ୍ୱାର୍ଥପରତା, ଅବକ୍ଷୟ ଏବଂ ଯାନ୍ତ୍ରିକତାର ଧୂଆଁ ମିଶିଯାଇଛି। ସଙ୍କଳନଟି ଗାଁର ସରଳତା ଏବଂ ସହରର ଜଟିଳତା ମଧ୍ୟରେ ଥିବା ଦୂରତ୍ୱକୁ ଦର୍ଶାଇବା ପାଇଁ ଏକ ସଫଳ ପ୍ରୟାସ ।

ସହାୟକ ଗ୍ରନ୍ଥସୂଚୀ:-
(୧) ଦାସ, ଗୌରହରି - ' ବିଦେଶ', "ଆକାଶ ଦିନେ ନୀଳ ଥିଲା", ପୃଷ୍ଠା - ୨୬୯(କଥା ସମଗ୍ର, ତୃତୀୟ ଭାଗ)

ମହ୍ଲାର ଇ-ପତ୍ରିକା ପ୍ରସ୍ତୁତ...
ତ୍ରୟମାସିକ ଇ-ପତ୍ରିକା

ମହ୍ଲାର ଇ-ପତ୍ରିକା ପରିବାର ପ୍ରସ୍ତୁତ...
ଅନଲାଇନ କବିତା ଆସର

## ତୂଳୀର କାନ୍ଦ...




ଧନଞ୍ଜୟ ଜେନା
ଷୋଳମପୁର, ସୋର,
ବାଲେଶ୍ୱର

ବାଲେଶ୍ୱରର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ଆକାଶର। ବାପା ଜଣେ ଅବସରପ୍ରାପ୍ତ କିରାଣି, ଯାହାଙ୍କ ପେନସନରେ ପରିବାର ଚଳିବା କଷ୍ଟକର ଥିଲା। ଆକାଶର ଏକମାତ୍ର ନିଶା ଥିଲା ଚିତ୍ରାଙ୍କନ। ସେ ଘରର ଚାରି କାନ୍ଥରେ କୋଇଲା ଗୁଣ୍ଡରେ ଚିତ୍ର ଆଙ୍କୁଥିଲା। ସ୍ୱପ୍ନ ଥିଲା—ଦିନେ ଦେଶର ବଡ଼ ଚିତ୍ରକର ହେବା।
କଲେଜ ଲାଇବ୍ରେରୀରେ ଆଶା ସହ ପ୍ରଥମ ଦେଖା। ଆଶା, ସହରର ସବୁଠୁ ଧନୀ ବ୍ୟବସାୟୀଙ୍କ ଏକମାତ୍ର ଝିଅ। ତା'ର ଚାହାଣୀରେ ଏକ ଅଜଣା ଆକର୍ଷଣ ଥିଲା। ଧୀରେ ଧୀରେ ସେମାନଙ୍କ ବନ୍ଧୁତା ପ୍ରେମରେ ବଦଳି ଗଲା। କିନ୍ତୁ ଆକାଶ ଜାଣିଥିଲା, ସେ ଏହି ପ୍ରେମ ପାଇଁ ଯୋଗ୍ୟ ନୁହେଁ, କାରଣ ତା' ପକେଟରେ ଟଙ୍କା ନଥିଲା, କେବଳ ଥିଲା ସ୍ୱପ୍ନ।

ପାଠ ପଢ଼ା ସରିଲା, ସଂଘର୍ଷ ଆରମ୍ଭ ହେଲା। ଆକାଶ ସହରର ଗଳିକନ୍ଦିରେ ବୁଲି ନିଜ ଚିତ୍ର ବିକ୍ରି କରିବାକୁ ଚେଷ୍ଟା କଲା। କିନ୍ତୁ ସମସ୍ତେ ତାକୁ ପ୍ରତ୍ୟାଖ୍ୟାନ କଲେ। ରାତିରେ ସେ ଏକ ଢାବାରେ କାମ କରୁଥିଲା। ଦିନବେଳା ଭୋକିଲା ପେଟରେ ତୂଳୀ ଧରି ବସୁଥିଲା। ଆଶା ସହ ଦେଖା ହେବା ପାଇଁ ତା' ପାଖରେ ଭଡ଼ାଟଙ୍କା ବି ନଥିଲା। ଥରେ ଆଶା ତାକୁ କହିଲା, "ଆକାଶ, ଚାଲ ଆମେ କୁଆଡ଼େ ଚାଲିଯିବା।" କିନ୍ତୁ ଆକାଶ କହିଲା, "ଆଶା, ତୁମକୁ ଏମିତି ଏକ ଜୀବନ ଦେବାକୁ ଚାହେଁ ଯେଉଁଠି ତୁମକୁ କେବେ କାହାରି ଆଗରେ ମୁଣ୍ଡ ନୁଆଁଇବାକୁ ପଡ଼ିବ ନାହିଁ।"

ଆଶାର ବାପା ଜାଣିଗଲେ ସବୁ। ସେ ଆକାଶକୁ ଅପମାନିତ କଲେ, ପୋଲିସ ଧମକ ଦେଲେ। ଆଶାକୁ ଘରେ ବନ୍ଦୀ କରି ରଖାଗଲା। ଆକାଶକୁ ସହର ଛାଡ଼ିବାକୁ ବାଧ୍ୟ କରାଗଲା। ଯେଉଁଦିନ ଆକାଶ ସହର ଛାଡ଼ିଲା, ଆଶାର ବାହାଘର ଥିଲା। ସେହି ରାତିରେ ବର୍ଷା ହେଉଥିଲା, ଆକାଶର ହୃଦୟ ଭିତରେ ବର୍ଷାଠାରୁ ଅଧିକ ବେଦନା ଥିଲା। ସେ ଚୁପଚାପ ଷ୍ଟେସନରେ ବସି ରହିଥିଲା, ଆଖିରୁ ଲୁହ ଝରୁଥିଲା। ସେଦିନ ସେ ଶପଥ କଲା—ସେ କେବଳ ଟଙ୍କା ପାଇଁ ନୁହେଁ, ନିଜର ଅସ୍ତିତ୍ୱ ପ୍ରମାଣ ପାଇଁ ବଞ୍ଚିବ।

ମୁମ୍ବାଇର ଭିଡ଼ ଭିତରେ ଆକାଶ ହଜିଗଲା। କେତେ ରାତି ଫୁଟପାଥରେ ଶୋଇଛି, କେତେ ଦିନ ପାଣି ପିଇ ବିତାଇଛି। କିନ୍ତୁ ସେ ତା'ର ତୂଳୀ ଛାଡ଼ିଲା ନାହିଁ। ସେ ଆଙ୍କିଲା 'ବିରହ'—ଏକ ଚିତ୍ର ଯେଉଁଥିରେ ସେ ପ୍ରେମିକାର ଲୁହକୁ ରଙ୍ଗ ଦେଇଥିଲା। ସେହି ଚିତ୍ରଟି ତା' ଭାଗ୍ୟ ବଦଳାଇଦେଲା। ଏକ ବଡ଼ ଗ୍ୟାଲେରୀରେ ତାହା ରେକର୍ଡ ଦରରେ ବିକ୍ରି ହେଲା।
ଆକାଶ ଆଜି ଜଣେ ପ୍ରତିଷ୍ଠିତ ଚିତ୍ରକର, କିନ୍ତୁ ତା' ହସରେ ସେହି ପୁରୁଣା ଦୁଃଖ ଲୁଚି ରହିଥିଲା। ସମୟ ଗଡ଼ିଗଲା। ଆକାଶ ନାମଟି ଏବେ ଦେଶର ପ୍ରସିଦ୍ଧ ଚିତ୍ରକରମାନଙ୍କ ମଧ୍ୟରେ ଗଣାଯାଏ। ତା'ର ଚିତ୍ରଗୁଡ଼ିକ ମନୁଷ୍ୟର ଭାବନାକୁ ଏମିତି ଛୁଇଁଯାଏ, ଯେପରି ସେ ନିଜେ ସେହି ଯନ୍ତ୍ରଣାକୁ ଜୀବନରେ ଅନୁଭବ କରିଛି।
ଆଉ ସେଇ ପଟେ... ଆଶା। ସେ ଆଜି ଧନୀ ଘରର ବୋହୂ। ବଡ଼ ଘର, ବଡ଼ ଗାଡ଼ି, ସବୁ କିଛି ଅଛି। କିନ୍ତୁ ମନରେ ଶାନ୍ତି ନାହିଁ। ତା'ର ହସ ମାନେ ଏବେ ମାତ୍ର ଏକ ନାଟକ........। ଦିନେ ହସେ, ରାତିରେ ଲୁହ ଝରେ।

ସେ ବୁଝିପାରିଲା—ସମ୍ପତ୍ତି ଥିଲେ ମଧ୍ୟ ସମ୍ମାନ ଓ ସ୍ନେହ ନଥିଲେ ଜୀବନ ଖାଲି ହୋଇଯାଏ। ତା'ର ଜୀବନରେ ଅନେକ ଅସହଜ ଓ ଯନ୍ତ୍ରଣାଦାୟକ ମୁହୂର୍ତ୍ତ ଥିଲା, ଯାହା ସେ କାହାକୁ କହିପାରୁନଥିଲା। ଏକ ଦିନ......., ଅନେକ ଯନ୍ତ୍ରଣା ବୋହି... ସେ ଫେରିଲା ସେଇ ପୁରୁଣା ସହରକୁ—ଯେଉଁଠି ସେ କେବେ ସତରେ ଭଲପାଇଥିଲା।

ସେ ଆକାଶକୁ ଖୋଜିଲା.........ଗ୍ୟାଲେରୀର ଦେଉଳୀରେ ତା'ର ଚିତ୍ରଗୁଡ଼ିକ ଲାଗିଥିଲା.......୦୦୦—
“ବିରହ”, “ଅପେକ୍ଷା”, “ନିରବତା”... ପ୍ରତ୍ୟେକ ଚିତ୍ର ମନେ ତା'ର କାହାଣୀ କହୁଥିଲା।
କିନ୍ତୁ ଆକାଶ...ସେ ଏବେ ଏହି ଦୁନିଆରେ ନାହିଁ
ତା'ର ଶେଷ ଚିତ୍ରଟି ଆଗରେ ଆସା ଥମ୍ଭିଗଲା। ସେହି ଚିତ୍ରରେ ଏକ ନାରୀ ଥିଲା—ତା'ର ଆଖିରେ ଅପେକ୍ଷା, ହୃଦୟରେ ଭଙ୍ଗା ସ୍ୱପ୍ନ... ଏବଂ ତଳେ ଛୋଟ ଅକ୍ଷରରେ ଲେଖା ଥିଲା—
"କେହି ଫେରିଆସନ୍ତି... କିନ୍ତୁ ସମୟ ଫେରେନାହିଁ"
ଆସାର ଆଖିରୁ ଲୁହ ଝରିପଡ଼ିଲା।
ସେ ଦେଖିଲା—ଆକାଶ ତା'କୁ ଜୀବନରେ ପାଇପାରିଲା ନାହିଁ, କିନ୍ତୁ ତା'ର କଳାରେ ସେ ଆସାକୁ ସଦା ପାଇଁ ଜୀବନ୍ତ ରଖିଦେଇଛି।
ସେ ଦିନ... ଭିଡ଼ ଭରା ଗ୍ୟାଲେରୀ ମଧ୍ୟରେ ଏକା ହୋଇ ଦଣ୍ଡାଇଥିବା ଆସା ବୁଝିଲା—
ସତ ପ୍ରେମ ହରାଇଲେ, ସମସ୍ତ ଦୁନିଆ ମିଳିଲେ ମଧ୍ୟ ଜୀବନ ଅଧୂରା ରହିଯାଏ। ଗ୍ୟାଲେରୀରୁ ବାହାରୁଥିବା ବେଳେ ଆସାର ପାଦ ଥରଥର କମ୍ପିଯାଉଥିଲା। ବର୍ଷା ଆରମ୍ଭ ହୋଇଯାଇଥିଲା—ମନେ ହେଉଥିଲା ଆକାଶ ମଧ୍ୟ ତା' ସହ କାନ୍ଦୁଛି।
ତା'ର ହାତରେ ଥିଲା ଏକ ଛୋଟ କାଗଜ—ଗ୍ୟାଲେରୀରୁ ମିଳିଥିବା ଆକାଶଙ୍କ ଶେଷ ଠିକଣା।ସେ ଧୀରେ ଧୀରେସେଠାକୁ ଚାଲିଲା...ଖାଲି ଘର, ଭରା ସ୍ମୃତିଦ୍ୱାର ଖୋଲିବା ସହିତ ଏକ ଶୀତଳ ହାୱା ତା' ମୁହଁକୁ ଛୁଇଁଗଲା। ଘରଟି ଛୋଟ... କିନ୍ତୁ ଦେଉଳୀରେ ଚିତ୍ର ଭରିଥିଲା।ପ୍ରତ୍ୟେକ ଚିତ୍ରରେ ଥିଲା ସେ—ଆସା।କେଉଁଠି ହସୁଛି, କେଉଁଠି କାନ୍ଦୁଛି, କେଉଁଠି ଅପେକ୍ଷା କରୁଛି...ଆସା ଘୁଁଗୁଟି ପଡ଼ିଗଲା।
“ତୁ ମୋତେ ଏତେ ଭଲପାଇଲୁ... ଆଉ ମୁଁ ତୋକୁ ଛାଡ଼ିଦେଲି...”

ଏକ ଚିଠି
ଟେବୁଲ୍ ଉପରେ ଥିଲା ଏକ ପୁରୁଣା ଡାୟାରୀ।
ତା' ଭିତରେ ଏକ ଚିଠି—
"ଆସା,
ମୁଁ ଜାଣେ ତୁ ଫେରିଆସିବୁ। ହୋଇପାରେ ମୋ ପାଇଁ ନୁହେଁ... କିନ୍ତୁ ତୋ ମନ ପାଇଁ।
ମୁଁ ତୋକୁ କେବେ ଦୋଷ ଦେଇନି। ପ୍ରେମ ଯଦି ସତ୍ୟ ହୁଏ, ସେ ଅପେକ୍ଷା କରିପାରେ... ଯନ୍ତ୍ରଣା ସହିପାରେ।
ଯଦି ମୁଁ ନଥାଏ... ତେବେ ମୋ ଚିତ୍ରମାନେ ତୋ ସହ ରହିବେ।
ତୁ ଖୁସି ରୁହିବୁ—ଏହା ମୋର ଶେଷ ଇଚ୍ଛା।
—ଆକାଶ"

ନୂଆ ଆରମ୍ଭ... କି ନୂଆ ଶେଷ?
ସେ ଦିନ ପରେ ଆସା କେଉଁଠି ଯାଇନି।
ସେ ସେଇ ଛୋଟ ଘରଟିରେ ରହିଗଲା।

ଦିନକୁ ଦିନ ସେ ଆକାଶଙ୍କ ଚିତ୍ରଗୁଡ଼ିକୁ ସଫା କରୁଥିଲା, ତା'ର ଡାୟାରୀ ପଢୁଥିଲା... ମନେ ହେଉଥିଲା ସେ ଆକାଶ ସହ କଥାହେଉଛି।
ତା'ର ଜୀବନ ଏବେ ଏକ ନିରବ ପଶ୍ଚାତ୍ତାପ।
ଶିଶୁର ଜନ୍ମ
ସମୟ ବିତିଗଲା...
ଏକ ଦିନ, ଭୟ ଓ ଲୁହର ମଧ୍ୟରେ, ଆସା ଜଣେ ଶିଶୁକୁ ଜନ୍ମ ଦେଲା।
ସେ ଶିଶୁକୁ ଦେଖି ସେ କାନ୍ଦିପଡ଼ିଲା।
"ତୁ ମୋର ଭୁଲର ଶାସ୍ତି ନୁହେଁ... ତୁ ମୋର ଜୀବନର ଶେଷ ଆଶା।"
ସେ ଶିଶୁର ନାମ ରଖିଲା—ଆକାଶ।
ଜୀବନର ଭାର
ଆସା ଏବେ ଜଣେ ମା।
ସେ ଚେଷ୍ଟା କରୁଥିଲା ତା'ର ଶିଶୁକୁ ସେହି ସବୁ ଦେବାକୁ, ଯାହା ସେ ନିଜେ ପାଇନଥିଲା—ସ୍ନେହ, ସମ୍ମାନ, ସତ୍ୟ।
କିନ୍ତୁ ରାତି ହେଲେ...
ସେ ଚୁପ୍ ବସି ରହୁଥିଲା ଆକାଶଙ୍କ ଚିତ୍ର ଆଗରେ।

ବର୍ଷ କେତେ ଗଲା...........ଏକ ଦିନ...
ଆସା ଶାନ୍ତ ଭାବେ ବସିଥିଲା ଆକାଶଙ୍କ ଶେଷ ଚିତ୍ର ଆଗରେ।
ତା'ର ଆଖି ବନ୍ଦ ହେଉଥିଲା...
ମୁହଁରେ ଥିଲା ଏକ ହାଲୁକା ହସ।
ମନେ ହେଉଥିଲା—ସେ ଆଉଥରେ ଆକାଶକୁ ଦେଖୁଛି।

ଦେଉଳୀରେ ଥିବା ଚିତ୍ରମାନେ ନିରବ ହୋଇ ଦେଖୁଥିଲେ—
ଏକ ପ୍ରେମ କାହାଣୀ...
ଯାହା ସମୟରେ ମିଳିପାରିଲା ନାହିଁ,
କିନ୍ତୁ ସ୍ମୃତିରେ ସଦା ପାଇଁ ବଞ୍ଚି ରହିଗଲା।
"କେତେକ ପ୍ରେମ କାହାଣୀ ଶେଷ ହୁଏ ନାହିଁ... ସେଗୁଡ଼ିକ ନିରବତାରେ ଜୀବନ୍ତ ରହିଥାଏ।"

# ଜୀବନ ସଂଘର୍ଷ...



ପ୍ରିତିଶ୍ରୀ ପ୍ରିୟଦର୍ଶିନୀ
ସୁନ୍ଦରପୁର, ଟାଙ୍ଗୀ, ଖୋର୍ଦ୍ଧା

ରାଜଧାନୀର ଗୋଧୂଳି ଆଲୁଅର ସମାନ୍ତର ରେଖା ରେ ଆଗେଇ ଚାଲିଛି ଗାଡି ମଟରା ନାଲି ଚକ ଚକିଆ କାର ସହ ତାଳ ଦେଇ ମାଡ଼ି ଚାଲିଛି ଗୋଟେ ଅଟୋ ରିକ୍ସା। କାରଟି ଗୁଡାଏ ହର୍ଣ ମରିଲାଣି ହେଲେ ରିକ୍ସା ଟି ସାଇଡ଼ ଛାଡିବାକୁ ନାରାଜ। ନାଲି ଗାଡି ରେ ପକ୍ୱ ବୟସ୍କ ଲୋକଟି ବସି ବେଶ ବିରକ୍ତ,ଆଉ ହେବା କଥା ବି'। ସେଇ ସମୟରେ ନଜର ପଡିଲା ଅଟୋର ,ପଛପଟ ଜିନିଷ ରଖିବା ଜାଗା ଉପରେ। ଖୁନ୍ଦା ଖୁନ୍ଦି ହେଇ ବସିଛନ୍ତି କମ ସେ କମ ଚାରି ଗୋଟି ମାଇପି। ମଇଳା ସୂତା ଶାଢ଼ୀ ଖଣ୍ଡେ ଖଣ୍ଡେ ପିନ୍ଧିଛନ୍ତି। ଚମଡା ଧଡ ଧଡ ନୁଖୁରା ଦେହ ରେ ଲେଉଟାଣି ଖରା ପଡି ଦେହଟା ଏକରକମର ପୋଡା ଅଙ୍ଗାର ଭଳି ଦିଶୁଛି,ଗୋଡ ବାହାରକୁ ବାହାରି ଝୁଲୁଛି,ଗାଡି ମଟର ର ପେଁ ପାଁ ରେ ବି ଢୁଳେଇ ପଡିଛନ୍ତି। କିଛି। ଘରେ ଶୀଘ୍ର ପହଁଚିଲେ ପୁଣି ଚୁଲି ମୁଣ୍ଡ ଧର,ସଉଦା ସାରିଯାଇଥିବା।ଆଜି ଆଣିଥିବା କେତେ ଗୋଟି ଟଙ୍କା ରେ ତେଲ ଲୁଣି କିଣା ହେବ। ପିଲା ଛୁଆ ,ମା ଆସିବା ବାଟ କୁ ଚାହିଁରଖିଥିବେ ଆଉ ଭୋକ ରେ ଆଉଟୁ ପାଉଟୁ ହେଉଥିବେ ନିହାତି। ସାଙ୍ଗରେ ଆଣିଥିବା ବଡ କଂସା-ଟିଫିନ ରେ ପଖାଳ ଗଣ୍ଡା ଯାହା ଖାଇଥିବେ,ସେ ସବୁ ପେଟର କୋଉ କଣ ରେ ହଜିଯିବଣି।

କାରରେ ବସିଥିବା ମଣିଷଟିର ବି କଣ ଭୁଲ ,ଅଫିସ ର କାମ ରେ ଘାଣ୍ଟି ହେଇ ବୋଧ ହୁଏ ଲଞ୍ଚଟା ବି ଠିକ ସେ ଖାଇନଥିବ। ସେଇଆ ନହେଇଥିଲେ ଉପର ଅଫିସର ର ଗାଳି ଆଉ ତାଗିଦ ରେ ପେଟ ଟା ଏକ ରକମ ର ପୁରି ଯାଇଥିବ। ସ୍ତ୍ରୀ ଦେଇଥିବା ବଡ ଗୋଟେ ଗ୍ରସରି ଲିଷ୍ଟର ସବୁ ଜିନିଷ ସମୟରେ ନେଇ ପହଂଚିବାର ଅଛି।ପୁଣି ଝିଅ କି ପୁଅ କହିଥିବା ତାର ଫେବେରେଟ ଆଇସ୍ କ୍ରୀମ ନହେଲେ ପିଜ୍ଜା।ଏଲ. ଆଇ .ସି କିମ୍ବା ଇନ୍ସୁରାନ୍ସ ପ୍ରିମିୟମ ର ଆଜି ଶେଷ ତାରିଖ ହେଇଥିବ। ଆହୁରି କେତେ କଣ ଜିନିଷ କରିବାର ଥିବ ତା ଅନୁସାରେ ସେଇ ସ୍ୱଳ୍ପ ଆୟରେ।

ଜୀବନ ର ଗତି ପଥରେ ଧାଇଁ ଚାଲିଛି ନିଃସ୍ୱ ମଣିଷ।ତାର ଯାତ୍ରା ନିରନ୍ତର ଆଉ ସମୟ ସୀମିତ।ଅଟୋ ରେ ବସିଥିବା କଙ୍କାଳିଆ ମୂଲିଆ ଟେ ହେଉ ଅବା ଚକ ଚକିଆ ଗାଡି ରେ ବସିଥିବା ଚର୍ବିପୂର୍ଣ ଚାକିରିଆ ଟେ ହେଉ ,ଜୀବନ ର ସଂଘର୍ଷ ଏକ ପ୍ରକାର,ଦିନର ଅବସାନରେ ସେହି ଗୋଟିଏ ଲକ୍ଷ୍ୟ,'ଦୁଇ ମୁଠା ପେଟ କୁ ,ଖଣ୍ଡେ ବିଛଣା,ଆଉ ନିଜ ପିଲା ଛୁଆ ମୁହଁ ରେ ଦାନା ସହ ଟିକେ ହସ'। ଜୀବନ ର ସଂଘର୍ଷଟା ସଭିଙ୍କ ପାଇଁ ସମାନ ନହେଇ ପାରେ କିନ୍ତୁ ଭିନ୍ନ ବି ନୁହେଁ। ଜୀବନ ର ଅନ୍ୟ ନାମ ସଂଘର୍ଷ କିମ୍ବା ସଂଘର୍ଷର ଅନ୍ୟ ନାମ ଜୀବନ ହେଇପାରେ। ନେଇଆଣି ଯୋଇଜାଣିଲେ, ମଣିଷ ସଂଘର୍ଷକୁ ଜିଣିଯାଏ, ଆଉ ନପାରିଲେ ସଂଘର୍ଷ ଆଗରେ ମଥା ନୁଆଁଏ ।

# ଅଧୁରା ଚିଠିର ପରଦେଶୀ ସାଥୀ...



ରାଜେଶ କୁମାର ଗୁରୁ
ରାମଚନ୍ଦ୍ରପୁର, ଫତେଗଡ଼,
ନୟାଗଡ଼

ସହରର କୋଳାହଳଠାରୁ ଦୂରରେ, ଗୋଟିଏ ଝରକା କଡ଼ରେ ବସି ରାଜେଶ କିଛି ଲେଖିବାକୁ ଚେଷ୍ଟା କରୁଥିଲା। ତା' କଲମରୁ ଶବ୍ଦ ତ ବାହାରୁଥିଲା, କିନ୍ତୁ ସେଥିରେ କେଉଁଠି ନା କେଉଁଠି ଏକ ଅକୁହା ଶୂନ୍ୟତା ଥିଲା। ତା'ର ପ୍ରତିଟି କବିତାରେ ଜଣେ ଅଜଣା ସାଥୀର ଛାୟା ରହୁଥିଲା, ଯାହାକୁ ସେ କେବେ ଦେଖିନଥିଲା, କେବଳ ଅନୁଭବ କରିଥିଲା।
ଗଳ୍ପର ସେହି ମଧୁର ଆଳାପ:

ରାତି ପ୍ରାୟ ଗୋଟାଏ। ଚାରିଆଡ଼ ନିଶୂନ, କେବଳ ରାଜେଶର ଟେବୁଲ୍ ଲ୍ୟାମ୍ପ୍‌ର ଆଲୁଅରେ ତା' କଲମର ଛାଇ ଥରୁଛି। ଠିକ୍ ସେତିକି ବେଳେ ଫୋନ୍‌ରେ WhatsApp ର ସେହି ପରିଚିତ ଟୋନ୍‌ଟି ବାଜିଉଠିଲା।
ଅଜଣା ସାଥୀ: "ଶୋଇଗଲ କି?"
ରାଜେଶ: "ନା, ତୁମ ଅସଜଡ଼ା ଶବ୍ଦମାନଙ୍କ ଅପେକ୍ଷାରେ ଥିଲି।"
କିଛି ସମୟ ପରେ ସେପଟୁ ଏକ କବିତାର ଅଂଶ ଆସିଲା— "ତୁମେ ନୀଳ ଆକାଶର ସେଇ ଜହ୍ନ, ମୁଁ ତୁମ ପାଖରେ ପହଞ୍ଚି ନପାରୁଥିବା ଏକ ଅଧୁରା ସ୍ୱପ୍ନ..."

ମିଛ ବାର୍ତ୍ତାଳାପ:
ରାଜେଶ: ହଁ, ଏଥିରେ କିଛି ତ୍ରୁଟି ପରିଲକ୍ଷିତ ହେଉଛି; ମୁଁ ଏହାକୁ ସୁଧାରି ଦେଉଛି।
ଅଜଣା ସାଥି: ହଁ, ସଜାଡ଼ି ଦିଅ।

ତୁମେ ନୀଳ ଆକାଶର ସେଇ ଜହ୍ନ,
ମୁଁ ତୁମ ପାଖରେ ପହଞ୍ଚି ନପାରୁଥିବା ଏକ ଅଧୁରା ସ୍ୱପ୍ନ,
ହେଲେ ସେହି ସ୍ୱପ୍ନରେ ବି ଅଛି ଏକ ନିଆରା ପାଇବାର ସୁଖ,
ଯେଉଁଠି ଆମେ ଦୁହେଁ ଏକା, ଆଉ ନାହିଁ ଏ ଦୁନିଆର ଦୁଃଖ।

ରାଜେଶ: ଏବେ ଠିକ୍ ଅଛି କୁହ?
ଅଜଣା ସାଥି: ମୋ ପାଖରେ କିଛି ଉତ୍ତର ନାହିଁ... (ହଁ, ଠିକ୍ ଅଛି)।
ରାଜେଶ ତା'ର ଡାଏରୀର ଶେଷ ପୃଷ୍ଠାରେ ସେହି ଅଜଣା ସାଥୀ ପାଇଁ ଏହି କବିତାଟି ଲେଖି ରଖିଲା:

ଅଧୁରା ଚିଠିର ପରଦେଶୀ ସାଥୀ
ତୁମେ ସେପାରିର ସେଇ ଅଜଣା ପଥିକ,

ମୁଁ ଏପାରିର ଏକ ନିର୍ଜନ ନାବିକ,
ଅଧୁରା ଶବ୍ଦରୁ ସାଉଁଟି ଆଣିଛି ପ୍ରେମର ଫୁଲ କିଛି,
ତୁମ ଅଭିମାନୀ ମନ ପାଇଁ ମୁଁ ଆଜି କବିତାଟିଏ ଲେଖିଛି।

ତୁମେ କହିଲ ସ୍ୱପ୍ନ ହୋଇ ରହିଯିବ,
ମୁଁ କହିବି ସେହି ସ୍ୱପ୍ନରେ ହିଁ ତୁମେ ମୋର ହେବ,
ନୀଳ ଆକାଶର ଜହ୍ନ ତ ସମସ୍ତେ ଦେଖନ୍ତି,
କିନ୍ତୁ ସେ ଜହ୍ନର କଳଙ୍କକୁ କେବଳ ପ୍ରେମୀମାନେ ପଢ଼ନ୍ତି।

ସହରର କୋଳାହଳରୁ ଦୂରରେ ଏଇ ନିଶୂନ ରାତି,
ତୁମେ ସାଜିଛ ମୋ ଅଧୁରା ଚିଠିର ପରଦେଶୀ ସାଥୀ,
ଶବ୍ଦରେ ଶବ୍ଦ ମିଶିଲେ ଗଢ଼ା ହୁଏ ଗୋଟେ ନୂଆ କାହାଣୀ,
ଯେଉଁଠି ତୁମେ ମୋ କବିତାର ରାଜକୁମାରୀ, ଆଉ ମୁଁ ତୁମ ପ୍ରେମର ଦେବାନୀ।

ଗଳ୍ପର ସେହି ହାସ୍ୟମୟ ମୁହୂର୍ତ୍ତ ଓ ଆଳାପ:
ରାତି ବଢ଼ିଲେ ରାଜେଶର ଫୋନରେ ଝିଅଟିର ବାଳିଆପଣା ବି ବଢ଼ିଯାଏ। ଦିନେ ଝିଅଟି ଜୋର କରି କହିଲା, "ସବୁବେଳେ ତ ରୋମାଣ୍ଟିକ ଲେଖା ଲେଖୁଛ, ଆଜି ମୋ ପାଇଁ ଗୋଟେ ହାସ୍ୟ କବିତା ଲେଖିଲ ଦେଖି!"
ରାଜେଶ ହସିଦେଇ ତତ୍କ୍ଷଣାତ୍ ଲେଖି ପଠାଇଲା:

"କବିତା ତୁମର ମାଛି ପରି,
ଉଡ଼ି ବୁଲେ ସବୁଆଡ଼େ ଗାଁ ଗାଁ କରି!
ଅଳ୍ପ କିଛି ହସ ଆଉ ଅଳ୍ପ କିଛି ରାଗ,
ତୁମେ ହେଉଛ ମୋ ଡାଏରୀର ସବୁଠୁ ଦୁଷ୍ଟ ଭାଗ।"

ଝିଅଟି ଗୋଟିଏ ରାଗିବା ଇମୋଜି ଦେଇ ଲେଖିଲା, "ଆଚ୍ଛା! ମୁଁ ଦୁଷ୍ଟ? ଏବେ ଦେଖ, ମୁଁ ଏମିତି କବିତା ଲେଖିବି ଯେ ତୁମେ ସୁଧାରି ସୁଧାରି ହାଲିଆ ହୋଇଯିବ।"
ରାଜେଶ: "ସେଇଟା ତ ମୋର ସବୁଠୁ ବଡ଼ ସୌଭାଗ୍ୟ। ତୁମେ ଯେତେ ବେଶୀ ଭୁଲ୍ କରିବ, ଆମ କଥାବାର୍ତ୍ତା ସେତେ ବେଶୀ ସମୟ ଯାଏଁ ଚାଲିବ।"
ଅଜଣା ସାଥୀ: "ଜାଣିଛ ରାଜେଶ, ମୁଁ ଜାଣିଶୁଣି କେବେ କେବେ ଭୁଲ୍ ଲେଖେ। କାରଣ ମୁଁ ଚାହେଁ ତୁମେ ମୋ ଉପରେ ଟିକେ ବିରକ୍ତ ହୁଅ, ଆଉ ପରେ ପୁଣି ସେଇ ଭଲପାଇବା ଦେଇ ମତେ ସଜାଡ଼ି ଦିଅ।"

ଗଳ୍ପର ପରିସମାପ୍ତି:
ରାଜେଶ ଫୋନ୍ ସ୍କ୍ରିନ୍‌କୁ ଚାହିଁ ମୁରୁକି ହସିଲା। ସେ ବୁଝିଗଲା ଯେ ଏଇ ହସ-କାନ୍ଦ, ରାଗ-ଅଭିମାନ ଆଉ ଅସଜଡ଼ା କବିତାଗୁଡ଼ିକ ହିଁ ସେମାନଙ୍କୁ ପରସ୍ପରର ଏତେ ପାଖକୁ ନେଇ ଆସିଛି। ସେ ଜାଣିଥିଲା

ଯେ ଦୁନିଆ ପାଇଁ ସେମାନେ ହୁଏତ ଦୁଇଜଣ ଅଜଣା ମଣିଷ, କିନ୍ତୁ ଶବ୍ଦର ସେହି ଦୁନିଆରେ ସେମାନେ ପରସ୍ପରର ଆତ୍ମାକୁ ପଢ଼ି ସାରିଛନ୍ତି।

ସେଦିନ ରାତିରେ ରାଜେଶ ନିଜ ଡାଏରୀର ଶେଷ ପୃଷ୍ଠାରେ ଲେଖିଦେଲା:

"ତୁମେ ଶବ୍ଦ ହୋଇ ଆସ, ମୁଁ ଅନୁଭୂତି ହୋଇ ସାଉଣ୍ଟି ନେବି,
ତୁମେ ଭୁଲ୍ କବିତାଟିଏ ଲେଖ, ମୁଁ ପ୍ରେମ ହୋଇ ସୁଧାରି ଦେବି।"

ରାଜେଶ ବୁଝିସାରିଛି ଯେ, ପ୍ରେମ ମାନେ କେବଳ ସାଥୀ ହୋଇ ଚାଲିବା ନୁହେଁ, ବରଂ କାହାର ଅସଜଡ଼ା ଭାବନାକୁ ନିଜ ହୃଦୟ ଦେଇ ସମ୍ପୂର୍ଣ୍ଣ କରିବାରେ ହିଁ ପ୍ରକୃତ ସୁଖ ଥାଏ। ସେଇ ଅଜଣା ପରଦେଶୀ ଝିଅଟି ଆଜି ତା'ର କବିତା ନୁହେଁ, ବରଂ ଜୀବନ ସାଜି ସାରିଛି।

"ସମ୍ପର୍କ ସେଇଟା ନୁହେଁ ଯେଉଁଠି ଭୁଲ୍ ନଥାଏ, ସମ୍ପର୍କ ତ ସେଇଟା ଯେଉଁଠି ପରସ୍ପରର ଭୁଲ୍‌କୁ ସୁଧାରି ନେବାରେ ଏକ ଅଦ୍ଭୁତ ଆନନ୍ଦ ଥାଏ।"

ଶେଷ ପଦ:

"ସମୟ ବଦଳିଯାଏ, ସହରର କୋଳାହଳ ବଢ଼ିଯାଏ, କିନ୍ତୁ କିଛି ଅସଜଡ଼ା ଶବ୍ଦ ଆଉ ଅଧୁରା ଚିଠି ସବୁଦିନ ପାଇଁ ସାଇତା ହୋଇ ରହିଯାଏ। ପ୍ରେମ ତ ସେଇଠି ଥାଏ, ଯେଉଁଠି ପରସ୍ପରର ଅସମ୍ପୂର୍ଣ୍ଣତାକୁ ସାଉଁଟି ନେଇ ଜଣେ ଅନ୍ୟ ଜଣକୁ ସମ୍ପୂର୍ଣ୍ଣ କରିଥାଏ।"

(ଏହା ଏକ କାଳ୍ପନିକ କ୍ଷୁଦ୍ର ଗଳ୍ପ, କେବଳ ମନୋରଂଜନ ପାଇଁ)



## ଅପେକ୍ଷାର ବ୍ୟାକୁଳତା...



ଶ୍ରୀ ନନ୍ଦୀ
(ସଂଯୋଜକ: ମହ୍ଲାର ଇ-ପତ୍ରିକା)
ଦେଉଳିପଞ୍ଚୁଘଣ୍ଟା, ଜଳେଶ୍ୱର , ବାଲେଶ୍ୱର

**ପ**ରୀକ୍ଷା କକ୍ଷରେ ପ୍ରବେଶ ପରେ ନିରିକ୍ଷକ ଙ୍କର ଏମିତି କିଛି କଥା ଶୁଣି ପରୀକ୍ଷା ହଲ୍ ଭିତରେ ସୁନୀଲର ମନରୁ ଗମ୍ଭିରତା ବେଶ୍ ଉଭେଇ ଗଲା ପରି ମନେ ହେଉଥିଲା । ହେଲେ ସେ ଗମ୍ଭିରତା ଅନ୍ତରୁ କିନ୍ତୁ ଲିଭି ନଥିଲା । ପାଠପଢ଼ା ସମୟ ରେ ପାଠପଢି ବସିଲେ ମୋବାଇଲ୍ ଫୋନର ଲୁକାୟିତ ପରଦା ପଛରେ ଯାହା ସବୁ ଥାଏ ସବୁ ଆଖିର ପରଳ ଆଗରେ ବେଶ କିଛି ସମୟ ହାଉଯାଉ ହୋଇ ଝଲସି ଉଠେ । ସେଇ ସମୟ ଯେ ପୁଣି ଥରେ ପାଠପଢ଼ା ସ୍ଥାନରୁ ଘରର ବୈଠକ ଖାନାସ୍ଥିତ ମୁଖ୍ୟ ଟେବୁଲର ସେଇ ପାଖ ସୁଇଚବୋଡ ପାଖକୁ ହାତ ଗୋଡ଼ ଅବଲୋକରା ହୋଇ ଇତଃସ୍ତତଃ ଗତି କରନ୍ତି, ସତେ ଯେମିତି ତାକୁ ମନ ତ ଦୂର କେଉଁ ଏକ ଭିନ୍ନ ଆତ୍ମାନ ମଧ ଅଟକାଇ ପାରିବେ ନାହିଁ ହେଲେ ଟେବୁଲ ପାଖରେ ପଡିଥାବା ସେ ହାତବାଲା କାଠ ଚୌକିର ଚୌକିଦାର ଥିଲେ ଇତଃସ୍ତତଃ ଅଂଗ ମାନ ସବୁ ସ୍ଥିରା ସତେ ଯେମିତି ପଙ୍ଗୁ । ଉପର ମାଢ଼ି ଓ ତଳ ମାଢିର ଦାନ୍ତ ଘର୍ଷଣ ଭିତରେ ରାଗ ତମତମ ନିରବ ବିବୃତ୍ତି ସବୁ ମଧ ବାହାରେ । ହେଲେ ଚୌକି ଖାଲି ଥିଲେ ଏ ସବୁ ସତେ ଯେମିତି ଶିଷ୍ଟାଚାରର ପରିଚୟ ଗତ ଅଭିନୟ ପରି ମନେ ହୁଏ । ଚୌକିର ଚୌକିଦାର ଆଜି ନୁହେଁ ବରଂ ବର୍ଷ ବର୍ଷ ଧରି ସେଇ ଚୌକିରେ ବସନ୍ତି ଚା' ପିଅନ୍ତି , ଖବର କାଗଜ ପଢନ୍ତି , ବହି ପଢନ୍ତି , କେବେ କେବେ ସମୟ ସମୟରେ ସ୍ତମ୍ଭ ଫିଚର ମଧ ଲେଖନ୍ତି। ହେଲେ ସେ ସବୁ କେବେ ସମାଜରେ ପ୍ରଚଳିତ ଲୋକପ୍ରିୟ ପତ୍ରିକା, ଖବର କାଗଜ କିମ୍ବା ପ୍ରାଚୀର ପତ୍ରରେ ବାହାରି ନାହିଁ ଆଜି କିନ୍ତୁ କାହିଁ ଭାରି ବ୍ୟସ୍ତ ବିବ୍ରତ ହେଲାପରି ଲାଗନ୍ତି ଚୌକିଦାର । ଆମର ଏ ଚୌକିଦାର ଯେ ଜଣେ ଜଗୁଆଳି ତା ଭାବିବା ଏକାନ୍ତ ଅପରିହାର୍ଯ୍ୟ। ସେ ଯେ ଜଣେ ଉତ୍ତମ ବ୍ୟକ୍ତିତ୍ୱ ଓ ଅଭ୍ୟର୍ଥନା ଗୃହର ମୁଖ୍ୟ ନେତା ତାହା ଆଉ କିଛି ନ ହେଲେ ବି ତାଙ୍କର ନିର୍ମଳ ପୋଷାକରୁ ବେଶ ଭଲରେ ବୁଝାପଡୁଛି । ଅଣ୍ଟାର ଠିକ୍ ଉପରୁ ଗୁଇଠି ଯାଏ ପରିବ୍ୟାପ୍ତ ଲମ୍ବା ଧବଳ ବର୍ଣ୍ଣର ଧୋତି , ହାତ ତଳକୁ ସେଇ ସଫେଦ ଧଳା ରଙ୍ଗର ପାଇ ଜାମା , ଆଖିରେ ଯବକାଚ ପରି ଗଭିର ଲେନ୍ସର ଚଷମା । ହାତରେ ଘଡ଼ି ନାହିଁ ହେଲେ ସେ ଯେ ସମୟନୁବର୍ତ୍ତି ତାହା ତାଙ୍କ ସମ୍ମୁଖ କାନ୍ଥରେ ଝୁଲୁଥିବା ବଡ଼ ଗୋଲ ଘଣ୍ଟା ହିଁ ଶ୍ରେଷ୍ଠତା ପ୍ରମାଣ କରେ ।

ତାଙ୍କ ପାଇଁ ସମୟ ବେଶି ରାତି ହୋଇନଥିଲେ ମଧ , ପରିବାରର ଅନ୍ୟ ସଦସ୍ୟ ମାନଙ୍କ ପାଇଁ ରାତି ଅଧା ଅଧି ହୋଇଗଲାଣି ଏ ପର୍ଯ୍ୟନ୍ତ ସେ ସେଇ କାନ୍ଥକୁ ଲାଗିରହିଥିବା ଟେବୁଲରେ ଗୋଟିଏ ମୁଟା ବହିକୁ ଧରି ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଚାଲିଛନ୍ତି। ମୋଟା ବହିଟା କହିବାକୁ ଏଇଥିପାଇଁ ଠିକ୍ ମନେ କଲି ଯେ ବହିର ପୃଷ୍ଠା ଆନୁମାନିକ ପାଞ୍ଚସହ ଉପରେ ହେବ। ବହି ପଢ଼ାପଢ଼ି ପରେ ଧବ ଫରଫର ସାଧା କାଗଜ ଉପରେ କିଛିଟା ଶବ୍ଦର ଚିତ୍ର ଅଂକନ ପ୍ରକାଶ ନକଲେ କେବେ ନିଦ ହୁଏନି।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୭୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

ଆଜି କିନ୍ତୁ ବାବୁଙ୍କ ଚୌକି ଖାଲି ସତେ ଯେମିତି ସେ ମୁକ୍ତ ଚୌକିରେ କାହାର ଅନୁପସ୍ଥିତି କୁ ମନେ ପକେଇ ଗଭିର ଯନ୍ତ୍ରଣାରେ ସ୍ଥିର ଛଟପଟ ହୋଇଯାଉଛନ୍ତି ଟେବୁଲ ଆଉ ଚୌକି । ଗୋଟିଏ ପାଖରେ କ୍ରମାନ୍ୱୟରେ ସାଇତା ହୋଇ ରହିଛି ଖବର କାଗଜ ଆଉ ଗୋଟିଏ ପାଖରେ ଭଲିକି ଭଲି ଭାଷାର ଗଳ୍ପ ଉପନ୍ୟାସ ପ୍ରବନ୍ଧ ପରି କେତେ କ'ଣ ବହି । ବୈଠକ ଖାନାରେ ଏ ଟେବୁଲ ଟା ସ୍ଥାନିତ ହେବା ଦିନଠାରୁ ଟେବୁଲରେ ଟେଲିଫୋନ ଟିଏ ମଧ୍ୟ ସ୍ଥାପନ ପାଇଁ ନିଜ ମନ ଭିତରୁ ପ୍ରସ୍ତାବ କୁ ନାକଚ କରିଦେଇଥିଲେ ହେମନ୍ତ ବାବୁ । ହେଲେ ଏଇ ତିନିଚାରି ବର୍ଷ ହେବ ସମୟର ଅତ୍ୟାଧୁନିକ ସୁବିଧା ସୁଯୋଗ ଭିତରେ ହାତର ଚାଖଣ୍ଡେ ଆଙ୍ଗୁଳି ଭିତରେ ଅତ୍ୟନ୍ତ ଗଭୀର ଭାବରେ ପ୍ରଭାବିତ କରୁଥିବା ଯାଦୁଇ କଳା ପରଦା ବିଶିଷ୍ଟ ଯନ୍ତ୍ରଟା ଏତେ ମାତ୍ରାରେ ଇତଃସ୍ତତଃ କରୁଛି ଯେ , ବାବୁ ତାକୁ ତାଙ୍କ ଖାନଦାନି ଟେବୁଲ ଉପରେ ନ ରଖିଲେ ସତେ ଯେମିତି ସମାଜ ତାଙ୍କୁ ସାମାଜିକ ବନ୍ଧନରୁ ଦୂରେଇଦେଉଛି । ହେଲେ ସେ ଯନ୍ତ୍ରଟାର ଯନ୍ତ୍ରଣା ଏତେ ବ୍ୟପକ ହୋଇଗଲାଣି ଯେ , ଗଛରୁ ଫୁଲ ଫଳ ଯେପରି ଛିଣ୍ଡାଇ ନେଲେ ଆମ ଗଛର ସୈନ୍ଦର୍ଯ୍ୟ ପାଶୋରି ଯାଏ ନିଜର ବ୍ୟସ୍ତବହୁଳ ଜୀବନ ଭିତରେ ପାରିବାରିକ ସଂସାର ଟା ମଧ୍ୟ ସେଇଭଳି ଇତଃସ୍ତତଃ ବିରହ ବେଦନାରେ ଜର୍ଜରିତ କରୁଥାଏ ।

ଏଇ କିଛି ଦିନ ଭିତରେ ସେଇ ଖଣ୍ଡିଏ ଯେ ବାବୁଙ୍କୁ ବିଶ୍ୱ ଭୂମଣ୍ଡଳ ସହିତ ଯୋଡିଦେଇଛି ଆଉ ତାଙ୍କୁ ତାଙ୍କ ଦୂନିଆରେ ପରିଚିତ କରାଇଚି ଏକଥା କୁ ଅସ୍ୱୀକାର କରାଯାଇନପାରେ। ହେଲେ ସେଇ ଅମାନିଆ ଯନ୍ତ୍ରଟା ଯେ ସୁନିଲ ପାଇଁ ଯନ୍ତ୍ରଣାର କରୁଣ ପରିଣତି ହେବ ସେ କଥା ଆମକୁ ମାନିବାକୁ ହେବ । ହେମନ୍ତ ବାବୁ ଙ୍କ ପରି ଯେ ତାଙ୍କ ପୁଅ ସୁନିଲ ଯେ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଚାଲିଥିବ ତାହା ଆଜିର ଏ ଆଧୁନିକ ଯନ୍ତ୍ର ଦୁନିଆରେ ପରିକଳ୍ପନା କରିବା ସମ୍ପୁର୍ଣ୍ଣ ବୃଥା । ବାବୁ ପିଲାଦିନେ ଏଇ ସ୍ଥାନରେ ଥିବା ମାଟି କାନ୍ଥର ନଡ଼ା ଛପର ଘରେ ରହୁଥିଲେ , ଦିନକୁ ଦୁଇଥର ଯେଉଁ ପାତ୍ରରେ ଯାହା ମିଳିଲା ସେତିକିରେ ସନ୍ତୁଷ୍ଟ ହେଉଥିଲେ । ସେତିକିରେ ସେ ଜାକିଜୁକି ହୋଇ ତାଙ୍କ ଅଞ୍ଚଳରେ ହାକିମ ବାବୁ ହେଲେ । ସଦର ମହକୁମାରୁ ଚିଠିପତ୍ର ଆସିଲେ ଲେଖାହୁଏ ଶ୍ରୀଯୁକ୍ତ ହେମନ୍ତ କୁମାର ନନ୍ଦ ।

ସୁନିଲର ଆନୁଷ୍ଠାନିକ ପାଠପଢ଼ା ସବୁ ମୋଟ ଉପରେ ସରିଗଲାଣି। ଏବେ ସେ ଅଧିସ୍ନାତକ ଶ୍ରେଣୀରେ ପାଠପଢ଼ା ଶେଷ କରିଦେଇଛି । ଆଚାର ବ୍ୟବହାର ଖୁବ୍ ଭଲ , ପରୀକ୍ଷା ରେ ସେ ବେଶ୍ ଉଚ୍ଚରେ ମଧ୍ୟ ରହେ , ସମାଜ ସେବାରେ ମଧ୍ୟ ସେ ବେଶ୍ ଆଗ୍ରହୀ ସବୁ ଭିତରେ ନିଜକୁ ସେ କେବେ ଭୁଲି ନାହିଁ, ସେଥିପାଇଁତ ସେ ଶ୍ରେଷ୍ଠତାର ଲୋକ ପରିଚୟର ପରିସର ମଧ୍ୟରେ ଶ୍ରେଷ୍ଠ କ୍ରମାଙ୍କରୁ କେବେ ଖସି ନାହିଁ। ହେଲେ ଏବେ କାହିଁ କେଜାଣି ସେ ଯାଦୁକାରୀ କଳା ପ୍ଲେଟ୍ ଟା ସବୁ କିଛି ବିଗାଡି ଦେଇଛି । ଛାତ୍ରାବାସର ନିୟମ କାନୁନ ମଧ୍ୟରେ ସେ ବନ୍ଧାଥିଲା ସେ ଭିତରେ ଏସବୁ ପ୍ରବେଶ ନିଷେଧ ଥିଲା ତାହାରି କୁ ପ୍ରଭାବରୁ ଯେ ସୁନିଲ ମୁକ୍ତ ଥିଲା ଆଉ ଶ୍ରେଷ୍ଠତା କ୍ରମାଙ୍କରୁ ଖସିନାହିଁ ତାହାହିଁ ତାର ସଫଳତାର ଏକମାତ୍ର ପୁଞ୍ଜି। ଚିକୁ ସେଇ ଆଇନ କାନୁନ ଶୃଙ୍ଖଳା ଭାରି ପସନ୍ଦ। ସାରା ଜୀବନ ପୃଷ୍ଠା ଯଦି ସେଇ କ୍ରମରେ ଚାଲେ ତାହେଲେ ବି ସେ ବେଶ୍ ଆଗ୍ରହୀ ଏବଂ ଖୁସି । ଆଜି କିନ୍ତୁ ଆଉ ତାକୁ

ସେଇ ନିୟମ କାନୁନ ଶୃଙ୍ଖଳା ରୁ ବାହାରିବାକୁ ହବ । ସମାଜର ସାଂସାରିକ ଜୀବନ ପୃଷ୍ଠାରେ କିଛି ଲକ୍ଷ୍ୟ ଭେଦ କରିବାକୁ ହେବ । ଏକଥା ସୁନିଲ୍ ଚାରିପାଶ୍ୱର ସଜୀବ ନିର୍ଜୀବ ବସ୍ତୁ ଯେମିତି ଅହରହ ଠଉରେଇ ଦେଉନାହାନ୍ତି । ଏଇ ସବୁ ବନ୍ଧନକୁ ମଜବୁତ କରି ସଭିଙ୍କୁ ଯେ ଉଚିତ ଜବାବ ଦେବେ କୁ ହେବ ସୁନିଲକୁ ବୁଝାଇବାକୁ ପଡିବ ନାହିଁ ହେଲେ ସବୁରି ଭିତରେ ହେମନ୍ତ ବାବୁ ଙ୍କ ଟେବୁଲ ଉପରେ ସଜୀବ ଯେପରି ଭୋକର ତୃଷ୍ଣା ମେଣ୍ଟାଏ ଠିକ୍ ସେହିପରି ଗୋଟିଏ କଳା ସୂତ୍ରଧର ସାହାଯ୍ୟରେ ଯାଦୁକାରୀ କଳା ପ୍ଲେଟ୍ ବି ତାର ଭୋକ ଶୋଷ ମେଣ୍ଟାଇ ସାରିବା ପରେ କାହିଁ କେଜାଣି କେମିତି ଅକସ୍ମାତ ସୁନିଲ୍ ନିୟମ କାନୁନ ଶୃଙ୍ଖଳା ସବୁକୁ ସ୍ଥିରତାରୁ ଇତଃସ୍ତତଃ ବିତାଡ଼ିତ କରିଦେଇଛି । ଆଖିର ପୋଟଳ ଯେ ଦୁଇ ରୁ ଚାରି ହେଲାଣି ହେଲେ ସେ କେବେ ବୋଲ ମାନୁନି।

ସନ୍ଧ୍ୟାର ଗୋଧୂଳି ବେଳା ପୂର୍ବରୁ ବାବୁ କେବେ ଘରର ଚାଳ ତଳେ ଅଣ୍ଟା ଭାଙ୍ଗି ପଡିନାହାନ୍ତି। ହେଲେ ଆଜି କିନ୍ତୁ ବ୍ୟତିକ୍ରମ। ହଠାତ୍ କେତେଜଣ ଆସି ହେମନ୍ତ ବାବୁ ଙ୍କୁ ଆଣି ଘର ଆଗରେ ସମ୍ମାନର ସହିତ ଛାଡ଼ି ଦେଇ ଗଲେ । ସେ ପର୍ଯ୍ୟନ୍ତ କିଛି ବ୍ୟତିକ୍ରମ ନଥିଲା । ହେଲେ ଚାଳ ତଳେ ଅଣ୍ଟା ଭାଙ୍ଗିବା ପରେ ଆଜି କାହିଁ କେଜାଣି ଭାରି ବିଚଳିତ ହେବା ଭଳି ଜଣା ପଡ଼ିଲେଣି । ବୟସ ଯେ ଅଧଶତକକରୁ ଯେ ବଢ଼ି ଗଲାଣି , ଚେହେରାରୁ କେହିବି ଅନୁମାନ କରି ପାରିବେନି। ଏ ପରିସ୍ଥିତିରେ ନିରବ ରହିବା ଛଡ଼ା ଆଉ କିଛି ବାଟ ନାହିଁ। ସବୁ ଭିତରେ ତାଙ୍କୁ କିଛି ସରକାରୀ ନିୟମ କାନୁନ ମଧ ମାନି ଚଳିବାକୁ ପଡ଼ିବା ବୋଧ ହୁଏ ସେଥିପାଇଁ ଆଜି ବାବୁଙ୍କର ଏ ଅବସ୍ଥା। କ'ଣ ହେଲା ! ଏ ସବୁ କେବଳ ଟେବୁଲକୁ ଆଶ୍ରା କରି ପଡିରହିଥିବା ଚିଠିର ନିରବତାର ବାସ୍ତବତା।

ରାତି ପାହିଲେ ସୁନିଲର ବୃତ୍ତି ଗତ ପ୍ରତିଯୋଗିତା ମୂଳକ ପରୀକ୍ଷା। ଏଇଟା ତାପାଇଁ କିଛି ବଡ଼ କଥା ନୁହେଁ। କେତେ ପରୀକ୍ଷା ସେ ଦେଇଛି । ଏଇଟା ତାର ଅଷ୍ଟମ ପ୍ରଚେଷ୍ଟାର ଅସଫଳତା ପରେ ରୋଜଗାର ଅନ୍ୱେଷଣ ରେ ନବମ ପ୍ରଚେଷ୍ଟା। ତେଣିକି ଯାହା ହେଉ । ସମୟ ଭାରି ବଳବାନ କେତେବେଳେ ସମୟ ଘଣ୍ଟା କଣ୍ଟା ସାଥି ଭାଇ ଭଉଣୀ ଙ୍କୁ ଧରି ଗୋଟିଏ ଥର ପରିକ୍ରମା କରି ଉଷା କାଳରେ ପହଂଚିଲାଣି ଜଣେ କକ୍ଷ ପ୍ରବେଶ ସମୟ ବି ଉପନିତ । କକ୍ଷ ଭିତରେ ଯେ ପୂର୍ବ ଥର ଠାରୁ ଆଜି ସମସ୍ତଙ୍କ ମଧ୍ୟରେ ପରିକ୍ଷାର୍ଥୀ ଅଧିକ ଭାବପ୍ରବଣ ହେଲାପରି ମନେ ହୁଏ ନିରିକ୍ଷକଙ୍କୁ ହଠାତ୍ ସର୍ବସମ୍ମୁଖରେ ପ୍ରକାଶ କଲେ " ଡୋଣ୍ଟ୍ ବି ଇମୋସନାଲ । ଭାବପ୍ରବଣ ହୁଅନି ... । " ଏସବୁ ଭିତରେ କଥାଟା ହେମନ୍ତ ବାବୁ ଙ୍କ ପୁଅକୁ ଗଭିର ଚିନ୍ତନ ପ୍ରବଣତା ଘେରକୁ ନେଇଯାଇଥିଲା । ସୁନିଲ ଆଜି ବି ସେଇ ବାକ୍ୟକୁ ନେଇ କାନ୍ଥକୁ ଡେରି ରହି ଭାବପ୍ରବଣ ହୋଇ ଭାବୁଛି ସେଇ ବାସ୍ତବତର ଅପେକ୍ଷା କୁ ଯାହାକୁ ସେ ଆଖିର ପରଳ ପରଦା ପଛପଟେ ଅପେକ୍ଷା କରିଛି ।

# ଅଶୋକାଷ୍ଟମୀ...



ପାରଦ କୁମାର ପାଢ଼ୀ
ଅବସରପ୍ରାପ୍ତ ଶିକ୍ଷକ, ରାଜା ସାହି,
ହିଞ୍ଜିଳିକାଟୁ

ଚଇତ ମାସର ଶୁକ୍ଳ ଅଷ୍ଟମୀରେ
ଅଶୋକାଷ୍ଟମୀ ପରବ,
ଏହା ପର ଦିନ ପାଳତ ହୁଅଇ
ରାମଚନ୍ଦ୍ର ଜନ୍ମୋତ୍ସବ ।।

ଅଶୋକାଷ୍ଟମୀରେ ଭୁବନେଶ୍ୱରର
ରୁକୁଣାରଥ ଯାତରା,
ମହା ସମାରୋହ ସହିତ ଏ ଯାତ୍ରା
ଅନୁଷ୍ଠିତ ହୁଏ ପରା ।।
ପୁରାଣିକ ତଥ୍ୟ ରହିଛି ଯା ଏହି
ଦିବସରେ ପୁନର୍ବସୁ,
ନକ୍ଷତ୍ରେ ଅଶୋକ ବନ ମଧ୍ୟେ ଶିବ
ପୂଜା କଲେ ପଶୁ ପଶୁ ।।
ଅଶୋକ କଳିକା ଶିବ ଲିଙ୍ଗ ପରେ
ଏ କାଳେ ଚଢାଇବାରୁ,
ଶ୍ରୀରାମଙ୍କ ସହ ସୀତାଙ୍କ ସାକ୍ଷାତ
ହେଲା ଶିବ ସନ୍ତୁଷ୍ଟିରୁ ।।
ହିନ୍ଦୁ ପରମ୍ପରା ମାନି ନାରୀମାନେ
ଉପବାସ ଏହିଦିନ,
ବ୍ରତ ରଖି ଶିବ ମନ୍ଦିରେ ଆଠଟି
ଅଶୋକ ଫୁଲ ଅର୍ପଣ ।।
ଲିଙ୍ଗ ପରେ କରି ଶିବେ ଆରାଧନା
ସାରିଥାନ୍ତି ଭକତିରେ ,
ବ୍ରତ ଉଦ୍ୟାପନ କରନ୍ତି ସନ୍ଧ୍ୟାରେ
ପଇଡ ପିଇ ସନ୍ଧ୍ୟାରେ ।।

ଦ୍ୱିତୀୟତଃ ରାମ ବ୍ରାହ୍ମଣ ରାବଣେ
ନିହତ କରିବା ପରେ,
ଅର୍ଜିତ ପାପରୁ ମୁକ୍ତି ପାଇବାକୁ
ବଶିଷ୍ଠ ଙ୍କ ଆଦେଶରେ ।।
ଭୁବନେଶ୍ୱରରେ ଲିଙ୍ଗରାଜ ପୂଜା
ସାରି ରାମେଶ୍ୱର ଠାରେ,
ଚନ୍ଦ୍ର ଶେଖର ଙ୍କ ମନ୍ଦିର ପ୍ରତିଷ୍ଠା
ସାରିଥିଲେ ଆନନ୍ଦରେ ।।
ସେବଠୁ ଅଶୋକ ଅଷ୍ଟମୀ ତିଥିରେ
ରାମଚନ୍ଦ୍ର ବରାବର,
ଏ ଦେଉଳେ ଆସି ଚନ୍ଦ୍ରଶେଖର ଙ୍କ
ପୂଜା କଲେ ନିୟମର ।।
ଏହାରି ଫଳରେ ବ୍ରହ୍ମ ହତ୍ୟା ପାପୁ
ରାମଚନ୍ଦ୍ର ହେଲେ ମୁକ୍ତ ,
ଏହି ପୁରାଣିକ କଥା ଅନୁସାରେ
ବୋଲି ଏ ପର୍ବ ପାଳିତ ।।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୭୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ବିଧୁର ବସନ୍ତ...



ବେଣୁଧର ସୂତାର
କେଶଦୁରାପାଳ, କେନ୍ଦୁଝର

ଏମନ ଅଗଣା ଫୁଲର ଝୁଲଣା
ଲୋଡୁନି ମଧୁପ ପ୍ରୀତି
ବୟସ ବଢ଼ିଲେ ଫଗୁଣ ଫେରଇ
ଫିକାପଡେ ଜହ୍ନ ରାତି
ମଧୁ ସରିଗଲେ ମଧୁପ ଲୋଡେନି
ରାସ ଅଭିସାର ପାଇଁ
ରାତି ସରିଗଲେ ସପନ ଭାଙ୍ଗଇ
ଜହ୍ନ ଝୁରୁଥାଏ କଇଁ
ବକୁଳ କୁଞ୍ଜରେ କୋକିଳ ଗାଏନା
ଫୁଲ ଫଗୁଣର ଗୀତି
ବୟସ ବଢ଼ିଲେ...........

ତଟିନୀ ବହୁନି ଛଳ ଛଳ ଆଉ
ସାଗରେ ମିଶିବା ପାଇଁ
ତନୁ ତୀର ତା,ର ଉଠୁନି ବନ୍ୟା
ଚପଳ ତାରୁଣ୍ୟ ଛୁଇଁ
ଶ୍ରାବଣ ଭୁଲିଛି ମଉସୁମୀ ଛୁଆଁ
ଶାଶ୍ୱତ ପ୍ରେମର ସୁଧା
କମଳ ଲୋଡୁନି ତପନ ପୀରତି
ଶୃଙ୍ଗାର ରହିଛି ଅଧା
ମିଳନ ଆଶାୟୀ ପ୍ରେୟସୀ ଛାତିରେ
ଭଙ୍ଗା ସପନର ସ୍ମୃତି
ବୟସ ବଢ଼ିଲେ...........

ଚୋରା ଚିଟାଉର ମଧୁ ପ୍ରୀତି ଗୀତି
ଗାଉନି ବାସନ୍ତୀ ରାତି
ଚନ୍ଦ୍ର ଶେଣାର ପେି ।ରୁଷ ଉଠୁନି
ନିଶୀଥ ସ୍ୱପ୍ନରେ ମାତି
ଉଚ୍ଚାଟ କରୁନି ତନୁ ମନ ପ୍ରାଣ
ପ୍ରୀତିର ମୋହନ ରାଗ
ବିଲୁପ୍ତ ଯୌବନ ଛାଡ଼ିଦେଇ ଗଲା
ଅମିତ ଯନ୍ତ୍ରଣା ଦାଗ
ଅଧୁରା ରହିଲା ବିଧୁର ବସନ୍ତେ
ବୟସର ପ୍ରତିଶ୍ରୁତି
ବୟସ ବଢ଼ିଲେ ଫଗୁଣ ଫେରଇ
ଫିକା ପଡେ ଜହ୍ନ ରାତି ।।

ମନ ମଞ୍ଜୁଷାର ଗୋପନ ଗବାକ୍ଷେ
ନୟନ ଯାଉନି ଲାଖି
ବିଜନ ବେଳାରେ ସପନ ସୁନ୍ଦରୀ
ଆଉ ମାନୁନାହିଁ ଆଖି
ରାସକୁଞ୍ଜେ ଆଉ ବାଜୁନି ମଧୁରେ
ପ୍ରୀତିର ମୋହନ ବେଣୁ
ଚାରୁହାସୀ ଚିତ୍ର ଲେଖା ତ ଖେଳୁନି
ରଙ୍ଗ ଅଭିରର ରେଣୁ
ସମୟ ସ୍ରୋତରେ ଲିଭିଛି ପାଦରୁ
ସରୁ ଅଳତାର ଗାର
ପ୍ରେମର ପୂରବୀ ତୋଳୁନାହିଁ ଆଉ
ପାଉଁଜିର ମିଠା ସୁର
ଚୋରା ଚଇତିର ଚପଳ ଚୁମାରେ
ଦୁଲୁକି ଉଠୁନି ଛାତି
ବୟସ ବଢିଲେ...



## ବାର ମାସରେ ତେର ପରବ...



ଭକ୍ତିବାଳା ଦାସ
ପଦ୍ମନାଭପୁର, ବାଲିଚନ୍ଦ୍ରପୁର, ଯାଜପୁର

ଓଡିଶା ଆମ ଜନମ ଭୂଇଁ
ଓଡ଼ିଆ ଆମ ଭାଷା।
ବାରମାସରେ ତେର ପରବ
ପାଳିବା ଆମ ନିଶା।
ଆସଇ ଯେବେ ପଣା ସଂକ୍ରାନ୍ତି

ରବି ଉତ୍ତର ଭାଗେ।
କରଇ ଗତି ବଢ଼ଇ ତାତି
ରୌଦ୍ର ଭୀତି ଜାଗେ।
ଓଡ଼ିଆ ନବବରଷେ କରେ
ଛେନା ନବାତ ପଣା।
ଚଉରା ମୂଳେ ଜଳକୁ ଢାଳେ
ଠେକିରେ କରି କଣା।
ତପନ ତେଜ ବୁଡ଼ାଏ ହେଜ
ପଥିକ ଭାଇଙ୍କର।
ଠାଆକୁ ଠାଆ ଜଳଛତର
ଦିଅନ୍ତି ସୁଜ୍ଞ ନର।
ଝାମୁର ଯାତ ପାଟୁଆ ନାଚ
ଓଡିଶା ପରମ୍ପରା।।
ମହାବିଷୁବ ମାସ ଆରମ୍ଭ
ସୁଖ ସମୃଦ୍ଧି ଭରା।
ଆଜିର ପିଢ଼ି ଦେଲେଣି ତଡି
ମନରୁ ଏହି କଥା।
ଆଧୁନିକତା ପରଶ ମଣି
ଖାଇଛି ତାଙ୍କ ମଥା।

ଜାନୁୟାରୀର ପହିଲା ହେଲେ
ହାତରେ ଫୁଲତୋଡ଼ା।
ନିୟୁଇୟର କଂଗ୍ରାଜୁଲେସନ
ପିଲାଠୁ କହେ ବୁଢ଼ା।
ନବ ବର୍ଷର ଅଭିନନ୍ଦନ
କେହିତ କହେ ନାହିଁ।
ଏଇତ ଆମ ରାଇଜ ପ୍ରେମ
ମନରେ ଚିନ୍ତ ଭାଇ।
ବିଦେଶୀ ରୀତି ଭାଷା ସଂସ୍କୃତି
ହେଲାଣି ଆଜି ଶ୍ରେୟ।
ଫାଷ୍ଟଫୁଡ଼ ର ଅନ୍ତରାଳରେ
ପଖାଳ ଦେଖ ହେୟ।
ଆମେ ଓଡ଼ିଆ ଭାରି ବଢିଆ
କଥାରେ କହୁ ଖାଲି।
ପର ସଂସ୍କୃତି କିଆଁ ଆଦରୁ
ନିଜ ସଂସ୍କୃତି ଭୁଲି ??

## ଦୂର ପାହାଡ ଅତି ସୁନ୍ଦର...

ମଣିଷ ଜୀବନ କରେ କାମନା ଭିନ୍ନ
ଭିନ୍ନ ଭୌତିକ ଭୋଗ୍ୟ ବସ୍ତୁରୁ ଅତି
ଆକର୍ଷଣ କଢାଇ ନିଏ ବାସନା ପଥ
ସୁଖ ଆଶାରେ ବିବାହ ହୁଏ ଦିଲ୍ଲୀର
ଲଡ୍ଡୁ,ଦୂର ପାହାଡ ଦିଶେ ସୁନ୍ଦରିଆ ।।
କାମନା କରେ ସମ୍ମାନ ଓ ସମ୍ପର୍କରୁ
ରୂପ ନିଏ ଭୋଗ୍ୟ ବସ୍ତୁର ପ୍ରତୀତ
ହୁଏ କରିବାକୁ ହାସଲ ସୁଖପ୍ରଦ ଓ
ଚିତ୍ତାକର୍ଷକ ପ୍ରାପ୍ତ ହେବା ପାଇଁ ଅତି
ସାମ୍ନା କରି ଦୁଃଖ ଯନ୍ତ୍ରଣାରେ ପଥ ।।
କ୍ଷଣିକ ଆକର୍ଷଣକୁ ପାଇ କମିଯାଏ
ଇଚ୍ଛା ଶକ୍ତି,ଧେତ୍ କାହିଁ ଫସିଗଲି ମୁଁ
ଇପ୍ସିତ କାମନାର ପଥରେ ସମୟର
ଅନ୍ତରାଳରେ, ଜୀବନ ଅତିବାହିତ
ହେବ ନଥିଲେ ଇପ୍ସିତ ବସ୍ତୁର ମୋହ ।।
ଦୁଃଖର କାରଣ ହିଁ ସାଜେ ପାଇବାକୁ
ଅତିଶୟ ପ୍ରିୟ ବସ୍ତୁ,ଜନ୍ମରୁ ମୃତ୍ୟୁର
ପର୍ଯ୍ୟନ୍ତ ରହିବ ତ ଏ ଅନୁଭବ ଦୁର୍ଲଭ
ବସ୍ତୁ ପାଇବାକୁ ଶାନ୍ତି ପଥରେ କଣ୍ଟା
ସଦୃଶ ପ୍ରତିଟି ମନୋସ୍କାମନା ପୂରଣ ।।
ମହାକାଳ ଫଳ ହିଁ ଲାଲ ଟୁକୁ ଟୁକୁ
ଦୂରରୁ ସୁନ୍ଦର ଅତି ଭିତରକୁ କଳା
ଅଙ୍ଗାର ବିଷାକ୍ତ,ଧନ ସମ୍ପତ୍ତି ପଦ ଓ
ପଦବୀର ମୋହ ସମ୍ମାନ ସମ୍ପର୍କ ହୁଏ
ସୃଷ୍ଟି ଏକ ମାୟା ଜାଲ ସଦୃଶ ଅତି ।।
ପାଇବା ପର୍ଯ୍ୟନ୍ତ ନ ପାଇବାର ପୀଡା
ଦିଏ ବିଚ୍ଛେଦ ଜନିତ ଦୁଃଖରେ ହିଁ ତ
ହୁଏ ମ୍ରିୟମାଣ ମଣିଷ,ପାଇବା ପର
ହରାଇବା ଭୟରେ ସନ୍ତୁଳିତ ବ୍ୟକ୍ତି
ସୃଷ୍ଟି ହିଁ କରେ ଦୁଃଖର ଶୃଙ୍ଖଳ ଅତି ।।
ଧାଇଁ ଧାଇଁ ମରୁ ମରିଚୀକା ପଛରେ
ହତାଶ ହେବା ହିଁ ହୁଏ ତ ସାର ବନ୍ଧୁ
ନଥାଏ ଅନ୍ତ କାମନା ସୁଖ ଆଶାରେ
ବଞ୍ଚିତ ମଣିଷର ଜୀବନ ଦର୍ଶନ ବନ୍ଧୁ
ତୃଷାର୍ତ୍ତ ପଥିକ ଜଳ ଆଶା ଦୁଷ୍ପ୍ରାପ୍ୟ ।।
ଦୂର ପାହାଡ ହିଁ ଅତି ସୁନ୍ଦର ଦିଶେ
ବନ୍ଧୁ,ଅତି ତିକ୍ତ ଅନୁଭୂତି ଯୋଗୁ ଓ
ଦୁଷ୍ପ୍ରାପ୍ୟ ବସ୍ତୁର ଆକୃତି ଦୂରେଇ ହିଁ
ଯାଏ ଉଭେଇ ନିମିଷେ, ଜୀବନର
ଇତିହାସ କହେ ଦୂର ପର୍ବତ ସୁନ୍ଦର ।।




**ବିକ୍ରମାଦିତ୍ୟ ପୁରୋହିତ**
ଜଗନ୍ନାଥ କଲୋନୀ, ବୁଢ଼ାରଜା,
ସମ୍ବଲପୁର

## କାଚ ଆଇନା...



ରାକେଶ କୁମାର ମୁଦୁଲି
ମୁଗକଣି, ରାଜନଗର, କେନ୍ଦ୍ରାପଡ଼ା

ଯେତେ ଦେଖୁଥିଲେ ଆଇନା ରେ ମୁହଁ
ଦିଶେ ଖାଲି ମୋର ଛବି
ସେ ଛବି ଭିତରେ ଖୋଜେ ମୁଁ ତୁମକୁ
ଫୁଲଟିଏ ଆଣି ଦେବି (୧)
ସାଇତି ରଖିବି ମୋ ଛାତି ଭିତରେ
ତୋଳି ଛୋଟ ଘରଟିଏ
ସେଇ ଘରେ ଖାଲି ତୁମ ଅଧିକାର
ରହିବେନି ଆଉ କିଏ (୨)
ଭାଙ୍ଗିଦେବ ନାହିଁ କାଚ ଘର ଭାବି
ସିଏ ଯେ ଜୀବନ ମୋର
ତା ସାଥେ ଅଛି ମୋ କେତେ ସ୍ମୃତି ଭରି
ହେବ ବୋଲି ସିଏ ତୋର (୩)

ଦିନ ଚାଲିଯାଏ ସ୍ମୃତି ରହିଯାଏ
ହୃଦୟ ରେ କରି ଘର
ସେଇ ଘରକୁ ମୋ ଭାଙ୍ଗିଦେଇ ତୁମେ
ଚାଲିଗଲ କରି ପର (୪)
ପର କରି ତୁମେ ଚାଲିଗଲ ସାଥୀ
ଆଉ କାହା ହାତ ଧରି
କାଚ ଆଇନା ପରି ଭାଙ୍ଗିଗଲା ମନ
ପ୍ରେମ ଆମ ଗଲା ସରି (୫)



# ବୁଦ୍ଧ ପୂର୍ଣ୍ଣିମା...



ଗୋଲୋକବିହାରୀ ବେହେରା
ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ଷଡ଼ଙ୍ଗୀ,
ଢେଙ୍କାନାଳ

ଓଡ଼ିଆମାନଙ୍କ ବର୍ଷର ପ୍ରଥମ
ମାସ ହେଉଛି ବୈଶାଖ,
ପ୍ରବଳ ଗ୍ରୀଷ୍ମରେ ଜଳ ଦାନ କଲେ
ମିଳିବ ବିମଳ ସୁଖ ।
ଗରିବ ଲୋକଙ୍କୁ ଛତା ଯୋତା ଦେଇ
ଧର୍ମ ଅରଜନ କର,
ବୈଶାଖ ମାହାତ୍ମ୍ୟ ପଠନ କରିଲେ
ପାପପଙ୍କୁ ହେବ ପାର ।
ଭଗବାନ ବୁଦ୍ଧ ଅବତାର ନେଲେ
ବୈଶାଖ ପୂର୍ଣ୍ଣିମା ଦିନ,
"କାମନା ବିନାଶେ ଦୁଃଖର ବିନାଶ"
ଗୌତମ ବୁଦ୍ଧ ବଚନ ।
ରାଜକୀୟ ଭୋଗ ବିଳାସକୁ ଛାଡ଼ି
ପାଇବା ପାଇଁ ନିର୍ବାଣ,
ବୋଧିଦ୍ରୁମ ତଳେ ତପସ୍ୟା କରିଲେ
ଲଭିଲେ ସେ ଦିବ୍ୟ ଜ୍ଞାନ ।
ଏ ଧର୍ମ ପ୍ରଭାବେ ବୀର 'ଚଣ୍ଡାଶୋକ'
ହୋଇଥିଲେ 'ଧର୍ମାଶୋକ',
ଦେଶ ବିଦେଶରେ ଧର୍ମର ପ୍ରସାର
କରିଲେ ରାଜା ଅଶୋକ ।
ଉଦାର ବାଣୀରେ ସଂଘର ଶରଣେ
ଉଦବୁଦ୍ଧ ହେଲେ ମାନବ,
ହିଂସା ଦ୍ୱେଷ ଲୋଭ କାମନା ବିନାଶେ
ଶରଣରେ ବୁଦ୍ଧଦେବ ।



## ରଖେ ହରି ମାରେ କିଏ



ସୀମାଞ୍ଚଳ ପଣ୍ଡା
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଡେଙ୍ଗାଡି, ଗଞ୍ଜାମ

ପାହାଡ଼ୀ ନଈ,
ସାଗରେ ମିଶିଛି ଆଗରେ ଯାଇ ।
ଦେହ ଭିତରଟା ଲାଗୁଛି ଖାଲି,
ଭସାଇ ନେଇଛି ଦେହର ବାଲି,
ଗଭୀର ଅତି,

ଗଣ୍ଡେ ଭରତି,
ମାରଣା କୁମ୍ଭୀର ବଡ଼ ଗହଳି ।

ନଈର ବାଙ୍କେ,
ନଣ୍ଡା ପାହାଡ଼ରେ ମେଣ୍ଢା ଅଟକେ ।
ମେଣ୍ଢାପଲ ଆସେ ଚରିବା ପାଇଁ,
ଥୁଣ୍ଟା ଗଛ ତଳେ ପଡ଼ନ୍ତି ଶୋଇ,
ଢାଲୁରେ ଖସି,
ନଈରେ ପଶି,
କୁମ୍ଭୀର ଶୀକାର ହୁଅନ୍ତି ଯାଇ ।

ମେଣ୍ଢାଙ୍କୁ ନେଇ,
ଗୌଡ଼ ନେଇଥିଲା ଦିନେ ଚରାଇ ।
ବେଳଜାଣି ମେଳ ଆସିଲେ ଫେରି,
ଛୁଆ ରହିଗଲା ଆସି ନପାରି,
ଗୋଡ଼ାଇ ଆସେ,
ବାଘ ତା ପଛେ,
ଛୁଆ ଗଲା ଖସି ଭିଡ଼ ନ ଧରି ।

କୁମ୍ଭୀର ଦଳ,
ମଥାଟେକି ଉଚ୍ଚେ କଲେ ଚହଳ ।
ଚିଲ ଦେଖୁଥିଲା ଉପରେ ଉଡ଼ି,
ମେଣ୍ଢା ଛୁଆ ଟିକୁ ନେଲା ଝାମ୍ପୁଡ଼ି,
ନଈ ସେ କଡ଼େ,
ଛୁଆକୁ ଛାଡ଼େ,
ବାଟ ପାଏ ନାହିଁ ଦେଇଛି ହୁଡ଼ି ।
ରଡ଼ିରେ ତା'ର,
ମାଆ ଧାଇଁ ଆସି ହୁଏ ହାଜର ।
ସରାଗେ ଛୁଆକୁ କୋଳେଇ ନିଏ,
ହଜିଲା ପୁରରୁ କେ ଆଣି ଦିଏ
ଛୁଆ ତ ସିଏ,
ନିରୀହ -ଟିଏ,
ନିର୍ଦ୍ଦୋଷକୁ ସାହା ଦଇବ ହୁଏ

## ପରିବର୍ତ୍ତନର ଦୀପ...



ଗାୟତ୍ରୀ ବେହେରା
ରଣପୁର, ନୟାଗଡ଼

"ଅନ୍ଧାର ମଧ୍ୟରେ ଜୀବନ ଚାଲେ,
ଆଲୋକ ଖୋଜେ ମନ,
ସତ୍ୟ ରାସ୍ତା ଦେଖିଲେ ମଧ୍ୟ,
କାହିଁକି ହଟେ ପଦଚିହ୍ନ?"

ଭୁଲକୁ ଦେଖି ଚୁପ୍ ରହିବା,
ଆଦତ ହୋଇଗଲା ଆଜି,
ସ୍ୱାର୍ଥରେ ମଣିଷ ଅନ୍ଧ ହୋଇ,
ଭୁଲିଗଲା ନିଜ ସାଥି ।
କିନ୍ତୁ ଏକ ଦୀପ ଜଳିଲେ,
ଅନ୍ଧାର ହଟିଯାଏ,

ଏକ ସତ୍ୟ ଆବାଜ ଉଠିଲେ,
ହଜାର ମନ ଜାଗିଯାଏ ।
ଆମେ ଯଦି ପଦେ ପଦେ,
ଭଲର ଦୀପ ଜଳାଉ,
ସମାଜର ଏଇ ଅନ୍ଧାରକୁ,
ଧୀରେ ଧୀରେ ହଟାଉ ।

ନ ଅପେକ୍ଷା କର କାହାକୁ,
ନ ଭୟରେ ଚୁପ୍ ରହ,
ତୁମେ ହିଁ ପରିବର୍ତ୍ତନର ଦୀପ—
ତୁମେ ଜଳିଲେ... ସମାଜ ଆଲୋକିତ ହେବ ।
ହେ ପରିବର୍ତ୍ତନର ଦୀପ........
ତୁମେ ଜଳିଲେ...ସମାଜ ଆଲୋକିତ ହେବ ।

## ନାରୀ...



ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ, ପୁରୀ

ନାରୀ ଗୋଟେ ଗଛ ଭାରି ସ୍ୱଚ୍ଛ
ଫୁଲ ଫଳ ଦେବାକୁ ଭଲପାଏ
ନାରୀ ଗୋଟେ ନଈ ଶୁଖିଲା ଭୂଇଁ ଦେଇ
ପଟୁରେ ଉର୍ବର କରିଥାଏ
ନାରୀ ଗୋଟେ କଳସୀ

ଅମୃତଭରା ହାଣ୍ଡିରୁ ଟୋପାଏ
ନାରୀ ନାମେ ମାଣିକ ଦହି ବିକୁଥାଏ
ଶ୍ରୀଛାମୁ ଆସିବାଯାଏଁ
ନାରୀ ସଂସାର ତରୀ ଆହୁଲା କାତ ମାରି
ସଂସାର ଡ଼ଙ୍ଗା ବାହୁଥାଏ
ନାରୀ ସତୀ ଅନସୂୟା ସେତ
ନପାହୁ ରାତି ନମରୁ ପତି ଗାଉଥାଏ
ନାରୀ ଅହଲ୍ୟା ଗଙ୍ଗା ଦୁର୍ଗା ସାବିତ୍ରୀ ସୀତା
ସ୍ୱାମୀ ଅନୁଗାମୀନୀ ପୁଣି
ଅସୁରନାଶିନୀ ମହିଷାଶୁରମର୍ଦ୍ଦିନୀ ଯିଏ
ନାରୀ ସିଏ ଯିଏ ବୃଣି ହୋଇଯାଏ
ମମତ୍ୱବୋଧ ମଞ୍ଜିରେ
ନାରୀ ବିଞ୍ଚିଦିଏ ସ୍ନେହ ଶ୍ରଦ୍ଧା ଟିକିଏ
ସ୍ୱାଧୀନତା ସାମର୍ଥ୍ୟ ଭିତରେ
ନାରୀ ସିଏ ନିର୍ମାଣ କରେ କୋଣାର୍କ
ପରସ୍ପର ସ୍ନେହ ରଖି ନିରନ୍ତରେ
ଦୁଇକୂଳ ହିତା, କୌଶାଲ୍ୟା କୈକେଇ ମାତା
କେତେ କଥା ଗାଥା ନୀରବତାରେ



## ଉତ୍କଳ ଗୌରବ...



ଡ଼ଃ ଅନୁପମା ବିଶ୍ୱାଳ
ସମ୍ବଲପୁର

ଓଡ଼ିଆ ଭାଷାର ହେ ମୁଖ୍ୟ ପୁରୋଧା
ହେ ସାହିତ୍ୟ ଅନୁରାଗୀ
ଓଡ଼ିଆ ଭାଷାର ପ୍ରାଣଦାତା ତୁମେ
ସାହିତ୍ୟାକାଶର ରବି ।
ଓଡିଶା ବିଛିନ୍ନ ଏକତ୍ରୀକରଣେ
ସାରା ଜୀବନେ ସଂଗ୍ରାମ
ତୁମରି ଚେଷ୍ଟାରେ ଓଡିଶା ହୋଇଲା
ଭାଷାଭିତ୍ତିରେ ପ୍ରଥମ ।
ଓଡିଶା ମାଟିରେ ଚମଡା ଶିଳ୍ପର
ବିକାଶାର୍ଥେ କରିଚେଷ୍ଟା
ଉତ୍କଳ ଟ୍ୟାନେରି କରିଲ ପ୍ରତିଷ୍ଠା
ଧନ୍ୟ ତୁମ କର୍ମ ନିଷ୍ଠା ।
କଟକର ସୁନା ରୁପା ତାରକସି
କାମକୁ ଆଗ୍ରହ ଦେଇ
ପ୍ରତିଷ୍ଠା କରିଛ କାରୁକଳା କାର୍ଯ୍ୟ
ଦେଇଛ ମନକୁ ମୋହି ।

ସାହିତ୍ୟ ଜଗତେ ରଖିଛ ସୁନାମ
ଦେଇ କେତେ ଉପହାର
ଛାତ୍ରଛାତ୍ରୀଙ୍କର ବିଦ୍ୟା ଅଧ୍ୟୟନେ
ମନ ରଖିଲ ନିଜର ।
ପାଠପଢି ତୁମେ ହେଲ ବାରିଷ୍ଟର
ରଖିଲ ମାଟିର ନାମ
ସ୍ୱାର୍ଥ ଅଭିମାନ ବଳି ଦେବାପାଇଁ
ଶିଖାଇଛ ପୁଣ୍ୟକାମ ।
ଉତ୍କଳକୁ ଦେଲ ନୂତନ ଜୀବନ
ମାଟିର ଯୋଗ୍ୟ ସନ୍ତାନ
ପ୍ରତିଟି ଓଡ଼ିଆ ମୁଖରୁ ଶୁଭୁଛି
ଉତ୍କଳ ଜାତି ବନ୍ଦନ ।

## ନୃସିଂହଙ୍କ ଜନ୍ମ...



ସୁଭାଗିନୀ ସିଂହ
ବଡଝରା, ପର୍ଜଙ୍ଗ, ଢ଼େଙ୍କାନାଳ

ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ତିଥି
ପ୍ରଭୁ ନୃସିଂହ ଜନମ
ହିରଣ୍ୟ କଶିପୁ ବିଦାରଣ କଲେ
ଭକ୍ତ ପ୍ରହଲ୍ଲାଦ ନାମ ।
ବିଷ୍ଣୁଙ୍କ ଦଶ ଅବତାର ମଧ୍ୟରେ

ଏହା ଚତୁର୍ଥ ଅବତାର
ସିଂହ ମସ୍ତକ ମାନବ ଶରୀର
ନରସିଂହ ରୂପ ଧରି ।
ଏକାଦଶୀ ବ୍ରତ ଉପବାସ କରି
ନୃସିଂହ ଜୟନ୍ତୀ ପାଳି
ହୃଦୟେ ସଂକଳ୍ପ କରି ବ୍ରତଧାରୀ
ନୀତି ନିୟମ ରେ ଚଳି ।
ସୂର୍ଯ୍ୟୋଦୟ ପୂର୍ବୁ ନୃସିଂହଙ୍କ ପୂଜା
ମନେ ସ୍ମରଣ କରି
ସକାଳ ହେବା ଯାଏ ପୂଜାର୍ଚ୍ଚନା
ବିଧି ଅନୁସାରେ ସାରି ।
ପୌ ।ରାଣୀ କିମ୍ବଦନ୍ତୀ ଅନୁସାରେ
ବ୍ରାହ୍ମଣ ସୁତ ରୂପରେ
ବସୁଶର୍ମାଙ୍କ ର ସୁତ ପ୍ରହ୍ଲାଦ
ଅବନ୍ତୀ ନଗରେ ସେହି ।
ସୁରାପାନ ରହେ ମନ
ଭୁଲି ହିତାହିତ କୁକର୍ମ ରେ ଲିପ୍ତ
ଗଣିକା ଙ୍କ ସହ ରହିଥିଲେ ଦିନେ
କୁକର୍ମରେ ପରା ରତ ।

ରାତ୍ରୀ ଉଜାଗର ହେଲେ
ଗଣିକା ତାଙ୍କରି ସହ ଥିଲେ
ପାପମୁକ୍ତ ହୋଇ ସେହି
ବୈଶାଖ ମାସର ଶୁକ୍ଳ ଚତୁର୍ଦ୍ଦଶୀ
କରି ଉପବାସ ବ୍ରତ ।
କରି ପୁଣ୍ୟ କର୍ମ ଗଣିକା ଯେ ତହିଁ
ଅପ୍ସରା ରୂପ ହୋଇଲେ
ସ୍ୱର୍ଗ କୁ ଗମନ କଲେ
ହିରଣ୍ୟ କଶିପୁ ପୁତ୍ର ହେଲା ଜାତ
ପ୍ରହ୍ଲାଦ ନାମ ତାହାର ।
ବିଷ୍ଣୁଙ୍କ ପରମ ଭକ୍ତ ଭାବେ ଜାଣ
ପ୍ରହ୍ଲାଦ ଉଦ୍ଧାରିଲେ
ନୃସିଂହ ରୂପେ ଜାତ ହୋଇ
ହିରଣ୍ୟ କଶିପୁ ନାଶିଲେ ।
ଶୁଦ୍ଧ ଚିତ୍ତ ମନେ ନୃସିଂହ ପୂଜିଲେ
ଧନ ଐଶ୍ୱର୍ଯ୍ୟ ତହିଁ ମିଳେ
ଶ୍ରୀମନ୍ଦିରରେ ନୃସିଂହଙ୍କ ଜନ୍ମ
ବିଧି ମତେ ହୁଏ ପାଳନ ।

## ସମ୍ମତି...



ସରସ୍ୱତୀ ମେହେର
ସିନାପାଲି, ନୂଆପଡା

ମନରେ ଯେବେ ଖେଳେ ତରଙ୍ଗ
କଥାରେ ଆସେ ଯେବେ ଭିନ୍ନତା
ତଥାପି ଥାଏ ଏକ ମଧୁର ସ୍ୱପ୍ନ
ସମ୍ମତିର ଶାନ୍ତ ବିଭୀଷିକା ।
କେବେ କେବେ ହୁଏ ଅଲଗା ସ୍ୱର
ତୁମର କଥା,ମୋର ଭାବନା
କିନ୍ତୁ ଯେବେ ମିଶେ ଦୁଇଟି ମନ
ସେଇଠି ଜନ୍ମେ ସମ୍ମତିର କାମନା ।
ଅହଙ୍କାର ର ଉଚ୍ଚ ପାହାଡ
ଭାଙ୍ଗି ପଡେ ମୃଦୁ ସ୍ନେହରେ
କ୍ଷମାର ଜଳରେ ଧୋଇ ହୁଏ
ଦ୍ୱେଷର ସବୁ ଚିହ୍ନ ହୃଦୟରେ ।
କଳହ ହେବାର ଲିଭି ଯାଏ
ହସର ଶୀତଳ ସ୍ପର୍ଶରେ
ସମ୍ମତି ଦ୍ୱାରା ଶିଖିବାକୁ ମିଳେ
ମିଶି ବାକୁ ନୂଆ ପଥରେ ।

ସମୟ ର ସ୍ରୋତ ପ୍ରବାହିତ ହୁଏ
ଅନେକ କଥା , ଭ୍ରମ ଅନେକ
ସମ୍ମତି ଏକ ନୌକା ହୋଇ
ବାହି ନିଏ ଶାନ୍ତି ର କୂଳ ।
ତୁମେ ମତେ ବୁଝିବାକୁ ଶିଖ
ମୁଁ ତୁମକୁ ମାନିଯିବି
ଦୁହେଁ ମିଶି ଖୁସିରେ ରହିବା
ପ୍ରେମ ର ବାସକୁ ବିତରୀ ।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ହେ ଫଗୁଣ ଫେରିବକି ଥରେ...



ଅଜୟ କୁମାର ମହାନ୍ତି
ହରିପୁର, କବୀର ପୁର,
ଯାଜପୁର

ଆଉ କଣ ଆଗଭଳି ଆସୁଛି ଫଗୁଣ
କେଜାଣି କିଏ ବା ଚୋରାଇଲା
ତା ମୁହଁରୁ ମିଠା ମିଠା ହସ
ଆଗଭଳି ବହୁନି ମଳୟ ମରୁତ
ନଈ କୂଳେ ଆଉ ଜମୁନାହିଁ ଭିଡ଼ ସଞ୍ଜବେଳେ

ଫୁଲ ପାଖୁଡ଼ାରେ ନାହିଁ ଆଗ ଭଳି ବାସନା
ମୃଦୁ ମଳୟ ହିଲ୍ଲୋଳ ପରଶରେ
ଉଲୁସି ଯାଉନି ମନ ହେଉନାହିଁ ଆନମନା
କୋଇଲି ଗାଉନି ଆମ୍ବଡାଳେ
ହଜି ଗଲା କେଉଁଠି ତା ଯୌବନର
କୁହୁ କୁହୁ ତାନ ।
ଧୂ ଧୂ ନିଧୁମ ଖରାରେ ହଜିଗଲା
ବସନ୍ତର ମଳୟ ମୂର୍ଚ୍ଛନା
ଅସ୍ତବ୍ୟସ୍ତ ସମୟ ଶୃଙ୍ଗାର ।
ହେ ଫଗୁଣ ତମେ ଗଲା ପରେ
ଏଠି ଖାଲି ଯାତନାର ଜଉଘର
ଜଳୁଛି ହୃଦୟ ଜଳୁଛି ମନ ଜଳୁଛି ଜୀବନ ।

## ଶ୍ରୀକ୍ଷେତ୍ର ନାଥ...



**ଆକୁଳାନନ୍ଦ ପୃଷ୍ଟି**
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ମହାଲପଡ଼ା, କଖଡି, କଟକ

ତୁମରି ନାମରେ ଗୀତା ଭାଗବତ
ପୁରାଣ ହୋଇଛି ଲେଖା
ଅବତାର ନେଇ ଧର୍ମ ରକ୍ଷା କର
ଭକ୍ତ ତୁମ ବନ୍ଧୁ ସଖା ।

ବିଦୁର କୁଟୀର ତୁମ ପାଇଁ ଭଲ
ଭଲ ତାର ଶାଗ ଭଜା
ଶବରୀ ଅଇଁଠା ବଣ କୋଳି ମିଠା
ସୁଦାମାର ଖୁଦ ଭଜା ।

ଦାଶିଆ ନଡ଼ିଆ ସବୁଠୁ ବଡିଆ
ସାଲବେଗ ଭକ୍ତି ଗୀତ
ମତ୍ତ ବଳରାମ ଭାବରେ ବାନ୍ଧିଲା
ବିଜେ କଲ ବାଲିରଥ ।

କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରିଲ
ଗୋପୀ ବସ୍ତ୍ର କଲ ଚୋରି
ଅପୂର୍ଣ୍ଣ ପଦକୁ ସମ୍ପୂର୍ଣ୍ଣ କରିଲ
ଜୟଦେବ ବେଶ ଧରି ।

କାହାକୁ ମାରିଲ କାହାକୁ ତାରିଲ
କାହାର କାଟିଲ ବେକ
ସାରଥୀ ସାଜିଲ ଅର୍ଜୁନ ରଥରେ
ଦେଖାଇଲ ବିଶ୍ୱରୂପ ।

ବନ୍ଧୁ ମହାନ୍ତି କି ଭୋଗ ଥାଳି ଦେଲ
ପିଇଲ ମାଣିକ ଦହି
ପତିତ ପାବନ ବାନା ଉଡ଼ାଇଛ
ପତିତ ଉଦ୍ଧାର ପାଇଁ ।

ରାମ ହୋଇ ପ୍ରଭୁ ବନବାସ କଲ
କାହ୍ନୁ ହୋଇ କଲ ରାସ
ଏ କଳି ଯୁଗରେ ଦାରୁବ୍ରହ୍ମ ହୋଇ
ନୀଳାଚଳେ କଲ ବାସ ।

## ଭଲ ଝିଅ...




ସଚିନ୍ମୟୀ ଭଞ୍ଜ
ଗୁରୁଜାଙ୍ଗ, ତାଳଚେର

ଭଲ ଝିଅ ସେ --
ଯିଏ ଜୀବନ କୁ ଦୀପ ତଳ
ଅନ୍ଧାର ରେ ଲୁଚେଇ
ନିଜକୁ ଜାଳି
ଅନ୍ୟକୁ ଆଲୋକ ଦିଏ

ଯିଏ ସବୁ ସହିଗଲା ପରେ ବି କେବେ ଭଲ ବୋଲି
ଆୱାର୍ଡ ଟେ ପାଏନି
ଯିଏ ସବୁ ହସ ତଳେ ସମୁଦ୍ର ର ଲୁଣି ପାଣି କୁ ଓଠ ରେ
ଚାପି ଲୁଚେଇ ଦେଇ ପାରେ
ଯିଏ ବିନା ପ୍ରତିବାଦ ରେ ସବୁ ସହିପାରେ
ଭଲ ଝିଅ ସେ ନୁହେଁ --
କୁଳ ଲଙ୍ଘି ଉଛୁଳି ଉଠେ
ଜୁଆର ରେ ଭଙ୍ଗା ପଡିବା ଯାଏ
ଯିଏ ସମାଜ ର ବାଧା ବନ୍ଧନ କୁ ନ ମାନି ନିଜ
ଇଛାରେ ଚାଲିବା
ଯିଏ ମିଡ଼ିଆ ଆଗରେ ମୁହଁ ଖୋଲି ନିଜ ଆତ୍ମୀୟ ମାନଙ୍କ
ଚରିତ୍ର ସଂହାର କରିବା
ଯୁଗେ ଯୁଗେ ତା ପାଦ ରେ ଶିକୁଳି ପଡିବା ସହିତ
ତା ମନ ଆଉ ଇଛା ରେ ବି ଶିକୁଳି ଲାଗିଥାଏ
କାହିଁକି ନା ସେ ଭଲ ଝିଅ ବୋଲି ଦୃଷ୍ଟି ଗୋଚର ହୁଏନି

ଭଲ ଝିଅ ଅଭଦ୍ର ଅସଭ୍ୟ ଭଳି
ସିଗାରେଟ ଟାଣେନି
ଏମିତି ବସେନି
ସେମିତି କୁହେନି
ଏମିତି କରେନି
ସେମିତି ହସେନୀ
ଏମିତି ଚାଲେନି
ଏମିତି ଅନେକ ଆଖ୍ୟା ଗୋଟେ ଝିଅ
ପାଇଁ ଉଦ୍ଦିଷ୍ଟ....

# ପୃଷ୍ଠାଟିଏ...



ସ୍ୱାଗତିକା ସାହୁ
ତୁମୁଡିବନ୍ଧ, କନ୍ଧମାଳ

ସମ୍ପୂର୍ଣ୍ଣ ବହିସିନା ହେଇପାରିବିନି
ତୋ ଜୀବନରେ..
ହେଲେ ମୋ ନାଆଁ ନିଶ୍ଚୟ ଲେଖାଥିବ
ସେଇ ବହିର କେଇ ପୃଷ୍ଠାରେ.....
ଅପରାହ୍ନରେ ଯଦି କେବେ ସମୟ ମିଳିବ
ସେ ବହିର କେଇ ପୃଷ୍ଠା ଟିକେ ଓଲଟାଇଦେବ...
ପୃଷ୍ଠା ଓଲଟାଇଲେ ନିଶ୍ଚେ ମୋ କଥା ମନେପଡିବ
ସ୍ମୃତିକୁ ମନେପକେଇ କିଏ ବୋଲି ଟିକେ ତ ହସି ଦେବ....
ବାସ.....ସବୁ ମନେପଡ଼ିଯିବ
ବହିର କେଇ ପୃଷ୍ଠାକୁ ନେଇ ମୋ ଅଧ୍ୟାୟ ନା.....
ସେଇ ଅଧ୍ୟାୟର ପୃଷ୍ଠା ଗୁଡ଼ିକରେ ଜୀଇଁ ଉଠନ୍ତି
ମୋ ହୃଦୟର ଆବେଗ ଅନୁରାଗ....
ବଳ କସିବା କି ଗଣିତ କଷିବାର ଅପେକ୍ଷାରେ ନଥାଏ ମୁଁ, ଥାଏ ତ ଖାଲି ତୁ ଆଉ ତୁମ ଭାବନା, ଆଉ ମୋ ଭାବାବେଗ....
ପ୍ରତିଟି ଶବ୍ଦରେ ନିଜକୁ
ମାଳଟିଏ ପରି ଗୁନ୍ଥି ନେଇନିଏ
ଯେମିତି ଏଇ ଶୁଖିଲା ଗୋଲାପ ଫୁଲଟିଏ ପରି....
ନିଜକୁ ସେଇ ପୃଷ୍ଠା ସବୁରେ
ଆଉଜେଇ ନେଇ ମୁଁ ଫୁଟୁଥାଏ
ଅହରହ,
ସେଇ ମନକୁ ଛୁଇଁଥିବା ଅଧ୍ୟାୟର.....

## ମହାର୍ଘ୍ୟ ଜୀବନ...



ଡ: ଶୁଭ୍ରା ଦାସ
ଝାଞ୍ଜିରୀ ମଙ୍ଗଳା, ତେଲେଙ୍ଗା
ବଜାର, କଟକ

ବାଦଲ ବୁକୁରେ ଭାବନାର କଥା
ମୁହିଁ ଯେବେ ଆଙ୍କି ଦିଏ
ଛାଇ ଆଲୁଅର କାନଭାସ ଉପରେ
ଚିତ୍ର ମତେ ଦୃଶ୍ୟ ହୁଏ ।

ଦିଶେ ନାହିଁ କେବେ ସେହି ଚିତ୍ର ପୁଣି
ଅନ୍ୟ କାହାରି ଆଖିକୁ
ନିନ୍ଦା,ଅପମାନ, ଆଶ୍ୱାସନା ଖାଲି
ମିଳି ଥାଏ ମାଗଣାକୁ ।

ଅତୀତର କିଛି କଳଙ୍କି ଅଧ୍ୟାୟ
ସାଉଁଟି ମୁଁ ହସୁଥାଏ
ଶ୍ୱସ୍ତିର ନିଶ୍ୱାସ ମାରେ ପୁଣି ଯେବେ
ଶୂନ୍ୟ ଅସ୍ୱାଘାତ ପାଏ ।

ମନ, ମସ୍ତିଷ୍କକୁ ଶାନ୍ତ କରି ଚାଲେ
ଦେଖି ନୂଆ ସୂର୍ଯୋଦୟ
ଝରା ଶେଫାଳୀର ମଧୁର ମହକେ
ଅନ୍ତର ହୁଏ ଜ୍ୟୋତିର୍ମୟ ।

ଆଶା, ନିରାଶାର ଜଞ୍ଜାଳ ଭିତରେ
ଶାନ୍ତି ଟିକେ ଖୋଜୁ ଥାଏ
କବି କବିତା ର ମହାର୍ଘ୍ୟ ସମ୍ପର୍କ
ପରି ଜୀବନ ଟା ରୂପ ନିଏ ।

କଳ୍ପନା ଶବ୍ଦଟି ଅତୀବ ସୁନ୍ଦର
ବାସ୍ତବିକ ପଥ କ୍ଷୀଣ
ରଚି ପାରେ କେତେ ଅଜଣା ଅଦେଖା
ଅବାଞ୍ଛିତ ଆଶା ବାଣ ।

ପ୍ରଭାତୀ ବିହଙ୍ଗ ମଧୁ ମୂର୍ଚ୍ଛନା ରେ
ଚିତ୍ତ ହରେ ଚାରୁ ଗୀତେ
ମାଦକୀୟ ଆଶା ଲଳିତ ସ୍ୱପ୍ନରେ
ଜୀବନଟା ମୋର ବିତେ ।

ତୁଷାର ଧବଳ ଧରା ସମୁଜ୍ଜ୍ୱଳ
ଆକାଶରେ ମେଘ ପୁଞ୍ଜ
ମଧୁର ମହକେ ଆତ୍ମା ମୋର ପୁରେ
ହସେ ମନ ଲତା କୁଞ୍ଜ ।

## କବିଟିଏ ଯେବେ ପ୍ରେମିକା ହୁଏ...



ପୂଜା ସାହୁ
ଗଞ୍ଜାମ

କବିଟିଏ ଯେବେ ପ୍ରେମିକା ହୁଏ
ଓଠ ନୀରବ ମନ ଆକାଶ ଛୁଏଁ,
ଚୁପି ଚୁପି ଅନେକ କଥା କହିଦିଏ
କଳ୍ପନା ସୂତାରେ ଭବିଷ୍ୟତ ଗୁନ୍ଥିଦିଏ,
କବିଟିଏ ଯେବେ ପ୍ରେମିକା ହୁଏ । ୧
ପ୍ରେମରେ ଅନେକ କବିତା ଲେଖିଦିଏ
ହୃଦୟର ଅକୁହା କଥାକୁ ଗାଇଯାଏ
ପ୍ରେମକୁ ସାକ୍ଷୀ ରଖି ପ୍ରେମିକା ହେଇଯାଏ,
କବି ଯେବେ ପ୍ରେମିକା ହୁଏ । ୨
ମନଗଢା କେଇ ଶବ୍ଦ ଗଢି
ଅକ୍ଷର ଛନ୍ଦରେ କବିତା ଲେଖିଯାଏ,
କଲମର ସ୍ୟାହିରେ ମନ କଥା ଫେଡି
ଅକୁହା କଥାକୁ କାଗଜରେ ଚିତ୍ରିତ କରିଦିଏ
କବିଟିଏ ଯେବେ ପ୍ରେମିକା ହୁଏ । ୩
ସ୍ୱପ୍ନ ଦୁନିଆରେ ହଜିଯାଇ,
ଆକାଶରୁ ଜହ୍ନ, ତାରା ତୋଳିନିଏ ।
ଶ୍ରାବଣ ମାସର ବର୍ଷାରେ ଭିଜିଯାଇ,
ହୃଦୟରେ ପ୍ରେମିକର ପ୍ରତିମୂର୍ତ୍ତି ଗଢୁଥାଏ ।
କବିଟିଏ ଯେବେ ପ୍ରେମିକା ହୁଏ । ୪
ପ୍ରେମ ଋତୁ ମୌସୁମୀରେ ଇନ୍ଦ୍ରଧନୁ ତୋଳି,
ପ୍ରେମିକକୁ ପ୍ରେମପତ୍ର ଦେବାପାଇଁ ଭାବୁଥାଏ ।
ପାଖକୁ ଯାଇ ଫେରିଆସୁଥାଏ, ନ ଜାଣିବା ଭଳି
ଚିଠିକୁ ହାତରେ ଧରି ବାରମ୍ବାର ପଢୁଥାଏ ।
କବିଟିଏ ଯେବେ ପ୍ରେମିକା ହୁଏ । ୫
ଗୁଣୁଗୁଣୁ ଗାଇ କେଉଁ ଦୁନିଆକୁ ପଳାଏ
ଚେତନ ଫେରେ ଯେବେ ଧେତ୍ କହି ହସିଦିଏ ।
ଶବ୍ଦ ସବୁକୁ ସାଉଁଟି କେତେ କ'ଣ ଲେଖିଯାଏ
କବିଟିଏ ଯେବେ ପ୍ରେମିକା ହୁଏ ।୬
ପ୍ରେମର ସମୁଦ୍ରରେ ଉବୁଟୁବୁ ପ୍ରେମିକା
ପହଁରା ନଜାଣି ପ୍ରେମ ନଈରେ ଡେଇଁଯାଏ ।
ଭାଙ୍ଗିଯାଏ ଯେବେ କଳ୍ପନା ନୌକା
କିଛିଦିନ ହୃଦୟ ଭଙ୍ଗା କବିତା ଶୁଭିଥାଏ
କବିଟିଏ ଯେବେ ପ୍ରେମିକା ହୁଏ ।

## ପାରିବ ତ'...



ବିଶ୍ୱଜିତ ନାୟକ
ସୋରୋ, ବାଲେଶ୍ୱର

ଯଦି ତୁମେ ଭଲପାଅ ମୋତେ
କ'ଣ ଦୁରେଇ ଦେଇ ପାରିବ
ମୋ ଏକୁଟିଆ ପଣ,
କ'ଣ ଦେଇପାରିବ ସାନ୍ତ୍ୱନା
ଯଦି ଘେରି ରହିଥାଏ
ମୋତେ ବିପଦର
ଅଦେଖା କୁହୁଡ଼ି ?
କ'ଣ ତୁମେ
କ୍ଷମା କରିପାରିବ
ମୋ ଜୀବନରେ ଘଟିଥିବା
ଏଇମିତି ଛୋଟ ଛୋଟ
ଭୂଲ ଗୁଡ଼ିକୁ ?
କ'ଣ ମୋତେ
ଭିଡ଼ି ଧରି ପାରିବ
ଯଦି ମୁଁ ଡରିଯାଇଥାଏ
ପ୍ରବଳ ମାତ୍ରାରେ ?
କ'ଣ ସହି ପାରିବ
ମୁଁ ଯଦି ଏଇମିତି
କାହାସହ ଦୁଇପଦ କଥାହୁଏ
କ'ଣ ମୋତେ
ଫେରାଇପାରିବ
ଯଦି ବାଟବଣା ହୋଇଯାଏ
ସହରର ଚକ ଚକ
ଆଲୁଅ ଭିତରେ ?



# ଚକା ଆଖି...



ଶର୍ମିଷ୍ଠା ଦାସ
ମହାକାଳପଡ଼ା,କେନ୍ଦ୍ରାପଡା

ତୋର ସେ ଚକା ଚକା ଆଖି,
ଦେଖି ଆଖି ମୋର ଯାଏ ଲାଖି,
ନେଇଯାଏ ମତେ ତୋ ପାଖକୁ ଡାକି ।
ତୋର ସେ ନାଲିଆ ଓଠ,
ହଳଦୀ ରଙ୍ଗର ଖଣ୍ଡୁଆ ପାଟ,
କରିଦିଏ ମତେ ବିଭୋର ।
ତୋର ଅଧରର ହସ,
ଦେଖି ସୁନା ବେଶ,
ଚେତା ଥାଇ ମୁଁ ହୁଏ ବେହୋସ୍ ।
ତୋର ତୁଳସୀ ମାଳ,
ଟଙ୍କ ଦହି ଛୁଙ୍କ ପଖାଳ,
ବାସ୍ନାରେ ମୁଁ ପରା ପାଗଳ ।
ତୋର ସେ ଛପନ ପଉଟି ଭୋଗ,
ଆନନ୍ଦବଜାରେ ଖାଇବାରେ ମୋର ଲୋଭ,
ମୋ ଭାଗ୍ୟକୁ ବି ଟିକେ ଦେ ସୁଯୋଗ ।
ତୋର ବଡ ଦେଉଳ ର ନେତ,
ଉଡୁଥାଏ ପବନର ବିପରୀତ,
ଯିବାକୁ ହୁଏ ମନ ଅସ୍ତ ବ୍ୟସ୍ତ ।
ତୋ ଦେହ ର ସେ ଚୂଆ ଚନ୍ଦନ,
ମଥାରେ ବୋଳିବାକୁ ମୋର ମନ,
ଆସୁ ଖାଲି ମୋ ସପନରେ ସବୁଦିନ ।
ଜଗା ଥରେ ଲଗେଇ ଦେ ତୋ ଡୋରି,
ଯିବାକୁ ହୁଏ ମନ ଉଚ୍ଛନ୍ନ ଭାରି,
ତତେ ନଦେଖି ଏ ଆଖି ହୁଅଇ ଝୁରି ।



## ପଖାଳ ଦିବସ...



ଦୀପକ କୁମାର ନାୟକ
ଯୁବ ସାମ୍ବାଦିକ,
ହିନ୍ଦୋଳ,ଢେଙ୍କାନାଳ

ଅତି ପ୍ରିୟ ଖାଦ୍ୟ ପଖାଳ ଆମର
ନିତିଦିନ ଖାଇଥାଉ
ପଖାଳ ଗଣ୍ଡିଏ ପେଟରେ ପଡ଼ିବା
ପରେ ତ ଯୁଆଡ଼େ ଯାଉ ।।
ରାତି ପାହୁ ପାହୁ ଦରକାର ପଡେ
ଆମର ପଖାଳ ଭାତ
ଖାଇବାକୁ ଆମେ ଖାତିରି କରୁନା
ବରଷା ହେଉକି ଶୀତ ।।
ଗରିବର ପ୍ରିୟ ଏ ପଖାଳ ବୋଲି
ଜାଣେ ଏ ଦୁନିଆଁ ଯାକ
ଯେତେ ଖରା ହେଉ ଖାଇଥିଲେ ମୁଠେ
ଲାଗେନାହିଁ ଯମା କ୍ଲାନ୍ତ ।।
ସେଥିପାଇଁ ମୋର ଚାଷୀ ଭାଇ ଟିଏ
ପଖାଳ କଂସାକୁ ଧରି
ଚାଲେ ତାର କ୍ଷେତ ମହା ଆନନ୍ଦରେ
ଫସଲ ବେଉସା କରି ।।
ଖାଇଦେଲେ ଗଣ୍ଡେ ଖରା ବେଳଟାରେ
ଆହା କି ମିଳଇ ଶାନ୍ତି
ଯେତେ ଦୁଃଖ କଷ୍ଟ ଚାଲିଯାଏ ସବୁ
ମିଳିଥାଏ ଆତ୍ମତୃପ୍ତି ।।
ଦିନ ମଜୁରିଆ ପେଟେ ଯଦି ମୁଠେ
ପଡିଯାଇଥାଏ ପଖାଳ
କେବେହେଲେ ସିଏ ହାର୍ ମାନେ ନାହିଁ
ହେଉ ଅବା ସଞ୍ଜ ସକାଳ ।।
ତେଣୁ ଆମେ ଖାଲି ପଖାଳ ଦିବସ
ପାଳିଲେ ହେବନି ଯମା
ପଖାଳ ଖାଇଲେ ଦିବସ ପାଳିବା
ମୂଲ୍ୟ ରହିବ ତା ସିନା
ମୂଲ୍ୟ ରହିବ ତା ସିନା ।।

## ଜଗାକୁ ଜ୍ୱର...



ସଂଗୀତା ନାଏକ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ନୀଳାଚଳ ପତି ଜଗତ ସମ୍ପତ୍ତି
ଭକ୍ତଜନ ନେତ୍ର ଲୋଭା
ରତ୍ନ ସିଂହାସନ ଛାଡ଼ି ଆଜି ତୁମେ
ସ୍ନାନ ମଣ୍ଡପରେ ଉଭା ।

ଜ୍ୟେଷ୍ଠ ଗୁଳୁଗୁଳି ସହି ନପାରି ହେ
ସ୍ନାନ ମଣ୍ଡପରେ ବିଜେ
ଆକାଶରୁ ଝରେ ଅମୃତ ବରଷା
ଶ୍ରୀମୁଖ ଝଲସି ଉଠେ ।

ରଙ୍ଗ ଅଧରରେ ମନ୍ଦ ମନ୍ଦ ହସ
ସୁନାକୂଅ ଜଳେ ଗାଧୋଇ
ହାତୀବେଶ ହୋଇ ସ୍ନାନ ମଣ୍ଡପରେ
ଦର୍ଶନ ଦେବ ଗୋସାଇଁ ।

ସ୍ନାନ ପରେ ତୁମେ ଅଣସର ଘରେ
ରହିବ ପନ୍ଦର ଦିନ
ଜ୍ୱରରେ କମ୍ପିବ ତୁମରି ଶ୍ରୀଅଙ୍ଗ
ହେ ପ୍ରଭୁ ଚକାନୟନ

ପଥି ପଣା ଖାଇ ରହିବ ଗୋସାଇଁ
ଜ୍ୱର ଭଲ ହେବା ଯାଏଁ
ନବଯଉବନ ବେଶରେ ଦର୍ଶନ
ଦେବ ପୁଣି ତାହାପରେ ।



## ଅନୁପମା...



ଅବିନାଶ ସାମଲ
କଣ୍ଟିପୁର, ବିଞ୍ଝାରପୁର, ଯାଜପୁର

ଅନୁ କେବେ ଝରଣା ର କୁଳୁକୁଳୁ ଶବ୍ଦ ତ
କେବେ ଗଭୀର ଖରସ୍ରୋତ ର ଜଳରାଶି

କେବେ ସକାଳ ର ସୁନେଲି କିରଣ ତ
କେବେ ଶୀତ ର କାକର ବୁନ୍ଦା

କେବେ ପୂର୍ଣ୍ଣିମା ଜହ୍ନ ର ଜ୍ୟୋସ୍ନା ତ
କେବେ କଳା କିଟ୍ କିଟ୍ ଅନ୍ଧାର

କେବେ ଥଣ୍ଡା ମୃଦୁ ମଳୟ ର ପବନ ତ
କେବେ ସୂର୍ଯ୍ୟମୁଖୀ ର ମିଠା ବାସ୍ନା

କେବେ ହସ ର ଗନ୍ତାଘର ତ
କେବେ ରାଗ ରୁଶା ଅଭିମାନିନି

କେବେ ମିଠା ମିଠା ମଧୁଶାଳା ତ
କେବେ ମରୁଭୂମି ମରୀଚିକା

କେବେ ସମର୍ପଣ ର ଶ୍ରେଷ୍ଠ ନିଦର୍ଶନ ତ
କେବେ ସନ୍ଦେହ ର ଆକଟ ପଣ



# କରେ ଅନ୍ୱେଷଣ ଗୁରୁଙ୍କ ବଚନ...



ସୁନିଲ କୁମାର ନାୟକ
ସାନପଦର, ବୋଲଗଡ, ଖୋର୍ଦ୍ଧା

କରେ ଅନ୍ୱେଷଣ ଗୁରୁଙ୍କ ବଚନ
ଦିବସ ର ଅନ୍ତେ ରଜନୀ ଆରମ୍ଭ
ରଜନୀ ର ଅନ୍ତେ ଦିନ ।
ଏପରି ଯାଏ ବର୍ଷ ବର୍ଷ ବିତି
ଏତ ପୃଥିବୀ ର ଆବର୍ତ୍ତନ ।।୧ ।।
ତହିଁ ମଧ୍ୟେ କେତେ ସ୍ମରଣୀୟ ଦିନ
ଦେଇଥାଏ ସଦା ଜୀବନ ଦର୍ଶନ ।
ଶାସ୍ତ୍ର ସଦା ଦେଇଥାଏ ଜ୍ଞାନ
କେତେ ପୂଣ୍ୟ ବଳେ ଏହି ମାନବ ଜୀବନ ।।୨ ।।
ଗୁରୁ ନାମେ ଯେଉଁ ଅମୃତ ଶବ୍ଦଟି
ଶିକ୍ଷା ସୋପାନ ରେ ଦିନେ ପାଇଥିଲି ମୁଁ ଖୋଜି ।
କି ଶବ୍ଦାଳଙ୍କାରେ ସଜାଇବି ମୁହିଁ
ହୋଇ ଅଳଙ୍କାର ବିହୀନ ଆଜି ।।୩।।
ଗୁରୁ ଯେ ଅନନ୍ତ ଗୁରୁ ଯେ ଅସୀମ
ଗୁରୁ ଯେ ଜ୍ଞାନ ର ଉଜ୍ଜ୍ୱଳ ପ୍ରଦୀପ ।
ସୀମିତ ଜ୍ଞାନ, ସୀମାବଦ୍ଧ ଶବ୍ଦ
ଏସବୁ ନୁହେଁ ଗୁରୁଙ୍କ ସଂଜ୍ଞା ଅନୁରୂପ ।।୪ ।।
କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ
ପ୍ରୀତି କିନ୍ତୁ ଅଭେଦ୍ୟ ତାଙ୍କର ।
କେ ଦେଇପାରିବ ଗୁରୁଙ୍କର ସଂଜ୍ଞା
ଏ ଯେ କେବଳ ଅନୁଭବର
ସମ୍ଭାର ।।୫ ।।
ଶିକ୍ଷା ର ଶାସ୍ତ୍ରରେ ଉଜ୍ଜ୍ୱଳ ନକ୍ଷତ୍ର
ପ୍ରତିଟି କ୍ଷେତ୍ରରେ କରିଅଛ ଦକ୍ଷତାର ପ୍ରତିପାଦନ ।
ସେଥିପାଇଁ ଆଜି ଶିଷ୍ୟଙ୍କ ଗହଣେ
ସୃଷ୍ଟି କରିଅଛ ତୁମ୍ଭେ ସ୍ମୃତିର ଉପବନ ।।୬ ।।
ଶିକ୍ଷାର ଆରମ୍ଭରୁ ଏପର୍ଯ୍ୟନ୍ତ
ତୁମେ ହିଁ ସାଜିଥିଲ ପଥ ପ୍ରଦର୍ଶକ ।
ଆତ୍ମବିଶ୍ୱାସ, ଆତ୍ମ ପ୍ରେରଣାର ତୁମେ ହିଁ ଥିଲ ମୁଖ୍ୟ ଉତ୍ସ
ଯାହା ଆଜି ମୋ ପାଇଁ ଉପଲବ୍ଧିର ଶୀର୍ଷକ ।।୭ ।।
ଜ୍ଞାନ ଆହରଣ ସାଥେ ସାଉଁଟିଛି
ଅନେକ ସ୍ମୃତି ଆଉ ଅନୁଭୂତି ।
ସବୁ ସାଇତିଛି ହୃଦୟ ଗହ୍ୱରେ
ଚାପି ରଖି ଆଜି ହୃଦୟ କୋହର ଗତି ।।୮ ।।
ମୋ ନାସ୍ତିକ ପଣିଆରେ ଆସ୍ତିକତା ଭରି
କରିଦେଇଅଛ ମୋତେ ଭାବର ଭିକାରି ।
ଅଜ୍ଞାନ,ଅଯୋଗ୍ୟ,ଅସମର୍ଥ ମୁହିଁ
ଆଜି ପରଖିବା ପାଇଁ ତୁମ ହୃଦୟ ପ୍ରେମର ବାରି ।।୯ ।।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

ତଥାପି ରହିଛି ପ୍ରାଣରେ ଉତ୍କଣ୍ଠା, ମନରେ ସଂଶୟ
କରୁଛି ଆଜି ଚେତନା ର ସମୀକ୍ଷା, ଭାବନାରେ ପ୍ରତୀକ୍ଷା ।
ହୃଦୟର ଯନ୍ତ୍ରଣା ଦେଉଛି ଏହି ମନ୍ତ୍ରଣା
ଚାପି ରଖିବା ପାଇଁ ହୃଦୟର ଯୁଯୁକ୍ଷା ।।୧୦।।
ଉପଲବ୍ଧି ର ଶୀର୍ଷ ରେ
ସମ୍ଭାବନା ର ଉଦ୍ଦୀପନା ରେ
ଜୀବନ ର ଏକାନ୍ତ ପଥରେ
ଅନ୍ୱେଷଣ କରେ ଗୁରୁଙ୍କ ସ୍ମୃତିରେ
କହିଥିବା ବାକ୍ୟ,ଛୁଇଁଥିବା ପଦ
ରଖିଥିବା ଆଶା, ଦେଇଥିବା ମନ୍ତ୍ର
ଆସ ଅବତରି ହେ ଗୁରୁଦେବ
ଦେଖ ଥରେ ଏ ଅଧମକୁ କୃପା ନେତ୍ରରେ ।।୧୧।।



## ବାପା ମାଆ...



ହରପ୍ରିୟା ସାହୁ
ସିଂହାରପୁର, ଜଗତସିଂପୁର

କିଏ ସନ୍ଥ, କିଏ ସାଧୁ ପାଲଟିଛି,
ଥରେ ନିଜେ ଆଖି ଖୋଲିକି ଦେଖ ।
ସୃଷ୍ଟି କର୍ତ୍ତା ଯଦି ଭଗବାନ୍ ହୁଅନ୍ତି
ଥରୁଟେ ମାଆ ବାପା ଙ୍କୁ ବି ଦେଖ ।।

ପଥର ଲଢ଼େନି ତୋ ପାଇଁ ବାବୁ ରେ
ଲହୁ ଲୁହ କରି ଏକ
ପଥରକୁ ତୋର ସୃଷ୍ଟି କର୍ତ୍ତା କହୁ
ଭାବନାକୁ ତୋର ଧିକ ।।

ହଜାରେ ହଜାରେ ଟଙ୍କା,
ଅପାତ୍ର ରେ କରୁ ବର୍ଜନ
ବାପ ମା' ପାଇଁ ଖର୍ଚ୍ଚ ହେଇଗଲେ
ପାଟି କରି କରୁ ଗର୍ଜନ ।।



ଚଲା ପଥ ଯଦି କଣ୍ଟା ପାଲଟିଛି,
ଥରେ ନିଜକୁ ସଜାଡ଼ି ଦେଖ
ଝୁଣ୍ଟିଲେ ପଥର ଆଃ କି କହିବ ?
ବାପା ମାଆ ଙ୍କୁ ଆଦରି ଦେଖ ।।

## ଶୀତର ଅନ୍ତିମ ସ୍ପର୍ଶ...



ପ୍ରତିଭା ପଟ୍ଟନାୟକ
ଚିକିଲି, ଗୋପପୁର, ଗଞ୍ଜାମ

ଶୀତ ର ଅନ୍ତିମ ସ୍ପର୍ଶ,
ଗ୍ରୀଷ୍ମ ରବି ଙ୍କ ପ୍ରଥମ ସ୍ପର୍ଶ,
ଋତୁ ର ପରିବର୍ତ୍ତନ,
ନୂତନ ଏକ ସମୟ ଆରମ୍ଭ ।।
ଦିନ ପରେ ଦିନ,
ଋତୁ ପରେ ଋତୁ ର ପରିବର୍ତ୍ତନ,
ସଂସାର ର ନିୟମ ।।
ଦିନର ଝାଞ୍ଜି ପବନ,
ରାତ୍ର ର ତାପ,
ତା ସାଙ୍ଗକୁ ପୁଣି ଅସହ୍ୟ ଗରମ ।।
ବେଳେ ବେଳେ କାଳ ବୈଶାଖୀ ର ତାଣ୍ଡବ,
ପୁଣି ଅସହ୍ୟ ରୌଦ୍ର ତାପ,
ପୃଥିବୀ ର ପରିବର୍ତ୍ତନ ମାନ ।।
ମଣିଷ ଅଟଇ ସମୟ ର ଦାସ,
ଅନୁଭବ କରେ ତାର,
ପ୍ରତ୍ୟେକ ରୂପ ମାନ ।।



# ନିଶବ୍ଦ ରାତିର ମୁଁ...



ରାଜଶ୍ରୀ ସାହୁ
ନିଆଳି, କଟକ

ଦିନ ଗୁଡାକ ସିନା ଏମିତି ଏମିତି କଟିଯାଏ
କିନ୍ତୁ, ରାତିର କାହାଣୀ ହିଁ କିଛି ଭିନ୍ନ,
ରାତିର ନିଶବ୍ଦ ପ୍ରହରରେ
ଇଚ୍ଛା ହୁଏ ନିଜକୁ ପରଖିବାକୁ
ଶୁଖି ନଥିବା ଘା'କୁ ଆଞ୍ଚୁଡ଼ି
ପୁଣି ରକ୍ତାକ୍ତ ହେବାକୁ ।
ସେଇ ନିଶବ୍ଦ ବେଳାରେ ମନେପଡେ,
ଯେତେସବୁ ଅହେତୁକ ସ୍ମୃତି,
ଜିତିବାକୁ ଚାହିଁ, ହାରିଥିବା ଅନେକ ଜୀବନ ବାଜି
ଭୁଲିବାକୁ ଚାଁହୁଥିବା ଅନେକ ପରିଚିତ ମୁହଁ
ଯାହା ଏବେ ବି ବେଳ ଅବେଳରେ
ମୋ ଆଖିରେ ଆଣିଦିଏ ଲୁହ ।
ରାତିର ସେଇ ବହଳ ଅନ୍ଧକାରରେ ବି,
ମୁଁ ଦେଖିପାରେ ନିଜକୁ
ନିଜ ଅତୀତ ବର୍ତ୍ତମାନ ଓ ଭବିଷ୍ୟତକୁ
ଟିକିଏ ସ୍ନେହ ପାଇଁ କାଙ୍ଗାଳ ସେଇ ବୋକୀ ଝିଅକୁ,
ଅନ୍ୟର ସ୍ୱାର୍ଥପୂରଣରେ ବ୍ୟବହୃତ ମୋ ଅତୀତକୁ
ଦିନରେ ଗାମ୍ଭୀର୍ଯ୍ୟ ଓ କଠୋରତାର ମୋଟା ପରଦା ତଳେ
ଲୁଚିଥିବା ସେଇ ଚୁପଚାପ୍ ଝିଅ
ରାତିରେ ତରଳେ ଗ୍ରୀଷ୍ମର ହିମାଳୟପରି
କେଜାଣି, କୋଉ ସ୍ମୃତିକୁ ରୋମନ୍ଥନ କରି,
ନିଶବ୍ଦ କୋଠରୀର ଶୂନଶାନ୍ କୋଣରେ
ଝରାଉଥାଏ ଅବିରତ ଲୁହ
କେଜାଣି କାହାର ବା ପ୍ରତୀକ୍ଷାରେ ?

# ଜୀବନର ଉପହାର...



ବୁଦ୍ଧିରାମ ବେହେରା
ଗଞ୍ଜାମ

ଭାବେ ନୀରବରେ ମୃତ୍ୟୁର ପାଦଦେଶରେ
ଆଉ କିଛି ରହିଛି କି ବାକି ?
ମାଗି ଆଣି ଥିବା ସମୟ ଯେ ଗଲାଣି ସରି
ନ ରହେ ଆଉ ଉଡ଼ାନ୍ତ ପକ୍ଷୀ ।।

ଜୀବନକୁ ବୋଝ କରି ଚାଲେ ଏ ମଣିଷ
ମୃତ୍ୟୁ କ'ଣ ଦେଇ ପାରେ ମୁକ୍ତିର ପରିବେଶ
ବୋଝ ଆଉ ମୃତ୍ୟୁ କେବେ ସରେ ନାହିଁ
ଏ କଥା ଜଗତରେ କିଏ ବା ଜାଣିନି ।।

ଶେଷ ଦୃଶ୍ୟରେ ଦେଖେ ଏ ଜୀବନ
ନାନା ପ୍ରତିଛବି ଆଙ୍କିତ ଏ ମନ
ଧାରାବାହିକ କାହାଣୀ ପରି ଦୃଶ୍ୟ
ମନ ହୁଏନି ଯିବାକୁ ସେ ଦେଶ
ଶେଷ ସମୟରେ ପ୍ରେମ ଭରା ଦୃଶ୍ୟ
ଯେଉଁଥିପାଇଁ ଚାହିଁ ରହିଥିଲି ଏତେ ବରଷ ।।

ସାଉଁଟି ଥିବା ସଂପତ୍ତି ରୂପେ ନିଏ ସ୍ମୃତି ତକ
ଆପଣାର ଲୋକ ଦେଖି ଯାଆନ୍ତି ଶେଷ ଥର
ଜୀବନର ଉପଭୋଗକୁ ଧାରଣ କରି
ବରଣ କରେ ମୃତ୍ୟୁକୁ, ଉପହାର ରୂପେ
ହଁ ଜୀବନର ଶେଷ ଉପହାର ।।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୭୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ମମତା...




ଅରୁଣ କୁମାର ଦାସ
ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର

ଟିକିଏ ଦୂରେଇ ଗଲେ
ଛାତି ମୋର କୋରି ହେଲା ପରି ଲାଗେ
ମୁଣ୍ଡ ଉପର ଫାଙ୍କା ହୋଇ ଥାଏ
ଶରୀର ଅବଶ ହୁଏ ।
ଘର ମୋର ଶୂନ୍ୟତାରେ ଭରି ଯାଏ
ଭବିଷ୍ୟତ କଥା ଭାବି ମନକୁ ବୁଝାଇ ଦିଏ
ମୋର ଦୁଃଖ ବୁଝିବାକୁ କେହି ନ ଥାନ୍ତି
ତା ବିନା କେଉଁଠି ମିଳେନା ଶାନ୍ତି ।
ସିଏ ଆସିଲେ ଘର ଭରି ଯାଏ
ଅଲୋଡା ପଡିଥିବା ବ୍ୟାଟ୍ ଟି ଚଳ ଚଞ୍ଚଳ ହୁଏ
ଦୂର ଦର୍ଶନ ସଦା ଚାଲିଥାଏ
ମୋବାଇଲ ଫୋନ ବିଶ୍ରାମ ପାଏନା ।
ସିଏ ପଢିବାକୁ ଆସିବା ଦିନ ଲେନ୍ସ ତଳୁ ଲୁହ ପୋଛିବାକୁ ପଡେ
ଘରକୁ ଆସିବା ଦିନ ମନ ଆକାଶରେ ଉଡେ
କିପରି ଶୀଘ୍ର ପାଠ ପଢିବା ପାଇଁ ଆସିବ ସେ ଚିନ୍ତା କରେ
କିନ୍ତୁ ବାହାରିବାକୁ ପ୍ରସ୍ତୁତ ହେଲେ
ଲୁଚି ଲୁଚି ଲୁହ ନିଗାଡେ ।
ପ୍ରାୟ ଏକ ବର୍ଷ ହେବ ବାହାରେ ରହିଲାଣି
ଜମା ମନରୁ ପାଶୋରି ପାରେନି
କାହିଁକି କେଜାଣି କଷ୍ଟ ହୁଏ ଭାରି
ଏହାକୁ କାଳେ କୁହନ୍ତି ମମତା ତାହାରି ।

# ତୁମେ ମୋ ଶ୍ରେଷ୍ଠ ସମୟର ଉପହାର...



ମାନସୀ ବେହେରା
ସୋର, ବାଲେଶ୍ୱର

ତୁମେ ମୋର ସେଇ ସମୟର ଉପହାର
ମୋ ଅସହ୍ୟ ଯନ୍ତ୍ରଣାର ଉପଚାର
ମୋ ସ୍ୱପ୍ନ - ଲାବଣ୍ୟ ଦ୍ୱୀପର ରାଜକୁମାର ।

ମୋ ମନେ ସାଇତା ତୁମ ପାଇଁ
ପ୍ରେମ ବନ୍ୟାର ଭରପୁର ଆଞ୍ଜୁଳାଏ ମୁକ୍ତା...
ହସ୍ତକୁ ହସ୍ତରେ ଛନ୍ଦି ହୋଇଯିବା ଅନେକ ଦୂର,
ସେଥିରେ ନେବା ସୀମାହୀନ ପଥ ଚାଲିବାକୁ ଅସରନ୍ତି ଇଚ୍ଛା... ।

ଆଗରୁ ସମୟ ଗଢି ଦେଇଛି ଆମ ପାଇଁ ନିଡ ଟିଏ,
ଝରଣା କୂଳରେ ମଜ୍ଜି ଯିବାକୁ ,
ଜହ୍ନ ଆଲୁଅରେ ନାଚି ଯିବାକୁ ,
ଅଜଣା ଗାଁ ରେ
ପୁଷ୍ପର ଶେଯରେ
ଦିନ ରାତି ଆମେ ଏକ ହେବାକୁ ।

ଜୀବନର ଉତ୍ତପ୍ତ ମଧ୍ୟାହ୍ନରେ ତୁମେ
ସହଚର୍ଯ୍ୟ ଦେଇ ଭରିଦେଲା ଶିତଳତା
ବୟସର ଅପରାହ୍ନରେ ତୁମ ସ୍ନିଗ୍ଧ ଛାୟା ତଳେ ବୁଝେଇଲ ସମ୍ପର୍କର ଅନାବିଳ ପରିଭାଷା ,
ମୋ ଜୀବନରେ ଆଜି ତୁହା କୁ ତୁହା
ଫାଲ୍ଗୁନର ରଙ୍ଗୋଲି ବର୍ଷା,
ଫାଲ୍ଗୁନ ର ରଙ୍ଗୋଲି ବର୍ଷା ।।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୭୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ଜାଗରଣର ଶଙ୍ଖ...

ଅନ୍ଧାର ରଜନୀ ଶେଷ ହେବା ପାଇଁ, ଢାଳିବାକୁ ହେବ ପ୍ରୀତି,
ସ୍ୱାର୍ଥର ଶିକୁଳି ଛିଣ୍ଡାଇବା ଆସ, ବଦଳିବ ଏହି ରୀତି ।
ପର ପାଇଁ ଯିଏ ଜୀଇଁ ଶିଖିଅଛି, ସିଏ ତ ପୁଣ୍ୟବାନ,
ଭେଦଭାବ ଭୁଲି ଗଢ଼ିବା ଆସୁରେ, ନୂତନ ଏକ ସୋପାନ ।।
କାହିଁକି କାନ୍ଦୁଛି ନିଷ୍ପେସିତ ଜନ, କାହିଁକି ଶୁଖୁଛି ଆଖି?
ସମାଜର କ୍ଷତ ଶୁଖାଇବା ପାଇଁ, ଆମେ କି ରହିବା ସାକ୍ଷୀ?
କଲମ ମୁନରେ ବିପ୍ଲବ ଆଣି, ଜାଳିବା ଜ୍ଞାନର ଦୀପ,
ଦୂରେଇ ଯିବ ଯେ ଅନ୍ୟାୟ, ଅଧର୍ମ, ଅମାନବିକତା ପାପ ।।
ସମୟ ଚକ୍ରରେ ପରିବର୍ତ୍ତନ ହେ, ସୃଷ୍ଟିର ଏକ ନିୟମ,
ଆସ ଆଜି ଶପଥ ନେବା କରୁଣାରେ, ହେବା ସଭିଏଁ ସଂଯମ ।
ଗୋଟିଏ ଶବ୍ଦରେ, ଗୋଟିଏ ସ୍ୱରରେ, ଗାଇବା ଏଇ ଗାନ,
ସମତା ସ୍ଥାପନେ ଧନ୍ୟ ହେଉ ଆମ, ଏଇ ତ ମାନବ ପ୍ରାଣ ।।
ସମାଜର ଚିତ୍ର ବଦଳାଇବାକୁ, କଲମ ହେଉ ତୁମ ଅସ୍ତ୍ର,
ସମତା ସୂତାରେ ବୁଣିବା ଆସୁରେ, ପ୍ରେମର ନୂତନ ବସ୍ତ୍ର ।
କୁସଂସ୍କାରର ଶିକୁଳି କାଟିବା, ଜାଳିବା ଜ୍ଞାନର ଆଲୋକ,
ତେବେ ଯାଇ ହେବ ସୁସ୍ଥ ସମାଜ, ଦୂର ହେବ ସବୁ ଶୋକ ।।



ଶିବଦୂତୀ ପାଣିଗ୍ରାହୀ
(ମୁଖ୍ୟ-ପରିଚାଳିକା : ମହ୍ଲାର ଇ-ପତ୍ରିକା)
ଖଣ୍ଡିତର, ରସୁଲପୁର, ଯାଜପୁର

## ଯେବେ ଦେଖିଲି ତୁମକୁ...



ସ୍ମୃତି ସଙ୍ଗୀତା ରାଉତ୍
ଜଗତସିଂହପୁର

ଯେବେ ଦେଖିଲି ପାଖରେ ତୁମକୁ
ବିଶ୍ୱାସ ହେଲାନି ନିଜକୁ
ଅଖି ଫେରିଲାନି ନଜର ମିଶିଲାନି
ସମୟ ଚାଲିଲେ ଆଗକୁ ।

ଯେବେ ଚାଲି ଆସୁଥିଲ ମୋ ପାଖକୁ
ଦେଖି ବିଚଳିତ ହେଲି ମନକୁ
ନିଃଶ୍ୱାସ ମାନେ ଦୃତରେ ବଢ଼ିଲେ
ବୋଲ ମାନିଲେନି ମୋ କଥାକୁ ।

ଦେହେ ଶିହରଣ ଖେଳିଲା
ଲାଜରେ ମୁହୂର୍ତ୍ତ ହାରିଲା
ଚାହିଁବାକୁ ଯାଇ ତୁମ ଦୁଇ ଅଖି
ହୃଦୟ ମୋର ଥରିଲା ।

ମନ କହୁଥିଲା ଆଲିଙ୍ଗନ କରି
ଭୁଲେଇ ଦେବି ମୋ ଦୁଃଖକୁ
ମସ୍ତିସ୍କ ମୋର ବାଟ ରୋକୁଥିଲା
ସାହାସ ଦେଲାନି ମନକୁ ।

ସନ୍ଧ୍ୟା ର ସେଇ ଥଣ୍ଡା ପବନ
ଘେରି ରହିଥିଲେ ଆମକୁ
ଲାଜରେ ଆମେ ଦୁହେଁ ଭିଯୁଥିଲେ
ଇର୍ଷାରେ ଜଳେଇ ଜହ୍ନ କୁ ।

ସମୟ ସାଥେ ତୁମେ ବି ବିଦାୟ ନେଲ
ପ୍ରେମ ସବୁ ମୋ ହାତରେ ଧେରେଇ ଦେଲ
ତୁମ ସ୍ମୃତିରେ ମତେ ଭିଜେଇ
ନିଦ ମୋ ଉଡେଇନେଲ ।

## ଉପର ୱାଲା...



ସୁନିତା ଦାଶ
ଭୁବନେଶ୍ୱର

ବାଃ ବାଃ ରେ ଉପର ୱାଲା,
କେଡ଼େ ବିଚିତ୍ର ତୋର ଲୀଳା ।

କାହାକୁ ଦେଇଛୁ ସୁନାର ମହଲ,
ରୂପାର ଝୁଲଣା ଝୁଲା—
ଆଉ କିଏ ପାଏନି
ମାଟିର ଖେଳନାଟିଏ ଭଲା ।।

କାହାକୁ ଦେଇଛୁ ସର ଲବଣୀ,
କିଏ ପାଏନି ଭାସି ତୋରାଣି ।

କାହାକୁ ପିନ୍ଧାଇଛୁ ପାଟ ପିତାମ୍ବରୀ,
କିଏ ଡାକେ ଦେହେ ଢାଙ୍କି
ଛିଣ୍ଡା କନା ଧଡିରେ ଜୀବନ ଭରି ।।

ସତ୍ୟ, ଧର୍ମ, ନ୍ୟାୟରେ ରହି
ଯିଏ ପୁଜେ ତତେ ନିତି,
ତା' ରାସ୍ତାରେ କେବେ କେବେ
ପଥର ହୋଇଯାଏ ତୋର ପ୍ରୀତି ।

ଆଉ ଯିଏ କରେ ଅନୀତି ନିତି,
ତା' ଉପରେ ଫୁଲ ବରଷାଉଛୁ କିମିତି !

ବାଃ ବାଃ ରେ ଉପର ୱାଲା,
ତୋ ପରି କେହି ନାହିଁ ଖେଳାଳୀ
ଦୁଃଖ ବି ଦେଉଛୁ, ସୁଖ ବି ଦେଉଛୁ,
ସମୟ ଆସିଲେ ପଥର ଦେହରୁ
ଝରଣା ବି ଝରାଉଛୁ ।

କେତେ ଆଉ କରିବୁ ତୁ ପାଲା-
ବାଃ ବାଃ ରେ ଉପର ୱାଲା ।।

## ମାଆ ର ମୂଲ୍ୟ...



ଶିମାନ୍ ପାଣି
ରାୟଗଡ଼ା

ପ୍ରେମର ଏଇ ଛୋଟ ଖେଳରେ
ହାରିଯାଅ ନାହିଁ ବନ୍ଧୁ
ଗୋଟିଏ ସମ୍ପର୍କ ଭାଙ୍ଗିଗଲେ କଣ
ଶୁଖିଯାଏ ଏଇ ସିନ୍ଧୁ ?

ଯାହା ପାଇଁ ତମେ ଜୀବନ ହାରିବ
ସିଏ ତ ହସିବ କାଲି
ନୂଆ ସାଥୀ ଟିଏ ପାଇଗଲା ପରେ
ଯିବ ସିଏ ଭୁଲି କାଲି

ହେଲେ ଥରେ ଭାବ ସେଇ ମା କଥା
ଯିଏ ଦେଖିଥିଲା ସ୍ୱପ୍ନ
ତୁମ ବିନା ତାର ସାରା ଜୀବନଟା
ହୋଇଯିବ ପୁରା ଶୂନ୍ୟ

ଦଶ ମାସ ଧରି ଗର୍ଭ ରେ ରଖିଛି
ନିଜ ରକ୍ତ ଦେଇ ବଡ଼
ସେ ଅମୂଲ୍ୟ ଭଲପାଇବା ଆଗରେ
ଏଇ ପ୍ରେମ ନୁହେଁ ଦୃଢ଼

ମାଆ ର କୋହକୁ ବୁଝିଯାଅ ବନ୍ଧୁ
ଜୀବନଟା ବହୁ ମୂଲ୍ୟ
ମାଆ ର ସେଇ ଲୁହ ଆଗରେ ଯେ
ବାକି ସବୁ କିଛି ଧୂଳିସମତୁଲ୍ୟ .



# ମୁଁ କୃଷକ...



ରଶ୍ମିପ୍ରଭା ରଣସିଂହ
ବାଲିଆପାଳ, ବାଲେଶ୍ୱର

ମୁଁ କୃଷକମାଟିର ସାହାସୀ ସନ୍ତାନ,
ଧରିତ୍ରୀର କୋଳେ ଲୁଚିଥିବା ସ୍ୱପ୍ନର ରତ୍ନ।
ପ୍ରଭାତୀ ସୂର୍ଯ୍ୟର କିରଣେ ଆରମ୍ଭ ମୋ ଜୀବନ,
ସନ୍ଧ୍ୟାର ଆଲୋକରେ  ଶେଷହୁଏ ସ୍ପନ୍ଦନ।
ମୋର ହାତରେ ହଳ,ମୋ ମନରେ ବିଶ୍ୱାସ,
ସେଥିପାଇଁ ମୁଁ ଚାଷ କରେ କାହାକୁ କରେନି ନିରାଶ।
ମାଟିର ସୁଗନ୍ଧ ମୋ ପାଇଁ ଦେବତାର ପ୍ରସାଦ,
ଏହି ଧରା ମୋର ମନ୍ଦିର,ମୋର ସବୁ ସ୍ୱପ୍ନର ଆଭାସ।
ମନରେ ଭାବୁଥାଏ ମୋର ଆଗାମୀ ଦିନ,
ସକାଳେ ଉଠିଲେ ଭାବେ କଣ ତାହା ହେବ ପୂରଣ।
ଘଡଘଡିର ଧ୍ୱନି ମୋ ପାଇଁ ସଙ୍ଗୀତ,
ଧାନକ୍ଷେତରେ ଯାଇ କରେ ନୃତ୍ୟ।
କେବେ ଉଦୁଉଦିଆ ଖରା କେବେ ଝଡ଼ ବତାସ,
ତଥାପି ମୁଁ ଅଟଳ,ଭାଙ୍ଗି ନାହିଁ ମୋର ବିଶ୍ୱାସ।
କଷ୍ଟର କଣ୍ଟକ ମାର୍ଗରେ ଚାଲି ଚାଲି ଯାଏ,
ଧରିତ୍ରୀର ଆଲିଙ୍ଗନେ ମୋର ଦୁଃଖ ହଜିଯାଏ।
ମୋର ଶ୍ରମରେ ଭରିଯାଏ ଘରେ ଘରେ ଭାତ,
ମୋର କଷ୍ଟରେ ଲୁଚିଥାଏ ସମାଜର ସୁଖ ପଥ।
ମୁଁ ନିରବ ସେବକ,କେହି ମୋତେ ଚିହ୍ନେ ନାହିଁ,
ତଥାପି ମୋ ବିନା ଏ ଜଗତ ଚାଲି ପାରେ ନାହିଁ।
ଧାନର ସୁନେଲି ହସ ମୋର ପୁରସ୍କାର,
ମାଟିର ସୁଗନ୍ଧେ ମୋର ଜୀବନ ଅମର।



## ଏଇ ତୋ କର୍ମର ଫଳ...



ପ୍ରଶାନ୍ତ କୁମାର ନାଥ
ରାଜନଗର,କେନ୍ଦ୍ରାପଡ଼ା

ବଙ୍ଗଳାରେ ଦେଖ ଅନ୍ତ ହେଲା ଆଜି
ମମତାର ରାଜନୀତି
ଦୁର୍ନୀତି ବେପାର ହଟିବ ଏଥର
ନାହିଁ ଆଉ ଆନ ଗତି।

ବଙ୍ଗଳା ମାଟିକୁ କାଙ୍ଗାଳ କରିକି
କରିଥିଲା ମରୁଭୂଇଁ
ସେ ଭୂଇଁ ଉପରେ କମଳ ଫୁଟିଲା
ଅସୁମାରୀ ଆଶା ଛୁଇଁ।

ଆଇନୀ ଶୃଙ୍ଖଳା ଥିଲା ବିପର୍ଯ୍ୟସ୍ତ
ମମତା ହାତମୁଠାରେ
ତାର ଇଙ୍ଗିତରେ ନାଚୁଥିଲେ ସର୍ବେ
ଭୟରେ ଭକତି ଭରେ।

ଗାଦୀ ଛାଡି ଏବେ ଯିବ ସେ ପଳେଇ
ଆଜୀବନ ବନବାସ
ଏମିତି ସମୟେ ସବୁଠୁ ଉତ୍ତମ
ଚାଲିଯିବା ବାଂଲାଦେଶ।

ବୟସ ତ ନାହିଁ ଭାବୁଛି ମମତା
କରନ୍ତା କିଛି ବେପାର
ସୁନାଗାଛି ଯାଇ କୋଠୀ ଟିଏ ଖୋଲି
କମାନ୍ତା ନିତି ହଜାର।

ବାନ୍ଧୁଛି ଗଣ୍ଠୁଳି ନିନ୍ଦୁଛି ନିଜକୁ
କର୍ମ ଥିଲା ହୀନ ମାନ
ଦୀଘାରେ ଯାଇକି ପ୍ରାୟଶ୍ଚିତ କରିନେ
ନିଜର ଶେଷ ଜୀବନ।।



# ଉତ୍କଳ ଦିବସ ଓ ଓଡ଼ିଆ ଅସ୍ମିତା...



ଧିରୋଜ କୁମାର ପାତ୍ର
କୁସୁର୍ଲା, କଳାହାଣ୍ଡି

ଉତ୍କଳ ଦିବସ ପାଳୁଛେ ଆଜି
ଓଡ଼ିଆ ସଂସ୍କୃତିରେ ଲଗାଇ ବାଜି
ଓଡ଼ିଆ କହିବାକୁ ନ ଲାଗେ ବାଗ
ଧୋତି ଶାଢ଼ୀର ନାହିଁ ଏ ଯୁଗ
ପିଲାଏ ପଢିଲେ ବିଦେଶୀ ପାଠ

ଓଡ଼ିଆ ବିଦ୍ୟାଳୟରେ ତାଲା କବାଟ
ମା ଓଡ଼ିଆଣୀ ବିଦେଶୀ ମନ
ଖଣ୍ଡି ଇଂରାଜୀରେ ଭାରି ଉଚ୍ଛନ
ବୋଉ ବୋଲି ଆଉ ନାହିଁ ସେ ଡାକ
ମାମା ଡାକରେ ବଢେ ଯେ ଟେକ
କ ଖ ଗ ନଶିଖେ ଓଡ଼ିଆ
A B C D କହିଲେ ଲାଗେ ବଢିଆ
ବିଲାତି ପୁଅ ମୋ, ଓଡ଼ିଆ ନ କହୁ
ହେଲେଣି ଓଡ଼ିଆଣୀ ବିଲାତି ବୋହୁ
TAA TAA BYE BYEକୁ ଭାରି ସମ୍ମାନ
ପ୍ରଣାମ କଲେ ଲାଗେ ହୀନିମାନ
ଧୋତି ଶାଢ଼ୀର ଗଲାଣି ଯୁଗ
ଅର୍ଧ ନଗ୍ନ ଆଜି ଶାଳିନ ଅଭାବ
ଆରିଷା କାକେରା ମଣ୍ଡା ଏଣ୍ଡୁରି
ହଉନି ପିଠା ହଉନି ଖିରି
Pizza Cake ରେ ଆଦର ସବୁରି
ଜନ୍ମ ଦିନରେ ହଉନି ଖିରି ହଉନି ପୁରୀ
ସତ୍ୟନାରାୟଣ ପାଳୁଛି କିଏ
Candle ଜାଳି ଫୁଙ୍କି ମୁଁ ଦିଏ
ତିଥି ବାର ସବୁ ଗଲେଣି ଭୁଲି
ଇଂରାଜୀ ତାରିଖରେ ଜଳୁଛି ଚୁଲି
ଏକାଦଶୀରେ ବି ଆମିଷ ପାଣି
ନହେଲେ ଋଚୁନି ଭାତ ତୋରାଣି
କୌଳିକ ବୃତ୍ତିରେ ନାହିଁ ମୋ ଆଦର
ବିଦେଶୀ ବିଦ୍ୟାରେ ହେବି ମୁଁ ଚାକର
ଚାଷ ବାସ ଆଉ କରିବ କିଏ
Tie ମାରି ଯିଏ Convent ଯାଏ
ସାନ ବଡ଼ ର ନାହିଁ ବିଚାର
ବିଦେଶୀ ଜ୍ଞାନରେ ସବୁ ସ୍ୱାର୍ଥପର
ଆଉ କିଛି ଯେ ରହିଲେ ଏଠି
ନିଶା ଖାଇ ସବୁ କାଟିଲେ ତଂଟି
ନେତାଏ ଆମର ବିକିଲେ ଖଣି
ଭୋଟ ପାଆନ୍ତି ନୋଟ ଗଣି
ବେକାରୀ ପିଲାଙ୍କୁ ଏକାଠି କରି
ଲୁଟନ୍ତି ଧନ ଲୁଟନ୍ତି ନାରୀ
ସରକାରୀ ଚାକର ହୋଇଲେ ଯେତେ
ଉପୁରି ଆଶାରେ ହାତକୁ ପାତେ
ଧିକ ତୁମର ଆତ୍ମସମ୍ମାନ
ଧିକ ତୁମର ଅପାର ଜ୍ଞାନ
ଆମ ପରି କିଛି ମଧ୍ୟବିତ୍ତ
କେବେ ନ ହୁଅନ୍ତି ସଂଗଠିତ
ଜଗନ୍ନାଥ ଧାମେ ଦେହ ବେପାର
ମଦ ମାଂସ ଆଉ ନିଶା କାରବାର
ଓଡ଼ିଆ ଅସ୍ମିତା ଭାବୁଛି କିଏ
ପ୍ରଭୁଙ୍କ କୃପାରୁ ବଞ୍ଚିଛି ସିଏ

ବାପାମା ପଛେ ଷଢନ୍ତୁ ଘରେ
ସ୍ତ୍ରୀ ସହ ପୁଅ ରହେ ଦୂରରେ
ଭୁଲି ଗଲକି ବାଜି ରାଉତ
ତେର ବରଷରେ ଓଡ଼ିଆ ସୁତ
ଜୀବନ ଦିଏ ଓଡିଶା ପାଇଁ
ଆଜିକା ସୁତ ସେଭଳି କାହିଁ
ଗୁଳି ଖାଇଥିଲା ଛାତି ଦେଖାଇ
ଆଜିର ସୁତର କଲିଜା କାହିଁ
କାନ୍ଦୁଛି pizza ଖାଇବା ପାଇଁ
ସେ କି ଲଢ଼ିବ ଓଡିଶା ପାଇଁ
ସବୁରି ମୂଳେ ଗୋଟିଏ ସ୍ୱାର୍ଥ
ଆପେ ବଞ୍ଚିଲେ ବାପାର ସୁତ
ଅର୍ଥ ଉପାର୍ଜନେ ବିଦେଶ ଯାଇ
ଓଡିଶା ଲାଗେ ବେକାର ଭାଇ



# ଜ୍ୟୋସ୍ନା ବିହୀନ ରାତି...



ଶିବାଶିଷ ମିଶ୍ର
ବଲାଙ୍ଗିର, ଓଡ଼ିଶା

ତୁମେ ମୋତେ ଛାଡି ଯିବ ପ୍ରିୟା ଚାଲି
ମନେ ନ ଥିଲା ମୋ ପରତେ
ତୁମ ବିନା କେତେ ଦୁଃଖ ଦିନେ ଯାପେ
ଝାଞ୍ଜି ମାରେ ପରା ଶରତେ
ନିନ୍ଦେ ଅଧିରେ, ଶିରେ କର ତାଡି ବିଧିରେ
ଅବଧି ବିଧାନ ଆଚରିଣ ପୁଣ
କିପାଇଁ ବୋଲାଏ ବିଧିରେ (୧)
ମନେ ପଡେ ଥରେ ଥରେ ଏକାନ୍ତରେ
ମନେପଡେ ଆମ କାହାଣୀ
ଗୋପନ କଥା କମ୍ପନ ଆଣେ
ଦେହେ ସତେ ହୃଦ ହୁଏ କି ହାଣି?
ଖାଲି ଏତିକି ସ୍ମୃତିରେ ଆସ ଯା କତିକି
ବାହୁ ପ୍ରସାରଣ ହୁଏ ଆକାରଣ ତୋବିନା କି ଲାଭ ଗତିକି (୨)
କେତେ ସରାଗରେ ଡାକିଥିଲ ଥରେ
ବସିଥିଲି ପରା କୋଳରେ
କହିଲ ଇଙ୍ଗିତେ କି ଭଙ୍ଗୀରେ ସତେ
ଚୁମ୍ବ ଦେବା ପାଇଁ ବିହ୍ୱଳେ
ତହୁଁ ଖସିଲା ଜାନୁ ପାତି ଶେଯେ ବସିଲ
ଏସନକ ବେଳେ ବାପା ଆସିଗଲେ ପୂର୍ବ ସୁକୃତ ଯା ନାଶିଲ (୩)
ତୁମେ ଆଉଦିନେ ଡାକିଲ ଏଦିନେ
ସରାଗେ ସଜାଇ  ବେଶକୁ
ମଲ୍ଲୀର ଗଜରା ଭାରି ମାନୁଥିଲା
କଳା ମେଘ ଜିଣା କେଶକୁ
ଯାଉ ପାଖରେ, ମାଁ ଙ୍କୁ ଦେଖି ଗଲ ଖରେ
ଆଉକଥା ଯେତେ ସବୁ ସ୍ମୃତି ପଥେ ଦିନ କଟି ଯାଉ ଦୁଃଖରେ (୪)

# ବୋହୂ ଯେବେ ହୋଇଥାଏ ମା' ...



ମମତା ବଗର୍ତ୍ତୀ
ରାଣୀକଟା, ବଲାଙ୍ଗୀର

ଝିଅ ବିଦା ହୋଇ ପର ଘରକୁ
ସାଜିଥାଏ ଗୋଟେ ବୋହୂ,
କରି ଚାଲିଥାଏ ତା' କର୍ତ୍ତବ୍ୟ
ସେ ସବୁ କିଛି ସହୁ ସହୁ ।।

ନୂଆଁ ବୋହୂ ଆସିଲେ ଘରକୁ
ଚାହିଁବେ ସେ କଳା କି ଗୋରା,
ଯୌତୁକରେ ଆଣିଛି କଣ
ପୁଣି ସୁନା ରୂପା ନା ହୀରା ।।

ପ୍ରତିଉତ୍ତର ନଦେଇ କାହାକୁ
ବୁଝିଥାଏ ସିଏ ସଭିଙ୍କ ମନ,
ପରିବାର ସମୂହ ସାଥେ ସିଏ
ବିତାଏ ତା' ସାଂସାରିକ ଜୀବନ ।।

ବୋହୂ ଯେବେ ହୋଇଥାଏ
ଗୋଟିଏ ସନ୍ତାନର ମାଁ,
ପ୍ରତିବାଦ କରି ନିଜକୁ ସିଏ
ଲଢିପାରେ ଆଣି ନ୍ୟାୟର ନା ।।

ଶାନ୍ତ ସରଳ ବୋହୂ ଏବେ
ପାଟିକୁ ଆଉ ତା'ର ଚୁପ୍ ନକରି,
ନିଜ ସନ୍ତାନର ଭଲ ପାଇଁ
ପାଟି ଖୋଲେ କାହାକୁ ନ ଡରି ।।

ନୂଆଁ ବୋହୂ ପାଇଁ ପ୍ରାଧାନ୍ୟ
ଶାଶୁଘରର ଇଜ୍ଜତ ମହତ,
ମାଁ ହେଲା ପରେ ଖାଲି ଭାବେ
ସିଏ ନିଜ ସନ୍ତାନର ହିତ ।।

ନିଜ ସନ୍ତାନ ପାଇଁ ସିଏ
ସଭିଙ୍କ ସହ ପାରେ ଲଢି,
ଜୀବନରେ ତା'ର ଯୋଡି ହୁଏ
ଯେତେବେଳେ ମାତୃତ୍ୱର କଡି ।।

# କବିତାର କାହାଣୀ...



ଜୟକୃଷ୍ଣ କର
ରାଇସୁଙ୍ଗୁଡ଼ା, ସାଲେପୁର, କଟକ

କଦାଚିତ୍ ନିଶାର୍ଦ୍ଧରେ ତନ୍ଦ୍ରାଛିନ୍ନ ହୁଏ କବିତା
ଅଜସ୍ର ସ୍ମୃତିସବୁର ଉଦବେଗ ତରଙ୍ଗ
ଅଥୟ କରନ୍ତି ମାନସ ପଟକୁ
ଅତଏବ ଅଥୟ ହୁଏ କବିତା
ଅଣ୍ଡାଳି ହୁଏ ଲେଖନୀ ମୁନ...
ବିକ୍ଷିପ୍ତ ଶବ୍ଦଗୁଚ୍ଛର ନିଷିଦ୍ଧ ବାର୍ତ୍ତା ଖୋଜିବୁଲେ କାହାଣୀଟିଏ
ଅସ୍ତିତ୍ୱର ପରିପ୍ରକାଶ ଦ୍ୱାହିରେ...।
ଶୋକ ସଂଙ୍ଖାଳି ଧ୍ୟାନସ୍ଥ କବିତା ମୁଦେ ଆଖି
ଘରିଯାଏ ପୁନଃଶ୍ଚ ଶ୍ୟାମସ୍ନିଗ୍ଧ ତନ୍ଦ୍ରା
ଗମ୍ଭୀର ତମସା ଆଡେଇ ଖୋଜେ ନାୟକଟିଏ
କିନ୍ତୁ
ଘୂରିବୁଲେ ଦିଗହରା ନାୟକ
ଦିନାନ୍ତର ଓ ଦେଶାନ୍ତର ମାଟିରୁ ଆକାଶ ଓ ଜଳରୁ ବତାସ
ଗର୍ଜନ କରେ କବିତା....।
ସ୍ମୃତି ସବୁ ଧ୍ରୁବ ତାରା ସାଜି ଫେରି ଯାଏ ଉତ୍ତର ଛାୟାପଥ
ଧାବମାନ କବିତା ଝୁଣ୍ଟିପଡେ
ନିଜ ବେଦନାର ଶବ୍‌ସହ...
ଯୁଗ ବିତେ।
କବିତା ଖୋଜେ ନୂଆ ସର୍ଜନା ଓ ନୂଆ ଚେତନା
କବିତା ଦେଖେ
ଶତାବ୍ଦୀ ପୁରୁଣା ଅତ୍ୟାଚାରର ସେଇ ପଙ୍ଗପାଳ ପୋକ
ଅନାହାର ଦାରିଦ୍ର୍ୟ ଓ ମୃତ୍ୟୁ
ଦୁଃଖିତ କବିତା ହୁଏ ପୁନଃଶ୍ଚ ବ୍ୟଥିତା।
ନିଶାର୍ଦ୍ଧ ଏବେ ବି ଜାଜ୍ୱଲ୍ୟମାନ...
ଅବା ନିଶାର୍ଦ୍ଧରେ ଜାଜ୍ୱଲ୍ୟମାନ ଚେତନା
ତୀବ୍ର ସେ ଅନ୍ଧାର
ଥରିଉଠେ ସ୍ୱପ୍ନ ମଧୁର ସମୟ ଓ ମୁଗ୍ଧ ଶୀହରଣ।
କବିତା ହୁଏ ବିହ୍ୱଳ
ଚେତନାର ଇତିହାସ ରେ ଏ ନୁହେଁ
ମାତ୍ର ଏକ ରାତ୍ରି..
ମ୍ଲାନ ଅପରାହ୍ନ ଓ ଅଲେଖା କାହାଣୀର
ଅସଂପୂର୍ଣ ଅମାବାସ୍ୟା ରାତ୍ରି।।।
ଅକସ୍ମାତ ଆବିଷ୍କାର
ଅନ୍ଧାରର ଶେଷ ସୋପାନରେ
ଏକ ନୂତନ ଉଦ୍ୟାନର...।
ନିଜକୁ ନିଃଶେଷ କରି
କବିତା ତୋଳେ ନୂଆ ସକାଳ
ଶେଷ ପରିଣତିରେ ଯା'ର ତନ୍ଦ୍ରା ହୁଏ
ବିଲୀନ
ଶ୍ୱେତ ପ୍ରସ୍ତରର ରାଜପ୍ରସାଦରେ
କବିତା ଲେଖେ କାହାଣୀ
ନିରୁଦିଷ୍ଟ ନାୟକ ଓ ଅର୍ଦ୍ଧଶୁପ୍ତ
ଚେତନାର...।।।

## ସ୍ୱତନ୍ତ୍ର ସୂତ୍ରେ ଊର୍ଣ୍ଣନାଭି ,କ୍ରୀଡଇ ଯେହ୍ନେ ମନେ ଭାବି...



ସୁଭାଗିନୀ ସିଂହ
ବଡଝରା, ପର୍ଜଙ୍ଗ, ଢ଼େଙ୍କାନାଳ

ଊର୍ଣ୍ଣ ନାଭି ଯେପରି ନିଜ ଇଛାରେ
ଜାଲ ଯେ ବୁଣି ପାରନ୍ତି
ଭଗବାନ ନିଜ ଇଛାରେ ସମଗ୍ର
ସୃଷ୍ଟି  ସର୍ଜନା କରନ୍ତି ।

ଦେହରୁ ତାର ସୂତା କାଢ଼ି ସେ ଖେଳେ
ଅତି ସୁକ୍ଷ୍ମ ଜାଲ ବୁଣେ
ସେ ଜାଲରେ ନିଜେ ଆନନ୍ଦ ମନେ
ମନେ ଯେ ଆନନ୍ଦ ଆଣେ ।

ଅତି ସରୁ ଜାଲ ଦିଶୁଛି ସୁନ୍ଦର
ତା'  ଇଛରେ କ୍ରୀଡା କରେ
ଜାଲ ରେ ତାର ପଡ଼େ ଯେ ଥରେ
ସେଥିରୁ ବର୍ତ୍ତି ନପାରେ ।

କୀଟପତଙ୍ଗ ଖାଦ୍ୟ ରୂପେ ଖାଏ
ମନ ଇଛା ରେ କ୍ରୀଡ଼ା କରେ
ପ୍ରଭୁଙ୍କ ସୃଷ୍ଟି ସର୍ଜନା
ନିଜେ ବୁଣି ପାରେ ଇଛା ରେ ।

ଇଛା ବଳେ ତା'ର ସୁନ୍ଦର ଜାଲରେ
ବୁଲେ ସିଏ ନିରନ୍ତର
କୀଟପତଙ୍ଗ ସେ ଜାଲେ ପଡ଼ିଲେ
ଦେଖି ହୁଏ ଆଗଭର ।

ପ୍ରଭୁଙ୍କ ର ଏହି ସୁନ୍ଦର ଲୀଳା
କଳି କେ ପାରଇ ପୁଣି,
ତାଙ୍କରି ମାୟାରେ ଏ ସାରା ସଂସାର
ନୀତି ନୂଆ ସୃଷ୍ଟି ଆଣି।

କର୍ମତତ୍ପର ହୋଇଉଠେ ସଦା
ନିଜ କାର୍ଯ୍ୟ ନିଜେ କରେ
ତାହା ପରି କାମକରି ଜୀବନେ
ବଡ଼ ହୁଅ ଏ ସଂସାରେ ।

ଛୋଟବଡ଼ ଆମେ ନ ମଣିବା ମନେ
ସଭିଙ୍କୁ ଆପଣା କରି
ସୁନ୍ଦର ସୃଷ୍ଟିରେ ମନ ଆନନ୍ଦରେ
ହୃଦୟେ ସାହାସ ଭରି ।

ସ୍ୱତନ୍ତ୍ର ସୂତ୍ରେ ଜୀବନ ସଂଗ୍ରାମେ
ହାରି ବାନି ଆମେ କେବେ
ନିଜ ଇଛାରେ ଏ ସାରା ସଂସାରରେ
ଚଳି ଯିବା ଆମେ ଭବେ ।

## ନୀଳାଚଳ ନାଥ...



ମନୀଷାଦେବୀ ପାତ୍ର
ପାରଳାଖେମୁଣ୍ଡି, ଗଜପତି

ଜୟ ନୀଳାଚଳ ନାଥ ଗତି ମୁକତି
ଜୟ ଜୟ ପ୍ରଭୁ ତୁମେ ସମୁଦ୍ର କନ୍ୟା ପତି

ଆହେ କଳାକାର ତୁମେ ମାୟାବୀ ନାୟକ
ତୁମ ମାୟା ସାରା ଜଗତେ ବିଖ୍ୟାତ

ବଡପଣେ ବସିଅଛ ବଡ ଦେଉଳରେ
ବଡ ବୋଲି କହୁଅଛ ଶ୍ରୀକ୍ଷେତ୍ରରେ ।

ମୁଁ ଗରିବ ଅକ୍ଷମ ଶୁଣ ହେ ଗୁହାରି
ସବୁ ପାପକୁ ମୋର କରିଦିଅ ପାରି

ଦାସିଆ ବାଉରୀ ଠାରୁ ନଡ଼ିଆ ନେଇଣ
ମୋ ପରି ଅଭାଗା କୁ ପରୀକ୍ଷା କରିଣ

ତୁମକୁ ଦେବା ପାଇଁ ନାହିଁ ମୋର ଧନ
ମୋ ମନ ଭକ୍ତିରେ ହୁଅ ପ୍ରସନ୍ନ ।

ବୟସ କୁ ମୋର ଭରସା ନାହିଁ
ତୁମ ସେହି ଚକାଆଖିରେ ରଖିଥାଅ ଘଡେଇ

ତୁମର ଇଚ୍ଛା ପ୍ରଭୁ ଅସୀମ ଅପାର
କେତେ ଯୁଗେ କେତେ ରୂପ ମହିମା ତୁମ୍ଭର

ତୁମରି କୃପାରେ ରୋଗୀ ହୁଏ ସୁସ୍ଥ
ତୁମ ନାମ ଭୋଜି ଭୋଜି ମଣିଷ ହୁଏ ମୁକ୍ତି

ତୁମ ମହିମା ଗାନ କିପରି କରିବି
ମୋ ବାୟୁ ପ୍ରାଣ କୁ କରିଦିଅ ମୁକ୍ତି ।



# ଗହମ ଗୋରୀ...



ରଶ୍ମିତା ଦାସ (ପଲ୍ଲବି)
କେନ୍ଦ୍ରାପଡ଼ା

ମୁଁ ଗହମ ଗୋରୀ, ଟିକେ ଅଭିମାନୀ, ଟିକେ ନଖରି—
ନୁହେଁ ବେଶୀ ସୁନ୍ଦରୀ।
ତାର ଶୃଙ୍ଗାର ଦ୍ୱିତୀୟ ଭୂଷଣ,
କାହା ଆଖି ପଲକ ଅଟକେ, ନ ମିଟିକା ମାରି।

ରୂପସୀ ଗୋଲାପ ଗୁଚ୍ଛ ପାଖରେ,
ମୁଁ ନଦୀଧାରେ ଶରତ ଶେଫାଳୀ।
ନୁହେଁ ପରୀ ରାଇଜର କି ଅପସରୀ,
ପଙ୍କିଳ ପଙ୍କରେ ଜାତ ଅମ୍ବୁଜ କନକ ଗୋରୀ।

ସୁନା ନୁହେଁ ମୁଁ, ସୁନେଲି କିରଣ ଝରି,
ସହରର ଦାମୀ ଭିଡ଼ରେ ମତେ କିଏ କରିବ ଚୋରି?
ସରୁ ଅଳତା ଧାରେ କଜଳ, ଗଭାର ଗଜରା,
ଆଳସି କରେ ମୋ କୁଆଁରୀ ସପନ ଭାରୀ।

ମୁଁ ମହମ ଗୋରୀ,
ଫୁଲର ଗହଣା ଲୋଡ଼ା, ଲାଜର ରଙ୍ଗକୁ ବୋଳି।
ଚୈତାଳି ବାଆ ମତେ ଖେଳାଏ ଦୋଳି,
ପରଦେଶୀ କୁଆଡ଼େ ଆସିବ ଧରି କାଇଁଚ ମାଳି ।

ଅଳଙ୍କାର ଦେବ ପ୍ରେମରେ,
ସିନ୍ଥିରେ ସିନ୍ଦୁର ଭରି,
ଆନନ୍ଦ-ବିଷାଦ ଗୀତିକା ରଚିବ, ପୁଣି କରିବ କଳୀ।
ମନେଇବା ବେଳେ ମୁଁ ଅମାନି ବଧୂ ନିରୂପମା,
ସେ ପୁରୁଷ ଉଆଁସ ପରଦାରେ ଢାଙ୍କିଥିବା ବାଦଲ ଭଳି।

ଛାତି ସ୍ପନ୍ଦନ ତାଳରେ ଲେଖେ ମୁଁ
ମାନ-ଅଭିମାନ କଥାଚିତ୍ର,
ଅଭିନେତ୍ରୀ ଜୀବନେ ଜଳି।
ହଁ, ମୁଁ ମହମ ଗୋରୀ।
କିଆ କେତୋକୀ ଅତର ଦେହରେ ବୋଳି,
ଆମ୍ବ କଶିଆ ବଜେଣି ନୂପୁର।

ହାତେ ନାଲି-ନେଳୀ ପାନିଚୁଡ଼ି,
ମେହେନ୍ଦିର ରଙ୍ଗ ଝଟକେ।
ଉଦୟ ହଳଦୀ ନଈ ତୁଠେ
ହସେ ଖିଲିଖିଲି ଗାଆଁ କନିଆଁ ବୋଲି।

ହଁ, ମୁଁ ଟିକେ ସୁନ୍ଦରୀ—ଗହମ ଗୋରୀ।
ବିନା ଇନ୍ଦ୍ରଧନୁରେ ମୁଁ ଭିଜୁଛି ସାତରଙ୍ଗର ହୋଲି,
ବିନା ସିଉଳିରେ ପାଦ ଖସୁଛି—ଲୋଡ଼ା ପଦୁଅଁ, ପାଲିଙ୍କି ଖାଲି।
କିଏ ଫାଶ ବୁଣିଦେବ ସୁନେଲି ସପନ ସହ ଲାଜ ଆଞ୍ଜୁଳି?
ଭାବନା ତରଙ୍ଗରେ ଲେଖନୀ ମୋ ଭାସି,
କୁହେ ଚୁପିଚୁପି—
କିଏ ଆସି ଅଗଣା ଦୁଆର ଖୋଲୁଛି ବୋଲି।

ଋତୁରାଜ ତା ହୃଦୟ ଗଭୀରରେ
ମୋ ଠିକଣା ଦେଇଛି ଭରି।
ନୁହେଁ ବେଶୀ ସୁନ୍ଦରୀ—
ମୁଁ ଗହମ ଗୋରୀ,
ହଁ ମୁଁ ଗହମ ଗୋରୀ।

# ଆଜି ପ୍ରେମିକାକୁ ଦେଖିବାକୁ ତା' ବର ଆସିଛି...



ବିକ୍ରମ କେଶରୀ ଖଟୋଇ
ଦେଉଳିଆଠେଙ୍ଗ, ନିମାପଡ଼ା ,
ପୁରୀ

ଆଜି ପ୍ରେମିକାକୁ ଦେଖିବାକୁ ତା ବର ଆସିଛି,
ଆଜି ପ୍ରେମିକ କାନ୍ଦିବା ଭୁଲି ଯାଇଛି ॥
ଆଖିର ଲୁହ ଉଷ୍ମ ବୋଲି

ସେ ଲୁହକୁ ରୁଦ୍ଧ କରିଦେଇଛି ।।
କାଳେ ପ୍ରେମିକାର କୋମଳ ଶରୀର,
ଗରମ ଲୁହରେ ଭିଯିଯିବ ଆଉ ।।ଆସିଥିବା ବର ଫେରି ଯିବ,
ଏହା ଭାବି ପ୍ରେମିକ କାନ୍ଦିବା ଭୁଲି ଯାଇଛି
ଛାତିର କୋହ କୁ ବି ଛାତିରେ ରୁଦ୍ଧ କରିଦେଇଛି ।
କାଳେ ଛାତିର ଉଷ୍ମତା ରେ ସେ ତରଳି ଯିବ ।
ସେ ପାଇଁ ଛାତିକୁ ପଥର କରିଦେଇଛି ।
କାଳେ ଛାତିର କୋହ ବନ୍ୟାରେ ସେ ଭାସିଯିବ ବୋଲି ।
ପ୍ରେମିକ କାନ୍ଦିବା ଭୁଲିଯାଇଛି ।

## ବାପା ତୁମେ ଥିଲେ ପାଖରେ...



ବିକାଶ ରଞ୍ଜନ ନାୟକ
(ସମ୍ପାଦକ : "ଆମରି କବିତା" ଇ-ପତ୍ରିକା) ଦୟାନିଧି ପୁର. ବାଲିମେଦ. ଭଦ୍ରକ.

ବାପା ତୁମେ ଥିଲେ ପାଖରେ
କାହାକୁ ଟିକେ ଡର ଭୟ ନାହିଁ.
ବାପା ତୁମ ପଦିଏ କଥା ବାର୍ତ୍ତାରେ
ସବୁ ରାଗ ରଷ| ରଖେ ନାହିଁ |
ବାପା ତୁମେ ଥିଲେ ପାଖରେ
ମୋର ଅବା କିଛି ଲୋଡ଼ା ନାହିଁ.

ବାପା ପରି କେହିଁ ନାହିଁ ନିଜର
ଯମା ଦିନେ ଭୁଲିପାରିବି ନାହିଁ |
ବାପା ତୁମ ଥିଲେ ପାଖରେ
ଯମା ଦୁଃଖ କଷ୍ଟ ଜଣା ପଡେ ନାହିଁ.
ଆମରି ମାନଙ୍କ ବାପା ପରି
ଦୁନିଆ ରେ ଜଣେ କେହିଁ ନାହିଁ |

ବାପା ତୁମେ ଥିଲେ ପାଖରେ
ମୋତେ ଭାରି ଭାରି ଭଲ ଲାଗେ.
ବାପା ନ ଥିଲେ ଦିନେ ପାଖରେ
ମୋତେ ଭାରି ଏକା ଏକା ଲାଗେ |
ବାପା ଆଇ ଲଭ ୟୁ ପାପା
ତୁମ କୁ ଭୁଲି ଦିନେ ଭୁଲି ପାରି ନାହିଁ.
ତୁମରି ଋଣ କେବଳ ବାପା
ଜୀବନେ ଯାକ ସୁଝି ପାରିବି ନାହିଁ |
ବାପା ତୁମେ ଥିଲେ ପାଖରେ
କେଉଁ ଥିରେ ହାରେ ନାହିଁ ଜିତି ଯାଏ.
ବାପା ବଲି ଡାକି ଦେଲେ ଥରେ
ମୋତେ ସାହସ ଶକତି ମିଳି ଯାଏ



# ବେଳ ହୁଁ ସାବଧାନ...



ନିରଞ୍ଜନ ପଲାଇ
ସହକାରୀ ଶିକ୍ଷକ , ଲକ୍ଷ୍ମୀବରାହ
ସରକାରୀ ଉଚ୍ଚ ବିଦ୍ୟାଳୟ, ହାତୀନା,
ରାଜନଗର, କେନ୍ଦ୍ରାପଡ଼ା

ପଦେ ହଁରେ କାହାର ସର୍ବନାଶ
ଆଉ ହଁରେ ଯାଏ ବହୁ କୋଷ ।
ହଁ ବାଲା ନୁହେଁ ଭାଇ ଆଉ କେହି
ସେ ପରା ଆମ ମୁଖ୍ୟ ଭାଇ ।

ସାନକୁ ପଚାରି ବଡକୁ ବିଚାରି ଯେ କରୁଥାଏ କାମ
ଜଗତେ ହୁଅନ୍ତି ସେପରି ଜନତା, ଈଶ୍ୱରଙ୍କ ପରି ସମ ।
ଉଚ୍ଚାସନେ ଥାଇ କାହାକୁ ନ ମାନି, ହେଳା କର ଯେବେ
କର୍ତ୍ତବ୍ୟେ
ସେ ଅଧିକାରୀ ପଦ ମର୍ଯ୍ୟାଦାକୁ ହାନି କରେ ସଦା ସର୍ବେ ।
ତଳ କର୍ମଚାରୀ ହୁକୁମ ଦିଅଇ, ଉଚ୍ଚାସନେ ଥିବା ଲୋକକୁ ।
ଆସନରେ ଖଲି ବସି ଗଲେ ଯାଇ, ଧିକ ତାଙ୍କ ଉଚ୍ଚାସନକୁ ।
ବୃତ୍ତିର ଅବଧି ଆଉ କେତେ ଦିନ, ତା ମଧ୍ୟରେ ବଦଳି ଯାଅ ।
ନତୁବା କଷଣ ଭୋଗିବାକୁ ହେବ, ଏବେଠୁ ସଜାଗ ହୁଅ ।
ବ୍ରାହ୍ମଣ ହୋଇ କି ବ୍ରହ୍ମ ରକ୍ଷା କର । ଜପ, ତପ,ଧ୍ୟାନ କର ।
ଅପେକ୍ଷା ନକରି ସମୟ ଗଡ଼ିବ, ଖଲି ବଢୁ ଥିବ ହାଇପ୍ରେସର ।
ବେଳ ହୁଁ ହୁଅ ସାବଧାନ
ନକରି କେବେ ଉଣାମନ ।
ଧନତ ଅଟଇ ବିଜୁଳି କନ୍ୟା
ଲୋଭ କଲେ ହେବ ହୀନିମାନ ।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ଅନନ୍ୟା କେନ୍ଦ୍ରାପଡ଼ା...



ରୀତିକା ପ୍ରଧାନ
କହୁଆ, ରାଜନଗର

ସେଠି ସମୟ ଶୋଇଛି ଶ୍ୟାମଳ କୋଳରେ
ପ୍ରକୃତିର ପଣତେ,
ଶ୍ରୀବଳଦେବଙ୍କ ନୀଳପଦ୍ମ ଶୋଭା,
ଝଲସେ ଭକ୍ତିର ପଥେ।
କନ୍ଧରା ବିନାଶେ ଯେଉଁ ମାଟି ହେଲା ପବିତ୍ର ପୁଣ୍ୟ ଧାମ,
ସେଇ କେନ୍ଦ୍ରାପଡ଼ା ଆମରି ଗୌରବ, ଆମ ଅନ୍ତରର ନାମ।.... (୧)

ଭିତରକନିକା ତମାଳ ବନରେ ଜହ୍ନ ରାତିର ମାୟା,
ହେନ୍ତାଳ ବଣର ନୀଳ ଜଳରାଶି, ସାଜେ ପ୍ରକୃତିର ଛାୟା ।
ବାଉଁଶରାଣୀର କଳା କଉତୁକେ,
ବିହଙ୍ଗର ମଧୁ ସ୍ୱର,
କୁମ୍ଭୀରର କାୟା, ସବୁଜିମା କାୟା
ସତେ ଅତି ସୁନ୍ଦର।
କନିକା ପ୍ରାସାଦ ପଥର କହୁଛି ରାଜକୀୟ ଅଭିଭାଷ,
ଅତୀତର ସେହି ସ୍ୱର୍ଣ୍ଣିମ ଶିଖା, ଆଜି ବି ବିକାଶେ ପ୍ରକାଶ ।......(୨)

ଗହୀରମଥାର ବେଳାଭୂମି ଦିଏ ସହସ୍ର ସ୍ୱପ୍ନର ସାକ୍ଷୀ,
ନୂଆ ଜୀବନର ସନ୍ଧାନେ ସେଠି, ଫେରେ ଶାନ୍ତିର ପକ୍ଷୀ।
ପେଣ୍ଠର ବେଳାରେଳ
ଢ଼ିଉ ତାଳେ,
ସାଗର ଗାଉଛି ଗୀତ, ସାତ I
ତଭାୟାର ସେ ହଜିଲା ଗ୍ରାମେ, ଲୁଚିଛି ପୁରୁଣା ପ୍ରୀତ ।..... (୩)

ରସାବଳିର ସେ ମଧୁର ସ୍ୱାଦରେ, ପର ହୁଅଇ ଆପଣା,
ମୋ କେନ୍ଦ୍ରାପଡ଼ାର ମହାନ ସଂସ୍କୃତି, ଜଗତେ ଅଟେ ଅନନ୍ୟା।
ଇତିହାସ ଏଠି କାନ୍ଥରେ ଲେଖୁଛି, ପୁରାଣ କହୁଛି କଥା,
ମୋ ମାଟିର ପଟାନ୍ତର ନାହିଁ, ନଇଁଯାଏ ସଦା ମଥା।..... (୪)

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ମିଥ୍ୟା ମରୀଚିକା....



ପ୍ରଣତି ସେଠୀ
ରମ୍ଭା,ଗଞ୍ଜାମ

ନିର୍ଜନ ମରୁର ତପ୍ତ ଗିରିତଳେ
ଯାଉଛି ମୁହିଁ ସ୍ୱପ୍ନର ଦୁଆର
ଭାସି ଚାଲିଛି ମିଥ୍ୟା ମରୀଚିକାରେ..
ପିଇ ଯାଉଛି ବିଷର ସାଗର... ।
ସପନକୁ ଆଖିରେ ଦେଖି
ଜାଣିବା ପରେ ମଧ୍ୟ
ଧାଉଛି ମୁହିଁ
ତତଲା ବାଲିର କାଞ୍ଚନ ଜୁଆରରେ... ।।
ଦେଖୁଛି ମୁହିଁ ମନରେ କେତେ ଅସୁମାରୀ ସ୍ୱପ୍ନ
କିଛି ଇଙ୍ଗିତ କରୁଛି ପାହାନ୍ତି ଉଷା
ତଥାପି...ମୁହିଁ..
ମିଥ୍ୟା ମରୀଚିକାର
ମାୟାବିନୀ ସାଗରେ ବୁଡ଼ି ଚାଲିଛି...





## ଚାରା ଲଗାଇବା ବେଳ...



ଧ୍ରୁବ ଚରଣ ଘିବେଲା
ବଉଦରାଜ, ବୌଦ୍ଧ

ଗ୍ରୀଷମ ଆସିଛି ଖରା ବରଷୁଛି
ପବନେ ଖେଳୁଛି ନିଆଁ
ଦିନ ବଢ଼ିଗଲେ ଜଳୁଛି ସୂରୁଯ
ଢାଳୁଛି ସେମିତି ନିଆଁ I
ପାରଦ ଡେଉଁଛି ଚାଳିଶୀ ଉପର
ମୁଣ୍ଡ କରେ ଝାଇଁ ଝାଇଁ
ଡହଡହ ଖରା ତତେଉଛି ଧରା
ଖରା ହୋଇ ଟାଇଁ ଟାଇଁ I
ଘର ଛାତ ତଳ ପବନ ପଙ୍ଖାର
ଲାଗୁନି ଜମା ଆରାମ
ସହର ପରାୟେ ଗାଆଁରେ ବି ଆଜି
ଅନୁଭୂତ ଅତି ଗରମ I
ସହରେ ଯେମିତି ଖରାର ରାଜୁତି
ଗାଆଁରେ ସମାନ କଥା
ଖରା ପାଇଁ ଆଜି ହେଉଛନ୍ତି ହେଜି
ବଢ଼ିବାରୁ ଖରା ବ୍ୟଥା I
ସହରରେ ଦେଖ କି ଗାଆଁରେ ଦେଖ
ଗଛ ଅଛି କିଛି କିଛି
ଡେରି ନ କରିକି ବେଳ କାଳ ଦେଖି
ଲଗାଇବା ଚାରା ବାଛି I
ଜାଗା ବାଛି ଆଗ ଗାତ ଖୋଳି ବାଗ
ଚାରା ଲଗାଇବା ବେଳ
ଧାଡ଼ି ଧାଡ଼ି ଚାରା ଗାତରେ ପୋତିକି
ପାଣି ଦେବା ଚାରା ମୂଳ I
ଚାରା ବଢ଼ିଯାଇ ଗଛ ରୂପ ନେଇ
ଦିଶିବ ଅତି ସୁନ୍ଦର
ସବୁଜିମା ଭରା ସୌନ୍ଦର୍ଯ୍ୟ ପସରା
ଅନୁପମ ମନୋହର I
ଏଇ ଆସିଯିବ ଆଷାଢ଼ ଶ୍ରାବଣ
ବରଷା ଋତୁର ମାସ
ଗଛ ପତ୍ର ଧାରେ ଉକୁଟି ଉଠିବ
କେତେ ଖୁସିଝରା ହସ I



## ମଶାଣିରେ ହେବ ଲୀନ...



ରାଜଶ୍ରୀ ଓଝା
ମାଳଦା,ଭଦ୍ରକ

ମନେ ଅହଂକାର ହିଂସାବାଦ ରଖି
କେତେ ଗର୍ବ କରୁ ଥାଅ,
ସବୁ ହିଂସାର ଅନ୍ତ ଯେ ହୋଇବ
ସେଇ ମଶାଣିର ପାଉଁଶ ।

ସମସ୍ତ ମନୁଷ୍ୟ ସମାନ ଅଟଇ
କେହି ନୁହେଁ ଟିକେ ଭିନ୍ନ,
ଧନୀ ହୋଉ ଅବା ଗରିବ ଟେ ହୋଉ
ଶେଷ ଠିକଣା ସେଇ ମଶାଣିର ।

ଜୀବନ ଅଟଇ ପାଣି ଫଟକା ଯେ
କେବେ ଯିବ ସିଏ ଫାଟି,
ଦେହ ଛାଡି ଯେବେ ଯାଏ ପ୍ରାଣପକ୍ଷୀ
ଅପେରା ପଥିକ ସାଜି ।

ଟିକେ ଉପକାର କରି ଥିଲେ ପରା
ମନେ ରଖିଥିବେ ସବୁ,
ମଶାଣି ଜୁଇରେ ଜଳିଗଲା ପରେ
ସଭିଙ୍କ ହୃଦୟେ ଥିବୁ ।

ଜିଅନ୍ତା ବେଳରେ ସ୍ନେହ ଆଦରକୁ
ଦୂରେଇ ରଖନ୍ତି ଲୋକେ,
ମଶାଣି ଜୁଇରେ ଜଳିଗଲା ପରେ
ପାଉଁଶକୁ ଧରି କାନ୍ଦେ ।

ବଞ୍ଚିଥିବା ବେଳେ ତୁଣ୍ଡରେ ଦିଅନା
ଖାଦ୍ୟ ଟିକେ ଖାଇବାକୁ,
ମଶାଣି ଜୁଇରେ ଜଳିଗଲା ପରେ
ଭୋଜନ କରାନ୍ତି ବ୍ରାହ୍ମଣଙ୍କୁ ।

ଦୂରାଅ କୁକର୍ମ ଆପଣା ସୁକର୍ମ
ଜୀବନ ହୋଇବ ଧନ୍ୟ,
ନର୍କଯନ୍ତ୍ରଣା ପାଖ ନ ଛୁଇଁବ
ଜୀବ ଯିବ ଯେଉଁ ଦିନ ।

କରନାହିଁ କେବେ ରାଗ ଅହଂକାର
କାହାକୁ ବି ନୀନିମାନ,
ସବୁ ପାପ ଯେବେ ଏକାଠି ହୋଇବ
ମଶାଣିରେ ହେବ ଲୀନ ।

ମଣିଷ ଜନମ ପାଇଛ ଯଦିରେ
ମଣିଷ ପଣିଆ ଦେଖ,
ଅହଂକାର ସବୁ ସରବେ ନିଜଠୁ
ଦୂରେଇ ଦୂରେଇ ରଖ ।

ପିଣ୍ଡ ଯେତେଦିନ ଥିବ ସେଇ ପ୍ରାଣ
ସୁଖରେ କାଟରେ ଦିନ,
ମୃତ୍ୟୁ କେତେବେଳେ କାହାର ଆସିବ
ଶୁଣିବନି କାହା ମନ ।

କାହାକୁ ତୁଟିକି କୁହନା କିଛି ବି
ଅଭିଶାପ ଫଳି ଯିବ,
ବଡ ହୋଉ ଅବା ଛୋଟ ମଣିଷ ଟେ
ମଶାଣିରେ ହବ ଲୀନ ।

# ଜଗାରେ ତୋ' ଦୁଃଖ ମତେ ଅଛପା....



ହିମାଞ୍ଚଳ ନାଗ
ସାଲେପାଲି, ମଣିରାମପୁର
,କଳାହାଣ୍ଡି

ଜଗାରେ ତୋ ଦୁଃଖ ଅବା ମୁଁ କେମିତି ଜାଣିବି ,
ତୋ କଥା ଶୁଣିଲେ ସିନା ଦୁଃଖ ନିବାରିନ ଦେବି |
ତୋ ଦୁଃଖେ ମୁ ଭାଗୀଦାର ରହିକି ପାରିବି ,
କାନ୍ଦିଲେ ହେଲେ ଅଶ୍ରୁଳ ପୋଚି ମୁ ପାରିବି |

ଏକାନ୍ତରେ ଶ୍ରୀମନ୍ଦିରରେ ବସି ଦେଖୁଥାଉ ,
ଭକତ ଦୁଖେ ତୁ ନିଜ ଦୁଃଖ ଭୁଲି ଯାଉ |
ଦୁଃଖେ ତୋର ପିତା ମାତା ବନ୍ଦୀ କଂସ ପୁରେ ,
ଦୁଃଖେ ତୋ ଜନମ ପରା କାରାବାସ ରଜନୀରେ |

ଅର୍ଦ୍ଧ ଗଢା ମୂରତି ତୋ ବିନା ପାଦ ହସ୍ତେ ,
ଦୁଃଖ ତୋ ମାନସ ମୁଣ୍ଡା ଶରୀର ତୋ ହସ୍ତେ |
ଢଳି ଢଳି ଆସେ ସେତ ଭକତ ମେଳରେ,
ନନ୍ଦିଘୋଷେ ବିରାଜେ ସେ ଶ୍ରିମନ୍ତ ବେଳାରେ |

ରତ୍ନ ସିଂହାସନେ ସେହି ସଦା ମଉନରେ ,
ପହଡ଼ ପଡ଼ିଲେ ନୀତି ନଅର ବେଢାରେ |
କର୍ଣ୍ଣ ତୋ ମଣ୍ଡିତ ପରା କୁଣ୍ଡଳ ସୁବର୍ଣ୍ଣ ,
ଦୁଃଖ ହରୁ ତୁହି ଭକ୍ତ ସୁଖେ କରୁ ପୂର୍ଣ୍ଣ |

ମାଆ ତା ଯୋଷୋଦା ମାତ ଦେବକୀ କୋଳରେ ,
ଦୁଃଖ ସୁଖେ ଖେଳେ କୋଳେ ସଦା ଆନନ୍ଦରେ |
ସୁଦାମା ତୋ ଦିନ ମିତ୍ର ଦୁରେ ରହି ଥାଏ ,
ତୋ ନଗରେ ଆସିଲେ ପରା ଆନନ୍ଦିତ ହୁଏ |

କାଳିଆ ବି ଦୁଃଖ କରେ ଅଶ୍ରୁଳ ବି ଝରେ ,
ହେଲେ ମା ପଣତ ତାର ନିଅଣ୍ଟ ଦୂରରେ |

ମୁଖ ତାର କୃଷ୍ଣ ବର୍ଣ୍ଣ କଳା ତା କାଞ୍ଚନ ,
ମହୁ ଠାରୁ ପାନେ ମିଠା ତାର ବଂଶୀ ସ୍ୱନ |

ଆନନ୍ଦ ହୁଆସେ ଯେବେ ଯାଏ ଶ୍ରୀଗୁଣ୍ଡିଚା
ପୁରେ ,
ପୋଡ଼ ପିଠା ବହୁ ମିଠା ଖାଇ ସେ ଆନନ୍ଦରେ |

ଦୁଃଖ ଲୁଚି ଯାଏ ତାର ତ୍ରିଭଙ୍ଗି ଠାର ରେ ,
ଭକ୍ତ କି ଜାଣେ ତା ଦୁଃଖ ଭବ ପୁରୀଠାରେ |

ଛପନ ଭୋଗେ ତା ବୁକୁ ଟଳମଳ ସଦା ,
ତା ରାଗ ସାହିବ କିବା ସଂସାରର ବୁଦା |

ଆହାର କାଳିଆ ତୁହି ମୋ ଯିବ ଜୀବନ ,
ତୋ ବିହୁନେ ଜୀବ ମୋର ତୁଚ୍ଛ ଠୁ ବି ହୀନ |

ତୋ ଦୁଃଖକୁ ମନୁ ଅବା କି ବୁଝି ପାରିବ ,
ଦୁଇ ହାତ ଟେକିଦେଇ ହେ ଜଗା ଡାକିବ |

ଦେବ ସ୍ନାନେ ତୁହି ପରା ସ୍ନାନ କରିଥାଉ ,
ସକଳ ସାଆନ୍ତ ହେଇ ରୋଗିଣା ତୁ ହେଉ |

କ୍ଷମା ଭିକ୍ଷା କରେ ମୁହିଁ ଅଧମ ମଣିଷ ,
ଭୁଲ ଥିଲେ କ୍ଷମା ଦେବୁ ନ ଧରି ତୋଷ |

# ଈର୍ଷା ଏକ ବାଜେ ଝିଅ...




ତାରାପ୍ରସାଦ ଜେନା
ରଣପୁର, ନୟାଗଡ଼

ଈର୍ଷା ଏକ ବାଜେ ଝିଅ
ବିଶ୍ୱାସରେ ନାହିଁ ନାଆଁ
ସହରକୁ ଡ଼ାକିନେଇ
ଠେଲେ ପୁଣି କୋଉ ଗାଆଁ
ଈର୍ଷା ଏକ ବାଜେ ଝିଅ..... ।୦ ।

ହସ ସବୁ ଚୋରିକରି କାନ୍ଦ ଯେତେ ଛାଡ଼ିଦିଏ
ଓଠ ତଳେ ବିଷ ରଖି ସୁଧା ବୋଲି କହୁଥାଏ,
ହୁଉଁ କରି ଆଗ ଆସେ ନାଇଁ କହି ପଛେ ଖସେ
ପୁଣ୍ୟ ସତ ହଉ ହଉ ପାପ ମୁହଁ ମିଛ ଦିଶେ,
ଚଇତାଳି ଛୁଆଁ ନୁହେଁ
ଡହ ଡହ ତାତି ନିଆଁ
ଈର୍ଷା ଏକ ବାଜେ ଝିଅ..... ।୧ ।

ସପନର ମାୟାଜାଲେ ଆଗ ସିଏ ଧରାପଡ଼େ
ଆଲୁଅରେ ପାଖେ ଗଲେ ଅନ୍ଧାରରେ ଲୁଚିପଡ଼େ,
ଭାବ ବୋଲି ଅଭାବର ବେପାରଟା ଭଲ ଜାଣେ
ମନେ ମନେ ସିଆଣିଆ ଆଉ ସବୁ ମୂର୍ଖ ଗଣେ,
ଧନ ମନ ଖର୍ଚ୍ଚ କରି
ବଦନାମ ପଛେ ଧାଆଁ
ଈର୍ଷା ଏକ ବାଜେ ଝିଅ..... ।୨ ।

## ଅନ୍ୱେଷା...



ସିଦ୍ଧେଶ୍ୱର ପଣ୍ଡା
(ଇଂରାଜୀ ଅଧ୍ୟାପକ)
ଶୂଳିଆପଦା, ମୟୂରଭଞ୍ଜ

କବିତା କେବେ ନଈ କୂଳର ସୁଲସୁଲିଆ ପବନ ତ
କେବେ ଝଞ୍ଜି ତୋଫାନ
ଭିତରେ ଭିତରେ ସଙ୍ଗମ ଚାଲିଥାଏ
ନିଃଶବ୍ଦ ଶବ୍ଦରେ.........!

ପାଉଁଶ ହେବାକୁ
ଅନେଇ ବସିଥିବା
ଖଣ୍ଡେ ପୋଡ଼ା କାଠ ଭଳି
ମୋର ଅବସ୍ଥିତି
ତୁ ବୈରାଗ୍ୟର ବିଭୋରପଣରେ
ଅଲୋକର ଅଖଣ୍ଡ ଜ୍ୟୋତି ହୋଇ
ପରିବ୍ୟାପ୍ତ ସମଗ୍ର ପଂଚଭୂତରେ......!

ତଥାପି କହୁଛି
ପ୍ରେମର ଶେଷ ଚୁମ୍ବନରେ
ତୁ ଥିବୁ କ୍ଷୁଧାର ଅନନ୍ତ ଉତ୍ସ ହୋଇ
ମୁଁ କେବଳ ଚୁମୁଥିବି
ତୋ ସକଳ ଅନିତ୍ୟ ଅସ୍ତିତ୍ୱକୁ
କେବେ ମାଛି କେବେ ମହୁମାଛି ପରି........!

କେବେ ଧୂଳି ହେବାକୁ ଚାହିଁ ବସିଥିବା
ମାଟି ଟେଳା ଭଳି ମୋର ଅସହାୟ ରୂପ
ଲଙ୍ଗଳ ହୋଇସାରିଥିବା ଜମିର
ଅଭିପ୍ସା ପରି ଭିଜିବାକୁ ମୋ ଦେହ
ଅନାଇ ବସିଛି ମୌସୁମୀ ବର୍ଷାକୁ....!

ବିଶ୍ୱାସ କର
ମୁଁ କାନେ ମିଠା ସ୍ୱର ଶୁଣିଲେ
ବିଭୋର ହୋଇଯାଏ
ମୁଁ ଦୁଃଖ ପାଏ କାହା କପାଳରୁ
ଝର ଝର ଝାଳ ବୋହିଲେ.......!

କେବେ ଯୁଦ୍ଧ ସନ୍ତ୍ରାସ
ରକ୍ତପାତର କଥା ଶୁଣିଲେ
ଅସମ୍ଭାଳ ହୋଇ
କେବଳ ପ୍ରାର୍ଥନାରେ ମଗ୍ନ ହୋଇଯାଏ......!

# ଦିଅନାହିଁ ମୋତେ ହାଣି...



**ରାମ ଚନ୍ଦ୍ର ପ୍ରଧାନ**
ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍,
ଆସିକା, ଗଞ୍ଜାମ

ତୁମ ପରିକା ମୋ ଜୀବନ ଅଛି
ଦିଅନାହିଁ ମୋତେ ହାଣି
ଜୀବଜଗତେ ମୁଁ ଭାରି ନିରୀହ
ଦେଖ ମୋ ସବୁଜ ଠାଣି ।
ନିଃସ୍ୱାର୍ଥ ମନେ ମୁଁ ଅରପି ଦିଏ

ଜଡ଼ିବୁଟି, ଫୁଲଫଳ
ମୋ ପାଇଁ ମିଳଇ ଜାଳେଣି କାଠ
ଅମ୍ଳଜାନ ଆଉ ଜଳ ।
ମୋ ଲାଗି ଧରାରେ ହୁଏ ବରଷା
ବାଟୋଇକୁ ମିଳେ ଛାଇ
ମୋ ପାଇଁ କୃଷକ କରେ ବେଉସା
ଅମଳର ଗୀତ ଗାଇ ।
ଯୋଗାଇ ଦିଏ ମୁଁ ପଶୁପକ୍ଷୀଙ୍କୁ
ବଞ୍ଚିବାର ମେଞ୍ଚେ ରାହା
ହେଲେ ବି କାହାଠୁ ପାଏନି ମୁହିଁ
ସେନେହରେ ପଦେ ଆହା ।
ସବୁଜିମା କୋଳେ ମୋ ପାଇଁ ହସେ
ସରଗ ଠୁ ବଳି ମହି
ପରହିତ ପାଇଁ ମହତ ଦାନେ
ଗଢ଼ିଛି ମୋତେ ଏ ବିହି ।
ମୋ ପାଇଁ ହସଇ ଜଙ୍ଗଲ ଭୂଇଁ
ପାହାଡ଼, ପର୍ବତ, କ୍ଷେତ
ମୋ ପାଇଁ ହୁଅଇ ଜଳ ଚକର
ପବନ ବି ଗାଏ ଗୀତ ।
ରୂପରେ ଗୁଣରେ ଅଟେ ପା' ମୁହିଁ
ଏ ସଂସାରେ ଦାମୀ ରତ୍ନ
ତେଣୁ ପିଲାମାନେ ମିଶିକି' ନିଅ
ମୋହର ଟିକିଏ ଯତ୍ନ ।



## ମାଆର ହବ ନା ଭାର୍ଯ୍ୟାର ହବ?



**ଶିଶିର କୁମାର ପଣ୍ଡା**
କୁଆଁସ , ମେରଦା କାଟିଆ ,
ଯାଜପୁର

ଶାଶୂଟିଏ ଯଦି ନିଜ ଝିଅ ପରି
ସେନେହ ଶରଧା ବୋହୂକୁ ଦେବ
ଭାବେ ମୁଁ ମନରେ ବୋହୂଟା ସତରେ
ନିଜ ଝିଅ ପରି କିଆଁ ନ ହେବ ?
ସବୁ ଘରେ ଦେଖ ଏଇ କଥା ନେଇ
ଶାଶୂର ବୋହୂର ଲାଗିଛି ପାଲା
ଅଦେଖା ପଡ଼ୋଶୀ ହୁଏ ଭାରି ଖୁସି
ମଜା ବି ନିଅନ୍ତି ଦେଖିଲା ବାଲା ।
ପୁଅଟା ମିଛରେ ବଳି ପଡ଼େ ଯାହା
ମାଆର ହବ ନା ଭାର୍ଯ୍ୟାର ହବ
ହସି ପାରେନାହି, କାନ୍ଦି ପାରେନାହିଁ
ଅବସ୍ଥା ଯେସନେ ଜିଅନ୍ତା ଶବ ।
ପୁଅ ବୋହୂଙ୍କର ଚଳଣି ଭିତରେ
ଶାଶୂମାଆ କେବେ ନଦିଅ କାନ
ହସି ହସି ସବୁ ସହି ଯାଉଥିବ
ମୋହର ଛୋଟିଆ କଥାଟେ ମାନ ।
ତୁମ ଖୁସି ଗଲା ଏବେ ତାଙ୍କ ବେଳ
ଅଣଦେଖା କରି ସୁଯୋଗ ଦିଅ
ତୁମ ଘରେ ଲକ୍ଷ୍ମୀ ବିରାଜିତ ହେବେ
ସନ୍ତୋଷ ହୋଇବେ ଜଗତ ଦିଅଁ ।



# ଦିନ ମଜୁରିଆ...



ଚିତ୍ତରଞ୍ଜନ ମେହେର
ଭବାନୀପାଟଣା , କଳାହାଣ୍ଡି

ତମାମ ରାତି କିଛି ସ୍ୱପ୍ନ କୁ ନେଇ ଶୋଇ ଯାଇଥିଲି ସେ ଦିନ
ନିଦ ଭାଙ୍ଗି ଯିବାରୁ ଜାଣି ପାରିଲି ,
ସକାଳ ହେଲା , ସୂର୍ଯ୍ୟ ମଧ୍ୟ ଉଇଁଲା ,
ଏବେ ମୋ ପାଇଁ କାର୍ଯ୍ୟର ଡାକରା ଆସିଲା ...!!
କାହିଁ କି ନା ,
ମୁଁ ତୋ ସେ ଦିନ ମଜୁରିଆ ...

ବିଛଣା ରୁ ଅଲଗା ନ ହଉ ହଉ
ମନେ ପଡି ଯାଏ ,
ଆଜି କେଉଁ ଜାଗାକୁ କାମ ଯିବା'ର ଅଛି ବୋଲି ....



ସକାଳୁ ଉଠି ଦୁଇ ମୁଠା ପଖାଳ ଖାଇ
ବାହାରି ପଡେ ନିଜ ଠିକଣା ପାଖକୁ
ମାଲିକ ପାଖରେ ଯାଇ
କିଛି କାମ ମିଳିବ କି ବୋଲି ପ୍ରଶ୍ନ କରେ ...
ମୁଁ ପରା ସେ ଦିନ ମଜୁରିଆ ...

ଜୀବନ ' ର ସଂଘର୍ଷ ଭିତରେ ଘୁରି ବୁଲୁ ଥାଏ , ଏ ମନ..
ଦୁଇ ପଇସା ପାଇଁ ,
ନିଜ ଜୀବନ କୁ ବାଜି ଲଗେଇ ଦିଏ
ସକାଳୁ ସଞ୍ଜ ଯାଏ,
ସେ ସହର ଭିତରେ ....

ତା ପାଇଁ ତୋ ସେ ସହରିଆ ଆଲୋକ ମଧ୍ୟ ଅନ୍ଧାର
ଗଢି ଥିବା କାନ୍ଥ ମଧ୍ୟ ,
ଦିନେ ସମ୍ପର୍କ ର ବାଡ ବନି ଯାଏ
ମାଲିକ ଠାରୁ ଦୂର ମଧ୍ୟ କରି ଦିଏ
କାହିଁ କି ନା , ମୁଁ ତୋ ସେ ଦିନ ମଜୁରିଆ ...

# ମୃତ୍ୟୁର ମୁଁ ଯାଯାବର...



ନାରାୟଣ ରାଉତ
ନଛିପୁର, ଖଇରା, ବାଲେଶ୍ୱର

ଆସନା ଆସନା          ମୋ ପାଖେ ଆସନା
ପ୍ରେମର ଆଳତୀ ଧରି,
ମଣିଷ ନୁହେଁ ମୁଁ          ଦାନବ ଗୋଟାଏ
ଦିଶୁଛି ମଣିଷ ପରି ||୦||

ଦଇବ ତ ମତେ          ଅସୁର ସଜାଇ
ଖେଳୁଛି ମୋ ସାଥେ ଖେଳ,
ମତେ ନେଇ ଘର          କରିଲେ ତୁମର
ଆସିବ ଅନ୍ତିମ ବେଳ ||୧||

କଥାରେ ମୋହର          ରହିଛି ଜହର
କ୍ରୋଧ ହିଂସା ଅପମାନ,
ମତେ ଦେଖି ତୁମେ          ଅମୃତ ଭାବନା
ଛଳନା ମୋ ପ୍ରତିଷ୍ଠାନ ||୨||

ଲକ୍ଷ୍ମୀର ପ୍ରତିମା          ଚେହେରା ତୁମର
ସରଳତା ତୁମ ଗୁଣ,
ଲକ୍ଷ୍ମୀ ଛାଡି ଥିବା          କୁଳାଙ୍ଗାର ଟିଏ
ହତଭାଗା  ନାରାୟଣ ||୩||

ପାଉଡର ଲଗା          ସୁନ୍ଦର ମୁହଁକୁ
ଲଳିତ ତୁମର ବାହୁ,
ଖାଦ୍ୟର ଅଭାବେ          ଆୟୁଷକୁ ମୋର
ଗ୍ରାସ କରିଲାଣି ରାହୁ ||୪||

ଚାଲିରେ ତୁମର          ସୁବର୍ଣ୍ଣ କମଳ
ଅନେକ ଲୋକଙ୍କ ଭିଡ଼,
ମୁଁ ଯେଉଁ ବାଟରେ          ଚାଲିଯାଏ ସଖି
ବନ୍ୟା ବିଭୀଷିକା ଝଡ଼ ||୫||

ତୁମେ ମୋର ପ୍ରିୟା          ମୁଁ ତୁମ ପ୍ରେମିକ
ଶୁଣିଲେ ଲାଗୁଛି ଡର,
ତୁମକୁ ମୁଁ ନେଇ          ଦୁଃଖର ସାଗରେ
କେମିତି କରିବି ଘର ||୬||

ଦରିଦ୍ରତା ମୋର          ପରମ ସୌଭାଗ୍ୟ
ଆଉ କିଛି ପାଏ ନାହିଁ,
ମୋ ଆଖି ଆଗରେ          ପ୍ରଣୟର ମୂଲ୍ୟ
ଜୀବନର ମାନେ କାହିଁ? ||୭||

ବଞ୍ଚିବାଟା ମତେ          ଯନ୍ତ୍ରଣା ଦେଉଛି
ମୃତ୍ୟୁର ନାହିଁତ ଭୟ,
ଆୟୁଷଟା ଅବା          ସରିଗଲେ ସଖି
ଦୁଃଖକୁ କରନ୍ତି ଜୟ ||୮||

ତୁମକୁ ଲାଗୁଛି          ସୁଖର ମୁଁ ମଣି
ଦୁଃଖର ତମସା ନାହିଁ,
ଆଖିକୁ ଫେଡ଼ିଣ          ଦେଖ ଗୋ ସୁନ୍ଦରୀ
ଅନ୍ତରରେ ଆତ୍ମା କାହିଁ? ||୯||

କେମିତି ଜାଣିବ ହୃଦୟ ବେଦନା
ଆତ୍ମାର କରୁଣ ସ୍ୱର,
କାହାକୁ କହିବି କିଏ ମୋ ଆପଣା
ଦୁଃଖକୁ କରିବ ଦୂର ||୧୦||

ଏ ଆଖିରେ ତୁମେ ଯାହାକୁ ଦେଖୁଛ
ସେ ଗୋଟେ ଜିଅନ୍ତା ଶବ,
ତାକୁ ନେଇ ତୁମେ ସଂସାର କରିଲେ
କି ଅବା ପାଇବ ଲାଭ ||୧୧||

ଆଖିରେ ଜାଳିଛ ପ୍ରେମବହ୍ନି ଶିଖା
ଜଳାଇବ ମୋର ମନ,
ଏମିତି ଚାହଁନା ତୁମ କୋପାନଳେ
ସଶରୀର ହେବ ଲୀନ ||୧୨||

ଆଖି ମୋ ସଜନୀ ପଡୁଛି ଯେଉଁଠି
ଖାଲି ହାହାକାର ମୟ,
ତୁମେ କୁହ ସଖି ତୁମ ପାଖେ ମୋର
କେମିତି ଲାଗିବ ଲୟ ||୧୩||

ଖାଦ୍ୟ ଅଭାବରେ ଭୋକ ଉପାସରେ
ଶିଥିଳତା ମୋର ବାହୁ,
ମୃତ୍ୟୁର ସେ ଦୂତ କରେ କବଳିତ
ସରେ ମୋର ପରମାୟୁ ||୧୪||

ତୁମେ ତ ପାଇଛ ସୁଖର ଆଶିଷ
ସତ୍ୟ ଦେବତାର ବର,
ଅନ୍ଧାର ପଥରେ ସୁଖ ସନ୍ଧାନରେ
ମୃତ୍ୟୁର ମୁଁ ଯାଯାବର ||୧୫||

## ଦଗ୍ଧୀଭୂତା...



ଡ଼ ମନ୍ଦାକିନୀ ପାଢ଼ୀ
ଅଧ୍ୟାପିକା, ପଦ୍ମପୁର, ବରଗଡ଼

ନ'ଘଟିବା କଥା ଏ ଘଟିଗଲା.....
ନ'ହେବାର କଥା ଟେ ହେଇଗଲା....
ହଠାତ୍ ଅନୁଭବି ଗଲା ମୋ ମନ
କାନ୍ଦିଗଲା ଆତ୍ମା.....
କିଏ ଯେମିତି ଉପର ପାହାଚ୍ରୁ

ଘୋଷାରି ନେଇ
କଚାଡ଼ି ଦେଇଛି ତଳେ ......।।

ଦେଖୁଥିଲି କେବଳ ଅନ୍ଧକାର ହିଁ ଅନ୍ଧକାର
ଆଖି କ୍ଷଣିକେ ଅନ୍ଧାର ଦେଖାଗଲା
ଦୂରରୁ ସୁନ୍ଦର ଦେଖାଯାଉଥିବା
ଗଛଟି କ'ଣ ଏମିତି
ବିଷାକ୍ତ ଫଳ ଫୋପାଡ଼ି ପାରେ ??

ଦେଖିଲି ତା'ର ଦୋହଲୁଥିବା
ଶାଖା ପ୍ରଶାଖାକୁ
ମୋତେ ଅନୁଭବ ହେଲା
ପାଦ ତଳୁ ଯେମିତି ମାଟି ଖସି ଯାଉଛି .......।।

ଆତ୍ମଗ୍ଳାନି ଭିତରେ ନିଜକୁ ସଂଯତ କଲି
ଧ୍ୱନି ପ୍ରତିଧ୍ୱନି ଭିତରେ
ମୁଁ ନୀରବି ଗଲି
ସ୍ଥିରା ସ୍ଥିତପ୍ରଜ୍ଞା ଟେ ଯେମିତି.....।।

ଶିହରିତ ହୋଇଗଲା ଆପାଦ ମସ୍ତକ
ମୋ ଚାରିପଟରେ ବୁଲୁଥିବା
ଲେଲିହାନ ଶିଖା ସବୁ
ଯେମିତି ମୋର ସତ୍ତାର ଗଭୀରତାକୁ ମାପୁଛନ୍ତି.........
ପଛପଟୁ ଗୋଡ଼କୁ ଭିଡ଼ି ମୋଡ଼ି
ଟାଣି ଦେଉଛନ୍ତି......
ଯେମିତି ମୁଁ ବିବସ୍ତ୍ରା ହୋଇଗଲି
ଶତବାର ଯଜ୍ଞ କୁଣ୍ଡରେ
ଅଗ୍ନିପରୀକ୍ଷା ଦେଲି ....।।

ମୋ ହୃଦୟ ନିଃସ୍ୱ କରିଦେଲେ
ହୃଦୟରୁ ଖୋଲି ଦେଇଗଲେ
ମୋର ଭାବନା ମନ ପ୍ରେମ
ଅଭିମାନକୁ.......।।

ପ୍ରତିଜ୍ଞାବଦ୍ଧ ଅଭିମାନିନୀ ଟିଏ
ଦୃଢ଼ ସଂକଳ୍ପ ନିଏ
ଏକୁଟିଆ ଛିଡ଼ା ହେବି ପଛେ
ରାଜରାସ୍ତାର ଚଉହଦୀ ପରେ
ଯିବିନି ସେ ଦୂଷିତ ଜନ ଗହଳି
ଭିତରକୁ .......
ଯେଉଁଠି ମୋର ବାରଂବାର
ଅଗ୍ନିପରୀକ୍ଷାରେ ଦଗ୍ଧୀଭୂତ
ହେବାକୁ ପଡ଼ିବ......

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ଥୁଣ୍ଟା ବରଗଛ...



ଆଶୁତୋଷ ପରିଡ଼ା
ବାଲିକୁଦା, ଜଗତସିଂହପୁର

ଥୁଣ୍ଟା ବରଗଛ ହୋଇ ଠିଆ ହୋଇଅଛି
ରାସ୍ତା ର ଉଆଡ଼ ରେ
ମୁହଁ ବୁଲେଇ ଦେଇ ସଭିଏ ଚାଲନ୍ତି

ଏଇ ସ୍ୱାର୍ଥପର ଦୁନିଆରେ
ପତ୍ର ଭରା ଥିଲି ଯେତେବେଳ
ସମସ୍ତେ ବସନ୍ତି ମୋହରି ତଳେ
ଏବେ ଶୂନ୍ୟ ହୋଇ ଚାହିଁରହି ଅଛି
ଆଜି କେହି ନ ପଚାରେ
ଦୁନିଆଁ ଚାଲୁଛି ସ୍ୱାର୍ଥପର ରେ
ସ୍ୱାଥ ଯେ ଆପଣା ଆଉ ସବୁ ପର ରେ
ଶୁଣି ମୁ ଥିଲି ମଣିଷ ଯେ ସ୍ୱାର୍ଥପର
ଆଜି ଜାଣିଗଲି ପକ୍ଷୀ ତା ଠାରୁ ବଡ
ଯେବେ ଥିଲି ପତ୍ର ଭରା
ପକ୍ଷୀ ବସା ବାନ୍ଧେ ମୋହରି ଡାଳରେ
ପତ୍ର ଶୂନ୍ୟ ଅଛି ବୋଲି
ପକ୍ଷୀ ନ ବସେ ମୋହରି କୋଳେ
କାହିଁକି ଆସେ ଏ ଗ୍ରୀଷ୍ମ ଋତୁ
ସଭିଏ ଲାଗନ୍ତି ମୋହରି ଶତ୍ରୁ ।।



ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ତେଜସ୍ୱିନୀ...



ସୁଜିତ୍ କୁମାର ମିଶ୍ର
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର

ତୁମେ ସାମର୍ଥ୍ୟର ଚିରସ୍ରୋତା ଧାର ତମସାର ପୃଥିବୀରେ,
ତୁମ ଆଖି କୋଣ କରୁଣା ଭଣ୍ଡାର ତୃଷ୍ଣା ଦୀପ୍ତ ଲୋତକରେ ।

ତୁମେ ତପସ୍ୱିନୀ ମଗ୍ନ ମଧୁଗୀତି ତୋଳୁଥାଅ ସ୍ୱର୍ଗପୁର,

ଦ୍ରୋହର ଅନଳ ଶିଖା ତୁମେ ନିତି କୋଟି ଦୀପ ଅଭିସାର ।

ତୁମେ ତେଜସ୍ୱିନୀ ପ୍ରଖର କିରଣ ତୁଟାଇ ସ୍ୱାର୍ଥର ମୋହ,
ମନ୍ଦ୍ର ମଳୟର ମିଠା ଛୁଆଁ ତୁମ ମାନବବାଦର କୋହ ।

କେବେ ପରାଜୟ ଭେଦି ତୁମେ ତୀବ୍ର ସ୍ୱର ଜୟ ଜୟକାର,
ଅଖଣ୍ଡ ଅସୀର କୁରୁକ୍ଷେତ୍ର ତୁମ ଆଲୋକିତ ଚେତନାର ।

ଅନୀତି ଦୁଆରେ ତୁମେ ନୀତିଭରା ପବନର ଶଂଖଧ୍ୱନି,
ବିଚାର ପ୍ରବଣ ବିଚକ୍ଷଣ ତୁମ ବଶୀଭୂତ ଦେଶ ବାଣୀ ।

ତୁମେ ଉଡାଣର ଉଲ୍ଲସିତ ପ୍ରାଣ ଯଶକିର୍ତ୍ତୀ ତାରକସୀ,
କଳ୍ପନା ଆକାଶେ ତୁମ ରଙ୍ଗ ସ୍ୱପ୍ନ କନକ କିରଣବେଶୀ ।

ନାରୀରୂପୀ ତୁମେ ନୂଆ ନୂଆ ଆଶା ନଇଟିଏ ଗୀତ ଗାଇ,
ଫୁଲର ରଙ୍ଗରେ ପ୍ରୀତିର ବାସରେ ଫୁଟୁଥାଅ ହସୁଥାଇ ।

# ମୁଁ ଏକ ନୂଆ ମହାଭାରତ...



ଅର୍ପିତା ଜେନା
ଗୋଳିହା, ଖଇରା, ବାଲେଶ୍ୱର

ମୁଁ ଅହଲ୍ୟା ନୁହେଁ ଯେ ପାଷାଣ ପାଲଟି
ଅପେକ୍ଷା କରିବି କାହାର ଚରଣ,
ମୁଁ ସୀତା ବି ନୁହେଁ ଯେ ପ୍ରମାଣ କରିବାକୁ
ବାରମ୍ବାର ଦେବି ଅଗ୍ନିପରୀକ୍ଷାର ରଣ।

ଭାଙ୍ଗିଦେବି ଆଜି ସେ ପୁରୁଣା ପ୍ରାଚୀର
ଲେଖିବି ମୁଁ ମୋର ନୂଆ ପରିଭାଷା,
ମୋ ନିଜ ଆକାଶେ ମୁଁ ମୁକ୍ତ ବିହଙ୍ଗ
ମୋ ସ୍ପନ୍ଦନେ ଆଜି ବିପ୍ଳବର ଭାଷା।

ମୁଁ ନୁହେଁ ଶକୁନ୍ତଳା, ହଜିଲା ମୁଦିର
ସ୍ମୃତିରେ ଯିଏ ସଦା ହୁଏ ମ୍ରିୟମାଣ,
ନା ମୁଁ ସେଇ ରାଧା ବିରହ ବେଦନାରେ
ଯମୁନା କୂଳରେ ଯିଏ ହୁଏ ସ୍ଫୁଲିଙ୍ଗ ସମାନ।

ଦ୍ରୌପଦୀ ସାଜି ମୁଁ ପଶାପାଲିରେ
କାହିଁକି ବଣ୍ଟା ହେବି ପାଞ୍ଚଟି ଭାଗେ?
ନାରୀ ଯଦି ଏଠି କେବଳ ପିତୁଳା
ତେବେ ଚୁରମାର ହେଉ ସେ ନିୟମ ଆଗେ।

ଚକ୍ରବ୍ୟୂହେ ପଶି ଅଭିମନ୍ୟୁ ଭଳି
ହାରିଯିବାକୁ ମୁଁ କେବେ ଜନ୍ମିନାହିଁ,
ବାହାରିବା ପଥ ମୁଁ ନିଜେ ଖୋଜିନେବି
ସେଥିପାଇଁ ମୋର ଜମା ଭୟ ନାହିଁ।

ମୁଁ ନୁହେଁ ଏକଲବ୍ୟ ଯେ ଗୁରୁଦକ୍ଷିଣାରେ
ହସି ହସି ମୋର ଅଙ୍ଗୁଠି କାଟିବି,
ଜ୍ଞାନ ଆଉ ପ୍ରତିଭା ମୋ ନିଜ ଅଧିକାର
ନିଜ ସାମ୍ରାଜ୍ୟ ମୁଁ ନିଜେ ହିଁ ଗଢ଼ିବି।

ମିଥ୍ୟାର ସେ ପୁରୁଣା ପରିଧିକୁ ଡେଇଁ
ମୁଁ ଜୀଇଁବି ଆଜି ନିଜ ସତ୍ତା ପାଇଁ,
ମୁଁ ନିଜ ପୁରାଣର ଏକ ନୂଆ ଅଧ୍ୟାୟ
ଯେଉଁଠି ମୁକ୍ତି ଛଡ଼ା ଅନ୍ୟ କିଛି ନାହିଁ,
ଅନ୍ୟ କିଛି ନାହିଁ।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ରଜସ୍ରାବ...



ଚନ୍ଦନ କୁମାର ବେହେରା
କେନ୍ଦୁପାଳ, ଦେବଗଡ଼

ପୁଣ୍ୟ ପରିଭାଷା ପୁଣ୍ୟ ଅଟେ ସେଇ
ଆସନ୍ତି ସଂସାରେ ଜୀବନ କୁ ବୋହି

ପାପ କହି ତା ପାଇଁ ବିବିଧ  ନିୟମ
ତାହା ପାଇଁ ଜନ୍ମ  କେବେ ଜାଣିବୁ ଅଧମ

ମନ୍ଦିର ପ୍ରବେଶ  ଆଉ ଠାକୁର ଙ୍କ ନୀତି
ନିୟମ ରେ ତାକୁ  ତମେ ରଖିଅଛ ବାନ୍ଧି

ଯନ୍ତ୍ରଣା ତାହାର କର ଅନୁଭବ
ଦେଖାଅ ତାହାଙ୍କୁ ସୁନ୍ଦର ସ୍ୱଭାବ

ଛୁଆଁ ଅଛୁଆଁ ଯେ  ତାକୁ ବାରଣ କରିଛ
ଯାହା ପାଇଁ ଆଜି ପୁଣି ଜନମ ପାଇଛ



ରଜସ୍ରାବ ଏଠି କେବେ ନୁଁହେ ଅପବିତ୍ର
ନାରୀ ଙ୍କର ଅଟେ ପରା ସିଏ ଚିର ମିତ୍ର

ସେ ସମୟେ ତାଙ୍କୁ ଆମେ ଦେଇ ଆଶ୍ୱସନା
କରିବାକୁ ଦେବା  ନାଇଁ  କେବେ ମନ ଉଣା

ରାଜସ୍ରାବ  ଅଟେ ପରା ସୃଷ୍ଟି ର ଆରମ୍ଭ
ପାପ ନୁଁହେ ପୁଣ୍ୟ ଅଟେ ନାରୀ କରେ ଭୋଗ

ନିନ୍ଦା ନ ଦେଇକି କର ତାକୁ ଯେ ସମ୍ମାନ
ପରିବର୍ତ୍ତନ ର ସ୍ୱର ଆଣ ଜ୍ଞାନୀ ଗୁଣୀ ଜନ

# ସମୟ ଓ ସ୍ମୃତିର ନୀରବ ସଂଳାପ...



ପ୍ରଜ୍ଞା ପରିମିତା ମିଶ୍ର
ଜଗତସିଂହପୁର

ସମୟର ନୀରବ ସ୍ରୋତରେ ଧୀରେଧୀରେ ଭାସିଯାଉଥିବା ଅନେକ ସ୍ମୃତି-
ଗୁଚ୍ଛା ଭାସମାନ,
ସତେ ଯେପରି ଶରତ ସନ୍ଧ୍ୟାରେ ଝରିପଡୁଥିବା ପତ୍ର—ନିର୍ବାକ୍,
କିନ୍ତୁ ସ୍ଥିର ନିଶ୍ଚିନ୍ତ ସମୟ ସମ୍ମୁଖରେ ।

ସେହି ଅଜଣା ବାଟ,
ଯାହା କେବେ ସ୍ଥିର ହୋଇ ରହିପାରେନାହିଁ
ତଥାପି ଆମର ଅଚେତନତାରେ ଅନେକ ଅକୁହା କାହାଣୀ ହୃଦୟରେ
ଲେଖି ହୋଇଯାଏ।
ସେହି ପଥରେ ସଞ୍ଚିତ ପ୍ରତ୍ୟେକ ମୁହୂର୍ତ୍ତ—
କେବେ ହସର ମୃଦୁ ସ୍ପର୍ଶ, କେବେ ବିଚ୍ଛେଦର ନିର୍ଜନ ବେଦନା,
ଦୂରତାର ଅଦୃଶ୍ୟ ଯନ୍ତ୍ରଣା ହେଉ କି ଅଜଣା ମୁହଁର ଅଚାନକ ନିକଟତା,
ସବୁ କିଛି ମିଶି ଏକ ଗଭୀର ଅନୁଭୂତିର ପରିସୀମା ନଥିବା ସାଗର ଜୀବନରେ ସୃଷ୍ଟି କରେ।
ଜଣେ ଅଜଣା ମଣିଷ, ଯେ କେବେ ଥିଲେ କେବଳ ଏକ ଅପରିଚିତ ଛାୟା,
ସମୟର ସ୍ପର୍ଶରେ ସେହି ହୋଇଯାନ୍ତି ହୃଦୟର ସବୁଠୁ ନିକଟ —
ଏହାହିଁ ଜୀବନର ସବୁଠୁ ଅଦ୍ଭୁତ ରହସ୍ୟ, ଏକ ଅଲେଖା ନୀରବ ଅନୁଭୂତି ।
ସେହି ସ୍ମୃତିମାନଙ୍କର ମୂଲ୍ୟ କେବଳ ମନେ ପଡ଼ିବାରେ ନୁହେଁ,
ବରଂ ସେମାନେ ଯେପରି ଆମକୁ ଗଢ଼ିଥାନ୍ତି, ଆମ ଅସ୍ତିତ୍ୱକୁ ଅର୍ଥ ଦେଇଥାନ୍ତି।
ଶେଷରେ, ସମୟର ସ୍ରୋତ ଆଗେଇ ଯାଏ ଲୋକମାନେ ଦୂର ହୋଇଯାନ୍ତି,
କିନ୍ତୁ ସେହି ପଥରେ ସଞ୍ଚିତ ଅନୁଭୂତିମାନେ ଚିରକାଳ ପାଇଁ ହୃଦୟରେ ଗୁନ୍ଥା ହୋଇ ରହିଯାଇଥାନ୍ତି—
ଏକ ନୀରବ, କିନ୍ତୁ ହୃଦୟକୁ ଛୁଇଁ ଯାଉଥିବା ଏକ କାହାଣୀ ଭଳି...

## ଅନୁଭୂତିର ନାମ— ପ୍ରେମ...



ଆଶୁତୋଷ ମିଶ୍ର
ତ୍ରିଶୁଳିଆ, କଟକ

ପ୍ରେମ,
କେବଳ କାହାର ହାତ ଧରି
ସାରା ଜୀବନ ଚାଲିବାର ନାମ ନୁହେଁ — ପ୍ରେମ ହେଉଛି,
କାହାର ନୀରବତାକୁ ମଧ ବୁଝିପାରିବାର ଅନୁଭୂତି।

ପ୍ରେମ,
ପୁଣି କେବେକେବେ
ମା'ର ଆଖିର ଅକୁହା ଆଶୀର୍ବାଦ,
କେବେ ବାପାଙ୍କ ନିର୍ବାକ ତ୍ୟାଗ,
ତ ଆଉ ପୁଣି କେବେ
ନିଜକୁ ନିଜେ ଖୋଜିପାଇବାର ଏକ ଦିଗହରା ଅନ୍ତର୍ଯାତ୍ରା।
ପ୍ରେମର କୌଣସି ରୂପ ନାହିଁ,
ତଥାପି ସେ ସବୁଠାରେ ଅଛି
ଶିଶିରଭିଜା ପ୍ରଭାତରେ,
ଶରତର ନୀଳ ଆକାଶରେ,
କିମ୍ବା କ୍ଳାନ୍ତ ସନ୍ଧ୍ୟାର ନୀରବତାରେ।

ପ୍ରେମ,
ଏହାର ଅର୍ଥ ସବୁବେଳେ ପାଇଯିବା ନୁହେଁ — କେବେ କେବେ ଦୂରେ ରହି ମଧ
କାହାର ଭଲ ଚାହିଁପାରିବାର ନିଷ୍କାମ ଭାବନା।
ଏହି ପୃଥିବୀରେ
ଯଦି କିଛି ବଞ୍ଚିଛି କେବଳ ହୃଦୟର ଚେତନାରେ
ତେବେ ସେ ହେଉଛି ପ୍ରେମ — ଯାହା କେବେ ଶବ୍ଦରେ,
କେବେ ସ୍ପର୍ଶରେ,
ଆଉ କେବେ କେବଳ ନୀରବତାରେ,
ଜୀବନକୁ ଅର୍ଥ ଦେଇଯାଇଥାଏ...।।

## ମୁଁ ଲେଖକ ଆଉ ତୁମେ ଜଣେ ଲେଖିକା...



ତୁଷାରକାନ୍ତ ବଳବନ୍ତରାୟ
ପାଇକବାରବାଟି ,
ନରସିଂହପୁର , କଟକ

ମୁଁ ଲେଖକଟିଏ, ତୁମେ ଲେଖିକା...
ଶବ୍ଦର ଏଇ ଅଜଣା ପଥରେ,
ଯେବେ ଯେବେ ମୁଁ ଝୁଣ୍ଟିପଡ଼ିବି,
ଭାବନାର ବୋଝରେ ଥକିଯିବି,
ହାତଧରି ମୋତେ ନେଇପାରିବ ତ?
ମୋ କଳ୍ପିତ ସେଇ ସହରକୁ,
ଯେଉଁଠି ସ୍ମୃତିମାନେ ଆଜି ବି ଅପେକ୍ଷାରେ ।
ମୋ କଳ୍ପନାର ସେଇ କାନଭାସ୍‌ରେ,
କେତେ ରଙ୍ଗ ଆଜି ବି ଅସଜଡ଼ା,
ମୁଁ ଆଙ୍କିଥିବା ସେ ଅଧାଗଢ଼ା ଛବିକୁ,
ତୁମ ଅନୁଭୂତିର ତୂଳୀରେ
ପୂର୍ଣ୍ଣାଙ୍ଗ କରି ଲିଭେଇ ଦେବତ
ମୋ ଅପୂର୍ଣ୍ଣତାର ସବୁ ଦାଗ?
ମୋ ସୁର, ମୋ ରାଗ, ଆଉ ସଙ୍ଗୀତର
ନୀରବ ପ୍ରତିଟି ମୂର୍ଚ୍ଛନାରେ,
ତୁମେ ଏକ ମିଠା ଅନ୍ତରା ହୋଇ
ଗୁଞ୍ଜରିତ ହୋଇପାରିବ ତ?
ଯେମିତି ମୋର ଏ ଅଧା ଗୀତଟି
ତୁମ ସ୍ୱରରେ ଏକ ପୂର୍ଣ୍ଣ ସ୍ତୋତ୍ର ସାଜିବ ।



# ଅଧୁରା ବଂଶୀର ସ୍ୱନ...



ନିହାର ରଞ୍ଜନ ନାୟକ
ଧନୁଆ,ତିର୍ତ୍ତୋଲ, ଜଗତସିଂହପୁର

ପ୍ରେମ ଜୀବନ କୁ ଗଢ଼ି ତୋଳେ କିନ୍ତୁ ଏ ପ୍ରେମ ର ଅନ୍ତ କୋଉଠି,
ସମୟ ର ତାଡି ରେ ଶରୀର ଝାଉଁଳି ଗଲେ,
ଯୌବନ ର ଅସ୍ତ ହେଇ ବାର୍ଦ୍ଧକ୍ୟ ଉଦିତ ହେଲେ,,
ପ୍ରେମ କଣ ସରିଯାଏ ନା,
ସଳିତା ତେଲ ସହ ଜଳିବା ପାଇଁ ଦୀପ ଟିଏ ପରି ମାଧ୍ୟମ ହୁଏ,
ଆରମ୍ଭ ଏ କାହାଣୀର ଶେଷ କେଉଁଠି,,
ହୋମୋ ନିଆଁ ନା ଜୁଇ ନିଆଁ,,
ସବୁ ପ୍ରେମ ଭାଗ୍ୟ ରେ କଣ ସିନ୍ଦୂର ଥାଏ ,,
ନା ସବୁ ସିନ୍ଦୂର ପ୍ରେମ ର ହେଇଥାଏ,,,
କିନ୍ତୁ ପ୍ରେମ ବିନା ଜୀବନ ଯେ ଭଙ୍ଗା କଳସ
ଏ କଥା ବୁଝିବ କିଏ,,

ଅମାବାସ୍ୟା ର ଆକାଶରେ କଣ ପୂର୍ଣ୍ଣମୀ ର ଚାନ୍ଦ ଆସେ ?
ନା ପତ୍ର ହୀନା ଗଛ ରେ କେବେ କୋଇଲି ବସେ,,,
ସମୟ ର ଗତି ପଥେ ମଣିଷ ବଦଳି ଯାଏ,,,,,
ପ୍ରେମ ରୁହେ ବହୁଦୂରେ କିମ୍ବା ଫାଶୀ ପାଏ,,,,
ଛଳନା ର କବର ରେ ଅଣ ନିଶ୍ୱାସୀ ହେଇ,,,
ଅହରହ ବଞ୍ଚିବା ର ଚେଷ୍ଟା ଚାଲିଥାଏ,,,,



କେବେ ଏ ମନ ଯାଯାବର ହେଇ ବୁଲେ,,
ପ୍ରେମ ର ସନ୍ଧାନ ରେ,,,,
ତ କେବେ କେଉଁଠି ଅଟକି ଯାଏ,,,,
ଶକ୍ତି ଶୂନ୍ୟ ହେଇ ସ୍ଥିରତା ଆଶା ରେ,,,
କିନ୍ତୁ ,,,,,,,,,
କିନ୍ତୁ ରାଧା କଣ କେବେ ରୁକ୍ମିଣୀ ହେଇ ପାରେ,,,
ନା କାହ୍ନା ବଂଶୀ ରାଧା ବିନା ବାଜି ପାରେ,,

## ଭଉଣୀ ର ଶୁଷ୍କ କଙ୍କାଳ...



ସୁହାସିନୀ ପଟ୍ଟନାୟକ
ବଡରମ୍ପାସ,ହାଟଡିହି,କେନ୍ଦୁଝର

ନର କଙ୍କାଳ ବୋଝେଇ ରୁକ୍ଷ ଶରୀର ଟା,
ତା ନିଜ ହକ୍ ର ମାଗୁଣି କରେ,
ଉଚ୍ଚ ପଦସ୍ଥ୍ ଙ୍କ ଇଚ୍ଛା ଓ ଗର୍ବ ଆଢୁଆଳ ରେ,
ଲୁଚି ରହିଚି ଉଣେଇଶ ହଜାର ତିନିଶହ ଟଙ୍କା,
ଧୁ ଧୂ ଖରା ବେଳରେ ଖାଲି ପାଦ ରେ ଚାଲି ଚାଲି,
ବାଳୁତ ଯାଇ ବାର୍ଦ୍ଧକ୍ୟ ଆସିଗଲା ସିନା,
ହେଲେ ଇଚ୍ଛା ର ଶୂନ୍ୟ କୋଠରୀ କୋଉ ଆଉ ଟଙ୍କା ରେ ଭରି
ପାରିଲା ।।
ଅବିବାହିତ ଦୁଇ ମାସ ତଡେ ଆତ୍ମା ସାଜିଥିବା ଶରୀର ଟା,
ବାଧ୍ୟ ହେଇ କବର ଛାଡ଼ି ବାହାରକୁ ଆସିଛି,
ତା ଗଳିତ ଶରୀର ପ୍ରମାଣ ଦେବାକୁ ଆସିଛି,
ହଁ ସେ ମୃତ
ତା ପାଖରେ ପ୍ରମାଣ ଦେବାକୁ ପ୍ରମାଣପତ୍ର ନାହିଁ,
ଜଣା ନାହିଁ ଅସମଜିକତା ରେ ଗଢା ଏ ସମାଜ ଟା,
ଏତେ ସ୍ୱାର୍ଥପର ଆଉ ନିର୍ଦ୍ଦୟ ବୋଲି,
ସେ ଯେତିକି ବୁଝେ ସେତିକି ରେ ରଚିଦେଲା,
ନିଜ ଗ୍ରାମରୁ ବିଶ୍ୱଗ୍ରାମ ଯାଏ ଇତିହାସ ।।
ଏ ଘଟଣା ଆଜି ର ନୁହେଁ,
ତା ପରି ସହ ସହ ଜିତୁ ମୁଣ୍ଡା,
ଅପରାଧୀ ର ଅପରାଧରେ ଶୋଷିତ,
ସରକାର ନା ସମାଜ ଦୋଷୀ କିଏ ଦାଇ କରୁ କରୁ,
ବୟସର ଛକି ସୁନ, କଳା ସିଲଟ ରୁ ଲିଭି ଯାଏ ।।



# ବିଚରା ପ୍ରେମିକ ପତଙ୍ଗ...



ସୁବ୍ରତ କୁମାର ଜେନା
ଶୂରଡିହ,ନନ୍ଦିପୁର,ଯାଜପୁର

ପତଙ୍ଗଟେ ପ୍ରେମିକ ସାଜିଲା ପରେ
ଭଲ ପାଏ ଜଳିବାକୁ
କେବେ କାହାର ମଧୁର ଡାକରେ
କେବେ କାହାର ଛଳନାର ହସରେ
କିଏ କହେ ସେ ପାଗଳ
କିଏ କହେ  ସେ ଯାଯାବର
କିନ୍ତୁ କେହି କେବେ ବୁଝନ୍ତି ନାହିଁ
ପ୍ରେମିକ ଖେଳେନାହିଁ ବାଜି
ଖାଲି ଜିତିବାକୁ ।

କେବେ କେବେ ଜିତୁ ଜିତୁ
ହାରିବାକୁ ପଡେ ବାଜି
କେବେ ପୁଣି ସମୟ ଫାସରେ
ପ୍ରେମିକ ବିଚରା ଦୋଷୀ ଯାଏ ସାଜି
ଭୋଗେ ଯନ୍ତ୍ରଣା
ପାଏ କେତେ ଶାସ୍ତି
ତଥାପି ପ୍ରେମିକ ପତଙ୍ଗ
ପାରେନାହିଁ କରି ବିଦ୍ରୋହ
ଜାଣେନା ସେ କେବେ
ଭରିବାକୁ ବାୟୁରେ ବାରୁଦ
ଭରିବାକୁ ଜଳରେ ଆତଙ୍କ
ସେଥିପାଇଁତ ସେ ବିଚରା ପ୍ରେମିକ
ଭାଗ୍ୟରେ ଲେଖାଯା ଯନ୍ତ୍ରଣା
ଅପବାଦ ଜେତକ ।

କେବେ ସ୍ୱପ୍ନ ଦେଖୁଥିବା
ଆଖି ହଳେ ତାର
ନୀରବରେ ଘୁମେଇ ପଡେ
ଜହ୍ନ ଆଡେ ଚାହିଁ ଚାହିଁ
ପ୍ରତୀକ୍ଷା ପରେ ପ୍ରତିକ୍ଷାର ଦ୍ୱାହି ଦେଇ
କେବେ ବିଷାଦ ତାକୁ ବାଧ କରେ
ଅଧ ରାତିରେ କାନ୍ଦିବାକୁ କଇଁ କଇଁ
ଯେତେ କାନ୍ଦିଲେବି ତାର ଲୁହ ସୁଖେ ନାହିଁ

ସତେକି ଜନମ ତାର ଖାଲି
ଏକା ଏକା କାନ୍ଦିବା ପାଇଁ
ମୁହଁକୁ ଲୁଚେଇ
ଦୁନିଆ ମୁଖରୁ ବିଚରା ବୋଲି ଟିକେ ଶୁଣିବା ପାଇଁ ।

ଯଦିବା ଏଥିରୁ ସେ ବର୍ତ୍ତି ଯାଏ
ପୁଣିଥରେ ଭାଙ୍ଗୁ ଭାଙ୍ଗୁ
ନିଜକୁ ସଜାଡେ
ସମୟର ପଶା ପାଲିରେ
ଦୂର୍ଭାଗ୍ୟର ଅକ୍ଟୋପସ ପୁଣି ତାକୁ ବାନ୍ଧେ
ପ୍ରେମକୁ ନା ନା କରୁଥିବା ମନ
ପୁଣି ଥରେ ହଜେ ମରିଚିକାରେ
ସବୁ ସଜଡ଼ା ମୁହୂର୍ତ୍ତ
ପୁଣି ଅସଜଡ଼ା ହୁଏ ଚୋରା ବାଲିରେ
ତୃଷାର୍ଥ ହୁଏ ଜୀବନ
ଏଇ ଡହ ଡ଼ହ  ଛଳନା ତତଲା ମରୁ ବାଲିରେ
ଛଟପଟ ହୁଏ ପ୍ରେମିକ ବିଚରା
ଖସିବାର ବାଟ ସବୁଠି ନିବୁଜ
ସାମ୍ନାରେ ଏଥର ମୁକ୍ତି ନାମ୍ନୀ ମୃତ୍ୟୁ
ହଜିଯାଏ ବିଚରା ପ୍ରେମିକ ପତଙ୍ଗ
ହରେଇ ନିଜର ଶେଷ ପରିଚୟ
ପଡିରହେ ଶବ ତାର
ଘେରି ଯାଆନ୍ତି ଅନେକ କ୍ଷୁଦାର୍ଥ
ଝୁଣି ଝୁଣି ଖାଇବାକୁ ଶେଷ ଅସ୍ତିକୁ
ପ୍ରେମ ପାଇଁ ଲିଭି ଗଲା ପରେ ।।

# କାହାକୁ ଦେବି ମୁଁ ଗୋଲାପ...



ସାଇ ପୁଷ୍ପ
ଚନ୍ଦାହାଣ୍ଡି, ନବରଙ୍ଗପୁର

ଗୋଲାପ ବନରେ ବୁଲୁଛି ଆଜି ମୁଁ
ଗୋଲାପକୁ ଧରି ହାତେ
ନାଲି ଗୋଲାପକୁ କାହାକୁ ଦେବି ମୁଁ
କେହି ନାହିଁ ମୋର ସାଥେ
କିଏ ସେ ନେବ ମୋ ହାତରୁ ଗୋଲାପ
କରିବି ମୋ ମନ ରାଣୀ
କଥା ମୁଁ ଦେଉଛି ଧୋକା ଦେବି ନାହିଁ
ମନ କଥା ଯାଅ ଶୁଣି
ବହୁତ ଦିନରୁ ଅପେକ୍ଷା କରିଛି
ଗୋଲାପ କାହାକୁ ଦେବି
ପ୍ରତିବିମ୍ବେ ମୋର ଝଲସି ଉଠିଛି
ତୁମରି ଅଲିଭା ଛବି



## ପ୍ରେମିକ...



ଦୁର୍ଗା ଚରଣ ମଲ୍ଲ
ସମାଗୋଳ, କୁଜଙ୍ଗ, ଜଗତସିଂହପୁର

ପ୍ରେମିକ
ଏ ପ୍ରେମିକ ହେବା କଣ ଏତେ ସହଜ?
ଦୁନିଆର ସବୁ ଭିଡ଼ ଭିତରୁ ନିଜକୁ
ପୃଥକ୍ କରି କେବଳ ଆଉ କେବଳ
ଜଣଙ୍କ ପାଖରେ ନିଜକୁ ସମର୍ପି ଦେବା
ତା ଖୁସି ପାଇଁ ସାରା ସଂସାରକୁ ଭୁଲି
ଖାଲି ତା ଇଛାରେ ନିଜ ଜୀବନକୁ ଜୀଇଁବା
ହସିବା, କାନ୍ଦିବା ,ବସିବା, ଉଠିବା
ସବୁ ଖାଲି ଜଣକ ପାଖରେ ଅର୍ପି ଦେଇ
ନିଜ ଭବିଷ୍ୟତକୁ ଜଳାଞ୍ଜଳି ଦେବା
ଏଇ କଣ ପ୍ରକୃତ ପେମିକ ର ପରିଚୟ ?
ହୋଇଥିବ ବୋଧହୁଏ

ପ୍ରେମିକ
ଯେତେଥର ଆଇନା ରେ ନିଜ ମୁହଁକୁ ନଦେଖେ
ବୋଧେ ସେତେଥର ସେଇ ମୋବାଇଲ୍ ଫୋନ୍ ରେ
ନିଜକୁ ଦେଖେ
କେତେବେଳେ କଲ୍ ଅବା ମେସେଜ ଆସିଲା
ତ ଆଉ କେତେବେଳେ ପ୍ରେମିକାର ପ୍ରତିଛବିକୁ ନିରିଖେଇ ଦେଖେ
ତା ଚାରିଦିଗରେ କଣ ହୁଏ ସେ ହୁଏତ ଅଜ୍ଞାତ
ହଁ ହେବନି ବା କେମିତି ତା ମନ ତ ସେତେବେଳେ
ଉଡାଜାହାଜର ଗତି ଠୁ ବି ଆହୁରି ବେଗରେ ଗତି କରୁଥାଏ
ତାକୁ ସେତେବେଳେ ଭୂମି ପୃଷ୍ଠରେ ଘଟୁଥିବା ଘଟଣା
କିପରି ଜ୍ଞାତ ହେବ ?
ଏପଟେ ପରିବାର ପାଇଁ ବୋଝ

ସେପଟେ ପ୍ରେମିକା ପାଇଁ କି ନିଇତି ସଜ
ଇତି ମଧ୍ୟରେ ଜୀବନ କୁ ଜୀଇଁବା ନୁହଁଇ ସହଜ
ହେଲେ ସେ ନିରୁପାୟ କରିବ ତ କଣ ବା କରିବ ?
ନା ସେ ସକାଳ ସୁନେଲି କିରଣର
ନା ସେ ନିଶି ଚନ୍ଦ୍ରାଲୋକର
ସେ ତ ମଧ୍ୟାହ୍ନ ଡହ ଡହ ଖରାର

ପ୍ରେମିକ
ଯେବେ ପାଖରେ ରୋଜଗାର ନାହିଁ
ତ ଅପେକ୍ଷା......
ସେପଟେ ପ୍ରେମିକାର ବିବାହ ପ୍ରସ୍ତାବର ଆଗତ
ସେ କରିବ କଣ?
ନା ସେ ଏ କୂଳର ନା ସେ କୂଳର
ସେ ତ ନଦୀ ମଧ୍ୟରେ ଏକା
ନା ରହିଲା ପାଖରେ ପ୍ରେମିକା
ଯାହା ସହ ଖେଳୁଥିଲା ସେ ବୋହୂ ବୋହୂକା
ହେଲେ ଏବେ ପ୍ରେମିକା ଆଉ କାହାର
ତା ମଥାରେ ଶୋଭିତ ନାଲି ରଙ୍ଗର ସିନ୍ଦୂର
ବେକରେ ମଙ୍ଗଳ ସୂତ୍ର
ପାଦରେ ପାଉଁଜି ହାତେ ଶଙ୍ଖା
ହେଲେ ପ୍ରେମିକ ଆଜି ସମ୍ପୂର୍ଣ୍ଣ ଏକା
ସ୍ୱପ୍ନ ସବୁ ଆଜି ହୁଏ ତା
ଆଖି ଆଗରେ କିଣାବିକା

# ତୁମେ ଯେବେ ଫେରିବ...



ଅନସୂୟା ଲେଙ୍କା
ଇଟାମାଟି, ନୟାଗଡ଼

ତୁମେ ଯେବେ ଫେରିବ
ହୁଏତ ,
ବଦଳି ସାରିଥିବ ସମୟ
ବଦଳି ସାରିଥିବ ଜୀବନ
କିନ୍ତୁ ବଦଳି ନଥିବି ମୁଁ....

ଥରେ ଦେଖି ଆସିବ ,
ଆମ ପ୍ରେମ ପ୍ରଣୟର ପୂର୍ଣ୍ୟତୋୟା
ଆମ ପ୍ରୀତି ଯମୁନାର ପ୍ରତିଟି ଛୁଆଁ..
ଆଜିବି ସେମାନେ ତୁମ ଅପେକ୍ଷା ରେ
ହଁ ଆଜିବି.....

ତୁମେ ଯେବେ ଫେରିବ
ହୁଏତ ,
ଜିତି ଯାଇଥିବ ଅନେକ ଯୁଦ୍ଧ
ଜିତି ଯାଇଥିବ କାହା ହୃଦୟ
କିନ୍ତୁ ହାରି ଯାଇଥିବି ମୁଁ...
ଥରେ ଦେଖି ଆସିବ,
ମୋ କବିତା ଲେଖା କଲମ କୁ
ମୋ ଠିକଣା ବିହୀନ ଚିଠି ସବୁକୁ
ଆଜିବି ସେମାନେ ତୁମ ଅପେକ୍ଷା ରେ
ହଁ ଆଜିବି.....

ତୁମେ ଯେବେ ଫେରିବ
ହୁଏତ ,
ଭୁଲି ସାରିଥିବ ପ୍ରଥମ ଦେଖା କୁ
ଭୁଲି ସାରିଥିବ ସେ ଛୁଆଁ କୁ
କିନ୍ତୁ ଦେବୀ ପାଲଟି ଜାଇଥିବି ମୁଁ...
ଥରେ ଦେଖି ଆସିବ ,
ଆମ ପ୍ରେମର ଅଧା ଗଢା ସୌଧ ସବୁକୁ
ଆଜିବି ସେମାନେ ତୁମ ଅପେକ୍ଷା ରେ
ହଁ ଆଜିବି....

କଣ ଫେରିବ ତ??
ମୁଁ ଆଜି ବି ତୁମ ଅପେକ୍ଷାରେ....
ହଁ ଆଜିବି......।

## ସଂଜ୍ଞା...



ଶୁଭଲକ୍ଷ୍ମୀ ରାୟ
ବାଲିବିଲ, ବରୀ, ଯାଜପୁର

କେଉଁ ସଂଜ୍ଞା ର ଅଧିକାରିଣୀ ହେଇ
ବଞ୍ଚିବାଟା ସହଜ ହୋଇପାରେ ?
ଜାୟା,ଜନନୀ, ଭଗିନୀ ନା ସୁପୁତ୍ରୀ
କାହା ପାଇଁ ଥାଇପାରେ ମୁକୁଳା ଆକାଶ
କାହାକୁ ବେଶୀ ମାନେ ଏଇ

ସମାଜ ଗଢ଼ିଥିବା ଆଦର୍ଶ ନାରୀ ର ବେଶ
କିଏ ସେ ଉଡ଼ିବୁଲେ ,ନିର୍ଭୟ ରେ ସ୍ୱପ୍ନ ଦେଖେ
କିଏ ଅବା ମାନେନି ଲକ୍ଷ୍ମଣ ଗାର
କାହାର ସ୍ୱାଧୀନତା ଉପରେ ବାଡ଼ ବାନ୍ଧିନି
ନୀତି,ନିୟମ, ସଂସ୍କାର ?
ଜନ୍ମରୁ ସାଜେ କାଳେ ଝିଅ ଟା
ଗରିବ ବାପ ମୁଣ୍ଡରେ ବୋଝ
ଭାଇ ପାଇଁ ଦାୟିତ୍ୱ
ପରିବାର ର ସମ୍ମାନ
ବୋଧେ ଝିଅ ପାଇଁ ଲାଗୁହୁଏ
ଯେତେକ ଆଇନ,ଯାହା ସବୁ ନିୟମ !!
ଏଇ ନାରୀ , ଗୋଟେ ଅର୍ଦ୍ଧମୁକ୍ତ ଶାରୀ
ଡେଣା କାଟି ଦେଇ ତାକୁ
ଉଡ଼ିବାକୁ କୁହାଯାଏ,
ସୀମା ଭିତରେ ରହି ଅସୀମ ସଂସାର କୁ
ଚିହ୍ନିବାକୁ କୁହାଯାଏ।
ପୁରୁଷ ର ଭାଗ୍ୟ ଈଶ୍ୱର ଲେଖିଲା ବେଳେ
ନାରୀ ର ଭାଗ୍ୟ ଟା ମଣିଷ ଲେଖୁଥାଏ।
ଏନ୍ତୁଡ଼ି ଠୁ ଯୁଇଁ ଯାଏ
ନିନ୍ଦା, ଅପବାଦ ଛାଇ ପରି ଚାଲିଥାଏ
ଆଭୂଷଣ ରୁ ମାପ ହୁଏ ଚରିତ୍ର, ସଂସ୍କାର
ସହୁଥିବା ବୋହୂ ର ଠିକଣା ମଶାଣି
କହୁଥିବା ନାରୀ ର ସବୁଠି ବହିଷ୍କାର।
ତେବେ କେଉଁ ସଂଜ୍ଞା ର ଅଧିକାରିଣୀ ହେଇ
ବଞ୍ଚିବାଟା ସହଜ ହୋଇପାରେ?
କାହା ପାଇଁ ସ୍ୱାଧୀନତା ଜନ୍ମଗତ ଅଧିକାର??



# ପ୍ରେମ ନୁହେଁ ସେ ପ୍ରଣୟ ଅନୁରାଗ...



ଦିଲ୍ଲୀପ ଦାସ
ନୂଆଗାଁ, ଏରସମା,
ଜଗତସିଂହପୁର

ପ୍ରେମ ଶବ୍ଦ ସଂଜ୍ଞାକୁ ନେବା,
ସମ୍ୟକ୍ ଭାବରେ ମର୍ମ ବୁଝିବା।
'ପ୍ର' - ରେ ପ୍ରଣୟ, 'ମ' - ରେ ମିଳନ,
ଭଲପାଇବା, ସ୍ନେହ, ଅନୁରାଗ, ପ୍ରଣୟ।
ପ୍ରେମରେ ଦୁନିଆ ସଂସାର ରଥ,
ପ୍ରେମରେ ଚାଲୁଛି ସଂସାର ପଥ।
ପ୍ରେମ ମାନେ ନୁହେଁ କାମନା ବାସନା,
ପ୍ରେମ ପ୍ରକୃତିର ଅମୂଲ୍ୟ ରତ୍ନ।
ବାପା ମାଆ ପ୍ରେମ ସରଗର ସୁଖ,
ଭାଇ ଭଉଣୀ ପ୍ରେମରେ ନାହିଁ ମୋହ-ମାୟା କପଟ।
ବନ୍ଧୁତ୍ୱର ପ୍ରେମ ଈଶ୍ୱର ସମାନ,
କଳାକାହ୍ନୁ ସହ ମିଶେ ସୁଦାମାର ମନ।
ଖୁଦଭଜା ଖାଇ ଆତ୍ମା ତୃପ୍ତି ହେଲା,
ନେତ୍ରଜଳ ବିନ୍ଦୁ ଚରଣ ମାର୍ଜନା କଲା।
ସବୁଠୁ ନିଆରା ପତି-ପତ୍ନୀ ପ୍ରେମ,
ମଧୁର ମିଳନ ସେ ସାତ ଜନମର।
ପତିବ୍ରତା ନାରୀ ଯମକୁ ଜିଣିଲା,
ପତି ପ୍ରାଣ ଯମ ପୁରୀରୁ ଆଣିଲା।
ପତ୍ନୀ ପାଇଁ ସୁବର୍ଣ୍ଣର ଲଙ୍କା ନାଶ ଗଲା,
ଅପମାନ ପାଇଁ କୁରୁବଂଶ ଧ୍ୱଂସସ୍ତୂପ ପାଲଟିଲା।
ଯୁଗେ ଯୁଗେ ପ୍ରେମ ରହିବ ଅମର,
ପ୍ରଭୁ କାମଦେବ ସାକ୍ଷାତ୍ ପ୍ରେମର ଈଶ୍ୱର।
ଜଗତୁ ଯେବେ ପ୍ରେମ ଅପସରି ଯିବ,
କଳିଯୁଗେ ବାରହାତ ଖଣ୍ଡା ବୁଲୁଥିବ।
ସତ୍ୟର ପ୍ରତୀକ ମର୍ଯ୍ୟାଦା ଶିରୀ,
ପ୍ରେମ ଉପବନ ବୈକୁଣ୍ଠ ନଗରୀ।
ପ୍ରେମ ନୁହେଁ ସେ ପ୍ରଣୟ ଅନୁରାଗ...

## ଦୁଇ ନାବେ ପାଦ...



ରାକେଶ କୁମାର ସାହୁ
କରାଣ୍ଡ, ପିଙ୍ଗୁଆ, ଢେଙ୍କାନାଳ

ଅଧ୍ୟୟନ ବେଳେ ମୋନାଲିସା ପ୍ରେମେ
ମହା ବିଦ୍ୟାଳୟେ ପଡ଼ି,
କଲେଜ ଲାଇବ୍ରେରୀରୁ ପ୍ରେମାରମ୍ଭ
ହୃଦେ ହୃଦ ହେଲା ଯୋଡ଼ି

ଚାହୁଁ ଚାହୁଁ ହେଲା ଅବଧି ଯେ ପୂର୍ଣ୍ଣ
ସେହି ତିନି ବରଷର,
ପ୍ରୀତି, ପ୍ରେମେ ଡୋରି ବାନ୍ଧି ମୋନାଲିସା
ଚଳିଲା ଅନେକ ଦୂର

ହୃଦରେ ଆଘାତ ମନରେ ସନ୍ତାପ
ଘାରୁ ଥିଲା ସଦା ଚିନ୍ତା,
ସ୍ନେହ,ଶ୍ରଦ୍ଧା ବାରି ହୃଦରେ ସଞ୍ଚାରୀ
ମିଳୁ ଥିଲ ସଦା ବ୍ୟଥା

ବନ ପୋଡ଼ି ଗଲେ ସର୍ଭିଏ ଜାଣନ୍ତି
ମନକୁ ନ ଚିହ୍ନେ କେହି,
ଚିହ୍ନା ମୁହଁ ଯେବେ ଅଚିହ୍ନା ହୁଅଇ
କାହାକୁ ହୁଏନା କହି

ମୋନାଲିସା ସ୍ମୃତି ହୃଦରେ ସାଇତି
ଦୁଃଖରେ ବିତାଏ ଦିନ,
ପ୍ରେମ ଭାବ ଡୋରେ ପ୍ରେମିକ ହୃଦରେ
ବବିତାର ଆଗମନ

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଗମନ
ଅଭିପ୍ରାୟ ଥିଲା ଅର୍ଥ,
ସୁନ୍ଦରୀ,ରୂପସୀ, ମାନସୀ, ପ୍ରେୟସୀ
ଦେଖିଣ ହେଲି ଚକିତ

ସୁମଧୁର ସ୍ୱର ଶ୍ରବଣେ ମାତର
ଯାଇଥିଲି ପାଶେ ତାର,
ନାମ ପଚାରନ୍ତେ ଭାଷଇ ତ୍ୱରିତେ
ବବିତା ନାମ ମୋହର

ପ୍ରେମିକ ହୃଦୟ ପ୍ରେମ ନିବେଦନେ
ପ୍ରେମିକ ପ୍ରେମିକା ହୋଇ,
ଆତ୍ମ ବିଶ୍ୱାସ ସେ ଦିଅଇ ସର୍ବଦା
ମାତ୍ର ଅଧ୍ୟୟନ ପାଇଁ

ତାଙ୍କ ଇଛା ସାଥେ ମୋ ଇଛା ଯୁକତେ
ଅଧ୍ୟୟନେ ମନ ଦେଇ,
ପାଠ୍ୟ ଖସଡ଼ାର ପାଠ୍ୟ ପରିପୂର୍ଣ୍ଣେ
ଶିକ୍ଷକ ଗଲି ମୁଁ ହୋଇ

ଯାହାଙ୍କ ନିମିତ୍ତ ହୋଇଲି ଶିକ୍ଷକ
ଚାହିଁଲି ହୁଅନ୍ତୁ ପତ୍ନୀ,
ସମାଜର ମିଥ୍ୟା ଗାରିମା ଭିତ୍ତିରେ
ଅଲଗା ହୋଇଲୁ ବେନି

ଯଦି ମୋର ଭାଗ୍ୟେ ଏମାନେ ନ ଥିଲେ
କାହିଁକି ହୋଇଲା ଦେଖା,
ମୋନାଲିସା ସାଥେ ବବିତାକୁ ପୁଣି
ବୋଧେ ଦେଇଛି ମୁଁ ଧୋକା

ପ୍ରଭୁ, ଭଗବାନ ଗୁହାରୀ ମୋ ଶୁଣ
କାହାକୁ ନ ଦିଅ ଦୁଃଖ,
ପ୍ରେମୀ ପାଶୁ ପ୍ରେମ ଅଲଗା ହୋଇଲେ
ଜୀବନ ହୁଅଇ ନର୍କ

## ସର୍ବଂସହା ନାରୀ...



ସସ୍ମିତା ତ୍ରିପାଠୀ
କନ୍ହଇପୁର , ଯାଜପୁର ରୋଡ

ଲକ୍ଷ୍ମୀ ସରସ୍ୱତୀ ମାତା ସେ ଧରିତ୍ରୀ
ନାରୀ ରୂପୀ ନାରାୟଣୀ
ଜନନୀ ଭଗିନୀ ଜାୟା ରୂପେ ପୁଣି
ମମତାମୟୀ କଲ୍ୟାଣୀ

ମର୍ଯ୍ୟାଦାର ସିଏ ଦୁଆର ବନ୍ଧଟେ
ସଂସ୍କାରର ଶକ୍ତ ଶିଳା
ଲେଖନୀ ମୂନରେ କାବ୍ୟ ନାୟିକାସେ
ନିହାଣରେ ଶିଳ୍ପକଳା

ଦୁଃଖ ଯାତନା ତା କପାଳ ଲିଖନ
ଚୀର ସହଚର ତାର
ସର୍ବଂସହା ସାଜି ନିଜ ଦୁଃଖ ତେଜି
ସଭିଙ୍କୁ କରେ ଆଦର

ସତୀ ମାତା ସୀତା ଦ୍ରୌପଦୀ ଅହଲ୍ୟା
କିଏ ନ ସହିଛି କୁହ
ପାପ ଭାର ସହି ହସୁଛି ଧରଣୀ
କେ ଦେଖିଛ ତାର ଲୁହ

ମଳିନ ପଡ଼ିନି ଗଙ୍ଗାର ଶରୀର
ଆଜି ବି ପୂତ ପବିତ୍ର
ସହିଛି ବୋଲି ମା' ଜଠର ବେଦନା
ତୁମେ ଆଜି ବୀର ପୁତ୍ର

ସକଳ ସୌନ୍ଦର୍ଯ୍ୟ ତା ଆଗରେ ତୁଚ୍ଛ
ସିଏ ଶକ୍ତି ସ୍ୱରୂପିଣୀ
ଦୁଷ୍ଟ ଦାନବଙ୍କ ବିନାଶ ପାଇଁ ସେ
କାତ୍ୟାୟନୀ ସଂହାରିଣୀ

ବୋଉର ପଣତ ପତ୍ନୀର ସିନ୍ଦୂର
ରକ୍ଷାସୂତ୍ର ଭଗିନୀର
ଅଭାଗାଟି ସେହି ପୁରୁଷ ଧରାରେ
ଯଦି ନାହିଁ ତା ଭାଗ୍ୟର

ସର୍ବଂସହା ଭାବି କର ନାହିଁ ତାର
ଅସଂମ୍ମାନ ବାରମ୍ବାର
ନିଜ ବିନାଶକୁ ନିଜେ ଆମନ୍ତ୍ରିବ
ନଥିବେ କେ ଭାଗୀଦାର

ନାରୀ କେବେ ଆଜି ନୁହେଁ ଗୃହଲକ୍ଷ୍ମୀ
ଅନେକ ଭୂମିକା ତାର
ରାଜନୀତି ଶିକ୍ଷା ବିଜ୍ଞାନ କ୍ରୀଡାରେ
ପୁରୁଷର ଅଂଶୀଦାର
ପୁଣି ସିଏ
ଉତ୍ସ ତାଙ୍କ ପ୍ରେରଣାର

## ସମୟର ଆଢୁଆଳେ...



ସୁଚରିତା ପଡ଼ିହାରୀ
ଭୁବନେଶ୍ୱର

ହେ ଆଗନ୍ତୁକ
ଆଉ ବା କଣ ଅଛି ଅବଶିଷ୍ଟ
ଲେଖିବାକୁ ଆସିଲ??
ସବୁ କିଛି ଯବନିକା ରେ
ଅନ୍ତିମ ଚରଣ ରେ!!

ମନ ବିହାୟସେ ବିସ୍ତୃତ ଅଗଣା ରେ
ଚିକମିକ କରୁଥିବା ତାରାମାନେ
କେତେବେଳୁ ପାହାନ୍ତି ର ଉଦାସୀ
ପ୍ରହରେ ମୁହିଁ ଲୁଚା ଦେଲେଣି,,
ଦିକ ଦିକ କରୁଥିବା କୁଆଁ ତାରା
ଧକ କରି ଆଖି ମୁଦିଲାଣି
ଆକାଶଟା ଆଜି ସମ୍ପୂର୍ଣ୍ଣ ରଙ୍ଗହୀନ
ଅଦିନ ଇନ୍ଦ୍ରଧନୁ ର ବିନା ବର୍ଣ୍ଣାଳି ରେ....

ଫଗୁଣ କେବେ ପାଲଟିଲା ଶ୍ରାବଣ
ଗୁମସୁମ ଅନିଶ୍ଚିତ କ୍ଷଣ
ସ୍ୱପ୍ନ ହଜେଇଥିବା ଫିକା ଫିକା ଆଖି ରେ
କାହିଁକି ଯେ ଜୁଆର ଛୁଟେ
ଆଜି ବି ସେ ଅବୋଧ ପଣ
ଖୋଜିବସେ ଅସମାହିତ ପ୍ରଶ୍ନ ର ଉତ୍ତର!!

ମୋ ହାତ ପାପୁଲି ରେ ନାହିଁ
ସହସ୍ର ବର୍ଷ ର ଆୟୁତ
ଯାହାବି ଥିଲା ସେ ବି ଅଭିଶପ୍ତ
ନିଃସଙ୍ଗ ପ୍ରତୀକ୍ଷା ରେ ଜଳି ଜଳି
ପାଉଁଶ ପାଲଟିଲାଣି କେଉଁ କାଳୁ
ପ୍ରଲମ୍ବିତ ରାତ୍ରି ଟିଏ ବୋଧ ହୁଏ ମୋ
ସମଗ୍ର ଜୀବନ......

ହୃଦୟ କାନଭାସ ରେ ଲେଖୁଥିବା
ଉପନ୍ୟାସ ର ଶେଷ ଦୃଶ୍ୟ ବୋଧେ....
ବିରହ ବିଚ୍ଛେଦ କାହାଣୀର
ପକେଇବାକୁ ଯାଉଛି ପୂର୍ଣ୍ଣଚ୍ଛେଦ
ପ୍ରତୀକ୍ଷା ର କବାଟ ଖୋଲି ଦେଖେ ତ
ନିଷ୍ପ୍ରଭ ପୂର୍ବାଶା ର ରଙ୍ଗ... ମହାଶୂନ୍ୟ ରେ
ମିଳେଇ ଯାଉଥିଲା କାହା ପ୍ରତ୍ୟାବର୍ତ୍ତନ ର ପାଦଧ୍ୱନୀ!!

ତଥାପି କିଛି ରହିଗଲା କି ଅବଶିଷ୍ଟ
ଲେଉଟାଉଛି ପ୍ରଥମ ପୃଷ୍ଠା
ସମୁଦ୍ରେ ସ୍ୱପ୍ନ ରଙ୍ଗ ଜୁଡୁବୁଡୁ
ତୁମ ଆଖିରେ ଖୋଜୁଥିବା
ନିର୍ଭୟ ଠିକଣା....
ଗୋଲାପ ପାଖୁଡ଼ାରେ
ଲେଖିଥିବା ଚିଠି ରେ ତୁମ ସ୍ୱାକ୍ଷର...
ଆଉସାକ୍ଷୀ ସେଇ ପ୍ରଣୟ
ନଦୀ ର ଧାର ....!!
ଆଉ ସେଇ ନଦୀ ତୀରେ
ବାଜିଥିବା ବଂଶୀ... ସମ୍ମୋହନେ
ଭୁଲି ଥିଲି ନିଜ ସତ୍ତାକୁ.... ମନ
ତନ୍ତ୍ରୀ କୁ ଆଜି ବି ଆନ୍ଦୋଳିତ କରେ
ସେଇ ମୂର୍ଚ୍ଛନା ....!!
ଆଗନ୍ତୁକ....
ଶେଷ ଦୃଶ୍ୟ ର ଶେଷ ବାକ୍ୟ
ଆଉ ପୂର୍ଣ୍ଣଚ୍ଛେଦ... ତମେ ଟାଣିଦିଅ!
ଆଉ କେବେ ପଚାରି ନବୁଝ
ଦୁଃଖ, ଲୁହ, ଆତ୍ମଦାହର କରୁଣ ବୃତ୍ତାନ୍ତ
ମାନି ନେଉଛି ତୁମ ଆଖିରେ
ସେ ପ୍ରେମ ପ୍ରତ୍ୟୟ ଆଜି ନିରୁଦ୍ଦିଷ୍ଟ ବୋଲି ||

# ଆଜିର ଦୁନିଆଁ...



ସୋନାଲୀ ସ୍ୱାଇଁ
ବାଲିସାହି, ଚନ୍ଦ୍ରକୋଟ୍,
ସାକ୍ଷୀଗୋପାଳ

ସମାଜରେ ଅରାଜକତା ବ୍ୟାପି ଚାଲିଛି
ଆଇନ୍ ଶୃଙ୍ଖଳା ଏଠି ହାରି ବି ସାରିଛି;
ଦିନଦ୍ୱିପହରରେ ଗୋଡେଇ ଗୋଡେଇ ମାରୁଛି
ବିନା ଦୋଷରେ ନିର୍ଦ୍ଦୋଷଙ୍କ ମୃତ୍ୟୁ ଘଟୁଛି।।

ସମ୍ବିଧାନ ନିୟମ ଆଜି କାହା ପାଇଁ
ଯିଏ ଦୋଷ କରି ପୋଲିସ୍ ଘରେ ଲୁଚିଛି...
ନା ନିର୍ଦ୍ଦୋଷ ହୋଇ ବି ଜୁଇ ରେ ଜଳୁଛି ....??

ଦିନ ତମାତରେ ଘଟି ଯାଉଚି ଘଟଣା ସବୁ
ସତ ଜାଣି ବି ନୀରବ ଏଠି ସବୁ ।।

ଭାରତର ସମ୍ବିଧାନ ଯଦି ଗଣତାନ୍ତ୍ରିକ ଅଟେ
ରାଜତନ୍ତ୍ର ପ୍ରଜାତନ୍ତ୍ର ଶାସନ ବାହାରିଛି କାହିଁ;
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ ଯହିଁ
ତେବେ କଣ ଏହା କେବଳ ଦେଖାଣିଆ ଆମ ପାଇଁ,
ଭାଇ ଭାଇ ପ୍ରୀତି ରହିବା ବଦଳେ
ଭାଇଚାରା ଭୟ ଉପୁଜିଛି କାହିଁ..??

ଦେଖୁନାହିଁ କଣ ସରକାର
ଜାଣି ନାହିଁ କଣ ଆଇନ୍ ;
ଅରାଜକତାର ପ୍ରତିପାଦରେ
ଦେଶର ସମ୍ବିଧାନ ଆଜି ବଦ୍ ନାମ୍।।

ସତ୍ୟ ଯୁଗ ଆଜି ଯାଇଛି ଯେ ଚାଲି
ଶ୍ରୀ ରାମଙ୍କ ପରି ନାହାନ୍ତି କେହି;
ଉଦ୍ଧାର କରିବେ ପାପଶକ୍ତି ଠାରୁ
ଏମିତି ସୁଯୋଗ ନ ଆସିବା ପାଇଁ
ହାଏ .....ଯୁଗ ବି ଯାଇଛି ବଦଳି।।

ଆଇନ୍ ର ବ୍ୟବସ୍ଥା ଆଜି
ଏମିତି କାହିଁକି ;
ଯହିଁ ପ୍ରମାଣ ଦେବା ପାଇଁ
ଶବ ନିଜେ ବି ଆସିଛି ଧାଇଁ ।।

ବିବେକହୀନ ଭାବେ ନିଜ ବିବେକ ପଣିଆ
ମଣିଷ ଦେଇଛି ବିକି ;
ନିଶା ଦ୍ରବ୍ୟ ଟଙ୍କା ପଇସା ଲୋଭରେ
କୁକର୍ମ ପାପକୁ ସାଉଁଟିଛି ସେହି ।।

ମାଆ ହରେଇଛି ପୁଅ କୁ ଏଠି
ଝିଅ ହରେଇଛି ବାପା କୁ :,
ଭଉଣୀ ଡାକ ଶୁଣିବାକୁ ଭାଇଟି
ଦେଉଛି ଦୋଷ ସମୟକୁ!!

ସ୍ତ୍ରୀ ହରେଇଛି ସ୍ୱାମୀ କୁ ଏଠି
ପୋଛିଚି ମଥାର ସିନ୍ଦୂର:,
ସିନ୍ଦୂର କୁ ନ୍ୟାୟ ଦେବା ପାଇଁ ଆଜି
ଯାଉଚି ନ୍ୟାୟ ର ଦ୍ୱାର ।।

ଆଇନ୍ ର ଉପସ୍ଥିତି ରେ ଏ ସବୁ ଘଟି ଯାଉଚି
ତଥାପି ଲୋକଙ୍କ କାମ କୁ  ଉଚିତ କହି
ଆଇନ୍ ନିଜର ସମ୍ମାନ ହରେଇଛି।।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ଭାବୀ ସ୍ୱାମୀ...



ଜ୍ୟୋସ୍ନାରାଣୀ ନାହାକ
ମନଶିଳା, ପୋଲସରା,
ଗଞ୍ଜାମ

ପ୍ରେମିକ,
ତୁମକୁ ଖୋଜି ପ୍ରେମ କଲି ଜଣକୁ,
ପ୍ରେମ କରାଉ ନାହିଁ କେଉଁ କୋଣକୁ।
ଶହ ନାରୀ ପାଗଳ ଜାଣି ବି ତାକୁ,
ଭଲ ପାଏ ସମର୍ପି ଦେଇ ନିଜକୁ।

ଆଜି ସିଏ ମୋତେ କୁହେ ମୁଁ ପାଗିଳୀ,
ମଉକା ଖୋଜି ମୁଁ ହିଁ ଗଲି ବଦଳି।
ପୁରୁଷ ଛାୟାରୁ ମୋତେ ରକ୍ଷା କର,
କହି ଲୋତକେ ଯୋଡ଼ିଲି ବେନି କର।

ନଥିଲି ଜାଣି ଯାତୁଧାନ ତା ମନ,
ଏଣୁ ତା ବାକ୍ୟ ହିଁ ମୋ ନର୍କ ଜୀବନ।
ଏକାନ୍ତରେ ଧରେ ସେ ମୋର ମଣିବନ୍ଧ,
ଖୋଲାରେ କୁହେ ମୁଁ ମାଗେ ତାକୁ କାନ୍ଧ।

ଭଲ ପାଏ ମୋତେ ଚିତ୍କାରରେ କୁହେ,
ଅପମାନରେ ବୁଡ଼ାଇ ଢେପେ ରୁହେ।
ବିବାହ କରିବାର ଦୂରର କଥା,
ଭଲ ପାଏ ବି କହିନି ଛୁଏଁ ମଥା।

ରୂପ ଦେଖି ବିଶ୍ୱାସ ହୁଏନି ସତେ,
ଦୂରେ ଗଲି ଅଯୋଗ୍ୟ ଲାଗିଲେ ମୋତେ।
ବିବାହ ବନ୍ଧନେ ବାନ୍ଧି ହୋଇଗଲା,
ଭାବିଲି ମୋର ଅସୁବିଧାଟି ଗଲା।

ଏଇ ଅପମାନ କାହାଣୀ ଚାଲିଛି,
ମୋତେ ସେ ବାରମ୍ବାର ଦୋଷୀ କରୁଛି।
ମୁଁ ଅପମାନ ଭାବ ବନ୍ଦୀ ପ୍ରେମିକା,
ମୁକ୍ତି କର ଧରୁଛି ତୁମ ପାଦୁକା।
।। ଆହେ ମୋ ଭାବୀ ସ୍ୱାମୀ।।



ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## କବିତା...



ଶ୍ୱେତସ୍ୱିନୀ ମହାନ୍ତି (ସୋନି)
ସୁନ୍ଦରପଦା, ଭୁବନେଶ୍ୱର

କବିର କଲମ ମୂନରେ ଲେଖା ଯେ
ସାହିତ୍ୟର ବେଳାଭୂମି
କାହିଁକି କେଜାଣି ଟାଣି ହୋଇ ଯାଏ
ଆପେ ଆପେ ଜାଣି ଶୁଣି
ଅଥୟ ଅଧିର କରେ ମତେ ସିଏ
ଶବ୍ଦ ଅଳଙ୍କାର ମାନ
ନୁହେଁ ମୁଁ ସକ୍ଷମ ସଜାଡିବା ପାଇଁ
ଭିନ୍ନ ଅର୍ଥ ତାର ମାନ
ମୁକ୍ତା ବୁନ୍ଦା ପରି ଭାବ ଭଙ୍ଗୀ ଲୟ
ବର୍ଣ୍ଣ ମାଳା ବର୍ଣ୍ଣ ବୋଧ
ନିଖୁଣ ସାହିତ୍ୟ ବଖାଣିବା ପାଇଁ
ଲୋଡ଼ାଯେ ସାହିତ୍ୟ ଶବ୍ଦ
ନୀରବ ନିଥର ନୀରସ ଅକ୍ଷର
ଫୁଲ ମାଳା ଗୁନ୍ଥା ପରି
ସାହିତ୍ୟ ସାଧନା ସହଜ ନୁହଁଇ
ଲୋଡ଼ା ଯେ ଶବ୍ଦ ଚାତୁରୀ
ଭାଷା ମୋ ଓଡ଼ିଆ ବେଶ ମୋ ଓଡିଆ
ମିଠା ମୋ ପାଣି ପବନ
ଓଡ଼ିଶା ରାଇଜେ ଜନମିଛି ମୁହିଁ
ଏହି ମୋର ପୁଣ୍ୟ ଧାମ...



## କମଳର ଅଭିଳାଷା...



ରଞ୍ଜନ ଗୌଡ଼
ଅର୍ଜ୍ଜୁନପଲ୍ଲୀ, ଗଞ୍ଜାମ

ଆହେ ଦିବାକର କାହିଁ ଡେରିକର
ଶୀଘ୍ର ଉଇଁଆସ ଆକାଶେ,
ମୁଁ ତୁମ କମଳ ହୁଏ ତ ବିକଳ
ଫୁଟିବାକୁ ତୁମ ପ୍ରକାଶେ ।

ରାତ୍ରିର ଯାତନା ସହିଗଲି ସିନା
ଅସହ୍ୟ ଦିବସେ ବିରହ,
ତୁମେ ନ ଉଇଁଲେ ମେଘେ ଲୁଚି ଗଲେ
ବଞ୍ଚିବି କେମନ୍ତେ କୁହ ।

ପଙ୍କରୁ ଜାତ ମୁଁ ମୋ ନାମ ପଙ୍କଜ
ସେଥିପାଇଁ ବୋଧେ ସଂଶୟ,
ଭଗବାନ ହୋଇ ଭକତ ପାଇଁକି
କିମ୍ବା ମନେ ତବ ଭୟ ।

ଶ୍ୱେତ ଲୋହିତେ ରଙ୍ଗା ମୋର ତନୁ
ଆହରଣେ ତୁମ୍ଭ ଜ୍ୟୋତି,
ସେହିଲାଗି ପରା ପ୍ରତୀକ୍ଷାରେ ତୁମ
ଉଜାଗରେ କାଟେ ରାତି ।

ଆହେ ଦିବାକର କାହିଁ ଡେରିକର
ଶୀଘ୍ର ଉଇଁଆସ ଆକାଶେ,
ମୁଁ ତୁମ କମଳ ହୁଏ ତ ବିକଳ
ଫୁଟିବାକୁ ତୁମ ପ୍ରକାଶେ ।

ତୁମ୍ଭ ଜ୍ୟୋତିଧାରା ପାନ କରି ପରା
ମୋ ବକ୍ଷେ ଅମୃତ ଜନ୍ମଇ,
କେତେ ଯେ ଭଅଁର ମତ୍ତ ହୋଇଥାନ୍ତି
ସେ ଅମୃତ ପାନ ପାଇଁ ।

ତୁମ ଆଶିଷରେ ମୋହରି ଅନ୍ତରେ
ଭରିଛି ପବିତ୍ର ରସ,
ତେଣୁ ଜଗତରେ ଡାକନ୍ତି ସରାଗେ
ଛାର ପୁଷ୍ପଟାକୁ ତାମରସ ।

ତୁମ ଯୋଗୁଁ ପରା ଏ ବିଶାଳ ଧରା
କରୁଛି ମୋତେ ଆଦର,
ତୁମ୍ଭେ ତ୍ୟାଗକଲେ ମୋତେ ପାଶୋରିଲେ
ହେବି ପ୍ରଭୁ ଅନାଦର ।

# ଅବୁଝା ପ୍ରିୟତମ...



ସସ୍ମିତା ପଣ୍ଡା
ନରସିଂହପୁର,କଟକ,ଓଡ଼ିଶା

ନୀରବି ଯାଇଛ ସାଥୀ ତୁମେ ଏମିତି
ଯେପରି ରୁଷ୍ଟ ହେଇଛି ପାୟୋଧର।

ବରଷିବା ପାଇଁ ସତେ ଅବା କିଏ
ରାଣ ଯେ ଦେଇଛି,
ବାରିପାରେ ସେଇ ଆକଳନା।

ମୋର ସେଇ କାତରତାର ଚାହାଣୀ
କଣ ତୁମ ପାଷାଣ ହୃଦୟକୁ
ଚହଲେଇ ପାରୁନାହିଁ !

ତୁମ ଦୃଷ୍ଟିଗୋଚର ହେଲା ପରି
ମୋ ଦେହସାରା ଫାଟି ପଡ଼ିଥିବା
ପୃଷ୍ଠାଗୁଡ଼ିକ ପାଇଁ ଦରଦ ନାହିଁ

କେବେ ତ ଥରେ ତୁମ ମନ ଦର୍ପଣରେ
ମୋ ପ୍ରତିଛବି କଳ୍ପନାରେ ଆଣ।

ପ୍ରେମର ପରିଭାଷା ମିଳିପାରିବ ହୁଏତ
କିଛି ଅତିକ୍ରାନ୍ତ ସମୟ ପରେ।

ତୁମ ନିଃଶବ୍ଦ ଆକର୍ଷଣ ମୋ ପାଇଁ
ସାଜିଛି ପ୍ରଣୟ ପ୍ରଦୀପ।

ବିଦ୍ଧ କରେ ଅବଶିଷ୍ଟ ଆୟୁଷକୁ
ତୁମକୁ ହଜେଇବାର ଭୟରେ।



# କୋଟି ଓଡ଼ିଆଙ୍କ ମଉଡମଣି...



ସୁଶ୍ରୀ ସୁବାସିନୀ ମହାନ୍ତି
ରଇପୁର, ବଡ଼ଚଣା , ଯାଜପୁର

କୋଟି ଓଡ଼ିଆର ମଉଡ଼ମଣି ହେ
ଆହେ ଜଗତର ନାଥ
ସାରା ଜଗତରେ ସବୁ ମୋହ ମିଛ
ତୁମେ ହିଁ ତ ଏକା ସତ.........

ତୁମେ ମିଳ ନାହିଁ ଧନ ଦଉଲତେ
ମିଳ ହୃଦେ ଥିଲେ ଭକ୍ତି
ତୁମ ନାମ ତୁମ ଧାମ ତ ଅଟଇ
କୋଟି ଓଡ଼ିଆ ଙ୍କ ଶକ୍ତି.........

ଭାବ ବିନୋଦିଆ ଭାବ ଲଗାଇଛ
ଏ ମିଛ ମାୟା ସଂସାରେ
ପତିତ ଜନଙ୍କୁ ବାନ୍ଧି ରଖିଅଛ
ତୁମର ସେ ଭାବ ଡୋରେ........

କୋଟି କୈବଲ୍ୟ ର ଆନନ୍ଦ ବଜାର
ଅମୃତ ମଣୋହି ହାଟ
ଯୁଗ ଯୁଗ ଧରି ସେ ହାଟେ ଚାଲିଛି
ବ୍ରାହ୍ମଣ ଚଣ୍ଡାଳ ଭେଟ.........

ଆନନ୍ଦ ବଜାର ବସେଇଛ ତେଣୁ
ଶ୍ରୀମନ୍ଦିର ପରିସରେ
ହୃଦୟ କମଳବାସୀ ପଦ୍ମାଳୟା
ଅନ୍ନଦାତ୍ରୀ ସେ ବଜାରେ.....

ଅଭଡା ଅନ୍ନର ସୁମିଷ୍ଟ ବ୍ୟଞ୍ଜନ
ତୁମକୁ ଅର୍ପଣ ପରେ
ଦୁଃଖିରଙ୍କି ରାଜା ବାଣ୍ଟିଣ ଖାଆନ୍ତି
ମହାପ୍ରସାଦ ରୂପରେ.....

ଉତ୍ତରେ ବଦ୍ରି ଦକ୍ଷିଣେ ରାମନାଥ
ପଶ୍ଚିମେ ଦ୍ୱାରିକାନାଥ
ପୂର୍ବେ ପୁରୀଧାମେ ରୂପ ଦାରୁବ୍ରହ୍ମ
ବିଖ୍ୟାତ ହେ ଜଗନ୍ନାଥ......
ହେ ଅମୃତମୟ ଏ ସୃଷ୍ଟି ତୁମର
ତୁମେ ତ କରୁଣାମୟ
ଏ ବିଶ୍ୱ ବ୍ରହ୍ମାଣ୍ଡେ ଲୀଳା ବିସ୍ତାରିଛ

ଚାରିଧାମେ ଲୀଳା ପ୍ରକଟ କରୁଛ
ଚାରିଯୁଗେ ଅବତରି
ସତ୍ୟ ତ୍ରେତା ପୁଣି ଦ୍ୱାପର କଳିରେ
ଭିନ୍ନ ଭିନ୍ନ ରୂପ  ଧରି......

ଯାଜପୁର ବାସୀ ବନ୍ଧୁ ମହାନ୍ତି ଙ୍କୁ
ବନ୍ଧୁ ସମ୍ବୋଧନ କରି
ସପରିବାରଙ୍କୁ ଅନ୍ନ ପରସିଲ
ନିଜେ ସୁନା ଥାଳି ଧରି.........

ତୁଳସୀର ମାଳ ଦୟଣାର ଚୂଳ
ସୁଗନ୍ଧ ପୁଷ୍ପେ ମଣ୍ଡିତ
ଅଗୁରୁ ଚନ୍ଦନ ମହମହ ବାସେ
ବିଭୋର ମୁର୍ଖ ପଣ୍ଡିତ........

ହିନ୍ଦୁ ମୁସଲମାନ ଶିଖ୍ ଖ୍ରୀଷ୍ଟିୟାନ
ଭାଇ ଭାଇ କୋଳା କୋଳି
ସେ ବଡ଼ଦାଣ୍ଡର ଶରଧା ବାଲିକୁ
ମସ୍ତକେ ଛୁଅନ୍ତି ବୋଲି......

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

ଜୟ ଜଗନ୍ନାଥ ଜୟ.........

ଆହେ ଇଚ୍ଛାମୟ ତୁମରି ଇଚ୍ଛାରେ
ଜୀବନ ପଞ୍ଜିକା ଲେଖା
ସବୁ ଜୀବନର ସାରାଂଶ ତୁମେ
ତୁମେ ଭାଇ ବନ୍ଧୁ ସଖା.......

ମିଛ ନୁହେଁ ତୁମ ଦୀନବନ୍ଧୁ ନାମ
ମିଛନୁହେଁ ଭକ୍ତ ବନ୍ଧୁ
ଭକ୍ତ ଜନେ ସଦା କୃପା କରିଥାଅ
ନାମ ତେଣୁ କୃପାସିନ୍ଧୁ.....

ତୁମେ ମୁକ୍ତିଦାତା ତୁମେ ସିଦ୍ଧିଦାତା
ଜନମ ଜନମ ବ୍ୟାପି
ମିଛ ଦୁନିଆଁରୁ ଦିନ ମୋର ସରୁ
ତୁମ ନାମ ଜପି ଜପି.......

ମୁର୍ଖ ସୁବାସିନୀ ତୁମ ଶ୍ରୀଚରଣେ
କରୁଛି ପ୍ରଭୁ ଗୁହାରି
ମିଛ ମୋହ ମାୟା ଏ ସଂସାରୁ ମୋତେ
କରିଦିଅ ପ୍ରଭୁ ପାରି...

Parivaar -e- alfaaz
JOIN US
ଆମ ଅନୁଷ୍ଠାନ, ପରିବାର୍-ଏ-ଅଲ୍ଫାଜ୍, ଏକ
ବହୁଭାଷୀ ସାହିତ୍ୟ ସଂସଦ ଏବଂ ମଞ୍ଚ । ଏହାର ମୂଳ
ଲକ୍ଷ୍ୟ ହେଉଛି ଓଡ଼ିଶାର ସାହିତ୍ୟିକ ଏବଂ
କଳାକାରମାନଙ୍କୁ ଯଥା ସମ୍ଭବ, ତାଙ୍କ କଳାର
ପ୍ରଚାର ଓ ପ୍ରସାରରେ ସହାୟକ ହେବା ଏବଂ
ସେମାନଙ୍କୁ ଜାତୀୟ ସ୍ତରରେ ପରିଚିତ କରାଇବା ।
parivaarealfaaz.enquiry@gmail.com
9583052523
parivaarealfaaz

## ଶ୍ରୀଜଗନ୍ନାଥ...



ପାଲ୍ ସ୍ୱାତୀ ପ୍ରିୟଦର୍ଶିନୀ
ପଣ୍ଡୁଆ , ଜଗତସିଂହପୁର

ନୀଳାଦ୍ରି-ନାଥ, ନୀଳ-ମାଧବ, ନୀଳ-ଶୈଳ ନିବାସୀ,
ଚକା-ନୟନ, ଚକା-ଡୋଳା ପ୍ରଭୁ, ସର୍ବ-ପାପ ବିନାଶୀ।
ଦାରୁ-ବ୍ରହ୍ମ, ଦାରୁ-ଦେବତା ମୋର, ଦୀନ-ବନ୍ଧୁ ହେ ହରି,
ଜଗତ-ନାଥ, ଜଗ-ବନ୍ଧୁ ତୁମେ, ବିଶ୍ୱ-ବ୍ରହ୍ମାଣ୍ଡ ଚାରି।
ଶଙ୍ଖ-କ୍ଷେତ୍ର, ଶ୍ରୀ-କ୍ଷେତ୍ର ବିଜେ, ଶ୍ରୀ-ପୁରୁଷୋତ୍ତମ ଧାମ,
କଳା-ଠାକୁର, କାଳିଆ-ସାଆନ୍ତ, କୋଟି-ପୁଣ୍ୟ ତୁମ ନାମ।

ପତିତ-ପାବନ, ପରମ-ବ୍ରହ୍ମ ହେ, ପିତାମ୍ବର ଶୋଭାପାଏ,
ଭାବ-ଗ୍ରାହୀ, ଭାବ-ବିନୋଦିଆ, ଭକତ ଭାବକୁ ଚାହେଁ।
ଘନ-ଶ୍ୟାମ, ଘନ-ସାର ଲେପି, ଘୋଷ-ଯାତ୍ରା ବିହାରୀ,
ଅନ୍ତର୍ଯ୍ୟାମୀ, ଅଧମ-ଉଦ୍ଧାରଣ, ଆରତ-ତ୍ରାଣକାରୀ।
ବଡ଼-ଠାକୁର, ବଡ଼-ପଣ୍ଡା ସେବା, ବଡ଼-ଦେଉଳର ସତ୍ତା,
ଜଗନ୍ନାଥ, ଜଗତ-ଜେତା ତୁମେ, ସାରା ସୃଷ୍ଟିର କର୍ତ୍ତା।
ଛପନ-ଭୋଗ, ନୈବେଦ୍ୟ-ପ୍ରିୟ, ଅନ୍ନ-ବ୍ରହ୍ମର ଦାତା,
ମହା-ପ୍ରସାଦ, ନିର୍ମାଲ୍ୟ-ସେବନ, ଭବ-ତାରଣର ବାର୍ତ୍ତା।
ରୁକ୍ମିଣୀ-କାନ୍ତ, ଲକ୍ଷ୍ମୀ-ଅଧିପତି, ରାଧା-କୃଷ୍ଣ ଏକ ରୂପ,
ଗରୁଡ଼-ସ୍ତମ୍ଭ, ଅରୁଣ-ସ୍ତମ୍ଭ, ମହିମା ତୁମର ଅନୂପ।
ବୈକୁଣ୍ଠ-ଧାମ, ବଡ଼-ଦେଉଳ, ନେତ୍ର-ଉତ୍ସବର ଶୋଭା,
ନବ-କଳେବର, ଦାରୁ-ଅନ୍ୱେଷଣ, ଜଗତର ଜ୍ୟୋତି-ପ୍ରଭା।
ବାଉଡ଼ା-ଯାତ୍ରା, ସୁନା-ବେଶ, ଅଧର-ପଣାର ରୀତି,
ନୀଳାଦ୍ରି-ବିଜେ, ରସଗୋଲା-ଭୋଗ, ଭକତର ଶ୍ରଦ୍ଧା-ଭୀତି।
ଚତୁର୍ଦ୍ଧା-ମୂର୍ତ୍ତି, ସୁଦର୍ଶନ-ଚକ୍ର, ବଳଭଦ୍ର ବଡ଼ ଭାଇ,
ସୁଭଦ୍ରା-ମାତା, ମାଉସୀ-ମା ଘର, ଆନନ୍ଦର ସୀମା ନାହିଁ।
କୈବଲ୍ୟ-ଦାତା, ମୁକ୍ତି-ମଣ୍ଡପ, କଳ୍ପବଟ ଛାୟା ତଳେ,
ଜଗନ୍ନାଥ ହେ, କରୁଣା-ସାଗର, ତାରିଦିଅ କଳିକାଳେ।
ନୀଳାଦ୍ରି-ନାଥ, ନୀଳ-ମାଧବ, ନୀଳ-ଶୈଳ ନିବାସୀ,
ଚକା-ନୟନ, ଚକା-ଡୋଳା ପ୍ରଭୁ, ସର୍ବ-ପାପ ବିନାଶୀ।
ଦାରୁ-ବ୍ରହ୍ମ, ଦାରୁ-ଦେବତା ମୋର, ଦୀନ-ବନ୍ଧୁ ହେ ହରି,
ଜଗତ-ନାଥ, ଜଗ-ବନ୍ଧୁ ତୁମେ, ବିଶ୍ୱ-ବ୍ରହ୍ମାଣ୍ଡ ଚାରି।
ଶଙ୍ଖ-କ୍ଷେତ୍ର, ଶ୍ରୀ-କ୍ଷେତ୍ର ବିଜେ, ଶ୍ରୀ-ପୁରୁଷୋତ୍ତମ ଧାମ,
କଳା-ଠାକୁର, କାଳିଆ-ସାଆନ୍ତ, କୋଟି-ପୁଣ୍ୟ ତୁମ ନାମ।
ପତିତ-ପାବନ, ପରମ-ବ୍ରହ୍ମ ହେ, ପିତାମ୍ବର ଶୋଭାପାଏ,
ଭାବ-ଗ୍ରାହୀ, ଭାବ-ବିନୋଦିଆ, ଭକତ ଭାବକୁ ଚାହେଁ।
ଘନ-ଶ୍ୟାମ, ଘନ-ସାର ଲେପି, ଘୋଷ-ଯାତ୍ରା ବିହାରୀ,
ଅନ୍ତର୍ଯ୍ୟାମୀ, ଅଧମ-ଉଦ୍ଧାରଣ, ଆରତ-ତ୍ରାଣକାରୀ।

ବଡ଼-ଠାକୁର, ବଡ଼-ପଣ୍ଡା ସେବା, ବଡ଼-ଦେଉଳର ସତ୍ତା,
ଜଗନ୍ନାଥ, ଜଗତ-ଜେତା ତୁମେ, ସାରା ସୃଷ୍ଟିର କର୍ତ୍ତା।
ଛପନ-ଭୋଗ, ନୈବେଦ୍ୟ-ପ୍ରିୟ, ଅନ୍ନ-ବ୍ରହ୍ମର ଦାତା,
ମହା-ପ୍ରସାଦ, ନିର୍ମାଲ୍ୟ-ସେବନ, ଭବ-ତାରଣର ବାର୍ତ୍ତା।
ରୁକ୍ମିଣୀ-କାନ୍ତ, ଲକ୍ଷ୍ମୀ-ଅଧିପତି, ରାଧା-କୃଷ୍ଣ ଏକ ରୂପ,
ଗରୁଡ଼-ସ୍ତମ୍ଭ, ଅରୁଣ-ସ୍ତମ୍ଭ, ମହିମା ତୁମର ଅନୂପ।
ବୈକୁଣ୍ଠ-ଧାମ, ବଡ଼-ଦେଉଳ, ନେତ୍ର-ଉତ୍ସବର ଶୋଭା,
ନବ-କଳେବର, ଦାରୁ-ଅନ୍ୱେଷଣ, ଜଗତର ଜ୍ୟୋତି-ପ୍ରଭା।
ବାଉଡ଼ା-ଯାତ୍ରା, ସୁନା-ବେଶ, ଅଧର-ପଣାର ରୀତି,
ନୀଳାଦ୍ରି-ବିଜେ, ରସଗୋଲା-ଭୋଗ, ଭକତର ଶ୍ରଦ୍ଧା-ଭୀତି।
ଚତୁର୍ଦ୍ଧା-ମୂର୍ତ୍ତି, ସୁଦର୍ଶନ-ଚକ୍ର, ବଳଭଦ୍ର ବଡ଼ ଭାଇ,
ସୁଭଦ୍ରା-ମାତା, ମାଉସୀ-ମା ଘର, ଆନନ୍ଦର ସୀମା ନାହିଁ।
କୈବଲ୍ୟ-ଦାତା, ମୁକ୍ତି-ମଣ୍ଡପ, କଳ୍ପବଟ ଛାୟା ତଳେ,
ଜଗନ୍ନାଥ ହେ, କରୁଣା-ସାଗର, ତାରିଦିଅ କଳିକାଳେ।
ଅଣସର-ଘର, ଫୁଲୁରୀ-ତେଲ, ପଟି-ଦିଅଁଙ୍କ ସେବା,
ରାଜ-ଭୋଗ, ରାଜ-ରାଜେଶ୍ୱର, ରୂପ ତୁମ ଅଭିନବା।
ନୀଳ-ଚକ୍ର, ପତିତ-ପାବନ, ବାନା ଉଡ଼େ ଫରଫର,
ଚତୁର୍ଦ୍ଧା-ମୂର୍ତ୍ତି, ଚନ୍ଦନ-ଯାତ୍ରା, ବିଜେ ନରେନ୍ଦ୍ର ପୁଷ୍କର।
ଶାଳ-ଗ୍ରାମ, ଶିଳା-ବ୍ରହ୍ମ, ସତ୍ୟ-ଜ୍ଞାନର ଜ୍ୟୋତି,
ମାର୍ଗଶୀର-ଗୁରୁବାର, ମାଣ-ବସା, ମା' ଲକ୍ଷ୍ମୀଙ୍କ କୃତି।
ହେରା-ପଞ୍ଚମୀ, ଗୁଣ୍ଡିଚା-ମନ୍ଦିର, ଆଡ଼ପ-ମଣ୍ଡପ ଶୋଭା,
ନାରାୟଣ, ନୃସିଂହ-ରୂପ, ତୁମେ ହିଁ ପରମ-ପ୍ରଭା।
ରତ୍ନ-ଭଣ୍ଡାର, ରତ୍ନ-ସିଂହାସନ, ସୁବର୍ଣ୍ଣ-ଅଳଙ୍କାର,
ତୁଳସୀ-ମାଳ, ପଦ୍ମ -ଫୁଲ, ସୁବାସିତ ହୃଦ-ପୁର।
ଜୟ-ବିଜୟ, ସାତ-ପାହାଚ, ଭାବ-ଗ୍ରାହୀଙ୍କ ପାଶେ,
ଜଗନ୍ନାଥ ହେ, ଜଗତ-ଆଧାର, ଶୋଭା ପାଅ ବିଶ୍ୱ-ଆକାଶେ |

## ଜୀବନ ରାସ୍ତା...



ବଳରାମ ପାତ୍ର
ବାଲେଶ୍ୱର

ଲେଖିବାକୁ ଇଚ୍ଛା ହୁଏ ବହୁତ୍ କଥା
କାଗଜ ବି ଖୋଲି ହୋଇଯାଏ ଆପଣା ଛାଏଁ
କିନ୍ତୁ କଲମ ଚାହେଁନା କିଛି ଲେଖିବାକୁ
କାଗଜଟି ବୋଧହୁଏ ମୋର ମନ
ସେ ଚାହେଁ ବହୁତ୍ କିଛି କହିବାକୁ
ସେ ଚାହେଁ କେବେ କେବେ ଭୁଲ୍ କରିବାକୁ
କଲମ ବୋଧ ହୁଏ ମୋର ବିବେକ
କାଗଜକୁ ମୋଡ଼ି ମାଡ଼ି ରଖିଦିଏ ଆତ୍ମ ଜୀବନୀ ବହି ଭିତରେ
ପଥରବି ତରଳି ଯାଏ ଏଠି
ସିଧା ଗଛରୁବି ବେଶୀ କାଠ ବହାରେବୋଲି
କଟା ହୁଏ ଆଗ କବାଟ ତିଆରି ହେବାପାଇଁ
ତରଳୁଥିବା ପଥର ପାଣି ହୋଇଯାଏ
ଅଧିକ ଘନିଭୂତ ହେଲେ
ଝରିଯାଏ ଉସୁମ୍ ବର୍ଷା ହୋଇ
ଟୋପାଟିଏ ଜଳବିନ୍ଦୁ ତାର  ବୃଥାନୁହଁ
ଶିକ୍ଷାଦିଏ ଜୀବନର ମାନଚିତ୍ରରେ
ବଙ୍କା ଢେଙ୍କା ଗାରଟିଏ ଟାଣି
ନୂଆ ରାସ୍ତା ବନେଇବା ପାଇଁ
ଭଲ କରି କଂକ୍ରିଟ ଢାଳିବା ପାଇଁ
ଆଉ ସେଇ ରାସ୍ତାରେ
କାଗଜ କଲମ ଧରି ଚାଲିବ ପାଇଁ
ଜୀବନର ସୁଆଦକୁ ଚାଖିବା ପାଇଁ
ଟିକେ ପଛକୁ ଚାହିଁ
ସ୍ମିତ ହସଟିଏ ଦେଇ ।



## ପ୍ରେମିକା ସିଏ...



କଳ୍ପନା ବେହେରା
ରାକମା, ନୟାଗଡ

ପ୍ରେମିକା ସିଏ, ଯିଏ ପ୍ରେମିକ ସହ ରହିବା ପରେ ବି
ତାକୁ ଚରିତ୍ରହୀନାର ଆଖ୍ୟା ଶୁଣିବାକୁ ମିଳେ,
ପ୍ରେମିକା ସିଏ, ଯିଏ ରାତିରେ କାନ୍ଦି ଆଇନା ଆଗରେ
ନିଜକୁ ପୁଣି ସୁନ୍ଦର ବୋଲି କହି ସଜାଏ... ।। ୧ ।।

ପ୍ରେମିକା ସିଏ, ଯିଏ ପ୍ରେମିକର ସବୁ ମିଛକୁ ସତ ମାନି
ତାକୁ ହିଁ ନିଜର ଜୀବନସାଥୀ କରିବାକୁ ଭାବିଥାଏ,
ପ୍ରେମିକା ସିଏ, ଯିଏ ନିଜର ସବୁ ସ୍ୱପ୍ନକୁ ଜଳାଞ୍ଜଳି ଦେଇ
ତା' ଛୋଟ ଛୋଟ ଖୁସିକୁ ଜୀବନର ସର୍ବସ୍ୱ ବୋଲି ମାନିନିଏ... ।। ୨ ।।

ପ୍ରେମିକା ସିଏ, ଯିଏ ଦୁନିଆ ଆଗରେ ସବୁବେଳେ ହସୁଥାଏ,
ହେଲେ ବନ୍ଦ କୋଠରୀ ଭିତରେ ପ୍ରେମିକର ଅବହେଳାକୁ ମନେ ପକାଇ
ପଲକରୁ ତା'ର ଚୁପ୍‌ଚାପ୍ ଲୁହ ଝରାଏ... ।। ୩ ।।

ପ୍ରେମିକା ସିଏ, ଯିଏ ପ୍ରେମିକର ରାଗ ଓ ଅଭିମାନକୁ ବି
ତା'ର ଭଲପାଇବା ଭାବି ସାରା ଜୀବନ ସାଥେ ଚାଲିବାର ପ୍ରତିଶ୍ରୁତି ଦିଏ,
ପ୍ରେମିକା ସିଏ, ଯିଏ ପ୍ରେମିକର ଅତୀତକୁ ଜାଣି ସୁଦ୍ଧା
ତାକୁ ଏକ ନୂଆ ଭବିଷ୍ୟତ ଦେବା ପାଇଁ ଦୁନିଆ ସହ ଲଢ଼ିବାକୁ ପ୍ରସ୍ତୁତ ହୋଇଯାଏ... ।। ୪ ।।

ପ୍ରେମିକା ସିଏ, ଯିଏ ସବୁ ଜାଣିଶୁଣି ବି
ପ୍ରେମିକର ଅସଲ ଚେହେରା ସାମ୍ନାକୁ ଆଣେନି,
ବରଂ ନିଜ ପ୍ରେମର ସମ୍ମାନ ରଖିବାକୁ ଯାଇ
ନିଜେ ନିରବ ହୋଇଯାଏ, ନିଜେ ନିଶବ୍ଦ ହୋଇଯାଏ...

ପ୍ରେମିକା ସିଏ, ଯିଏ ବିଷକୁ ପିଇ ବି ପ୍ରେମର ଅମୃତ ବାଣ୍ଟେ,
ନିଜ ସ୍ୱାଭିମାନକୁ ଆହୁତି ଦେଇ ସେଇ ନିଷ୍ଠୁର ମନକୁ ସାଉଁଟେ,
ହାରିଯାଇ ବି ଯିଏ ପ୍ରେମିକର ଜିତିବାରେ ନିଜର ସଂସାର ଖୋଜେ;
ସେଇ ସହନଶୀଳତା, ସେଇ ନିରବ ସାଧନା
ଆଉ ସେଇ ପବିତ୍ର ତ୍ୟାଗର ଶେଷ ସଂଜ୍ଞା ହିଁ ତ 'ପ୍ରେମିକା'... ।। ୫ ।।

## ଅଦୃଶ୍ୟ ସ୍ଥପତି ବାପା...



ଜୟକୃଷ୍ଣ ଅତବୁଦ୍ଧି
ପତଣ୍ଡା, ନରସିଂହପୁର, କଟକ

ବାପା ଅଟନ୍ତି ମୋର ବିଶାଳ ଆକାଶ,
ତାଙ୍କ ପାଇଁ ଜୀବନରେ ଭରେ ଉଲ୍ଲାସ।
ନୀଳ ଗଗନ ପରି ସେ ସ୍ନେହ ଢାଳନ୍ତି,
ମୋର ଛୋଟ ଦୁନିଆକୁ ସିଏ ପାଳନ୍ତି।
ଅନ୍ଧାର ପଥେ ସେ ଜଳନ୍ତା ସଳିତା,
ଜୀବନ ଯୁଦ୍ଧରେ ସେ ଶ୍ରେଷ୍ଠ ସଂହିତା।
ଭିତ୍ତିପ୍ରସ୍ତର ସେ ସମ୍ପର୍କର ଶିଳା,
ତାଙ୍କରି ତ୍ୟାଗରେ ଜୀବନର ଲୀଳା।
ନୀରବରେ ବୁହନ୍ତି ସେ ସଂସାରର ଭାର,
ସେ ମୋ ଅସ୍ତିତ୍ୱର ମୁଖ୍ୟ ଆଧାର।
ନିଜ ରକ୍ତକୁ ସେ କରିଛନ୍ତି ପାଣି,
ମୋ ହସ ପଛର ସେ ଅକୁହା କାହାଣୀ।
ପଥହୁଡ଼ା ବେଳେ ସେ ତ ଧ୍ରୁବତାରା,
ଜ୍ଞାନର ସେ ଏକ ଅମୃତର ଧାରା।
ମନ୍ଦିରର ଦେବତା ସେ ରକ୍ତ ମାଂସର,
ଅମୂଲ୍ୟ ରତନ ସେ ଏ ସଂସାରର।
ନିଜ ପରିଚୟକୁ କରି ବିସର୍ଜନ,
ଦେଲେ ମୋତେ ଏକ ନୂତନ ଜୀବନ।
ବାପାଙ୍କ ଚରଣେ ମୋ କୋଟି ପ୍ରଣତି,
ସେ ମୋ ଜୀବନର ଅଦୃଶ୍ୟ ସ୍ଥପତି।

## ମମତାର ମହାସାଗର ମୋ ମାଆ...



ଆଦ୍ୟାଶା ପ୍ରିୟଦର୍ଶିନୀ
ପତଣ୍ଡା, ନରସିଂହପୁର, କଟକ

ଧରିତ୍ରୀ ସମ ତୁ କ୍ଷମାମୟୀ,
ସ୍ନେହର ସଲିଳେ କରୁଣାମୟୀ ।
ତୋ' ପଣତ କାନି ଅକ୍ଷୟ ଅଭୟ,
ତୋ' ପାଦ ପଦ୍ମରେ ସର୍ବ ସୁଖାଶ୍ରୟ ।
ନିଃସ୍ୱାର୍ଥ ଭକ୍ତିର ତୁ ଅନନ୍ତ ପ୍ରବାହ,
କ୍ଳାନ୍ତ ଜୀବନେ ତୁ ଶୀତଳ ପ୍ରାହ ।
ପ୍ରେମର ସୁଧାରେ ତୁ ମମତାମୟୀ,
ସଙ୍କଟ କାଳରେ ତୁ ଜ୍ୟୋତିର୍ମୟୀ ।
ତୋ' ଲୋତକ ବିନ୍ଦୁ ସାଗର ଗଭୀର,
ତୋ' ଆଶୀର୍ବାଦ ମୋ ବିଜୟ ଶିଖର ।
ମମତାର ତୁ ମିଠା ଜହ୍ନ,
ତୋ ପାଇଁ ମୁଁ ଧନ୍ୟ ଧନ୍ୟ ।।



# ଛାତ୍ର ଜୀବନର ସଂଘର୍ଷ...



**ପୁଷ୍ପାଞ୍ଜଳୀ ସ୍ୱାଇଁ**
ମଣିଜଙ୍ଗା, ତିର୍ତ୍ତୋଲ ,ଜଗତସିଂହପୁର

ରାତି ପାହିଲେ ସେ ଆରମ୍ଭ ହୁଏ, ସଂଘର୍ଷର ଏକ ନୂଆ ଦିନ,
ଆଖିରେ ଥାଏ ଅନେକ ସ୍ୱପ୍ନ, ମନେ ଥାଏ ଆଗକୁ ବଢ଼ିବାର ଆଶା,
ପରିଶ୍ରମର ସେହି କଠିନ ପଥେ, ଖୋଜୁଥାଏ ସେ ନିଜର ଭାଷା ।

ନିଦ ବାଉଳା ସେ କାକର ସକାଳେ, ବହି ଧରି ସେ ବସିଯାଏ,
ତଥାପି ସେ ହାର ମାନେନାହିଁ, ଲଢ଼ିଚାଲେ ସେ ଦିନରାତି,
ଭବିଷ୍ୟତକୁ ଗଢ଼ିବା ପାଇଁ, ଜଳାଇଦିଏ ନିଜ ସୁଖର ବାତି ।

ଫିକା ଆଲୁଅରେ, ପୁରୁଣା ବହିରେ, ଲେଖେ ସେ ନିଜର ଭାଗ୍ୟରେଖା,
ସଫଳତାର ସେହି ଶୀର୍ଷ ସ୍ଥାନରେ, କେବେ ହେବ ତାର ନାମ ଲେଖା ।

ଏ ସଂଘର୍ଷ ନୁହେଁ କେବଳ ପାଠର, ଏ ତ ନିଜକୁ ଗଢ଼ିବାର ବେଳ,
ଧୈର୍ଯ୍ୟ ଓ ନିଷ୍ଠାର କଠିନ ପଥରେ, ଜୀବନ ନୁହେଁ କୌଣସି ଖେଳ ।

ଆଜିର ଏହି ଝାଳ ଓ ଲୁହ, କାଲି ଆଣିବ ସୁନା ସକାଳ,
ଛାତ୍ର ଜୀବନର ଏହି ସଂଘର୍ଷ, ରଚିବ ଦିନେ ସଫଳତାର ମହାକାଳ ।

## ସ୍ୱାଭିମାନ: ସଂଘର୍ଷ ଆଉ ସଫଳତାର...



ଅନିତା ପାତ୍ର
ପଦ୍ମପୁର,ବରଗଡ଼

ମୋତେ ସେଇ
କୋମଳ କୁସୁମର ପାଖୁଡା ସହ
ତୁଳନା କରିବା ପୂର୍ବରୁ
ମୋର କଣ୍ଟାଗୁଡ଼ିକ ଗଣି ନିଅ
ମୁଁ କେବଳ ସୁମନର ସୁଗନ୍ଧ ନୁହେଁ,
ମୁଁ ତ ସଂରକ୍ଷିତ ଅଗ୍ନିର ଉଚ୍ଛ୍ୱାସ ମଧ...
ମୋର ସ୍ୱାଭିମାନ ଦାନର ଚାଉଳ ନୁହେଁ,
ଏହା ମୋ ଧମନୀରେ ବହୁଥିବା
ଅସ୍ତିତ୍ୱର ରକ୍ତ।

ତୁମ ଅପମାନର ଛାୟା
ପାଦ ତଳର ଧୂଳି ହୋଇଯାଏ,
ଘୂର୍ଣ୍ଣିଝଡ଼ରେ ଭାଙ୍ଗିଥିବା ଶାଖା ନୁହେଁ ମୁଁ,
ମୁଁ ତ ସେଇ ବୃକ୍ଷ
ଯାହାର ମୂଳ ମାଟିକୁ ଚିରି
ନୂତନ ପୃଥିବୀର ଅନୁସନ୍ଧାନରେ ବାହାରି ପଡ଼େ...

ସଂଘର୍ଷ ମୋର ଶତ୍ରୁ ନୁହେଁ
ସେ ମୋର ଶିକ୍ଷକ,
ପ୍ରତ୍ୟେକ କଷ୍ଟ ପ୍ରତିଟି ଯନ୍ତ୍ରଣା
ମୋ ଶରୀରରେ ଲେଖା ଏକ ଅଧାୟ,
ଯାହା ମୋତେ ଦୃଢ଼
ଆଉ ଅଧିକ ଉଚ୍ଚ କରେ...

ତୁମେ ଯେତେବେଳେ ସୀମା ଆଙ୍କ
ମୁଁ ଆକାଶ ମାପି ଦେଖାଏ,
ତୁମେ ଯେତେବେଳେ ନୀରବତା ଦିଅ,
ମୁଁ ଇତିହାସ ସର୍ଜନା କରିନିଏ...
ସମ୍ମାନ କାହାକୁ ମାଗିବାକୁ ପଡ଼େନି
ଏହା ମୋ ଦୃଷ୍ଟିରେ ଜ୍ୱଳନ୍ତ ଅଗ୍ନି।
ମୋ ସଫଳତା
କେବଳ ସିଂହାସନର ଶୋଭା ନୁହେଁ,
ଏଇଟା ମୋ ଶ୍ରମର ସୁଗନ୍ଧ।

ମୁଁ ନଦୀଟିଏ
ପରତ ପରତ ବନ୍ଧ ଦେଲେ ମଧ
ପଥ ଖୋଜି ନେବାରେ ସକ୍ଷମ,
ମୁଁ ପ୍ରଜ୍ୱଳିତ ଦୀପଶିଖା
ଅଦିନିଆ ବତାସ ଆସିଲେ
ଦୁଇଗୁଣ ଉଜ୍ଜ୍ୱଳତା ପ୍ରକାଶ ପାଏ...

ତୁମେ ଦୁର୍ବଳ କହିବା ପୂର୍ବରୁ
ମୋ ନୀରବତାର ଅର୍ଥ ବୁଝ
ଭୟ ନୁହେଁ...ସେ ଅପେକ୍ଷା,
ଉଚିତ ସମୟରେ ବିସ୍ଫୋରିତ ହେବାର...
ମୁଁ ନାରାୟଣଙ୍କ ଅର୍ଦ୍ଧ ଅଂଶ ନାରାୟଣୀ
ମୋର ଅସ୍ତିତ୍ୱ ଅନୁଗ୍ରହ ନୁହେଁ,
ମୋର ଜନ୍ମ
ସମୟର ଭୂଗର୍ଭରେ ଖୋଦା
ଅଦମ୍ୟ ସତ୍ତାର ଶାଶ୍ୱତ ସ୍ୱର
ସ୍ୱାଭିମାନ...ସଂଘର୍ଷ....ଆଉ ସଫଳତାର...।

# ମୋ ଜୀବନ ସାଥୀ...



ତୋଷା ରାଣୀ ସାହୁ
ଆମ୍ବଗଡ, ବ୍ରହ୍ମପୁର, ଗଞ୍ଜାମ

ଜୀବନର ଅନେକ ରାସ୍ତା ମଧ୍ୟରେ
ତୁମେ ମୋ ଜୀବନକୁ ଆସିଲ,
ଏକ ନୂଆ ସ୍ୱପ୍ନ, ନୂଆ ଖୁସି ନେଇ
ମୋ ହୃଦୟରେ ଭରିଦେଲ।
ତୁମ ସହ ଥିବା ପ୍ରତ୍ୟେକ ମୁହୂର୍ତ୍ତ
ମୋ ପାଇଁ ଅମୂଲ୍ୟ ସ୍ମୃତି।
ମୁଁ ଯେତେବେଳେ ଦୁଃଖରେ ଭାଙ୍ଗିପଡ଼େ,
ତୁମେ ମୋର ସାହସ ହୋଇ ଆସ।
ମୁଁ ଯେତେବେଳେ ହାରିଯାଏ,
ତୁମେ ଆଶାର ଆଲୋକ ଜଳାଅ।
ତୁମ ମିଠା କଥା ଓ ସ୍ନେହଭରା ହସ
ମୋ ମନର ସବୁ ବେଦନାକୁ ଭୁଲାଇଦେଏ।
ତୁମେ କେବଳ ମୋ ସ୍ୱାମୀ ନୁହଁ,
ତୁମେ ମୋର ସର୍ବଶ୍ରେଷ୍ଠ ବନ୍ଧୁ।
ମୋ ନିରବତାକୁ ମଧ୍ୟ ବୁଝିପାର,
ମୋ ଆଖିର ଲୁହକୁ ଶବ୍ଦ ବିନା ପଢ଼ିପାର।
ଏହି ଦୁନିଆରେ ସବୁଠାରୁ ଅଧିକ
ଭରସା ଯଦି କାହାପରେ ଅଛି,
ସେ କେବଳ ତୁମେ।
ଘରର ସବୁ ଦାୟିତ୍ୱ ନେଇ
ନିଜ ଇଚ୍ଛାକୁ ଚୁପଚାପ ଭୁଲିଯାଅ।
ଆମ ଖୁସି ପାଇଁ
ଦିନରାତି ପରିଶ୍ରମ କର।
ତୁମ ସ୍ୱେଦ ର ପ୍ରତ୍ୟେକ ବୁନ୍ଦରେ
ଲୁଚିଥାଏ ଆମ ସୁନ୍ଦର ଭବିଷ୍ୟତ।
ବର୍ଷା ଦିନରେ ଛତା ପରି,
ଗ୍ରୀଷ୍ମ ଦିନରେ ବୃକ୍ଷ ଛାୟା ପରି
ସଦା ମୋ ପାଖରେ ରହ।
ଜୀବନର ପ୍ରତ୍ୟେକ ଝଡ଼ରେ
ତୁମେ ମୋର ସବୁଠାରୁ ବଡ଼ ସାହାରା।
ମୋ ଛୋଟ ଛୋଟ ଖୁସିକୁ
ତୁମେ ନିଜ ଖୁସି କରିନିଅ ।
ମୋ ଭୁଲକୁ କ୍ଷମା କରି
ପ୍ରେମରେ ମୋତେ ବୁଝାଅ।
ତୁମ ଭଲପାଇବାରେ
ମୁଁ ନିଜକୁ ସବୁଠାରୁ ଭାଗ୍ୟଶାଳୀ ଭାବେ।
ତୁମ ସହ ଚାଲିବା ବେଳେ
ଜୀବନର ପଥ ମଧ୍ୟ ସୁନ୍ଦର ଲାଗେ।
ତୁମ ହାତ ଧରିଲେ
ସବୁ ଭୟ ଦୂରେ ହୋଇଯାଏ।
ତୁମ ଆଖିରେ ମୋ ପାଇଁ ଥିବା ପ୍ରେମ
ମୋ ଜୀବନର ସବୁଠାରୁ ବଡ଼ ଧନ।
ହେ ମୋ ପ୍ରିୟ ସ୍ୱାମୀ,
ଭଗବାନଙ୍କୁ ମୋର ଏତିକି ପ୍ରାର୍ଥନା —
ତୁମେ ସଦା ହସୁଥାଅ,
ତୁମ ଜୀବନ ସବୁବେଳେ ଖୁସିରେ ଭରି ରହୁ।
ତୁମ ସହିତ କାଟିଥିବା ପ୍ରତ୍ୟେକ ମୁହୂର୍ତ୍ତ
ମୋ ପାଇଁ ସ୍ୱର୍ଗର ଅନୁଭବ।
ତୁମେ ମୋ ଜୀବନର ଶକ୍ତି,
ମୋ ସ୍ୱପ୍ନର ସହଯାତ୍ରୀ,
ମୋ ହସର କାରଣ
ଓ ମୋ ହୃଦୟର ସବୁଠାରୁ ସୁନ୍ଦର ଅନୁଭବ।
ମୁଁ ସଦା ଏଭଳି ତୁମ ସହ
ହାତଧରି ଜୀବନର ଶେଷ ପର୍ଯ୍ୟନ୍ତ ଚାଲିବାକୁ ଚାହେଁ।

# ରାତ୍ରି ଆସେ ଧୀରେଧୀରେ...



ଆଶିଷ କୁମାର ସାହୁ
ଭେଜିପଦର, ଭବାନୀପାଟଣା,
କଳାହାଣ୍ଡି

ରାତ୍ରି ଆସେ ଧୀରେଧୀରେ
ଅନ୍ଧକାର ନେଇ,
ଘୋଟିଯାଏ ପୃଥିବୀରେ
ସ୍ୱପ୍ନ ନେଇ ରଜନୀ,
ଚାରିଆଡେ ଖେଳିଯାଏ

ଝିଙ୍କାରିର ଝଙ୍କାର,
ଚିଇଁ ଚିଇଁ ଗୀତ ଗାଏ
ପୋଖରୀ ନଦୀ କୂଳ,
ସଭିଏ ବିଶ୍ରାମ ନିଅନ୍ତି
ନିଜ କୁଟୀରରେ,
ପକ୍ଷୀ ବି ବାହୁଡ଼ିଲେଣି
ବସାକୁ ଧରିଲେ,
ଗୁହାଳ ପୁରି ଅଛି
ଗାଇଗୋରୁ ରହି,
ଗାଁ ଦାଣ୍ଡ ଛିନା ହେଲା
ସୋଇଛି ସଜନୀ,
ଧୀରେଧୀରେ ରାତ୍ରି ଆସେ
କୁଟୀରକୁ ମୋର,
ସଞ୍ଜ ବତୀ ଲିଭିଲାଣି
ଚଉରାରେ ତାର,
ନିଦୁଆ ହୋଇଛି ଆଖି
ପଲକ ଯାଏ ପଡି,
ଜାଗିବି ସକାଳେ ପୁଣି
ନୂଆଁ ସ୍ୱପ୍ନ ଦେଖିଦେଇ।

# ବୀରଙ୍ଗନା ନାରୀ...



ରାଜଲକ୍ଷ୍ମୀ ସାହୁ
ୟୁନିଟ୍ - ୩, ଭୁବନେଶ୍ୱର

ବୀରଙ୍ଗନା ନାରୀ ରକତ ଧାର ରେ ଲେଖା ଯାର ଇତିହାସ ,
ସେ ନାରୀ କୁ ପାଇ ଧନ୍ୟ ହୋଇଛି ଆମ ଏ ଭାରତବର୍ଷ ।
ସେହି ପରା ଥିଲେ ବିରଙ୍ଗନା ନାରୀ
ନାମ ତାଙ୍କ ଲକ୍ଷ୍ମୀବାଈ,
ବିଜୟ ପଗଡ଼ି ପିନ୍ଧିଥିଲେ ଶିରେ
ତାଙ୍କ ସମ କେହି ନାହିଁ ।
ମୁଣ୍ଡରେ ପଗଡ଼ି , ହାଥେ ତାଲବାରି
ସେହି ପରା ଥିଲେ ଧରି,
ସେ ଝାନସୀ ନାରୀଙ୍କ ଦେଖି ବିରପଣ
ଇଁଗ୍ରେଜ ଗଲେରେ ହାରି ।
ଝାନସୀ ମାଟିର ପୋଚି ଲୁହଧାର
ଓଠ ତଳେ ଦେଲ ହସ ,
ତୁମେ ବିରଙ୍ଗନା ,ତୁମେ ତ ଆମର
ଧନ୍ୟ ତୁମ ଇତିହାସ ।



## ତା' ପ୍ରେମର ଢେଉ...



ଶିବରାମ ନାୟକ
ବାଇଶିପଲ, ଗଞ୍ଜାମ

ତା ପ୍ରେମର ବିଶାଳ ଢେ଼ଉ
ମୋତେ ଏମିତି ତା ପ୍ରେମାରେ ଭିଯାଉ ଥାଉ
ମୁଁ ତ ରାଜି ଅଛି ତା ପ୍ରେମର
ବିଶାଳ ସମୁଦ୍ରରେ ନିଯାକୁ ସମର୍ପି ବୁଡ଼ ଦେବା ପାଇଁ
ବାସ୍ ସେ ଥରେ ମୋତେ ତା ନିଜର କରିନଉ....!!

ମୁଁ ଲେଖୁଥିବା ସବୁ କବିତା, କାହାଣୀ ଆଉ ଗଜଲ୍ ରେ
ତାକୁ ମୁଁ ନାୟିକା ରୁପରେ ଅମର କରିଦେବି
ସେ କେବଳ ମୋର ହୋଇ ଯାଉ....!!
ବାସ୍ ସେ ଥରେ ମୋତେ ତା ନିଜର କରିନଉ....!!

ସମସ୍ତେ ତାକୁ ସାଧାରଣ ଝିଅଟେ ବୋଲିଭାବୁଥିବେ
କିନ୍ତୁ ମୋ ପାଇଁ ସେ କୋ ମନ୍ଦିରର ଦେବୀ ଠୁ କମ୍ ନୁହେଁ
ସେ ନିଜେ ଜାଣିନଥିବ ସେ ନିଜେ କ'ଣ ନିଜ ପାଇଁ କି?
ମୁଁ ଚାହେଁ ସେ ସବୁଦିନେ ସେ ସରଳତା ରେ ହିଁ ରହିଯାଉ....!!
ବାସ୍ ସେ ଥରେ ମୋତେ ତା ନିଜର କରିନଉ....!!

ମୁଁ ଜାଣିନି ମୋ ଶବ୍ଦର ସାମର୍ଥ୍ୟ କେତେ ତାକୁ ବର୍ଣ୍ଣିବାକୁ
କିନ୍ତୁ ହଁ ଦେବୀ ତ ସବୁ ବେଳେ ପୂଜିତ କେବେ,
କାହାର ହୃଦୟ ମନ୍ଦିରରେ!
ସେ ସେମିତି ମୋ ହୃଦୟରେ ପୂଜା ପାଉଥାଉ...!!
ଥରେ ମୋତେ ତା ନିଜର କରିନଉ....!!

ମୁଁ ଜାଣିନି ପ୍ରେମ କ'ଣ! ପାପ କ'ଣ! ପୂଣ୍ୟ କ'ଣ!
କିନ୍ତୁ ଏତିକି ଜାଣିଛି ଯେ ତାକୁ ମୁଁ ଭଲପାଏ!
ଆଉ ଭଲପାଇବାରେ କେବେ ପାପ ନଥାଏ
ଏମିତି ମୋ ପ୍ରେମ ତା ପାଇଁ ଦିନକୁ ଦିନ ବଢୁଥାଉ...!!
ସେ ଥରେ ମୋତେ ତା ନିଜର କରିନଉ....!!

ପ୍ରେମରେ ସମସ୍ତେ ବଚନ ଦିଅନ୍ତି
କିନ୍ତୁ ମୁଁ ସବୁ ବଚନକୁ ପାଳନ କରିବି
ତା ପାଇଁ
ତାର ସବୁ ପିଲାଳିଆମି କୁ ହସିକି
ସହିଯିବି...
ତାର ଦୁଷ୍ଟାମି ଆଉ ରାଗ କୁ ମୁଁ
ମୋର କରିନେବି
ସେ ଥରେ ମୋ ଜୀବନ ସାଥୀ
ହେଇଯାଉ...!!
ଥରେ ମୋତେ ତା ନିଜର
କରିନଉ....!!

ତା ପ୍ରେମର ବିଶାଳ ଢେ଼ଉ
ମୋତେ ଏମିତି ତା ପ୍ରେମାରେ
ଭିଯାଉ ଥାଉ
ମୁଁ ତ ରାଜି ଅଛି ତା ପ୍ରେମର
ବିଶାଳ ସମୁଦ୍ରରେ ନିଯାକୁ ସମର୍ପି
ବୁଡ଼ ଦେବା ପାଇଁ
ବାସ୍ ସେ ଥରେ ମୋତେ ତା ନିଜର
କରିନଉ....!!

## ହୃଦୟାରଣ୍ୟେ ଅପେକ୍ଷା...



ପୂଜା ସାହୁ
ଗଞ୍ଜାମ

ଦୂରତା ଭିତରେ ମଧ୍ୟ ଅନୁଭୂତି ଥାଏ
ତୁମ ସ୍ପର୍ଶ ନୁହେଁ ଭାବନାରେ ଦିନ ସରୁଥାଏ
ଅନ୍ତହୀନ ଜିଜ୍ଞାସା ଓ ତୃପ୍ତିକର କଳ୍ପନା
ନିର୍ଜନତାର ଭୟ ଓ ଦୂରତାର ଯନ୍ତ୍ରଣା
ସବୁମିଶି ଏ ଦୂରତାକୁ ଚିରସ୍ମରଣୀୟ କରୁଥାଏ ।

ରାତ୍ରିର ନିର୍ଜନ ଶ୍ୟାମୟିତ ଶଯ୍ୟଧାରେ
ଉତ୍ତାଳ ମନ ତୁମ ସ୍ପର୍ଶ ବାରି ହିଲ୍ଲୋଳ କରେ
ଫୋନ ର ବାର୍ତ୍ତାଳାପ ସମାପ୍ତି ପରେ
ଅନ୍ତସ୍ଥଳୁ ଭାବଫଳଗୁ ଲୁହ ହୋଇ ଝରେ।

ଯେବେ ଏକତ୍ର ଜୀବନର ଅୟମାରମ୍ଭ ହେବ
ତୁମ ବିନା ବିତିଥିବା ଦିନଗୁଡ଼ା ସ୍ମୃତି ପାଲଟିଯିବ
ସେବେ ସେ ସ୍ମୃତି ଆମ ଜୀବନର କାହାଣୀ ହେବ
ଯଦି କେହି କେବେ ପଚାରେ
ବୈବାହିକ ଜୀବନରେ ଖୁସିର ରହସ୍ୟ
ତୁମେ ଏଇ ଦୂରତା ଠାରୁ ହିଁ ଆରମ୍ଭ କରିବ ।
କହିବ କିପରି କରିବା ପାଇଁ କର୍ତ୍ତବ୍ୟ ରକ୍ଷା
ଏତେଦିନ କରିଥିଲ ହୃଦୟାରଣ୍ୟେ ମୋ ଅପେକ୍ଷା ||

## ମୋ ମାଆ...



ପ୍ରହ୍ଲାଦ ସାହୁ
ଚକ୍ରାପାଢ଼ୀ, ଆଗରପଡ଼ା,
ଭଦ୍ରକ

ନିଜେ କାନ୍ଦି ଅନ୍ୟକୁ ହସାଇବା ଜାଣେ,
ଘରକୁ ବୈକୁଣ୍ଠ ସମାନ କରିଥାଏ।
ଦୁଃଖରେ ସୁଖରେ ଶାନ୍ତ ରହିଣ ନିଜେ
ପରକୁ ଆପଣାର କରିବା ସେ ଜାଣେ।।

ଯେଉଁ କଥା ରହିଯାଏ ଅବ୍ୟକ୍ତ
ତା'କୁ କେବଳ ମାଆ ବୁଝିପାରେ।
ଯେଉଁ ବ୍ୟଥା ଲାଗୁଥାଏ ଅସହ୍ୟ
ମେଣ୍ଟିଯାଏ ଦରଦ ମା' ପରଶେ।।

ସବୁ ହାରିବାର ଶ୍ରେୟ ନେଇଣ
ଜିତେଇ ଥାଏ ସମସ୍ତଙ୍କୁ ସେହି।
ବିଷକୁ ଅମୃତ ତୁଲ୍ୟ ଭାବିଣ
ପିଇବାରେ ଦୁଃଖ ସେ କରେନାହିଁ।।

ଚୁଲି ଜାଳିବାକୁ ଜାଳ ନଥାଉ ପଛେ
ତା' ହାଣ୍ଡିରେ ଛାଏଁକୁ ଭାତ ଫୁଟିଯାଏ।
ଖାଇବାକୁ ଫୁରସତ ନଥାଉ ପଛେ
ବଗିଚାରୁ ଜାଳେଣୀ ତା'ହାତରେ ଆସେ।।

ସବୁ ତ ଗଢ଼ିଛି ଏ ଆଧୁନିକ ମଣିଷ,
ଗଢ଼ି ପାରିବନି ମୋ ମାଆ ପରି ନିଆରା ଯନ୍ତ୍ରଟିଏ।
ଯିଏ ନିଜେ ହାରି ଅନ୍ୟକୁ ଜିତାଇଥାଏ,
ତା ଆଗେ ଆଧୁନିକ ଯନ୍ତ୍ର ସବୁତ' ହାର୍ ମାନିଯାଏ।

ସେ ମୋ ମାଆ,
ଯେତେ କହିଲେ ବି ଅଧା ରହିଯାଏ ତା' କଥା।
ଯେତେ ଲେଖିଲେ ବି କମ୍ ପଡିଯାଏ ପୃଷ୍ଠା।

# କେହି ନୁହେଁ କାହାର...



ପ୍ରିୟମ୍ବଦା ସାମଲ
ନନ୍ଦନ ବିହାର, ଭୁବନେଶ୍ୱର

ଅନିତ୍ୟ ସଂସାର ଜୀବନ ଅସାର
କେହି ନୁହଁଇ କାହାର
ଆତ୍ମୀୟ ସ୍ୱଜନ ବନ୍ଧୁ ବର୍ଗ ଜନ
ବନ୍ଧନ ମୋହ ମାୟାରା
ମାୟାଜାଲ ଏହି ସଂସାର ବନ୍ଧନେ

ଛନ୍ଦା ବନ୍ଧା ସର୍ବ ଜନ
ଆଶା ବିଶ୍ୱାସର ବନ୍ଧନରେ ବନ୍ଧା
ପ୍ରତିଟି ଜୀବନ ପ୍ରାଣ।
ସମୟ ସ୍ରୋତରେ ସମ୍ପର୍କ ଡୋରରେ
ଗୁନ୍ଥା ପ୍ରତିଟି ଜୀବନ
ସ୍ୱାର୍ଥରେ ଗ୍ରାସିତ ଲୋଭରେ ମୋହିତ
ଏଯେ ଦୁନିଆ ବନ୍ଧନା
ଅଢେଇ ଦିନର ବଢେଇ କିମ୍ପାଇଁ
କିଛି ଦିନର ଏ ଖେଳ
ସମୟ ଚକ୍ରରେ ଜୀବନ ନାଟକ
କେବେ ଆସିଯିବ କାଳ।
ସଞ୍ଚିଛୁ ଯେ ଦ୍ରବ୍ୟ କେ କରିବ ଭୋଗ
କର୍ମ ହିଁ ତୋହର ଧର୍ମ
ସୁକର୍ମର ଫଳ ଅଟେ ସୁଖମୟ
ହଳାହଳ ଦୁଷ୍ଟ କର୍ମ।
ମୋହ ମାୟା ପୂର୍ଣ୍ଣ ଏହି ଯେ ଜୀବନ
କେହି ନୁହେଁଟି କାହାର
ସୁଖରେ ନିଜର ଦୁଃଖେ ସାତ ପର
ବିଚିତ୍ର ଏହି ସଂସାର।

## ବାପା...



କରିଶ୍ମା ତ୍ରିପାଠୀ
ସହୀଦ ନଗର, ଭୁବନେଶ୍ବର

ଏମିତି ଏକ ମଣିଷ,
ସ୍ୱାର୍ଥ ଯିଏ ଦେଖିନି ନିଜର,
ବାହାରୁ ଦେଖିଲେ ଭାରି କଠୋର,
କିନ୍ତୁ ହୃଦୟ ତା ତାର ମହମ ଠୁଁ ଭି ନରମ,
ସେ ହେଲା ମୋ " ବାପା "....

ହାତ ଧରି ଯିଏ ଚାଲିବା ଶିଖେଇଲା,

କାନ୍ଧରେ ବସେଇ ପୁରା ସଂସାର ବୁଲେଇଲା,
ଛାଇ ପରି ପଛେ ପଛେ ରହି,
ସବୁ ଅସୁବିଧା କୁ ସମାଧାନ କଲା,
ସେ ହେଲା ମୋ "ବାପା "..

ସାଙ୍ଗ ପରି ପାଖରେ ଠିଆ ହୁଏ,
ସବୁ ଇଚ୍ଛା ମୋର ପୂରଣ କରେ ଯିଏ,
ନିଜକୁ ଭୁଲି ମୋ ପାଇଁ
ଜୀବନ ସାରା ବଞ୍ଚେ ଯିଏ,
ସେ ହେଲା ମୋ " ବାପା "...

ଭୋକ ଶୋଷ ଭୁଲି,
ଛିଣ୍ଡା ଚପଲ ପିନ୍ଧି,
ପୁରୁଣା ପୋଷାକ ରେ ଦିନ କାଟେ ଯିଏ,
ସେ ହେଲା ମୋ "ବାପା "...

ଗାଳି ଦିଏ,
ବଦମାସ ହେଲେ ମାଡ ବି ମାରେ,
ଟାଣ କଥା ବି କହେ,
କିନ୍ତୁ ପରେ କୋଳରେ ବସେଇ ବୁଝାଇ ଦିଏ,
ସେ ହେଲା ମୋ " ବାପା "...

କାଦୁଅ ଗୋଡ଼ରେ ଲାଗିବନି ବୋଲି,
କାଖେଇ କାଦୁଅ ରାସ୍ତା ପାରି କରାଏ,
ନିଜେ ଭଲ ନ ଖାଇ,
ମତେ ଖୁଆଏ,
ସବୁ ପରବ ରେ ମୋ ପାଇଁ,
ନୂଆ ପୋଷାକ ଆଣି ଦିଏ,
ସେ ହେଲା ମୋ " ବାପା "...

ଖରା ବର୍ଷା ଶୀତ ସବୁ ସହି,
ଦିନ ରାତି ଖଟୁ ଥାଏ,
ମୋ ସ୍ୱପ୍ନ ପୁରା କରିବାକୁ,
ସବୁ କଷ୍ଟ ସେ କରିବାକୁ ରାଜି ହେଇ ଯାଏଁ,
ସେ ହେଲା ମୋ " ବାପା "...

ମୁଁ ପଢ଼ିବି,
ମୁଁ ବଢ଼ିବି,
ଦୁନିଆ ରେ ଅନ୍ୟ ମାନଙ୍କ ପରି ସ୍ୱାବଲମ୍ବୀ ହେବି,
ଖୋଲା ଆଖି ରେ ଯିଏ ସପନ ଦେଖେ,
ସେ ହେଲା ମୋ " ବାପା "....

ବାହାଘର, ବ୍ରତଘର,
ସବୁ କରି ଭି ଥକି ଯାଏନି,
କଷ୍ଟ ହୁଏ କିନ୍ତୁ,
କେବେ ମୁହଁ ଖୋଲି କହେନା,
କାନ୍ଦ ଲାଗିଲେ ବି,
କାନ୍ଦି ପାରେନା,
ସବୁ କଷ୍ଟ ସହି ଆମକୁ ମଣିଷ କରେ,
ସେ ହେଲା ମୋ " ବାପା "....

ଏ ସ୍ୱାର୍ଥପର ଦୁନିଆ,
କିନ୍ତୁ ଏ ଦୁନିଆ ରେ ସେ ନିସ୍ୱାର୍ଥ,
ତା ପ୍ରେମ, ତା ତ୍ୟାଗ, ତା ବଳିଦାନ ବି ନିସ୍ୱାର୍ଥ,
ସେଥିରେ ଭରି ରହିଛି ଅସରନ୍ତି ପ୍ରେମ,
ସ୍ୱୟଂ ଯିଏ ଭଗବାନ ଙ୍କ ପ୍ରତିଛବି,
ଯାହା ର ଆଶୀର୍ବାଦ ରେ ମିଳେ ଅପୂର୍ବ ଶକ୍ତି,
ଦୁନିଆ ର ସବୁଠୁ ମୂଲ୍ୟବାନ,
ସେ ହେଲା ମୋ " ବାପା "....

ସେ ମୋ ଜୀବନ,
ବଞ୍ଚିବାର କାରଣ,
ମୋର ସବୁ କିଛି,
ସେ ହେଲା ମୋ " ବାପା "...

# ରାମ ରାଜ୍ୟ...



ପ୍ରିତି ପ୍ରିୟଦର୍ଶିନୀ ସେଣ୍ଠ
ସିରସ୍ତା, ଜଗତସିଂହପୁର

ଦେଖି ଥିଲେ ବାପୁ ଦିନେ ସ୍ୱପ୍ନ ରାମ ରାଜ୍ୟର
ସହସ୍ର ରାବଣ ଏଠି ସନ୍ଧାନରେ ସୀତାର,
ଶିଖାଇଥିଲେ ସେ ଦିନେ ଅହିଂସା ର ମାର୍ଗ
ରକ୍ତେ ହୋଲି ଖେଳିବାଟା ସାଜିଲାଣି ଯୁଗ ||
ହିଂସା ମରା, ହଣା କଟା ସାଙ୍ଗକୁ ଧର୍ଷଣ
ପ୍ରତିଦିନ ସମ୍ବାଦର ମୁଖ୍ୟ ଆକର୍ଷଣ,
ଧନ ପାଇଁ ଭାଇ ଏଠି ଭାଇକୁ ମାରୁଛି
ବିବାହିତ ମଧ୍ୟ ପରକୀୟା ରେ ମଜୁଛି ||
ସମ୍ପର୍କ ହୁଅଇ ଏଠି ଅର୍ଥରେ ତଉଲ
ସ୍ୱାର୍ଥ ବଜାରରେ ହେଉ ଥାଏ ମୂଲଚୂଲ,
ବୃଦ୍ଧକାଳେ ବାପା ମା ଯାନ୍ତି ଜରାଶ୍ରମ
ନବଜାତ ଶିଶୁ ମିଳେ ଅଲୋଡ଼ା ସମାନ ||
ବଧୂ ହତ୍ୟା ସାଥେ ପୁଣି ନାରୀ ବଳାତ୍କାର
ପ୍ରତି ମୁହୂର୍ତ୍ତରେ ଦିଏ ରାମରାଜ୍ୟର ପ୍ରମାଣ,
ରାଜନୀତି ଚାଲେ ଏଠି ଧର୍ମର ନାମରେ
ଗରୀବ ଜନତା ମରେ ନ୍ୟାୟ ଅପେକ୍ଷାରେ ||
ଯେଉଁ ଦିନ ନାରୀ ତାର ସମ୍ମାନ ପାଇବ
ସେଇଦିନ ଦେଶ ମୋର ସ୍ୱାଧୀନ ହୋଇବ ,
ଯେଉଁଦିନ ମାନବତା ଜାଗ୍ରତ ହୋଇବ
ସୁନାର ରାଇଜ ମୋର ରାମରାଜ୍ୟ ହେବ ||

# ପ୍ରେମାହୂତିର ନାମ ସାବିତ୍ରୀ...



ସ୍ୱର୍ଣ୍ଣ ରଥ ମହାପାତ୍ର
ବିଜୟା ଗାର୍ଡେନ,
ଜାମଶେଦପୁର, ଟାଟା

ଶଙ୍ଖା ସିନ୍ଦୁରର ସଂଜ୍ଞା ଲେଖିଥିବା
ଲେଖନୀର ନାମ ସାବିତ୍ରୀ,
କାଳ ଏବଂ କରାଳକୁ ସଞ୍ଜ୍ଞାହୀନ କରିଥିବା
ପ୍ରେମାହୂତିର ନାମ ସାବିତ୍ରୀ,
ସତ୍ତ୍ୱ ନିଷ୍ଠା ପ୍ରେମ ତପସ୍ୟାର ମହାଯଜ୍ଞର

ନାମ ମହା ସତୀ ସାବିତ୍ରୀ ।

ଶଙ୍ଖା ବଜ୍ର ଠାରୁ ଶକ୍ତିମାନ
ସିନ୍ଦୁର ବିଜୁଳି ଠାରୁ ଦୀପ୍ତିମାନ ଯେଉଁଠି
ସେଇଠି ଉଦ୍ଭାସିତ ଅରୁଣିମା ସାବିତ୍ରୀ,
ପତିବ୍ରତାର ପବିତ୍ର ଧାରା
ପୂଣ୍ୟତୋୟା ଗଙ୍ଗୋତ୍ରୀ ଯେଉଁଠି
ସେ ସୌମ୍ୟା ସ୍ରୋତସ୍ୱିନୀ ସାବିତ୍ରୀ,
ସତୀତ୍ୱର ଦିବ୍ୟ ଜ୍ୟୋତି
ଅମାବାସ୍ୟାର ଅନ୍ଧାରେ ପୂର୍ଣ୍ଣମୀ ଜହ୍ନ ଯେଉଁଠି
ସେ ଜ୍ୟୋସ୍ନାସ୍ନାତା ରାତ୍ରୀ ସାବିତ୍ରୀ ।

ଭକ୍ତି ଭାବର ନୈବେଦ୍ୟର ନାମ ସାବିତ୍ରୀ
ସମର୍ପଣର ଆରତୀର ନାମ ସାବିତ୍ରୀ
ଆବାହନୀର ଓଁକାର ଧ୍ୱନୀର ନାମ ସାବିତ୍ରୀ
ସାଧନାର ତ୍ରିବେଣୀର ନାମ ସାବିତ୍ରୀ
ଦୟା କ୍ଷମା କରୁଣାର ସଙ୍ଗମର ନାମ ସାବିତ୍ରୀ
କର୍ତ୍ତବ୍ୟ ନିଷ୍ଠାର ମାହାତ୍ମ୍ୟର ନାମ ସାବିତ୍ରୀ
ତ୍ୟାଗ ଉତ୍ସର୍ଗର ଶ୍ରଦ୍ଧାଞ୍ଜଳୀର ନାମ ସାବିତ୍ରୀ
ଆସ୍ଥା ବିଶ୍ୱାସର ମହାଚେତନାର ନାମ ସାବିତ୍ରୀ
ଶାଶ୍ୱତ ପ୍ରେମର ପୂଜାର ନାମ ସାବିତ୍ରୀ ।

ଅଦୃଶ୍ୟ ଅଦୃଷ୍ଟକୁ ସ୍ୱହସ୍ତରେ ଲେଖି
ନିଜ ହସ୍ତ ରେଖା ଆଙ୍କିଥିବା ଜ୍ୟୋତିଷୀ ସାବିତ୍ରୀ
ଜୀବନ ସଂଘର୍ଷରେ ଦଇବ ଦଉଡ଼ିକୁ ଟାଣି
ଇତିହାସର ଜୟଗାଥା ସାବିତ୍ରୀ ,
ମହାକାଳ ସହ ଜୀବନର ମହାସଂଗ୍ରାମରେ
ମହାବିଜୟର ଧ୍ୱଜ ସାବିତ୍ରୀ,
ନାରୀତ୍ୱର ଦିବ୍ୟ ଦିଗଦର୍ଶନର ନାମ ସାବିତ୍ରୀ
ସତୀତ୍ୱର ଭବ୍ୟ ଦର୍ଶନର ନାମ ସାବିତ୍ରୀ
ପ୍ରାର୍ଥନାର ମହାର୍ଘ୍ୟର ନାମ ସାବିତ୍ରୀ
ଶଙ୍ଖା ସିନ୍ଦୂରର ମର୍ଯ୍ୟାଦାର ନାମ ସାବିତ୍ରୀ ।

## ବର୍ଷାରାଣୀ...



ପ୍ରତିମା ଶତପଥି
ଭାଗବତ ପୁର, ଯାଜପୁର

ମେଘ ଓଢଣୀ କୁ ମୁଣ୍ଡରେ ପକାଇ
ବର୍ଷା ରାଣୀ ଆସିଲାଣି
ତା ପରଶ ପାଇ ତୃପ୍ତ ହେଲା ମହୀ
ଖରା ତେଜ କମିଲାଣି.

ପ୍ରଚଣ୍ଡ ନିଦାଘ ସାଜିଥିଲା ବୈରୀ
ବର୍ଷା ଦେଖି ଡରିଯାଇ
ଲାଜେ ରହିଗଲା ସୂର୍ଯ୍ୟ ଆଢୁଆଳେ
ମୁହଁକୁ ଲୁଚାଇ ଦେଇ.

ବର୍ଷା ହେଲା ପରେ ନଦୀ ଓ ନାଳରେ
ପାଣି ହେଲା ଭରପୁର
ଜୀବ ଜନ୍ତୁ ମାନେ ତୃଷା ନିବାରଣ
କରିଲେ ନିଜ ନିଜର.

ପୃଥିବୀ ମାତା ହେବ ଶସ୍ୟ ଶ୍ୟାମଳା
ପାଇ ବରଷାର ଛୁଆଁ
ନାନା ଜାତି ଫୁଲ ଫୁଟିବ କାନନେ
ବାସ୍ନାରେ ଭୃଙ୍ଗ ବାଇଆ.

ପୁଚ୍ଛକୁ ଟେକିଣ ନାଚିବ ମୟୂରୀ
କଳାମେଘ ଦେଖି ନଭେ
ସାରୁ ବୁଦା ମୂଳେ ବେଙ୍ଗ ଓ ବେଙ୍ଗୁଲୀ
ଆନନ୍ଦେ ଗୀତ ଗାଇବେ.

ଚାଷୀଭାଇ ମନଆନନ୍ଦ ହେଲାଣି
ବରଷାର ଆଗମନେ
ସୁନାର ଫସଲ ଅମଳ କରିବ
ରଖିବ ଅତି ଯତନେ.

ବରଷା ପାଣିରେ ଛୋଟ ପିଲାମାନେ
କାଗଜ ଡ଼ଙ୍ଗା ଭସେଇ
ମନ ଆନନ୍ଦରେ ତାଳି ମାରୁଥିବେ
ଖୁସିରେ ବିଭୋର ହୋଇ.

କାହିଁ କେଉଁଦିନୁ ଚାତକ ପକ୍ଷୀ ଟି
ଚାହିଁଥିଲା ବରଷାକୁ
ପାଣିପିଇ ଶୋଷ ମେଣ୍ଟିଲା ତାହାର
ଧନ୍ୟବାଦ ଦେଲା ତାକୁ.

ଜଳ ବହୁଳରେ ସୃଷ୍ଟି ନାଶ ହୁଏ
ବିହୁନରେ ପାଏ କ୍ଲେଶ
ଅପ ବ୍ୟବହାର ନ କର ଜଳର
ସଞ୍ଚୟେ ମନ ନିବେଶ.

## ସନ୍ଧ୍ୟା...



ସୁଶ୍ରୀ ସ୍ମାରକୀ ମିଶ୍ର
ଜଳବଙ୍ଗ, ରାଇସୁଆଁ,
କେନ୍ଦୁଝର

ସନ୍ଧ୍ୟା
ଗଗନରେ ଲାଲିମା,
ଗୋଧୂଳି ବେଳର ସେଇ ଘଣ୍ଟା, ଘଣ୍ଟ ଓ ଶଙ୍ଖର ଧ୍ୱନି,
ଚଉଁରା ମୂଳରେ ଦୀପଟିଏ ଦେଇ ଠାକୁର ଘରେ କିଛି ସମୟ
ଶାନ୍ତଚିତ୍ତରେ ପ୍ରାର୍ଥନା |

ଶୃଙ୍ଖଳିତ ଗାଈଗୋଠ, ପକ୍ଷୀଙ୍କର ଚେଁ ଚେଁ ରାବ,
ଆଉ ଜୀବଜନ୍ତୁଙ୍କ ହୃଦୟରେ ଘର ବାହୁଡ଼ାର ଆନନ୍ଦ|

ପ୍ରତ୍ୟେକ ସ୍ତ୍ରୀର ନୟନ ଯୁଗଳର ସେଇ ଦୃଶ୍ୟମାନ ଉନ୍ମାଦ,
ଅସ୍ଥିର ଓ ଅଧର୍ଯ୍ୟ ମନରେ ସ୍ୱାମୀଙ୍କର ମଙ୍ଗଳକାମନା ଆଉ ଠିକ ସେତେବେଳେ ତାଙ୍କର ଆଗମନ,
ଭାଗବାନଙ୍କୁ ଅଶେଷ ଧନ୍ୟବାଦ ଦେବା ସହ ପ୍ରେମଭରା ଚାହାଣି ଆଉ ଦୁଇ କପ ଚା |

ବାଲକୋନି ରୁ ଅପରୋକ୍ଷ,
ସୂର୍ଯ୍ୟ ଚନ୍ଦ୍ରଙ୍କର ବନ୍ଧୁତ୍ୱର ପରିଦର୍ଶନ|

ଯେଉଁଠି ଗୋଟେ କ୍ଲାନ୍ତ ଓ କୋଳାହଳପୂର୍ଣ ଦିନଚର୍ଯ୍ୟା ର ସମାପ୍ତି
ଆଉ ଏକ ନିଶବ୍ଦ, ଶୀତଳ ସନ୍ଧ୍ୟାର ଶାନ୍ତିପୂର୍ଣ ଅନୁଭୂତି|

# ଆମ ଅସ୍ମିତା...



ଶମ୍ଭୁନାଥ ଦାସ
ଯାଜପୁର (ମୁଖ୍ୟ ସମ୍ପାଦକ : ଅଭିଯାନ )

ଆହାଃ କି ସୁନ୍ଦରୀ ଉତ୍କଳ ଜନନୀ
ଧରଣୀ ବକ୍ଷେ ଭୂଖଣ୍ଡ,
ମାଟି ଚନ୍ଦନରେ ସୃଜିଛି ଅସ୍ମିତା
ପ୍ରକୃତି ଦାନେ ସୁନନ୍ଦ !

ଯାହା ପାଇଁ ଆମ ଗର୍ବ-ଗୌରବ ଓ

ଦମ୍ଭ ସାହସର ଉତ୍ସ,
ତାହା ହିଁ ଆମ୍ଭର ଆତ୍ମମର୍ଯ୍ୟାଦା ଯେ'
ଅସ୍ମିତା'ର ପଦବାଚ୍ୟ ।

ଉତ୍କଳ ଭୂଖଣ୍ଡ ସୁରମ୍ୟ ସୌନ୍ଦର୍ଯ୍ୟ
କଳିଙ୍ଗ ସାଗରେ ଧୌତ,
ଦେବ ମାନବ ଓ ପ୍ରକୃତି ସୃଜନେ
ଅସ୍ମିତା ପ୍ରତିବିମ୍ବିତ ।

ଅସ୍ମିତା'ର ଅର୍ଥ ଅସ୍ତିତ୍ୱ ସମ୍ପଦ
ମାଟିର ସଂସ୍କୃତି ସୃଷ୍ଟ,
ଭାଷା ଓ ସାହିତ୍ୟ ପରମ୍ପରାଗତ
ଅନ୍ୟତ୍ର ନ ପରିଦୃଷ୍ଟ ।

ପ୍ରକାର ଭେଦରେ ଅସ୍ମିତା ତ୍ରିଧାର
ଭୂଖଣ୍ଡର ପରିଚୟ,
ଅର୍ଦ୍ଧ କି ଆଂଶିକ ଅସ୍ମିତା ଦୃଶ୍ୟାନ୍ତେ
ସଂପୂର୍ଣ୍ଣେ ଗରିମାମୟ ।

ଯେ' ସଂସ୍କୃତି ଦୃଶ୍ୟ ଭିନ୍ନ ରାଇଜରେ
ଥିଲେ ଥାଉ ଓଡ଼ିଶାର,
ଆଂଶିକ ଅସ୍ମିତା ଭାବରେ ଗଣନ
ଯାହା ସଂକ୍ରାନ୍ତି ମକର ।

ଦୁର୍ଗାପୂଜା ଆମ ଜାତୀୟ ଅସ୍ମିତା
ତଅପୋଇ ଉତ୍କଳର,
ସାଧବ ବୋଇତ ବନ୍ଦାଣ ଉତ୍ସବ
ଉତ୍କଳୀୟ ସଂସ୍କୃତିର ।

ଓଡ଼ିଆ ମାଟିରୁ ଓଡ଼ିଆ ଜାତିରୁ
ଯେଉଁ ସଂସ୍କୃତି ଉତ୍ପନ୍ନ,
ତାହା ହିଁ ସଂପୂର୍ଣ୍ଣ ଉତ୍କଳ ଅସ୍ମିତା
ରଜ-ପରବ ପ୍ରମାଣ ।

ନୂଆଁଖାଇ ପର୍ବ ଉତ୍କଳେ ସୃଜନ
ଦେବୀଙ୍କୁ ଅର୍ଘ୍ୟ ସୁମନଃ,
ପ୍ରଥମାଷ୍ଟମୀ'ରେ ଜ୍ୟେଷ୍ଠପୁତ୍ର-କନ୍ୟା
ନବ-ବସ୍ତ୍ର ପରିଧାନ ।

ଧୋତି-କୁର୍ତ୍ତା ଆମ ଜାତୀୟ ପୋଷାକ
ଉତ୍କଳାସ୍ମିତା ବିନ୍ୟାସ,
ବିଦେଶୀ ସଂସ୍କୃତି ପୋଷାକେ ବିନଷ୍ଟ
ହେଲେ ହେଁ କର୍ପୂର ବାସ ।

ରସଗୋଲା ରସା- ବଳି ଛେନାପୋଡ଼
ଅଥବା ପଖାଳ ଭାତ,
ମଣ୍ଡା ଚକୁଳି କି ଏଣ୍ଡୁରି କାକରା
ଦୁତୀୟା ତର୍କାରି ଘାଣ୍ଟ ।

ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତି
କଳା-ଭାସ୍କର୍ଯ୍ୟ ଅନନ୍ୟ,
ଅସ୍ମିତା ଝଲକ ଉତ୍କୃଷ୍ଟ ମହାନ
ବିଶ୍ୱରେ ଜାଜ୍ୱଲ୍ଯମାନ ।

ସାହିତ୍ୟ ଅସ୍ମିତା ଭଞ୍ଜ କାବ୍ୟ-କୃତି
ସାରଳା ମହାଭାରତ,
ଜଗନ୍ନାଥ ଦାସ ଭାଗବତ ବାଣୀ
ସଂସାରେ ସାହିତ୍ୟାମୃତ ।

ମନ୍ଦିରମାଳିନୀ ସର୍ବଜନୀନ ଯେ'
ଅସ୍ମିତା ଶ୍ରୀ ଜଗନ୍ନାଥ,
କୋଣାର୍କର କଳା- ଭାସ୍କର୍ଯ୍ୟ ଗୌରବ
ଅସ୍ମିତା ଓଡ଼ିଶୀନୃତ୍ୟ ।

ଜୀବନଧର୍ମୀୟ ବାର୍ତ୍ତା ପ୍ରଦାୟକ
ରଥଯାତ୍ରା'ର ସୌରଭ,
ଲକ୍ଷ୍ମୀପୁରାଣରେ ସମାଜ-ସଂସ୍କାର
ଉତ୍କଳାସ୍ମିତା ବିଭବ ।

ଉତ୍କଳୀୟ ପୂର୍ବ - ସୂରୀମାନଙ୍କର
ମାଟି-ଜାତିପ୍ରେମ କର୍ମ,
ଉତ୍କଳ ଅସ୍ମିତା କୀର୍ତ୍ତି-ଭିତ୍ତିଭୂମି
ପରିଭାଷିତ ସୁରମ ।

ଭୂଖଣ୍ଡ ସୁଦୂରେ ସୁରକ୍ଷା କବଚ
ଅସ୍ମିତା ହିଁ ବରାଭୟ,
ମାଟି-ଜାତି ସାଥୀ ନ ଥିଲେ କେଉଁଠି
ଅସ୍ମି ଜନ ପରିଚୟ ।

ଉଚ୍ଚ-ମଥା ସିନା ସ୍ୱାଭିମାନ ପ୍ରଥା
ଅସ୍ମିତା ମାଟି ସୁଗନ୍ଧ,
ଦୁର୍ବଳ ମାନସେ ମଥା ନଇଁପାରେ
ମାଟି ସଦା ମକରନ୍ଦ ।

ପିତା-ମାତା ନାମ ଠିକଣା ବିହୀନ
ସନ୍ତାନ ଯେମନ୍ତ ତୁଚ୍ଛ,
ଅସ୍ମିତା ବିହୁନେ ଜାତିସତ୍ତା ଶୂନ୍ୟ
ମୂଳ ବିହୁନେ କି ଗଛ ?

ବୃକ୍ଷରେ ସୁନ୍ଦର ଡାଳ ପତ୍ର ଫୁଲ
ଫଇମା ଫଳ ସ୍ୱାଦିଷ୍ଟ,
ମାଟିର ଜାତିର ସଂସ୍କୃତି ବୈଭବ
ଅସ୍ମିତା ଯେ' ପରିପୁଷ୍ଟ ।

ବିଭିନ୍ନ ରାଜ୍ୟରେ ସ୍ୱକୀୟ ଅସ୍ମିତା
ନିଷ୍ପ୍ରଭ ତାରକାସମ,
ଆମ ଅସ୍ମିତା ଯେ' ସପ୍ତର୍ଷିମଣ୍ଡଳ
ସର୍ବାଗ୍ରେ ଉଜ୍ଜ୍ୱଳତମ ।

ଅସ୍ମିତା ସୌରଭ କସ୍ତୁରୀ ମହକ
ସ୍ୱତନ୍ତ୍ର ଉତ୍କଳ ପର୍ବ,
ହୋମ-ଯଜ୍ଞାଦିର ସୁଗନ୍ଧେ ସ୍ପନ୍ଦନ
ଉତଫୁଲ୍ଲିତ ହୁଏ ଗର୍ବ ।

ଉତ୍କଳ ଅସ୍ମିତା ଶୀତଳ ଜୋଛନା
ସଂହତିର ଶିହରଣ,
ସତ୍ୟ ଶାନ୍ତି ଦୟା କ୍ଷମା ଅହିଂସା ଓ
ଭାଇଚାରାର ସ୍ଫୁରଣ ।

ଅସ୍ମିତା ଐଶ୍ୱର୍ଯ୍ୟ ମାଟିର ଜାତିର
ନୁହେଁ ଏହା ବ୍ୟକ୍ତିଗତ,
ସ୍ଥୂଳ ବସ୍ତୁ ନୁହେଁ ସୂକ୍ଷ୍ମାନୁଭବରେ
ଉଲ୍ଲାସମୟ ଅସ୍ତିତ୍ୱ ।

ଅସ୍ମିତା'ର ଭାବ ନିଜସ୍ୱ ମୌଳିକ
ମାଟି-ଜାତିର ପୀୟୂଷ,
ଗର୍ବ ଗଉରବ ସ୍ୱାଭିମାନ ଉର୍ଜାଃ
ଭାଳେ ଶମ୍ଭୁନାଥ ଦାସ ।



ଗୋବର୍ଦ୍ଧନ ସେନାପତି
ନୂଆଦିଲ୍ଲୀ

## ପରିଚୟ...

ରଙ୍ଗୀନ ପରିପାଟୀ
ଶରୀରକୁ ସୁନ୍ଦର କରାଏ ସତ
ହେଲେ ମନର ସନ୍ଦିହାନରେ
ସାଙ୍କେତିକ ଅନ୍ୱେଷଣ ଖୋଜେ,
ନିରବିଯାଇ ବେଳେ ବେଳେ

ବିବେକ ପଚାରେ ନିଜକୁ
ନିଜ ପରିଚୟର ସଂଜ୍ଞା କଣ ?
କେବେ ଜୀବନ ପ୍ରଚ୍ଛାୟାରେ
ଲୁଚା ଚେହେରାର ଚିହ୍ନ
ସତର୍କ କରାଇଥାଏ,
ଆଗାମୀକାଲିର କଲ୍ଲୋଳିତ ଠାରୁ
ଦୂରେଇଯିବାକୁ ।
ପୁଣି ବେଢଙ୍ଗିଆ ବେରଙ୍ଗ
ବିରୂପାକ୍ଷ ପ୍ରତିଛବି
ଆଢୁଆଳ ପ୍ରତିକ୍ଷାରେ
ଆନ୍ଦୋଳିତ କରାଏ
ବିଦ୍ରୋହର ବହ୍ନୀ
ଉଜ୍ଜୀବିତ ହୁଏ ସେହି ଚିହ୍ନ
ତାହା ଚିହ୍ନିଟ କରିବାକୁ
ଅସ୍ତମିତ ଆକାଶମଣ୍ଡଳେ
ତେଜସ୍ୱିନୀର ପ୍ରତିଭାକୁ ।।



# ଶୂନ୍ୟକୁ ଲେଖିଛି ଚିଠି...



ବିପ୍ଳବିନୀ ଜେନା
ରେନନ୍ଦାପଟଣା, ଭୁବନ,
ଢେଙ୍କାନାଳ

ପ୍ରିୟ....,
ତୁମ ପାଦପଦ୍ମରେ
ଅଜାଡ଼ି ଦେଉଛି
ମୋ ଅନ୍ତରର

ସବୁଯାକ ପ୍ରେମ।
ଗୋଟେ ଶୀତଳ
ଆଲିଙ୍ଗନ ଦେଇଛି,
ଯଦି ଇଚ୍ଛା ହୁଏ !!
ଆଖି ବନ୍ଦକରି ଅନୁଭବ କରିବା
ମୋ ଉପରେ ଏତେ
ଅଭିମାନ କାହିଁକି?
ମୋ ପ୍ରେମରେ
କ'ଣ ତୁମର
ଶ୍ୱାସରୁଦ୍ଧ ହୁଏ?
ନା....
ମୁଁ ତୁମକୁ ସପନ ଦେଖିଲେ,
ତୁମେ ରାତିଆନିଦ୍ରା ହୁଅ?
ତେବେ କାହିଁକି ପ୍ରିୟ!!
ତୁମେ ଭୁଲିଲ ମୋତେ?
ବଦଳାଇ ଦେଲ
ତୁମ ଘର ଠିକଣା
ଯେମିତି ମୁଁ ଲଂଘି
ନଯାଏ ତୁମ ପାଖକୁ?

କାହିଁକି ଆସନା ଆଉ
ମୋ ସହରକୁ ମେଘ ନେଇ?
ତୁମେ ମୋଠୁ ଦୂରେଇ
ଗଲା ପରେ,
ମୁଁ ତ ଶୂନ୍ୟ ଶୂନ୍ୟ
ମହାଶୂନ୍ୟ।
ହେଲେ ମୋ ସହରବି
ଖୁସି ନାହିଁ ଆଗଭଳି।
ପ୍ରିୟ....
ତୁମ ଠିକଣା ନାହିଁ
ମୋ ପାଖରେ।
ସେଥି ପାଇଁ
ଶୁନ୍ୟକୁ ଲେଖିଛି ଚିଠି।
ଚିଠିର ଶେଷରେ
ଲେଖିଛି ଖାଲି,
ଇତି......।।

## ଲକ୍ଷ୍ମଣରେଖାର ବେଳାଭୂମି...



ଦିପ୍ତି ତ୍ରିପାଠୀ
ବିଷ୍ଣୁପୁର, ବାଲେଶ୍ୱର

ତୁମେ ମୋ ଆକାଶର
ବୈଧ ସୂର୍ଯ୍ୟ ନୁହଁ,
ନୁହଁ ମୋ ସୀମନ୍ତିନୀର ସୁବର୍ଣ୍ଣ ଚେତନା,
ତୁମେ ତ ଅମାବାସ୍ୟାର  ଛାତି ଚିରି
ଓହ୍ଲାଇ ଆସିଥିବା ଏକ  ନକ୍ଷତ୍ରର ଅକୁହା ବେଦନା।
ସାମାଜିକ ସଂହିତାର ଶୁଷ୍କ କାଠଗଡ଼ାରେ

ଯେଉଁଠି ପ୍ରତିଦିନ ନିଲାମ ହୁଏ
ଅସ୍ତିତ୍ୱର ମାନ,
ସେଇଠି ତୁମେ ଏକ ଗୋପନ ଅଭିସାର,
ନୀତିଶାସ୍ତ୍ର ଆଖିରେ ଏକ ଉଦ୍ଧତ ସନ୍ତାନ।

ପରିଚୟର କଠୋର ପିଞ୍ଜରା ଭିତରେ
ଯେବେ ଶ୍ୱାସରୁଦ୍ଧ ହୁଏ ପ୍ରାଣର କାକଳି,
ତୁମ ସ୍ମୃତିର ସ୍ପର୍ଶ ସାଜେ
ଏକ ଚୋରା ଚୈତ୍ର,
ଯିଏ ଉଜାଡ଼ି ଦିଏ
ସବୁ ପବିତ୍ର ଅଞ୍ଜୁଳି।
ଚୋରା ବାଲିର ସେହି ଅସ୍ଥିର ଶେଯରେ,
ଯେଉଁଠି ବୁଡ଼ିଯିବାର ଭୟ ଥାଏ ଅହରହ,
ସେଇଠି ଆମେ ରଚୁ
ଏକ ସମାନ୍ତରାଳ ପୃଥିବୀ,
ଯାହାର ଭାଷା କେବଳ ଲୁହ ଓ ଦ୍ରୋହ।

ଏକ ଭଗ୍ନ ଦେଉଳର ଗର୍ଭ ଗୃହେ,
ଯେମିତି ଜଳେ ପ୍ରଦୀପ ର ଶେଷ ସ୍ଫୁଲିଙ୍ଗ,
ଲୋକାଚାରର ଅନ୍ଧକାର ପଛରେ
ସେମିତି ସ୍ପନ୍ଦିତ ହୁଏ ଆମର ଶେଷ ସାୟାହ୍ନ।

ତୁମେ ମୋ ଶଂଖ ପୋଖରୀର
ସେହି ନିଷିଦ୍ଧ ପଦ୍ମ,
ଯାହାକୁ ଛୁଇଁଲେ ପାପ ର ଆଖ୍ୟା ମିଳେ,
ଅଥଚ ତୁମରି ସୁବାସରେ ହିଁ
ମୋ ଆତ୍ମାର  ସବୁ ଶିଳାଲିପି ପୁଣିଥରେ ଜଳେ ।

ଏ ପାଖେ ସଂସାରର ପଥର ପ୍ରାଚୀର,
ସେ ପାଖେ ତୁମ ସେହି ଅତଳ ଆହ୍ୱାନ,
ଏହି ଦୁଇ ଦୋଳାୟମାନ ବିନ୍ଦୁ ମଧ୍ୟରେ
କ୍ଷତବିକ୍ଷତ ହୁଏ ଆମର ଚିରନ୍ତନ ଜ୍ଞାନ।

ସେ ମୋର ଅପ୍ରାପ୍ତ ଅନୁରାଗ !
ଆମେ ଇତିହାସ ପୃଷ୍ଠାରେ ସଦା ରହିବା କଳଙ୍କିତ,
ଅଥଚ ସେହି କଳଙ୍କର ସ୍ୱାକ୍ଷର ହିଁ
ହେବ ଆମ ପ୍ରେମର ଶ୍ରେଷ୍ଠ ପାରିତୋଷିକ।
ଯେବେ ସଭ୍ୟତାର ଅନ୍ତିମ ବିଚାର ହେବ,
ସେବେ ଈଶ୍ୱର ବି ଆଶ୍ଚର୍ଯ୍ୟ ହୋଇ ଚାହିଁବେ,
ଯେ କେମିତି ଏକ ନିଷିଦ୍ଧ କୁହୁଡି ଭିତରେ
ଦୁଇଟି ଆତ୍ମା ଏତେ ପବିତ୍ର ଭାବେ ହଜିଯାଇପାରନ୍ତି !

# ମୃତ୍ୟୁ...



ହିମାଂଶୁ ବେହେରା
ଚୌଦ୍ୱାର, କଟକ

କାନ୍ଦୁଅଛି ଆତ୍ମା କାନ୍ଦଇ ଶରୀର
ପାଲଟି ସେ ଅଶରିରୀ,
ହୁଅଇ ବିକଳ ପାଲଟି କଙ୍କାଳ
କାୟା କି ପାଇବ ଫେରି ।
ଆୟୁଷ ପୁରିଲା ହିସାବ ସରିଲା
ପ୍ରାଣ ବାୟୁ ଗଲା ଉଡ଼ି,
ମୃତ୍ୟୁ ପରେ ଅବା ଉଠି ସେ ବସିବ
ଛାଡ଼ିଲେ ଯେତେବି ରଡ଼ି ।
ଆଜିର ମଣିଷ ଅଟେ ବିକରାଳ
ମୋହମାୟା ବଶୀଭୂତେ,
ଲୋଭର ଅକ୍ରୋଷେ ନିତି ଜିହ୍ୱା
ଛେଦେ ସେ ଆପଣା ହସ୍ତେ ।
ଛଖଣ୍ଡ କାଠ ଯେ ଶେଷ ସାଥୀ ହେଲା
ରକ୍ତ ମାଂସ ଗଲା ଝଡ଼ି,
ମଣିଷ ପଣିଆ ଭୁଲେ ଏ ସମାଜ
ଲୋଭର ମାୟାରେ ପଡ଼ି ।



# କେମିତି ଲୁଚିବ ମହାପ୍ରଭୁ? ...



ସତ୍ୟବ୍ରତ ସେଠୀ
ତମ୍ବାହରା, କେନ୍ଦୁଝର

କେତେ ବା ଲୁଚିବ... କେମିତି ଲୁଚିବ ?
ମୋ ହୃଦୟ ସତେ କୁରୁକ୍ଷେତ୍ରଟିଏ
ଧର୍ମକ୍ଷେତ୍ର ଛାଡି କେମିତି ଯିବ..?
ଫଗୁଣ ରଙ୍ଗରେ ଯମୁନା ତୀରେ
ଅବା ଗୋପ କୁଞ୍ଜ ବଇଁଶୀ ସୁରେ..,
ନ ମିଳିବ ଯଦି ସୁଦାମା ମେଳେ
ମିଳିବ ତ ନିଶ୍ଚେ ଯଶୋଦା କୋଳେ,
ଲୁଚିବାର କେତେ ପନ୍ଥା ଖୋଜିବ...?
ଲୁଚି ଲୁଚି ଅଣାୟତ୍ତ ଯେ ହେବ |

ସବରୀ ନହେଲେ ତାଡକା ହେବି
ସୁଗ୍ରୀବ ନହେଲେ ବାଳୀ ମୁଁ ହେବି,
ଚିହ୍ନି ଦେଇ ଯଦି ଲୁଚିଯିବ ତୁମେ
ମହୋଦଧି ତଟେ ଗୁଣ୍ଡୁଚି ହେବି,
ତୁମରି ପରଶ ହୃଦୟେ ନେଇ
ଅଶ୍ରୁ ଢାଳି ତୁମ ପାଦ ଧୋଇବି |



ଚାଲିବି ଝୁଣ୍ଟିବି ଅନନ୍ତ ଯାଏଁ
ଜନ୍ମ ଜନ୍ମାନ୍ତର ସାରିବା ଯାଏଁ,
ଲୁଚି ଲୁଚି ଯେବେ ଥକି ପଡିବ
ହୃଦୟରୁ ତୁମ ଭାବ ଝରିବ....!
ପଟଳେ ତୁମକୁ ଉତ୍ତାରି ଦେଇ
ସ୍ପନ୍ଦନ ପ୍ରୀତିର ଅଟକି ଯିବ |

କେତେ ବା ଲୁଚିବ ମହାପ୍ରଭୁ ଆହେ
ସୋରିଷ ଫୁଲ ମୁଁ ବୁଣି ସାରିଛି,
ରତ୍ନ ସିଂହାସନେ କେତେ ବା ବସିବ
ଆଷାଢ଼ ପାଇଁ କି ଦିନ ଗଣୁଛି,
ଅଭାବୀ ଛାଇରେ ଲୁଚିଯିବ ସିନା
ମୋ ପ୍ରୀତିରେ ତୁମେ ଧାରା ପଡିବ !
ଲୁଚିବାର କେତେ ଅଭିନୟ ତୁମ
ସତରେ କିବା ଗୋ ଲୁଚିପାରିବ ?

# ସ୍ମୃତି ଚାରଣ...



ତାରିଣୀ ପ୍ରସାଦ ରାଉତ
ଜଗତସିଂହପୁର

ସୁନୀଳ ଗଗନ ହୁଏ ଦୃଶ୍ୟ ଘନମୁକ୍ତ,
ବିକର୍ତ୍ତନ ପ୍ରଭେ ହୁଏ ପ୍ରକାଶ ଦିଗନ୍ତ,
ବିଶ୍ୱମ୍ବରା ଉଷ୍ମକ୍ରୋଡେ ବସିଛି ଏକାନ୍ତ,
ପାଦପର ଛାୟା କାୟ କରଇ ପିହିତ||୦||
ବିହାୟସୁ ଝରିଆସେ ମୟୂଖର ସ୍ରୋତ,
ଦିଶେ ମହୀ ଜମ୍ବୁନଦ ବର୍ନେ ପରିପ୍ଲୁତ,
ସ୍ମୃତିର ନଗର ମୋର ଧୂଳି ଧୂସରିତ,
ମଳିନ ବଦନେ ମୁହିଁ ସ୍ମରଇ ଅତୀତ ||୧||
ଲୋତକ ସରିତରସେ ନେତ୍ର ମୋର ସିକ୍ତ,
ସ୍ମୃତିର ଭାବନା କରେ ଲଲାଟ କୁଞ୍ଚିତ,
ବେଦନାର ସ୍ରୋତେ ହୃଦ ହୁଏ ବିଗଳିତ,
ବାଷ୍ପମୟ କଣ୍ଠମୋର ହୁଏ ବ୍ୟଥିତ ||୨||
କରେ ସୁମରଣ ସେଇ ପରଶ ତଡିତ
କରେ ଯେଉଁ ସ୍ପର୍ଶ ମୋର ତନୁ ଶିହରିତ,
ସୁମଧୁର ଶବଦତା ବଦନେ ରାଜିତ
ସ୍ମରଣ ମାତ୍ରକେ ହୁଏ କାୟ ମୋ ନିସତ||୩||
କର ମୋର କରେ ପୁଣି ଆଦେଶ ଅମାନ୍ୟ
ଅବନୀବୁକୁରେ ଖୋଜେ ସ୍ମୃତିପଦଚିହ୍ନ
ଅଶ୍ରୁବୃନ୍ଦା ହୋନ୍ତିମେଳ ଲଙ୍ଘିଣ ଯୋଜନ
ହୋନ୍ତି ଢଳଢଳ ନେତ୍ରେ କଞ୍ଜେତୋୟ ସମ ||୪||
ବାରାନିଧି ବକ୍ଷୁ ଯେହ୍ନେ ବହଇ ତରଙ୍ଗ
ତୀରେ ବାଲିମନ୍ଦିରକୁ କରିବାକୁ ଭଙ୍ଗ
ମଳିନ ଲୋଚନେ ସେହ୍ନେ ଲୋତକ ତରଙ୍ଗ
ବହିଯାନ୍ତି ଚୂର୍ଣ୍ଣିବାକୁ ଶୋକର ପ୍ରସଙ୍ଗ ||୫||
ଭଗ୍ନୀବାକୁ କଣଶିଳ୍ପ ଉର୍ମିଯେ ସମର୍ଥା
ଭଗ୍ନୀବାକୁ ଶୋକଶିଳ୍ପ ଅଶ୍ରୁ ଅସମର୍ଥା
ମସ୍ତିଷ୍କସାଗରେ ଯେବେ ବହେ ସ୍ମୃତିଗାଥା
ହୃଦପୁରୀ ହୁଏ ଦଗ୍ଧ ଅସହ୍ୟ ତା ବ୍ୟଥା ||୬||
ଲୋତକରା ବାରିପତେ ନେତ୍ରମୋ ଉର୍ବର
ବଢ଼େ କେତେ ସ୍ମୃତିଗୁଳ୍ମ ଆଶ୍ରିଣ ସେ ଧାର
ଅଟେ କିନ୍ତୁ ହୃଦ ତବ ମୋ ଲାଗି ନିଷ୍ଠୁର
ହୁଏ ନାହିଁ ଦୃଶ୍ୟମୋତେ କୁସୁମ ପ୍ରେମର ||୭||
ନିମ୍ନମୁଖୀ ହାସ୍ୟ ହୁଏ ହୃଦେ ଗୁଞ୍ଜରିତ
ପ୍ରୀତିର ଚାହାଣି ହୃଦେ କରେ ପୁଣି ନୃତ୍ୟ
ଚିନ୍ତାଶୀଳେ ହେଉଥିଲି ଯେବେ ମରୁତପ୍ତ
କପୋଳେ ପରଶତବ ସମ ବୃଷ୍ଟିପାତ ||୮||
ନପାରଇ ଅନୁଭବୀ ପରଶ ଉଷ୍ମତା
ଅମ୍ଳବିନ୍ଦୁ କରେ କ୍ଷୟ ପ୍ରେମର ମିଷ୍ଟତା
ଥିଲା ହୃଦ ପ୍ରେମେ ମୋର ଲାବଣ୍ୟମଣ୍ଡିତା
ଘୃଣାନଳେ ବିଦଗ୍ଧ ତା ସୁବାସ ସ୍ନିଗ୍ଧତା||୯||
ହୁଏ ରବିପ୍ରଭା ରଶ୍ମି ଗଗନେ ଆବୃତ
ମଳିନ ତପନପ୍ରଭା କରଇ ଜିମ୍ବୃତ
ଦୃଶ୍ୟ ବିହାୟସ ମେଘେ ବର୍ଣ୍ଣେଯେ ଅସିତ
ହୁଅଇ ଗଗନ କୃଷ୍ଣ ବର୍ଣ୍ଣରେ ପିହିତ ||୧୦|

ବ୍ୟମେ ରବିପ୍ରଭା ଯେହ୍ନେ ହୁଏ ଆଚ୍ଛାଦିତ
କୋହଘନ କରେ ସେହ୍ନେ ହୃଦ ବାଷ୍ପୀଭୁତ
ସ୍ୱପ୍ନଆଶେ ଥିଲା ମୋର ଅନ୍ତର ପୂରିତ
କୋହର ଜଳଦ ତାକୁ କରେ ଲୁକ୍କାୟିତ ||୧୧||
ଅତିକ୍ରମୀ ଦୀର୍ଘପଥ ବହେ ସମୀରଣ
ଆଣେ ତାର ସ୍ପର୍ଶ କାୟେ ଗଭୀର କମ୍ପନ
କରେ ତବ ସ୍ମୃତି ତବ ମସ୍ତିସ୍କେ ନର୍ତ୍ତନ
ଅଦିନର ଶୈତ୍ୟ ସମ ଆଣେ ଶିହରଣ ||୧୨||

ଅସିତ ଜଳଦେ ପୁଣି ସୃଷ୍ଟି ହୁଏ ଛିଦ୍ର
ମୃଦୁତୋୟ କରେ ସିକ୍ତ ମୋହରି ଶରୀର
ପ୍ରବାହିତ ବାରିଧାରା ବୁନ୍ଦା ମୁଦ୍ଗର
ବରଷାର ଧରେ ଲୁହ ହୁଏ ଏକାକାର ||୧୩||
ହୁଏ ସ୍ରୋତସ୍ୱିନୀ ଯେହ୍ନେ ଅର୍ଣ୍ଣବେ ମିଳନ
ନେତ୍ର ପୟସ୍ୱିନୀ ସେହ୍ନେ ନିରଧାରେ ଶୀର୍ଣ୍ଣ
ସେ ଧାରାରେ ଚାଲେ ବହି ସଂଚିତ ସପନ
ସେ ସପନ ବାଲିଘର ହୁଏ ମୋର ଭଗ୍ନ ||୧୪||
ଶୁଭିଉଠେ ଶବ୍ଦଘର ଗର୍ଜେ ଶ୍ୟାମଘନ
ହୃଦୟର କୋହଭରା ଶବଦ ସମାନ
ବାଜେ ଯେବେ ଅନ୍ତମଧ୍ୟେ ପୀଡନାର ଗାନ
ନିରଧାରେ ସିକ୍ତମୁଖ ହୁଏ ଉଦାସୀନ||୧୫||
ମରୁହୃଦେ ସ୍ମୃତିତବ ମରୀଚିକା ସମ
ଅବାସ୍ତବ ନୀର ଆଶେ ମୁହିଁ ଧାବମାନ
ଜୀବଦ୍ୟାନେ ପ୍ରେମମୋର ସୁଗନ୍ଧ ସୁମନ
କଳାତବ ଘୃଣା ତହିଁ କଣ୍ଟକବିତାନ ||୧୬||
କଣ୍ଟକ ପରଶେ ଯେହ୍ନେ ଲାଗଇ ଆଘାତ
କରେ ସିକ୍ତ ପଦ ପୁଣି ଶୋଣିତରା ସ୍ରୋତ
ତବବିନୁ ହୃଦେ ସେହ୍ନେ ଦୁଃଖଦରଘାତ
ଅଧରୁ ମୋ ହାସ୍ୟରେଣୁ ହୁଅଇ ସମିତ||୧୭।।
ମ୍ଳାନନେତ୍ରେ ଚାହେଁରହି ସୁଦୂର ଦିଗନ୍ତ
ଶୁଣେ କର୍ଣ୍ଣ ଚଉପାସେ ସମୀର ସଂଗୀତ
ହୃଦମଧେ ବହେ ଯେବେ ସ୍ମୃତିଝର ସ୍ରୋତ
ଶୁଷ୍କତୃଣ ସମ ମୁହିଁ ହୁଏ ପ୍ରବାହିତ ||୧୮||
ସଲୀଳ ଦର୍ପଣେ ତବ ବଦନ ଚିତ୍ରିତ
ଦେଖିଣ ସେ ଦୃଶ୍ୟ ହୁଏ ନେତ୍ର ମୋ ଚକିତ
ତ୍ୟଜି ଶ୍ୱାସଦୀର୍ଘ ମୁହିଁ ହୁଅଇ ଉଥିତ
ପାଏ ଖୋଜି ଶେଷେ ପୁଣି ସ୍ୱୟଂକୁ ଏକାନ୍ତ ||୧୯||
ଚାହିଁଣ ଗଗନ ପୁଣି ମେଘପୁଷ୍ପ ସ୍ରୋତ
ହୁଏ ଭାଳି ହୃଦ ମଧେ ପ୍ରତିକ୍ଷଣ ଗତ
ପୁଛଇ ଗଗନ ପୁଣି ପୁଛଇ ଜଗତ
ଘଟିବ କି ପୁଣି କେବେ ବେନିଙ୍କ ସାକ୍ଷାତ?||୨୦||



## ସବୁ ତ' ତୁମରି ଦାନ...



ମିତାରାଣୀ ଜେନା
ଯାଜପୁର

କୁଳୁ କୁଳୁ ହୋଇ ଟିକି ଝରଣା ଟି
ଅବିରତେ ସେ ଆଗକୁ ଧାଏଁ
ବଡ ଆନନ୍ଦ ରେ ପଥିକ ଭାଇଟି
ପେଟେ ପାଣି ପିଇ ଘରକୁ ଯାଏ ।

କେଡ଼େ ଭାଗ୍ୟବତୀ ସତେ ଏ ଝରଣା
ନିରୀମାଖି ଗିରି ତଟିନୀ ଟିଏ
ପ୍ରକୃତି କୋଳରେ ଜନମ ଲଭି ସେ
ପୃଥିବୀ ମାଆ ର ଚରଣ ଧୁଏ ।

ଟିକି ମହୁମାଛି ଗୁଣୁ ଗୁଣୁ ହୋଇ
ସୁମଧୁର ସ୍ୱରରେ କି ଗୀତ ଗାଏ
ସାରା ବିଶ୍ୱର ହିତରେ ମଧୁ ସଞ୍ଚି ସିଏ
କୁସୁମ ଠୁ କେତେ ଗଞ୍ଜଣା ଖାଏ ।

ସୁଗନ୍ଧ ବିତରି ଟିକି ଫୁଲ ଟିଏ
କୋଟି ଜନମନ ନିଏ ସେ କିଣି
କୁସୁମିତମୟ ଏ ସାରା ବିଶ୍ୱ କୁ
ସୁରଭିତ କରି ହସାଏ ପୁଣି ।

ଟିକି ପକ୍ଷୀଟିଏ ନୀଳ ଆକାଶ ରେ
ମନ ଆନନ୍ଦ ରେ ଗୀତ ସେ ଗାଏ
ନିଳୀମାର ପରେ ଜଗତ କୁ ଚାହିଁ
ଛୋଟିଆ ତାରା ଟି ହସି ତ ଦିଏ ।

ଟିକି ଗଛ ଟିଏ ବଟ ବୃକ୍ଷ ହୋଇ
ମେଲି ତା ଦେଇଛି ବିଶାଳ କାୟା
ନିଜେ କଷ୍ଟ ସହି ପ୍ରଦାନ କରୁଛି
ଫୁଲ ଫଳ ଆଉ ଶୀତଳ ଛାୟା ।

ରକତ ନିଗାଡ଼ି ଏଇ ମାଆ କୋଳେ
ଯୋଗାଉଛି ଯିଏ ଆମକୁ ଭାତ
ମାଟିର ମଣିଷ କୃଷକ ଭାଇ ସେ
ଗାଉଅଛି କେତେ ସରାଗେ ଗୀତ ।

କେତେ ସୁନ୍ଦର ପ୍ରଭୁ ଏଇ ସଂସାର
ଗଢି ଅଛ କେତେ ଦିନରେ ବସି
ତୁମରି ହାତର ସୂକ୍ଷ୍ମ କରାମତି
ଯେତେ ଦେଖୁଥିଲେ ଲାଗଇ ଖୁସି।

## ନାରୀର ସଂଘର୍ଷ...



ସୋନାଲି ଖଟୁଆ
ପୁରୁଷୋତମପୁର, କେନ୍ଦ୍ରାପଡ଼ା

ତୁଳନା କଲେ କମ୍ ପଡ଼ିଯିବ
ନାରୀ ର ଯନ୍ତ୍ରଣା ଭାର ,
ଯନ୍ତ୍ରଣା  ସମ କହିବି ଯଦି
ଲଙ୍ଘିବ ସାତ ସାଗର ।
ନୀରବ ରହିଛି ବ୍ୟାକୁଳ ହେଉଛି
କହି ନାହିଁ ଓଠ ଖୋଲି ,
ଜହର ପିଇଛି ଅମୃତ ଦେଇଛି
ନେଇ ମରୀଚିକା ବାଲି ।

ଅସହ୍ୟ ଯନ୍ତ୍ରଣା ସହିଛି ଅନେକ
କରି ନାହିଁ ପ୍ରତିବାଦ ,
ଲେଖା ତା ପାଇଁ ରମାୟଣ ପୁଣି
ଲେଖା  ମହା ଭାରତ ।

ସୀତା ପରି ସତୀ ହୋଇ
ଦେଇଛି ପରୀକ୍ଷା କେତେ ,
ଦ୍ରୌପଦି ର ବସ୍ତ୍ର ହରଣ ବେଳେ
କହିନଥିଲେ କେ ପଦେ ।

ସୋନ୍ଦର୍ଯ୍ୟ କଣ ପାପ ଥିଲା
ଅହଲ୍ୟା ହୋଇଲେ ପାଶାଣି ,
ଆଜି ର ସମାଜେ ଅନେକ ନାରୀ କୁ
ରାକ୍ଷସ ଯାଆନ୍ତି ଝୁଣି।

ପ୍ରଥମେ କାହା ଝିଅ ଥିଲା
କାହାର ହେଲା ସେ ବୋହୂ ,
କାହାର ସ୍ତ୍ରୀ ହେଲା ପୁଣି
କିଏ ଡାକେ ତାକୁ ବୋଉ ।

ନିଜ ପସନ୍ଦ ର ଜିନିଷ ମିଳେନି
ପ୍ରେମ ତ ଦୂର ର କଥା,
ସ୍ୱପ୍ନ କୁ ବି ଏଠି ମାରି ବାକୁ ହୁଏ
ଅସରନ୍ତି ତାର ବ୍ୟଥା ।

ଝିଅ ବେଳେ କେବେ ମାଗି ନାହି
ବାପା ଆଗେ ତାର ଖୁସି,
ଇଚ୍ଛା ବିରୋଧ ରେ ବିବାହ କରେ ସେ
ଅନିଚ୍ଛା ରେ ଦିଏ ହସି ।

ବୋହୂ ହେଲା ପରେ ସ୍ୱପ୍ନ ମାରି ଦିଏ
ଦେଇ ଦିଏ ଜଳାଞ୍ଜଳି ,
ଅନ୍ଧାର ରାତି ର ଦୀପ ଶିଖା ପରି
ନିଜକୁ ଦିଏ ସେ ଜାଳି ।

ସ୍ୱପ୍ନ କୁ ମାରିଲା ନିଜକୁ ଜଳିଲା
କଣ ନ କରିଛି ସେହି ,
ଦାହାଗଞ୍ଜ ପୁଣି ଶୁଣିବାକୁ ହୁଏ
କେହି ତା ସାଥିରେ ନାହିଁ ।

ନିଜେ ନ ଖାଇ ଖାଇବାକୁ ଦିଏ
ମାଆ ରୂପ ରେ ସାଜି ,
ଏତେ ଦୁଃଖ ସହି ଯାଇଛି
ନିଜ କୁ ଯାଇଛି ବୁଝି ।

# ପ୍ରିୟା ପାଇଁ ମୁଁ ସ୍ୱପ୍ନ ହେବି...



ପର୍ଶୁରାମ ରାଉତ
ବାସୁଦେବପୁର, ଭଦ୍ରକ

ତୁମ ପାଇଁ ମୁଁ ସ୍ୱପ୍ନ ହେବି
ତୁମୋ ସ୍ୱପ୍ନରେ ନିତି ମୁଁ ଆସୁଥିବି
ତୁମୋକୁ କେତେ ଭଲ ପାଏ
ବୋଲି କହି ଯିବି
ତୁମେ ଯେବେ ତୁ ହବ
ତୁମୋ ମଥାରେ ମୋ ହାତରୁ ଶିନ୍ଦୁର ନେଇଥିବ
ଏସବୁ କଥା ମୁଁ ତୁମୋ ସ୍ୱପ୍ନରେ କହିଯିବି
ଆଉ ଯେ ଅନେକ କଥା କହିବାର ବାକି ଅଛି ତୁମକୁ
ମୁଁ ଯେବେ ଘରଣୀ କରି ଘରକୁ ଆଣିବି ବାକି ଥିବା ସବୁ ମୁଁ ମୋ ନିଜ ଓଠ ଖୁଲି ତୁମ ସାମନାରେ କହିବି
ତୁମୋ ପାଇଁ ମୁଁ ସ୍ୱପ୍ନ ହେବି ...



## ନୀରବତା ବି କଥା କହେ ....



ପ୍ରିୟମ୍ବଦା ନାୟକ
ବଡମ୍ବା, କଟକ

ନୀରବତା ବି କଥା କହେ ଅବ୍ୟକ୍ତ ଭାଷାରେ
କେବଳ ବୁଝିବା ଲୋକ ହିଁ
ବୁଝିପାରେ ଭାଷାର କୁହେଳି
ନିଶବ୍ଦ ହୃଦୟର ସ୍ପନ୍ଦନ,
କମ୍ପନ, ବିନା ବିକାରରେ...
ପ୍ରେମ ଆଉ ଘୃଣା ର ଆଦୃଶ୍ୟ ପାଚେରୀ ମଧ୍ୟରେ
ବାନ୍ଧି ରଖେ ବିଶ୍ୱାସ, ସମର୍ପଣ
ସ୍ନେହ, ସଦିଚ୍ଛା ର ପ୍ରହେଳି
ଅନ୍ତଃସ୍ୱର ପ୍ରତିଧ୍ୱନି ତୋଳେ
ଖାଲି ଅବଚେତନରେ...
ସମ୍ପର୍କ ଗଭୀର ଥିଲେ ଭାଷାର
ଆବଶ୍ୟକ ନାହିଁ ଜୀବନରେ
ନୀରବତା ବି କଥା କହେ ଅବ୍ୟକ୍ତ ଭାଷା ରେ ...

# ତୁ ଚାଲିଗଲା ପରେ...



ସଙ୍ଗୀତା ନାଏକ
କର୍ମାବାହାଲ , ରାଉରକେଲା

ତୁ ଯେ ଦିନ ଚାଲିଗଲୁ ,
ଆକାଶ ଭାଙ୍ଗି  ପଡ଼ିନଥିଲା ,
ପୃଥିବୀ  ମଧ୍ୟ ଥମ୍ଭି  ଯାଇ ନ ଥିଲା ।
ସବୁକିଛି ପୂର୍ବପରି ଥିଲା,
କେବଳ ମୋ ଭିତରେ ଗୋଟିଏ ଜଗତ
ନିରବରେ ଭାଙ୍ଗି ଯାଇଥିଲା।

କେବେ କେବେ ଭାବେ ,
ସତରେ କ'ଣ   ଥିଲା ମୋର  ଅପରାଧ ?
ଭଲପାଇବା ?
ନା କି ତା'କୁ  ନିଜ ଜୀବନଠାରୁ  ଅଧିକ ମୂଲ୍ୟ ଦେବା ?

ତୁ କ'ଣ ବୁଝିବୁ ?
ମୁଁ ମୋ ନିଦକୁ ତ୍ୟାଗ କରିଥିଲି ,
କେବଳ ତୋ ଗୋଟିଏ ହସ ପାଇଁ
ଦୁଃଖର ଅନ୍ଧାରକୁ ଆଲିଙ୍ଗନ କରିଥିଲି ।
ବିଚ୍ଛେଦ ପରେ
ମୁଁ କାନ୍ଦିନି ବୋଲି ନୁହେଁ
ବଂର କାନ୍ଦି କାନ୍ଦି
ଲୁହର ଅର୍ଥ ହରାଇଦେଲି ।

କେତେ ଅଜବ ନା !
ତୁ କେବେ କହୁଥିଲୁ,
" ତୁ ନ ଥିଲେ ମୁଁ ଅଧୁରା ",
ତୁ ସେଇ ଲୋକ ଦିନେ
ମୋତେ ଅଧୁରା କରି ଚାଲିଗଲୁ ।

ତୁ ମୋତେ ଭୁଲି ଯା କହୁଥିଲୁ  ନା ,
ମୁଁ ଅନେକ ଥର ଚେଷ୍ଟା କରିଛି
ତତେ ଭୁଲି ଯିବା ପାଇଁ ।
କିନ୍ତୁ ସ୍ମୃତି କେବେ ବି ଆଦେଶ ମାନେ ନାହିଁ ।
ସେ ଠିକ୍ ଅନାହିତ ବର୍ଷା ପରି
ଆଖିର  କୋଣରେ ଆସି ଜମିଯାଏ  ।

ଆଜି ତୁ  ନାହୁଁ
କିନ୍ତୁ ତୋ ପାଇଁ  ମୋର ଆଉ କୌଣସି
ଅଭିଯୋଗ ନାହିଁ
ତୁ ମୋତେ ଭଲ ପାଇବା ଶିଖାଇଥିଲୁ,
ଆଉ ଚାଲିଯାଇ ନିଜକୁ ଭଲ ପାଇବା  ମଧ୍ୟ
ଶିଖାଇଦେଲୁ  ।

ଆଜି  ମୁଁ ତୋର ଅପେକ୍ଷାରେ  ନାହିଁ
ଆଜି  ମୋ ହୃଦୟର  ପ୍ରତ୍ୟେକ ପୃଷ୍ଠାରେ
କେବଳ ଗୋଟିଏ ବାକ୍ୟ ଲେଖା ଅଛି -
"ତୁ ଚାଲିଗଲୁ ,
କିନ୍ତୁ ତୋର ବିଦାୟ ହିଁ
ମୋ ଭିତରେ  ଗୋଟିଏ କବିର ଜନ୍ମ
ଦେଇଗଲା |

## ଓଁ ମା' ଭଟ୍ଟାରିକାୟେ ନମଃ...

**" ଉଗ୍ରାୟେ ,ଚଣ୍ଡାୟେ ,ବିକଟାୟେ,ଦୁର୍ଗେ, ଉଗ୍ରପ୍ରଭାୟେନମଃ,
ପ୍ରଣ୍ଡାୟେ ,ସକଟାୟେ ,ମହାଲକ୍ଷ୍ମୀ, ଭଟ୍ଟାରିକାୟେ ନମଃ ।"**



ଶୁଭଲକ୍ଷ୍ମୀ ବେହେରା
ଝାଜିଆ, ବଡମ୍ବା, କଟକ

ମାତା ସିଦ୍ଧେଶ୍ୱରୀ, ତ୍ରିପୁର ସୁନ୍ଦରୀ,
ତୋ ପାଦେ ମୋର ଶରଣ
ବନଦୁର୍ଗା ନାମେ ପ୍ରତ୍ୟକ୍ଷ ଦେବୀ ତୁ,
ରଖିବୁ ସଭିଙ୍କ ପ୍ରାଣ ॥ ୧ ॥

ତୁହି ସତ୍ୟ ପୁନ୍ୟ ମାତା ମହାଲକ୍ଷ୍ମୀ,
ରତ୍ନଗିରି ଧାମେ ଉଭା
ଜଗତର ହିତ ସଂସାଧୁଛୁ ବୋଲି,
ପ୍ରସିଦ୍ଧ ତୁ ଜଗଦମ୍ବା॥ ୨ ॥

ତ୍ରିପୁର ସୁନ୍ଦରୀ ତୁ ଜଗତେଶ୍ୱରୀ,
ବିଜେ ତୁ ଭୁବନେଶ୍ୱରୀ
ତୋ ପଦ ସ୍ପର୍ଶରେ ଧନ୍ୟ ମହାନଦୀ,
ପରବତ ରତ୍ନ ଗିରୀ ॥ ୩ ॥

ପୁରାଣ ଦୃଷ୍ଟିରେ ତ୍ରେତୟା ଯୁଗରେ,
ଆବିର୍ଭାବ ମର୍ତ୍ତ୍ୟ ପୁରେ
ମାଙ୍ଗଲ୍ୟ କାରିଣୀ ମାତା ତୁ ଜନନୀ,
ସ୍ୱୟଂ ସଜ୍ଜା ସସାଙ୍ଗରେ॥ ୪ ॥

ଭଟ୍ଟ ରୁ ଆଙ୍କିତା ବୋଲି ଭଟ୍ଟାରିକା,
ଶକ୍ତିପିଠେ ତୁ ସର୍ବାଗ୍ରେ
ଅଲୌକିକ ଜ୍ୟୋସ୍ନାଷ୍ଟବେ ତୁ ମଣ୍ଡିତା,
ବସିଛୁ ବରଦା ମୁଦ୍ରେ ॥ ୫ ॥

ଶକ୍ତିମୟୀ ଅବତାର ତୋ ମର୍ତ୍ତ୍ୟରେ ,
ସାରସତ୍ୱ ଅଛୁ ଜିଣି ,
ମାଆ ଡାକରାର ଅମୃତ ସନ୍ଧାନେ
ଦୁଃଖୀର ବେଦନା ଶୁଣି ॥୬॥

ତୋ ରୂପଚଯ୍ୟାର କଳନା ନିମନ୍ତେ ,
ନାହିଁ ମୋହର ଆୟୁଧ
ଭୃଗୁପତିଙ୍କୁ ତୁ ଶକ୍ତି ପ୍ରଦତ୍ତିଲୁ ,
ନେଲେ ପିତୃ-ପ୍ରତିସୋଧ॥୭॥

ଐତିହ ଭଙ୍ଗୀରେ ରାଜା -ନିର୍ଦ୍ଦେଶରେ,
'ହଟ୍ଟ' , 'ମଲ୍ଲ' ଭାତୃଗଣ
ବିଜୟ ପୀଠର ସନ୍ଧାନେ ହାରିଲେ ,
ଦୁଇ ଶବର ଙ୍କ ପ୍ରାଣ ॥୮॥

ସେହି ଶବରୁଣୀ ନିର୍ଦ୍ଦେଶ କ୍ରମରେ ,
ଗଡ଼ଜୟୀ ଭାତୃଦ୍ୱୟ
ପ୍ରତ୍ୟକ୍ଷ ଦେବୀ ମା' ଭଟ୍ଟାରିକା ପାଦେ ,
ହୋଇଥିଲେ ସରଣୀୟ ॥୯॥

ପାଦରେ ନୂପୁର , କଟିରେ କିଣ କିଣ ,
ମସ୍ତକରେ ଅର୍ଦ୍ଧଚନ୍ଦ୍ର
କର୍ଣ୍ଣରେ କୁଣ୍ଡଳ , କଣ୍ଠେ ଶୋଭେ ମାଳ ,
ସର୍ବଗୁଣେ ତୁ ସୁଢଳା॥୧୦॥

ବାମକରେ ଜ୍ଞାନମୁଦ୍ରା ରେ ଶୋଭିତ ,
ଦକ୍ଷିଣ କରେ ଅଭୟା
ନୀତି କାନ୍ତି ତୋର ଆଚମ୍ବର ପ୍ରାୟେ,
ବୋଲାଉଛୁ ମହାମାୟା ।।୧୧।।

ସ୍ୱର୍ଣ ଆଳଙ୍କାରେ ଭୁଷିତା ହୋଇ ତୁ ,
ପିନ୍ଧି ନଳି ପାଟଶାଢ଼ୀ
କଳା ମେଘିକେଶ ଭୂମି ସ୍ପଷ୍ଟ କରେ ,
ଗଳାରେ ମନ୍ଦାର ମାଳି ।।୧୨।।

ଅଶ୍ରୁ -ଭରା ଚକ୍ଷୁ ଦିଏ ସ୍ମିତହାସ୍ୟ ,
ପାପି ଙ୍କ ସଂହାର ଚାହିଁ
ବେନି ନେତ୍ରଦ୍ୱୟେ କଜ୍ଜଳ ପୂରିତ ,
ରୂପ ସେ ଅମୃତମୟୀ ।।୧୩।।

ଶିରରେ ତୋ ଦିବ୍ୟ ମାଣିକ୍ୟ ବସାଣି ,
ସଂଯୋଗମେ ଅର୍ଦ୍ଧଚନ୍ଦ୍ର
ଶକ୍ତି ସ୍ୱରୂପିଣୀ ତ୍ରିପୁରା ସୁନ୍ଦରୀ ,
ସଦା ତୁ ଭକ୍ତ ବତ୍ସଳ ।।୧୪।।

ଛଦ୍ମବେଶେ ପର୍ଶୁରାମଙ୍କୁ ଦର୍ଶନ ,
ଦେଲୁ ତୁ ବର ଅଭୟ
ଶକ୍ତି, ବଳ, ବୀର୍ଯ୍ୟ, ତେଜ,ସୌର୍ଯ୍ୟ ହୀନ ,
ଯୁଦ୍ଧେ ସେ ହେଲେ ବିଜୟ ।।୧୫।।

ଦୁର୍ଗାଷ୍ଟେବ କାଳେ ଆୟୁଧ ଯାତ୍ରା ତୋ,
ଭାରତରେ ଅଦିତୀୟ
ସ୍ୱର୍ଣ୍ଣବେଶ ସଙ୍ଗେ , କଳସ ସ୍ଥାପନା ,
ଆଖଣ୍ଡଦୀପ ମାହାତ୍ମ୍ୟ ।।୧୬।।

ମହାଷ୍ଟମୀ ଠାରୁ ମୂଳାଷ୍ଟମୀ ଯାଏଁ,
ଶୋଳଦିନ ନୀତି କାନ୍ତି
ଦଶହରା ପୂଜାର୍ଚ୍ଚନା ର ମୂର୍ଚ୍ଛନା,
ଜୁଟଇ ସ୍ୱର୍ଗୀୟ ଶାନ୍ତି ।।୧୭।।

ଶଙ୍ଖ - ଘଣ୍ଟ ,ଧୂପ - ଦୀପ ପ୍ରଜ୍ୱଳନେ ,
ଶୁଭେ ହୁଳହୁଳି ନାଦ
ପ୍ରତ୍ୟକ୍ଷ ଦେବୀ ତୁ ସିଦ୍ଧ ଠାକୁରାଣୀ ,
ବିଦ୍ୟାଦାୟି ରେ ବିଖ୍ୟାତ ।।୧୮।।

ମଙ୍ଗଳ ଆଳତି, ବାଳ ଭୋଗ ସାଥେ
ମଧ୍ୟଧୂପ ସନ୍ଧ୍ୟାଧୂପ
ଦହିପଖାଳ ର ଭୋଗଲାଗି ସଙ୍ଗେ,
ଭକତ ଙ୍କ ଭକ୍ତି ଜପ ।।୧୯।।

ରାତ୍ର ସମୟରେ ଶ୍ରୀ ପତାକା ଲାଗି
ଦର୍ଶନେ ପବିତ୍ର ନେତ୍ର
ସର୍ବ ଗୁଣ କର୍ମ ସମ୍ପନ୍ନ ଅନ୍ତେ ତୁ,
ଯାଉ ତୋ ଶୟନ ପୀଠ ।।୨୦।।

ରୁପମ୍, ଗୁଣମ୍ ଦେହୀ ଅଟୁ ତୁ ଯଶସ୍ୱୀ
ଜୟମ୍ ଦେହୀ, ଦିଗୋ ଦେହୀ
ଧନ, ଯଶ, କୀର୍ତ୍ତି, ବିଦ୍ୟା ଭଣ୍ଡାର ତୁ
ଦୁଃଖିନୀ ଙ୍କ ପ୍ରାଣସହୀ ।।୨୧।।

ଭକତ ବତ୍ସଳ ଚାହିଁ ରହିଥାନ୍ତି
ତୋ ଗୁଣ କୀର୍ତ୍ତନ ପାଇଁ
ସଭିଙ୍କ ଆସକ୍ତି ପ୍ରାପ୍ୟ ତୁ କରାଉ
ଭୋଗ ମୋକ୍ଷ ସର୍ବ ଦେଇ ।।୨୨।।

ମାଆ ର ମମତା ବାତ୍ସଲ୍ୟ ପ୍ରେମରେ
ସର୍ବ ତୁଚ୍ଛ ଜ୍ଞାନ୍ତ ହୁଏ
ଯେତେ ଦୀନ -ଦୁଃଖୀ ବିଷାଦ ମଧ୍ୟେ ବି
ରାଜ ସୁଖ ମର୍ମେ ବହି ।।୨୩।।

ଜନନୀ ବକ୍ଷରେ ଶକ୍ତି ପ୍ରୀତି ନେଇ
ଆସିଛୁ ଧରାକୁ ଧାଇଁ
ଶକ୍ତିମୟୀ, ଜ୍ଞାନ - ଦେଇ, ମତୃସ୍ନେହୀ
ଜଗତ ଉଦ୍ଧାରୁ ତୁହି ।।୨୪।।

ସଭିଙ୍କୁ ହୃଦରେ କୋଳେଇ ନେଇତୁ ,
ପଣତେ ଘଣ୍ଟ ଘୋଡେଇ ,
ଆଶୀର୍ବାଦ ଢାଳୁ ଭକ୍ତ ଙ୍କ କାମନା -
ବାସନା ପୂରଣ ପାଇଁ ।।୨୫।।

ସାଧନା ବଳରେ କ୍ଷତ୍ରି -କୁଳ ହନ୍ତା
ପାଇଲେ ତୋର ସାନିଧ୍ୟ
ଅଭୟା ରୂପରେ ଆବିର୍ଭୂତ ହେଲୁ,
ଜିଣି ତିନିରୂପ ସୌଧ ।।୨୬।।

ପାପୀର ସଂହାର ଧର୍ମ ସ୍ଥାପନାରେ,
ଅବତାରୀ ତୁ ମର୍ତ୍ତ୍ୟରେ
ଶ୍ରୀ ଚରଣ ତଳେ ମୁଁ ନତ -ମସ୍ତକ ,
ମା'ଗୋ.. ରଖିବୁ ତୋ' ପଣତରେ ।।୨୭।।

ମାୟାବତୀ ସୃଷ୍ଟି ରଚୁଅଛୁ ତୁହିଁ,
ମହାନଦୀ କୂଳେ ବସି
ବୃହତଦମ୍ବ ଶକ୍ତି -ପୀଠ ପାଇଁ ଆଜି,
ଧନ୍ୟ ଏ ଉତ୍କଳବାସୀ....
ଆଜି ଧନ୍ୟ ଏ ଉତ୍କଳ ବାସୀ..... ।।୨୮।।



# ଫେରିଆସିବୁକିଥରେ...



ସୁପ୍ରିୟା ବେହେରା
ଗଞ୍ଜାମ, ଖଣ୍ଡୁରୁ

ଦଶମାସ ଦଶଦିନ ଗର୍ଭରେ ଧରି ମୋତେ
ଜନ୍ମ ସିନା ଦେଇଥିଲୁ
ମାଆ ଡାକ ତୋତେ ଡାକିବା ପୂର୍ବରୁ
କେଉଁଠି ତୁ ହଜିଗଲୁ....
ମାଆ ଡାକ ତୋତେ ଡାକିବାକୁ ଥରେ
ମନ ମୋର ନିତୀ ଝୁରୁଥାଏ
କେମିତି ଜାଣିବୁ କିପରି ବୁଝିବୁ
ତୋତେ କେତେ ଯେ ମୁଁ ଭଲପାଏ....
ଆଖି ଖୋଜୁଥାଏ ସ୍ୱପ୍ନ ଦେଖିବାକୁ
ରାତି ଖୋଜୁଥାଏ ଦିନ
ମନ ଖୋଜୁଥାଏ ତୋ ସ୍ନେହ ଶରଧା ମା
ପାଇବାକୁ ସବୁଦିନ....
ତୋହରି କୋଳରେ ଶୋଇଗଲେ ଥରେ
ଚାଲିଯିବ ଦୁଃଖ ସବୁ ଦୁରେଇ
ହଜି ଯାଇଥିବା ଖୁସି ଗୁଡିକୁ ତୁ
ଆଣିଦେବୁ ଥରେ ଫେରାଇ....
ତୋହରି ସେନେହ ତୋହରି ପରସ
ପାଇବାକୁ ମନ ନିତୀ ଝୁରେ
ତୋରି ଆଶୀର୍ବାଦ ତୋଭଲପାଇବା
ରହିଥାଉ ସଦା ମୋ ଉପରେ....
ତୋ ସ୍ନେହ ଶରଧା, ମା ତୋ ଭଲପାଇବା
ପାଇନି ମୁଁ ପିଲାଦିନୁ
ଖିଲିଖିଲି ହସ ଦେଖିବାକୁ ତୋର
ଇଚ୍ଛା ଅଛି କାହିଁ ଦିନୁ....

କେତେ କଷ୍ଟ ସହି ଗର୍ଭରେ ଧରି ମୋତେ
ଜନ୍ମ ଦେଇଥିଲୁ ଏଇ ଦୁନିଆରେ
ହାତ ଧରି ତୋର ବାଟ ଚାଲିବା ଆଗରୁ
ହଜିଗଲୁ ତୁ ଦୁନିଆ ସାଥିରେ....
ଏକୁଟିଆ ହୋଇ ରହିଅଛି ମୁହିଁ
ମୋହ ମାୟା ଏଇ ସଂସାର ଭିତରେ
କେତେ ହସ ଖୁସି ସାଉଁଟି ରଖିଛି
ଫେରି ଆସିବୁକି ମୋ ପାଇଁ ଥରେ....
ତୋ କୋଳେ ଥାଏ କେତେ ଯେ ସେନେହ
ଥାଏ ପୁଣି କେତେ ସ୍ମୃତି
ତୋ ଭଲପାଇବା ସବୁଠୁ ନିଆରା
ମନେ ଭରିଯାଏ ପ୍ରୀତି...

## ଜହ୍ନ...

ଦୂର ଆକାଶରେ ଜହ୍ନ,
ଜହ୍ନ ତଳେ ମୁଁ,
ପାତାଳକୁ ଖୁବ୍ ଲଗାଲଗି,
ଆମ ଭିତରେ ଆଉ ନାହିଁ ଦୂରତା,
ଦୂରତା ଯୋଜନ ଯୋଜନର,
ତୁମେ ଏବେ ଜହ୍ନର,
ମୁଁ ଏବେ ପୃଥିବୀର,
ତୁମେ ଚିର ସୌଦାମିନୀ,
ମୁଁ ଚିର ଅମର ପ୍ରେମ – ବିକଳାଙ୍ଗ,
ପ୍ରେମିକ ମଉଡ଼ମଣି,
ତୁମେ ପ୍ରୀତି ବାଲି ମରୀଚିକା,
ମୁଁ ଧାବିତ, ଅଣନିଃଶ୍ୱାସୀ
କାଲୁଆ ଦେହର ନିରୀହ ହୃଦୟ ।



ସତ୍ୟବ୍ରତ ମହାଲିକ
ପ୍ରତିଷ୍ଠାତା ଏବଂ ସଭାପତି:
(ଉତ୍କଳ ଯୁବ ସାହିତ୍ୟ ସାମ୍ମୁଖ୍ୟ)
ସୋର, ବାଲେଶ୍ୱର



# ଚୋର...



**ଆଚାର୍ଯ୍ୟ ଜ୍ୟୋତି ଶଙ୍କର ପଣ୍ଡା**
(ସମ୍ପାଦକ, ଉତ୍କଳ ଯୁବ ସାହିତ୍ୟ ସାମ୍ମୁଖ୍ୟ) ଶରତ, ମୟୂରଭଞ୍ଜ

ଦେବଦାସ କହିଲେ –
"ସାଧୁ ସାବଧାନ୍
ବିନା କୌଣସି ପାପବୋଧରେ
ମୁଁ ଚୋରି କରି ପାରେ
କେବଳ ବହି ।"

ମୁଁ ତୁମକୁ ସାବଧାନ ବି କରିବିନି
କିନ୍ତୁ ଚୋରେଇ ନେବି ତୁମ ଥାକର ସବୁ ବହି
ତୁମ ଆଖିର ସବୁ ଲାଜ
ତୁମ ଓଠର ସବୁ ଅମୃତ
ତୁମ ଯୌବନର ସବୁ ମର୍ଯ୍ୟାଦା
ନିମିଷେ ମାତ୍ର ସମୟରେ

ଚୋରି କରିବା ସମୟରେ
ମୋ ଭିତରେ ନଥାଏ ତିଳେ ବି ପାପବୋଧ
ତିଳେ ବି ଅପରାଧବୋଧ
ତିଳେ ବି ସମ୍ବେଦନା କି ତିଳେ ବି ସଂକୋଚ !

ଯେଉଁ ସମୟରେ ମୁଁ ଚୋର
ମୁଁ କେବଳ ଜଣେ ଚୋର
ସେତେ ବେଳେ ମୁଁ ନୁହେଁ
ଆଚାର୍ଯ୍ୟ ଜ୍ୟୋତି ଶଙ୍କର !

ଚୋର ବୋଲି କ'ଣ୍ ମୋର ଇଜ୍ଜତ ନାହିଁ
ଏମିତି ସେମିତି ଚୋର ନୁହେଁ ମ
ମୁଁ କୃଷ୍ଣଙ୍କ ଡିଜିଟାଲ ଭର୍ସନ୍ !

ଯିଏ ଚୋରି କରି ପାରେ ତୁମକୁ
ତୁମ ଭିତରର ସବୁ କିଛିକୁ
ତୁମ ବାହାରର ସବୁ କିଛିକୁ
ଦି ଚାରି ମିନିଟ୍ ରେ
ତୁମକୁ କିଛି ଜଣା ପଡ଼ିବା ପୂର୍ବରୁ !

# ବୋଉ/ ମାଆ...



ବିଜୟଲକ୍ଷ୍ମୀ ନାଥ
(ସମ୍ପାଦିକା, ଉତ୍କଳ ଯୁବ ସାହିତ୍ୟ ସାମ୍ମୁଖ୍ୟ) ଆନନ୍ଦପୁର, କେନ୍ଦୁଝର

କିଏ ଡାକେ ତାକୁ ବୋଉ ବୋଉ ବୋଲି
ଆଉ କିଏ ଡାକେ ମାଆ,
ବୋଉ ଅବା ମାଆ ଯାହା ହେଉ ସିଏ
ସେଇ ସଦା ହୁଏ ସାହା। ୧।

ତା' ପାଖେ ପୃଥିବୀ ଯାଇଛି ମୋ ସରି
ସିଏ ମୋର ଦିନ ରାତି,
ଯେବେ ମୁଁ ଖୋଜିଛି ଦୁଃଖେ ଅବା ସୁଖେ
ଜଡ଼ାଇ ନିଏ ସେ ଛାତି ୨।

ସଂକ୍ରାନ୍ତି ମାସାନ୍ତ ଉପବାସ କରି
ମୋ ଶୁଭ ମନାସୁ ଥାଏ,
ବିପଦ ଆସିଲେ ମୋତେ ସେ ଆଡ଼େଇ
ନିଜେ ଛିଡ଼ା ହୋଇ ଯାଏ। ୩।

ସବୁ ପ୍ରହରର କାମ ସବୁ ସାରି
ଆମ କଥା ଭାବୁଥାଏ,
ନିଜ ସ୍ୱାସ୍ଥ୍ୟ ପାଇଁ ଚିନ୍ତା ନାହିଁ ତା'ର
ଆମ ଲାଗି ଚିନ୍ତୁଥାଏ। ୪।

ଆକାଶଗଙ୍ଗା ତା' ପଣତ କାନିରେ,
ଘୋଡ଼ାଇ ସେ ସୁଖ ଦିଏ,
ତା'ପରି ସୁରକ୍ଷା କବଚ ଥିଲେ ମୋ
ଅନିଷ୍ଟ କରିବ କିଏ। ୫।

ଜନନୀ, ଭଗିନୀ, ସଙ୍ଗିନୀ, ସେ ରାଣୀ
ବୋଉ ହେଉ ଅବା ମାଆ,
ଯାହା ପାଇଁ ମୋର ଅସ୍ତିତ୍ୱ ରହିଛି
ମୋ ପାଇଁ ସେ ପୂଜନୀୟା । ୬।

## ଏ ମନ ମାନେନା...



ଅନସୂୟା ଦାସ
ଉପସଭାପତି,
ଉତ୍କଳ ଯୁବ ସାହିତ୍ୟ ସାମୁଖ୍ୟ
ସାଲେପୁର,କଟକ

ଦିନ ପରେ ରାତି
ରାତି ପରେ ଦିନ
ଏଇମିତି ଗଡି ଚାଲେ ସମୟ
ସମୟ ପୁଣି ସେଇ ଲେଉଟାଣି ବେଳାର,
ଗଡି ଚାଲିଛି ମାସ ପରେ ବର୍ଷ
ବର୍ଷ ପରେ କୋହର ଢେଉସବୁ
ପୁଣି କିଛି ସ୍ମୃତିର ଅବଶେଷ।

କାଳ ଗର୍ଭେ ସମୟ କରିଛି ଚକ୍ରାନ୍ତ
ସକାଳର ପ୍ରଭାତୀ-ଖରା ଆଉ ଦିଶୁନାହିଁ
ଲାଗେ ଯେପରି ଦିନର ଆୟୁଷ ଘଟୁଛି
ଚାହୁଁ ଚାହୁଁ ବିତିଯାଇଛି ଦୁଇ ବରଷ
ସତେ ଯେପରି ଲାଗେ ସ୍ୱପ୍ନ
ଧୂସର ଧୂସର...

ସତେ କଣ ଆଜି ଅପସରିଛି ଏ ସ୍ୱପ୍ନ...?
ଆଜି ବି ଲାଗେ ସେ ନୂଆ ନୂଆ
ପ୍ରଥମ ଦିନର ସ୍ମୃତି ଆଜି
ଝଲସି ଉଠେ ମୋ ଆଖି ଆଗରେ
ମନେ ପଡ଼ିଯାଏ ତାର ପ୍ରଥମ ଛୁଆଁ
ଛଳ ଛଳ ଆଖି, କୋହ ଭରା ଛାତି
ଛାତି ଉପରେ କେମିତି କେଜାଣି
ଗୋଟେ ବଡ଼ ପଥର ଖଣ୍ଡ
ପୁଣି କଣ୍ଠରୁଦ୍ଧ ହୁଏ ଆଜି
ଶୁଣିଲେ ଲେଉଟାଣି କଥା।

ମନ ଆଜି ଅବୁଝା, ଅମାନିଆ କାହିଁ ସାଜେ...?
ବାସ୍ତବତାକୁ ଅବିଶ୍ୱାସର ଜିଦ୍
କେମିତି ଦୋହଲାଇ ଦିଏ...?
ବାଣୀବିହାର ପ୍ରାଙ୍ଗଣେ ଅଧୁରା ରହିଯାଏ
କିଛି କାହାଣୀ, କିଛି ସ୍ୱପ୍ନ,
ପୁଣି ଆଉ କିଛି ପ୍ରସଙ୍ଗ।

# ପ୍ରେମର ମାଧୁର୍ଯ୍ୟ...



ଶ୍ରୀମାନ ଅଭିଜିତ କର
(ଆୟୋଜକ, ଉତ୍କଳ ଯୁବ ସାହିତ୍ୟ ସାମ୍ମୁଖ୍ୟ)
ନୟାଗଡ଼

ପ୍ରେମ କାହା ପାଇଁ ଅଢେଇ ଅକ୍ଷର..
ଆଉ କିଏ ଶବ୍ଦ ପାଏନା,
କାହା ପାଇଁ ପ୍ରେମ ମଧୁର ରଚନା
ପୁଣି କାହା ପାଇଁ ଛଳନା।

ପ୍ରେମ ଆଉ ଜୁଆ ଏକା ପରି ଲାଗେ
ଜିତିଲେ ମିଳଇ ସର୍ବସ୍ୱ,
ଜିତିବା ବାଜିକୁ ହରାଇ ବସିଲେ
ହରାଇଥାନ୍ତି ସେ ନିଜସ୍ୱ।

ପ୍ରେମରେ ପ୍ରେମିକ ସାଜିଛି ଭ୍ରମର,
ପ୍ରେମର ମାଧୁର୍ଯ୍ୟ ପାଇଁ .....
ପ୍ରେମିକା ପ୍ରେମରେ ଶତଦଳ ସାଜି,
ନିଜକୁ ହରାଏ କାହିଁ

ପ୍ରେମ ପାଇଁ କିଏ ପାଗଳ ପ୍ରେମିକ,
ସମାଜ ରୁ ନିଷ୍କାସିତ
ଜୁଇ ରେ ଜଳୁଛି ସେ ପ୍ରେମ କାହାର,
ଆଜି ସେ ଅପରିଚିତ।

ପ୍ରେମ ଯଦି ଏକ ବାଲିଘର ଟିଏ ସମୁଦ୍ର କୂଳରେ,
ଭାଙ୍ଗିବାର ର ଭୟ ଥାଏ ।
ଭାଙ୍ଗି ଯାଇ ଥିବା ସେଇ ଘର ପୁଣି..
ସ୍ମୃତି ହେଇ ରହି ଯାଏ।

ଯଦି ଦୀପ ପରି ପ୍ରେମ କରିଥିବ,
ଜଳିବାକୁ ହେବ ତୁମକୁ...
ପ୍ରେମ ପାଇଁ ତୁମେ ଆଲୋକ ଦେଇକି,
ଅନ୍ଧାରେ ରଖିବ ନିଜକୁ।

ପ୍ରେମିକା କଥା କେମିତି କହିବ,
ରୂପ ରେ ଲାବଣ୍ୟବତୀ...
ସତରେ ଅବା କି ସ୍ୱପ୍ନ ରେ ଦେଖିଲେ,
ଭ୍ରମି ଯାଉଥିବ ମତି।

ପ୍ରେମ ପ୍ରେମିକର ସାଗର ଶାମୁକା,
ପ୍ରେମିକା ତା ପାଇଁ ମୋତି..
ପ୍ରେମରେ ପ୍ରେମିକ ମରୁଭୂମି ର ତୃଷାଳୁ ଯାତ୍ରୀ...
ମରୀଚିକା ଦେଖିଲେ ବି ତୃପ୍ତି।

ଶୁଣିଥିଲି ପ୍ରେମରେ ପ୍ରେମିକା କୁ କରାଯାଏ,
ଚାନ୍ଦ ସହ ତୁଳନା।
ଫୋନ ରେ କଥା ହେଇ ବିତିଯାଏ ରାତି,
ତୁମେ ରଖ ନା ତୁମେ ରଖ
ବୋଲି କହି କହି ଥକି ପଡିଥାନ୍ତି ପ୍ରେମ ପକ୍ଷୀ...
ବୋଧହୁଏ ପ୍ରେମରେ କୁହାଯାଏ
ଏହି ଭଳି ବାହାନା ।

ଆଜିକାଲି ପ୍ରେମ ସ୍ୱାଦହୀନ ଲାଗେ,
ଲାଗୁଛି ଡାଇଟ ରେ ଅଛି,
ରସୁଆଲି ପ୍ରେମ ହେଉ ମାରମୂକ,
ସେ ପ୍ରେମେ ମରିଲେ ଶାନ୍ତି ....
ସେ ପ୍ରେମେ ମରିଲେ ଶାନ୍ତି ।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ଅଜଣା ନାୟିକା...



ରବିନ୍ଦ୍ର ମହାରଣା
ମିଡ଼ିଆ ଆୟୋଜକ :
(ଉତ୍କଳ ଯୁବ ସାହିତ୍ୟ ସାମ୍ମୁଖ୍ୟ)
ଓଡ଼ଗାଁ, ନୟାଗଡ

ଜାଣିନି ମୁଁ ତୁମେ କିଏ
ନା ଜାଣେ ବିଭାଗ ତୁମର,
ଜାଣିନି ଠିକଣା କି
ଜାଣି ନାହିଁ ରଙ୍ଗ ତୁମର ।

ଆଖିରେ କଜଳ ତୁମ
ଥିବ କାନେ ଝୁମୁକା
ଅଧରରେ ନାଲି ରଙ୍ଗ
ଲାଗୁଥିବ ତୁମେ ମଧୁଛନ୍ଦା ପରିକା।

ଦେଖିବାର ନାହିଁ ତୁମ
ଢଳ ଢଳ ନୟନ,
ଯହିଁ ରେ ବିରାଜେ ଖାଲି
ପ୍ରେମ ଭରା ସପନା

ଦେବୀ ତୁମେ ଦେବୀ ହୋଇ
ଥାଅ ମନ ମନ୍ଦିରେ,
କଳ୍ପନାରେ ତୁମେ ରୁହ
ଆସ ନାହିଁ ସତରେ।

ପାଇଲି ଗୋଲାପ ତୁମ
କଣ୍ଟା ନାହିଁ ସେଥିରେ ,
ସଦା ଗୋଲାପି ଖୁସି
ରହୁ ତୁମ  ଅଧରରେ।

ଧନ୍ୟବାଦ ଚିଠି ମୋର
ଯେବେ ଯେ ପଢ଼ିବ,
ନାଲି ଅଧରେ ତୁମ
ସ୍ମିତହାସ୍ୟ ଦେଇ
ଗୋଲାପୀ କବିତା ଟେ
ବୋଲି ତୁମେ ଯେ ଭାବିବ...

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## କିଏ ହେବ ମୋର ସାଥି ଜଗନ୍ନାଥ ?



ଅନୁପମା ପୋଢ଼
ରେଢ଼ାଖୋଲ, ସମ୍ବଲପୁର

କୁହ ପ୍ରଭୁ ଜଗନ୍ନାଥ, କିଏ ହେବ ମୋର ସାଥି ,
ତୁମ ଚରଣେ କରୁଛି ଜଣାଣ,
ଟିକିଏ କରୁଣା କର ଦୟା ସାଗର.
ତୁମ ବିନା ପ୍ରଭୁ ମୋର ଗତି ନାହିଁ
କିଏ ଅଛି ମୋର ଏକା ମୁଁ ବାଟୋଇ...
ଦେଖୁଛ ନୟନେ, ଶୁଣୁଛ ଶ୍ରବଣେ,
ପାଖେ ଥାଇ ହେଲେ ପଥର,
କରନାହିଁ ମୋତେ ବାରଣ..
କୃପା ନୟନେ ଚାହିଁଲେ ମୁକ୍ତି ପାଇବି
ନିଛ ଦେଖି ମୋର କୋଉ ଦୋଶ କରୁଅଛି ଅପେକ୍ଷା
ନାହିଁ ପିତା ମାତା, ନାହିଁ ଭାଇ ବନ୍ଧୁ,
ନାହିଁ ମୋର ସାଙ୍ଗ ସାଥି,ନାହିଁ ପର ବିଦ୍ୟା ବୁଦ୍ଧି
ଆଗକୁ ଚାହିଁଲେ ଲୁହ ଝରାଇ
ବିଷ ଲାଗୁଛି ଜୀବନ ,
ବିନା ଦୋଷେ କାଇଁ କରୁଛ ମୋତେଦୋଷୀ,
ସଭିଙ୍କୁ କରୁଛ ଆଦର ମୋତେ କରୁଅଛ ପର,
ତୋ ପାଦେ ବିକିଲି ମନ ମୋ
କାଳିଆ କଲୁ ମୋତେ ସାତପର..
ତୋ ସାଥେ ସାଥିକ ସିନା ପତିତପାବନ ବାନା
ମୁଁ ତୋ ଏକା ବାଟୋଇ
କିଏ ହେବ ମୋର ସାଥି ଜଗନ୍ନାଥ ...

# ଅଭିନନ୍ଦନ


ଜନ୍ମଦିନର ଅଭିନନ୍ଦନ...
ପୂଜାରାଣୀ ଚଣ୍ଡି
୦୫ - ଜୁନ୍
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ବିଶ୍ୱ ରଞ୍ଜନ ଜେନା
୦୭ - ଜୁନ୍
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ସୁବ୍ରତ କୁମାର ଜେନା
୧୦ - ଜୁନ୍
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ବୁଦ୍ଧିରାମ ବେହେରା
୧୦ - ଜୁନ୍
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ
୧୩ - ଜୁନ୍
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ତୁଷାରକାନ୍ତ ବଳବନ୍ତରାୟ
୧୫ - ଜୁନ୍
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com

# ଅଭିନନ୍ଦନ


ଜନ୍ମଦିନର ଅଭିନନ୍ଦନ...
ଅକାଂକ୍ଷା ଶୁଭଦର୍ଶିନୀ
୧୭ - ଜୁନ୍
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ସଂଗୀତା ନାଏକ
୧୮ - ଜୁନ୍
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ରାଜଶ୍ରୀ ଓଝା
୨୬ - ଜୁନ୍
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ଅନିତା ପାତ୍ର
୩୦ - ଜୁନ୍
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ତୋଷା ରାଣୀ ସାହୁ
୦୨ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ବାବାଜୀ ଚରଣ ସାହୁ
୦୫ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com

# ଅଭିନନ୍ଦନ


ଜନ୍ମଦିନର ଅଭିନନ୍ଦନ...
ମନୀଷାଦେବୀ ପାତ୍ର
୦୬ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ଶିଶିର କୁମାର ସାମଲ
୦୮ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ଅମରନାଥ ବାରିକ୍
୦୯ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ପ୍ରଜ୍ଞା ପରିମିତା ମିଶ୍ର
୧୦ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ସୁଜିତ୍ କୁମାର ମିଶ୍ର
୧୦ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ସ୍ମୃତି ଖଙ୍କର
୧୧ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com

# ଅଭିନନ୍ଦନ


ଜନ୍ମଦିନର
ଅଭିନନ୍ଦନ...
ବିକ୍ରମ କୁମାର ସାହୁ
୧୪ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର
ଅଭିନନ୍ଦନ...
ବିଜୟ କୁମାର ସାହୁ
୧୫ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର
ଅଭିନନ୍ଦନ...
ରଶ୍ମିପ୍ରଭା ରଣସିଂହ
୧୯ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର
ଅଭିନନ୍ଦନ...
ବିକ୍ରମାଦିତ୍ୟ ସାମଲ
୨୦ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର
ଅଭିନନ୍ଦନ...
ଜୟକୃଷ୍ଣ କର
୨୧ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର
ଅଭିନନ୍ଦନ...
ପ୍ରତିଭା ପଟ୍ଟନାୟକ
୨୩ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com

# ଅଭିନନ୍ଦନ


ଜନ୍ମଦିନର ଅଭିନନ୍ଦନ...
ପ୍ରିୟମ୍ବଦା ନାୟକ
୨୭ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ବର୍ଷାରାଣୀ ଖୁଣ୍ଟିଆ
୩୦ - ଜୁଲାଇ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ସ୍ନିଗ୍ଧାରାଣୀ ପଣ୍ଡା
୦୪ - ଅଗଷ୍ଟ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ସୁନିଲ କୁମାର ନାୟକ
୦୫ - ଅଗଷ୍ଟ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ସସ୍ମିତା ତ୍ରିପାଠୀ
୦୬ - ଅଗଷ୍ଟ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ମୋନାଲିସା ସାମଲ
୦୬ - ଅଗଷ୍ଟ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com

# ଅଭିନନ୍ଦନ


ଜନ୍ମଦିନର ଅଭିନନ୍ଦନ...
ଶିଳ୍ପା ଡାଙ୍ଗୁଆ
୦୬ - ଅଗଷ୍ଟ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ଶ୍ରଦ୍ଧାଞ୍ଜଳି ବେହେରା
୦୮ - ଅଗଷ୍ଟ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ଅବିନାଶ ସାମଲ
୧୦ - ଅଗଷ୍ଟ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ଅନୁପମା ପୋଢ଼
୧୨ - ଅଗଷ୍ଟ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ସୁଚରିତା ପଡ଼ିହାରୀ
୧୨ - ଅଗଷ୍ଟ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com


ଜନ୍ମଦିନର ଅଭିନନ୍ଦନ...
ଅଭିଶିକ୍ତା ପୃଷ୍ଟି
୧୯ - ଅଗଷ୍ଟ
ଖୁସିର ଆଲୋକରେ ଆଲୋକିତ ହେଉ ତୁମ ଜୀବନ,
ଦୁଃଖ କଷ୍ଟ ଦୂରେଇ ଯାଉ, ସଦା ହସୁଥାଉ ମନ।
ମହ୍ଲାର ଇ-ପତ୍ରିକା ତରଫରୁ ଜନ୍ମଦିନର
ଶୁଭେଚ୍ଛା ଓ ଅଭିନନ୍ଦନ...
Www.MalharOdia.Com

# ଅଭିନନ୍ଦନ







"ମହ୍ଲାର"_ପରିବାର.

WhatsApp group

ଆମ ହ୍ୱାଟ୍ସଆପ ଗ୍ରୁପରେ ଯୋଡିହୋଇ ରହିବାକୁ ଏହି କୋଡ କୁ ସ୍କାନ କରନ୍ତୁ.



**ମହ୍ଲାର ଇପତ୍ରିକାର ୧୪ତମ ସଂସ୍କରଣ "ତେଜସ୍ୱନୀ" ଆପଣଙ୍କୁ କେମିତି ଲାଗିଲା ଆପଣଙ୍କର ମୂଲ୍ୟବାନ ମତାମତ ଦେବାକୁ ଅନୁରୋଧ।**


**ଯୋଗାଯୋଗ:**

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା

ଫୋନ୍ - ୮୩୨୮୯୫୧୨୨୯, ଇ-ମେଲ୍ - malharmagazine@gmail.com,

ୱେବ୍ - www.malharodia.com